# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, March 5/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 101 | ମୂଲ୍ୟ ₹୭/-




## ଜର୍ଜ ଲିଣ୍ଡେଙ୍କୁ ଡକରା

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଭାବେ ଅଲ୍‌ରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଡକାଇଛି।

୧୪

୦୨

## ହ୍ରିତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ଡ୍ୟାନ୍ସ ମୁକାବିଲା

'ୱାର ୨' ଫିଲ୍ମର ଏକ ଗୀତରେ ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା ହେବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।





# ଫାଇନାଲରେ ଭାରତ

## ଆଇସିସି ଚାମ୍ପିୟନ୍ସ ଟ୍ରଫି

## କୋହଲି ପ୍ଲେୟର୍ ଅଫ୍ ଦି ମ୍ୟାଚ୍

**ଦୁବାଇ, ୪।୩**

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ମହମ୍ମଦ ଶାମି ଓ ସ୍ପିନରଙ୍କ ଚମତ୍କାର ବୋଲିଂ ଏବଂ ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୬୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୨୬୫ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୪୮.୧ ଓଭରରେ ୬ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିନେଇଥିଲା। ପାକିସ୍ତାନ ବିପକ୍ଷରେ ଶତକ ହାସଲ କରି ଭାରତକୁ ବିଜୟ ସ୍ୱାଦ ଚଖାଇଥିବା କିଙ୍ଗ୍ କୋହଲି ଏଠାରେ ପୁଣି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ଭାରତ ୨୦୦୨ ଓ ୨୦୧୩ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୦ ଓ ୨୦୧୭ରେ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା ଏବଂ ୧୯୯୮ ପ୍ରଥମ ସଂସ୍କରଣରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଗତ ସଂସ୍କରଣର ଫାଇନାଲରେ ପାକିସ୍ତାନଠାରୁ ହାରିଯାଇଥିଲା। ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ ଜାରି ରଖି ୫ମ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ୨୦୦୬ ଓ ୨୦୦୯ରେ ଚାମ୍ପିୟନ ଅଷ୍ଟ୍ରେଲିଆର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି। କୋହଲିଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

୨୬୫ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଭଲ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୩୦ ରନ ଯୋଗହେବାପରେ ଶୁବମନ ଗିଲ୍ ମାତ୍ର ୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ରୋହିତ ଶର୍ମା ସୁଯୋଗର ଭରପୂର ଫାଇଦା ଉଠାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଖେଳାଳିଙ୍କ ଖରାପ ଫିଲ୍ଡିଂ ଯୋଗୁ ୨ ଥର ଜୀବନଦାନ ପାଇଥିଲେ ହେଁ ସେ ବଡ଼ ସ୍କୋର କରିନପାରି ୨୮ (୩ ଚୌକା, ୧ ଛକା) ରନରେ ଆଉଟ ହୋଇଥିଲେ। ରୋହିତଙ୍କୁ ଆଉଟ କରି ବିଦିନିଆ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ପ୍ରଥମ ସଫଳତା ପାଇଥିଲେ ସ୍ପିନର କୁପର କୋନୋଲି। ବିରାଟ କୋହଲି ଏଠାରେ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନିଂସ। ସେ ଓ ଶ୍ରେୟସ ଆୟର ତୃତୀୟ ଉଇକେଟରେ ୯୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଆତ୍ମବିଶ୍ୱାସର ସହ ଖେଳିଥିବା ଆୟର ୪୫ ରନକରି ତାରକା ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଭାରତର ବ୍ୟାଟିଂ ମେରୁଦଣ୍ଡ ସାଜିଥିବା କୋହଲି ୪ର୍ଥ ଉଇକେଟରେ ଅକ୍ଷର ପଟେଲଙ୍କ ସହ ୪୪ ଓ ୫ମ ଉଇକେଟରେ ଲୋକେଶ ରାହୁଲଙ୍କ ସହ ୪୭ ରନର ପାର୍ଟନରଶିପ୍ ଗଢ଼ି ଦଳକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ତେବେ ସେ ବ୍ୟକ୍ତିଗତ ୮୪ ରନ କରିଥିବାବେଳେ ଆଡାମ ଜାମ୍ପାଙ୍କ ବଲ୍‌ରେ ବେନ୍ ଡ୍ୱାରଶୁଇସଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ଅକ୍ଷର ୨୭ ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ୨୮ (୧ ଚୌକା, ୩ ଛକା) ରନକରି ଆଉଟ ହୋଇଥିବାବେଳେ ଛକା ମାରି ଭାରତକୁ ବିଜୟୀ କରିଥିବା ଲୋକେଶ ରାହୁଲ ୪୨ (୩୪ ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ଓ ନାଥାନ ଏଲିସ ୨ଟି ଲେଖାଏ ଏବଂ ବେନ୍ ଡ୍ୱାରଶୁଇସ ଓ କୁପର କୋନୋଲି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ☞ପୃଷ୍ଠା-୪

# ୟୁକ୍ରେନ୍‌କୁ ସାମରିକ ସହାୟତା ବନ୍ଦକଲେ ଟ୍ରମ୍ପ୍

## ଆତ୍ମସମର୍ପଣ ପାଇଁ ବାଧ କରୁଛି ଆମେରିକା: କିଭ୍

**ୱାଶିଂଟନ/କିଭ୍, ୪।୩**

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ସ୍ଥିତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଦେଶକୁ ସମସ୍ତ ସାମରିକ ସହାୟତା ବନ୍ଦ କରିଦେଇଛନ୍ତି। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବା ସହ ୟୁକ୍ରେନ୍‌କୁ ୧ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣ ଯୋଜନା ପ୍ରଭାବିତ ହୋଇଛି। ଟ୍ରମ୍ପ୍‌ଙ୍କ ଏଭଳି ନିଷ୍ପତ୍ତିକୁ ୟୁକ୍ରେନ୍ ସରକାର କଡ଼ା ନିନ୍ଦା କରିଛନ୍ତି। ସାମରିକ ସହାୟତା ଯୋଗାଣ ବନ୍ଦ କରି ରୁଷିଆ ନିକଟରେ ଆତ୍ମସମର୍ପଣ ପାଇଁ ଟ୍ରମ୍ପ୍ ବାଧ କରୁଥିବା କିଭ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍‌ର ସହଯୋଗୀ ଦେଶଗୁଡ଼ିକ ମଧ୍ୟ ସାମରିକ ସହାୟତା ବନ୍ଦ ନିଷ୍ପତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ଆମେରିକୀୟ ନେତା ଓ ବରିଷ୍ଠ ଜାତୀୟ ସୁରକ୍ଷା ସହଯୋଗୀମାନଙ୍କ ସହ ଟ୍ରମ୍ପ୍‌ଙ୍କର ଏକାଧିକ ବୈଠକ ପରେ ୟୁକ୍ରେନ୍‌କୁ ସମସ୍ତ ସାମରିକ ସହଯୋଗ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ୟୁକ୍ରେନ୍ ସୁରକ୍ଷା ସହାୟତା ଉପକ୍ରମ ଜରିଆରେ ଆମେରିକା କିଭ୍‌କୁ ବହୁ ବିଲିୟନ ଡଲାର ଯୋଗାଇ ଆସୁଥିଲା। କିଭ୍ ଏହି ଅର୍ଥକୁ ଆମେରିକୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକଠାରୁ ନୂଆ ସାମରିକ ହାର୍ଡୱେର କିଣିବାରେ ବିନିଯୋଗ କରିପାରୁଥିଲା। ଆମେରିକା ପରରାଷ୍ଟ୍ର ବିଭାଗ ତଥ୍ୟ ଅନୁଯାୟୀ, ୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ଦିନରୁ ବର୍ତ୍ତମାନ ସୁଦ୍ଧା ୱାଶିଂଟନ କିଭ୍‌କୁ ୬୫.୯ ବିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ଯୋଗାଇ ଦେଇଛି। ଏହା ପୂର୍ବରୁ ମଧ୍ୟ ସାମରିକ ସହାୟତା ବାବଦରେ ଆମେରିକା ୬୯.୨ ବିଲିୟନ ଡଲାର ଯୋଗାଇ ଦେଇଥିଲା। ତେବେ ଗତ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ଖଣିଜ ଚୁକ୍ତିନାମା ସ୍ୱାକ୍ଷର ☞ପୃଷ୍ଠା-୪

# ଆଜି ଖୋଲାରହିବ ସ୍କୁଲ, କଲେଜ

**ଭୁବନେଶ୍ୱର, ୪।୩ (ସୁଚିସ୍ମିତା ସାହୁ)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତବର୍ଷ ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ। ପୂର୍ବରୁ ମାର୍ଚ୍ଚ ୫ରେ ସମସ୍ତ ସ୍କୁଲ ଓ କଲେଜ ଛୁଟି ରହୁଥିଲା। ତେବେ ଏବର୍ଷ ମାର୍ଚ୍ଚ ୫ ବୁଧବାର ଦିନ ସବୁ ସ୍କୁଲ ଓ କଲେଜ ଖୋଲା ରହିବ। ଏ ନେଇ ମଙ୍ଗଳବାର ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୃଥକ୍ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାର୍ଚ୍ଚ ୫ରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ ବୋଲି ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ସଚିବ ନିର୍ଦ୍ଦେଶନାମା ଜାରି କରିଛନ୍ତି। ☞ପୃଷ୍ଠା-୪

# ତାତି ବଢ଼ୁଛି
## ଝାରସୁଗୁଡ଼ାରେ ୩୯ ଡିଗ୍ରୀ

**ଭୁବନେଶ୍ୱର, ୪।୩ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଚଳିତ ବର୍ଷ ପ୍ରଥମଥର ପାଇଁ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ଛୁଇଁଛି। ଦିନ ତାପମାତ୍ରା ମଙ୍ଗଳବାର ଝାରସୁଗୁଡ଼ାରେ ସର୍ବାଧିକ ୩୯°, ବୌଦ୍ଧ ୩୮.୫°, ମାଲକାନଗିରି ୩୮.୪°, ଅନୁଗୋଳ ୩୭.୯°, ସମ୍ବଲପୁର ୩୭.୮°, ପାରଳାଖେମୁଣ୍ଡି ୩୭.୮°, ବଲାଙ୍ଗୀର ୩୭.୫°, ହୀରାକୁଦ ୩୭.୧°, ଟିଟିଲାଗଡ଼ ୩୭°, କଟକ ୩୪.୬° ଏବଂ ଭୁବନେଶ୍ୱରରେ ୩୬.୪° ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରେ ୨ରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମାଦକ ଦ୍ରବ୍ୟ ବ୍ୟବସାୟ

# ମା'ବାପା, ଭଉଣୀଙ୍କୁ ହତ୍ୟା

## ଅନ୍‌ଲାଇନ ଗେମ୍‌କୁ ବିରୋଧ କରିବାରୁ

**ଜଗତ୍‌ସିଂହପୁର ଜିଲା ଜୟବଡ଼ ଗ୍ରାମ ଧୋବାସାହିର ୨୨ ବର୍ଷୀୟ ସୂର୍ଯ୍ୟକାନ୍ତ ସେଠୀ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। ଗେମ୍ ଖେଳ ପ୍ରତି ଏତେ ଆସକ୍ତ ହୋଇଯାଇଥିଲେ ଯେ ନିଜର ସବୁ ଦାୟିତ୍ୱ ଭୁଲିଯାଇଥିଲେ। ଘର ଲୋକେ ଏଥିରେ ଅତିଷ୍ଠ ହୋଇ ଗେମ୍‌କୁ ବିରୋଧ କରୁଥିଲେ। କିଛି ଦିନ ତଳେ ସୂର୍ଯ୍ୟକାନ୍ତଙ୍କୁ ଏଥିରୁ ନିବୃତ୍ତ ରଖିବା ପାଇଁ ସେମାନେ ତାଙ୍କ ମୋବାଇଲକୁ ଲୁଚାଇ ଦେଇଥିଲେ। ବହୁ ଖୋଜାଖୋଜି ପରେ ମୋବାଇଲ ନ ପାଇବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ମଙ୍ଗଳବାର ଭୋର ସମୟରେ ଘରେ ସମସ୍ତେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ ନିଜ ମା', ବାପା ଓ ଭଉଣୀଙ୍କୁ ପଥର ଓ ହେମଦସ୍ତାରେ ଛେଚି ହତ୍ୟା କରିଛନ୍ତି। ଅନ୍‌ଲାଇନ୍ ଗେମ୍‌ର ସକାରାତ୍ମକ ଦିଗ ଥିଲେ ମଧ୍ୟ ଏହାର ଅତ୍ୟଧିକ ଆସକ୍ତି ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ସେମାନଙ୍କୁ କିପରି ଅପରାଧପ୍ରବଣ କରାଉଛି, ସଦ୍ୟ ଘଟଣାକୁ ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ମନେକରାଯାଉଛି।**



ସୂର୍ଯ୍ୟକାନ୍ତ ସେଠୀ

**ଜଗତ୍‌ସିଂହପୁର, ୪।୩ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଜୟବଡ଼ ଚାଟରା ଧୋବା ସାହିରେ ସୋମବାର ବିଳମ୍ବିତ ରାତିରେ ମା' କନକଲତା ଓରଫ ସଞ୍ଜୁନା ସେଠୀ, ବାପା ପ୍ରଶାନ୍ତ ସେଠୀ ଓରଫ କାଳିଆ ଓ ସାନ ଭଉଣୀ ରୋଜାଲିନ ଓରଫ ମାମାଲି ସେଠୀଙ୍କୁ ନୃଶଂସ ଭାବେ ସାନପୁଅ ସୂର୍ଯ୍ୟକାନ୍ତ ସେଠୀ ଓରଫ ବର୍ଣ୍ଟି ହତ୍ୟା କରିଛନ୍ତି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇପାରି ନ ଥିବାବେଳେ ମୋବାଇଲ ଗେମ୍ (ଜୁଆ) ଖେଳକୁ ବିରୋଧ କରିବାରୁ ବର୍ଣ୍ଟି ମାନସିକ ସ୍ଥିତି ହରାଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ଅନ୍ୟପଟେ ବର୍ଣ୍ଟିଙ୍କୁ ପୋଲିସ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଗଳିରୁ ଧରିବା ସହ ☞ପୃଷ୍ଠା-୪

## ପିଲାଙ୍କୁ ସାମାଜିକ ସଂସ୍କାର ଜରୁରୀ: ମନସ୍ତତ୍ତ୍ୱବିତ୍

ଛୋଟଛୋଟ କଥାରେ ପିଲାମାନେ ହିଂସ୍ର ହୋଇ ଉଠୁଛନ୍ତି, ଯାହାକି ଏବେ ସମାଜ ସମ୍ମୁଖରେ ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି। ପିଲାମାନେ ନିଜକୁ ଏବଂ ଅନ୍ୟକୁ ସମ୍ମାନ ଦେବା ଶିଖିବା ସହିତ ସେମାନଙ୍କ ଭିତରେ ସହନଶୀଳତା ଏବଂ ଗ୍ରହଣ କରିବାର କ୍ଷମତା ରହିବା ଦରକାର। କିଛି ପିଲା ଇଚ୍ଛାକୁ ପୂରଣ କରିବା ପାଇଁ ନିଜର କିମ୍ବା ଅନ୍ୟର କ୍ଷତି କରିବାକୁ ପଛାଉନାହାନ୍ତି। ଫଳରେ ସେମାନଙ୍କ ଜୀବନ, କ୍ୟାରିୟର ନଷ୍ଟ ହେବା ସହିତ ସମାଜରେ ଅସ୍ଥିରତା ସୃଷ୍ଟି ହେଉଛି। ଏବେ ଆଉ ଯୌଥ ପରିବାର ଦେଖାଯାଉ ନାହିଁ। ଛୋଟ ପରିବାର ପାଇଁ ପିଲାବେଳୁ ଶେୟାରିଂ, ଆଡ୍‌ଜଷ୍ଟମେଣ୍ଟ, ମିଳିମିଶି ଚଳିବା ଭଳି କୌଣସି ଗୁଣ ରହୁନାହିଁ। ପିଲାମାନେ ଏକାଏକା ବଢ଼ୁଛନ୍ତି। ମା' ବାପାମାନେ ସେମାନଙ୍କୁ ଖୁସି କରିବା ପାଇଁ ବିଭିନ୍ନ ଦାମୀ ଗିଫ୍ଟଠାରୁ ଆରମ୍ଭ କରି ଲୋଭ ଦେଖାଉଛନ୍ତି। ସେହିପରି ବର୍ତ୍ତମାନ ଅଧିକାଂଶ ପରିବାରରେ ଉଭୟ ସ୍ତ୍ରୀସ୍ୱାମୀ କର୍ମଜୀବୀ ହୋଇଥିବାରୁ ପିଲାମାନଙ୍କୁ ଉପଯୁକ୍ତ ସମୟ ଦେଇପାରୁ ନାହାନ୍ତି। ଏହାବାଦ୍ ସୋସିଆଲ୍ ମିଡିଆର ବହୁଳ ବ୍ୟବହାର ପିଲାମାନଙ୍କ ମନ ଉପରେ କୁପ୍ରଭାବ ପକାଉଛି। ତେଣୁ ଏଭଳି କାଣ୍ଡରୁ ଦୂରେଇ ରଖିବା ପାଇଁ ପିଲାମାନଙ୍କୁ ଛୋଟବେଳୁ ସାମାଜିକ ସଂସ୍କାର, ନୈତିକତା, ପରସ୍ପରର ମହତ୍ତ୍ୱ ବିଷୟରେ ଶିଖାଇବା ଦରକାର। ବଡ଼ ମଣିଷ ହେବା ଅପେକ୍ଷା ପିଲା କିଭଳି ଭଲ ଓ ବିବେକୀ ମଣିଷ ହେବ ତାହା ଉପରେ ଧ୍ୟାନ ଦେବା ଦରକାର। ଏଥିସହ ଯେକୌଣସି ପରିସ୍ଥିତିରେ କିଭଳି ସୁଖୀ ରହିହେବ, ସେନେଇ ଶିକ୍ଷା ଦିଆଯିବା ମଧ୍ୟ ଆବଶ୍ୟକ ବୋଲି କ୍ୟାପିଟାଲ ହସ୍ପିଟାଲର ମନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଉମା ପ୍ରସାଦ ବିଶ୍ୱାଳ କହିଛନ୍ତି।

# ମାଣିକପାଟଣା: ଓଡ଼ିଶା, ଆନ୍ଧ୍ରର ପୃଥକ୍ ଅଙ୍ଗନୱାଡି କେନ୍ଦ୍ର




ଓଡ଼ିଶାର ଅଙ୍ଗନୱାଡି କେନ୍ଦ୍ର



ଆନ୍ଧ୍ରପ୍ରଦେଶର ଅଙ୍ଗନୱାଡି କେନ୍ଦ୍ର

**ପାରଳାଖେମୁଣ୍ଡି, ୪।୩ (ଗିରିଧାରୀ ପରିଚ୍ଛା)**

ଗୋଟିଏ ଗାଁ, ମାତ୍ର ରହିଛି ୨ଟି ଅଙ୍ଗନୱାଡି କେନ୍ଦ୍ର। ତାହା ପୁଣି ଦୁଇଟି ରାଜ୍ୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର। ଏଭଳି ଏକ ଗାଁ ହେଉଛି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା। ପୂର୍ବରୁ ସୀମା ବିବାଦକୁ ନେଇ ଚର୍ଚ୍ଚାରେ ରହିଛି ଏହି ଗଙ୍ଗାବାଡ଼ ପଞ୍ଚାୟତ। ଆନ୍ଧ୍ର ଏଠାରେ ଜାରି ରଖିଛି ତା'ର ଏକଚାଟିଆ କାରବାର। କେବେ ପାଣି ପାଇଁ ତ କେବେ ଜମି। ଆନ୍ଧ୍ରର ଛାଡୁନି ଓଡ଼ିଶା ମୋହ। ଆନ୍ଧ୍ରର ମନମାନି ଆଗରେ ହାର୍ ମାନିଛି ଗଜପତି ଜିଲା ପ୍ରଶାସନ। ଓଡ଼ିଶାବାସୀଙ୍କୁ ନିଜଆଡ଼କୁ ଆକୃଷ୍ଟ କରିବାକୁ ଗୋଟିଏ ପରେ ଗୋଟିଏ ଯୋଜନା କରି ଆନ୍ଧ୍ର ଜାରି ରଖିଛି ତା'ର ପ୍ରୟାସ। ପୂର୍ବରୁ ପ୍ରଶାସନିକ ☞ପୃଷ୍ଠା-୪






# ବିଧାୟକଙ୍କ ପାନଛେପ ସଫାକଲେ ବାଚସ୍ପତି

**ଲକ୍ଷ୍ନୌ, ୪।୩**

ଉତ୍ତରପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଜାରି ରହିଛି। ଅଧିବେଶନର ନବମ ଦିନ ଜଣେ ବିଧାୟକ ବିଧାନସଭା ହଲ୍‌ରେ ପାନ ମସାଲା ଖାଇ ଛେପ ପକାଇଥିବାର ଘଟଣା ସାମନାକୁ ଆସିଛି, ଯାହା ପୂରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଧାନସଭା ଗୃହର ଗରିମା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଏହି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଉତ୍ତରପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ ମହାନା କହିଛନ୍ତି। ଘଟଣାକୁ ନେଇ ବାଚସ୍ପତି ମହାନା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ଅନୁଶାସନ ବିରୋଧୀ କାର୍ଯ୍ୟ ବୋଲି କହିଥିଲେ। ମଙ୍ଗଳବାର ଉତ୍ତରପ୍ରଦେଶ ବିଧାନସଭାର ଗୃହକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ସତୀଶ ମହାନା ସମସ୍ତ ବିଧାୟକଙ୍କୁ ସମ୍ବୋଧନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା ହଲ୍ ମଧ୍ୟରେ ଜଣେ ମାନନୀୟ ବିଧାୟକ ପାନ ମସଲା ଖାଇ ଛେପ ପକାଇଥିବା ନେଇ ତାଙ୍କୁ ମଙ୍ଗଳବାର ସକାଳେ ସୂଚନା ମିଳିଥିଲା। ଏହି ଖବର ପାଇ ସେ ସମୟ ପୂର୍ବରୁ ବିଧାନସଭାରେ ପହଞ୍ଚିଥିଲେ ଓ ବିଧାନସଭା କର୍ମଚାରୀଙ୍କ ସହ ☞ପୃଷ୍ଠା-୪





ବାଚସ୍ପତି ସତୀଶ ମହାନା

# ତେଜିଲା ବାଣିଜ୍ୟ ଯୁଦ୍ଧ

ବେଜିଂ/ଓଟାଓ୍ୱା/ମେକ୍ସିକୋ ସିଟି,୪।୩

ଆମେରିକାକୁ କାନାଡା ଏବଂ ମେକ୍ସିକୋରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ସୀମା ଶୁଳ୍କ ଏବଂ ଚାଇନା ଉପରେ ନୂଆ ଶୁଳ୍କ ମଙ୍ଗଳବାରରୁ ଲାଗୁ କରାଗଲା ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ବାଣିଜ୍ୟ ଯୁଦ୍ଧ ତେଜିଛି। ଆମେରିକୀୟ ସାମଗ୍ରୀ ଉପରେ କାନାଡା ଓ ଚାଇନା ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଆମେରିକା ଚାଇନାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦% ଟାରିଫ୍ ଲଗାଇଥିବାବେଳେ ଏହାର ଜବାବରେ ବେଜିଂ ଆମେରିକାରୁ ଆମଦାନି ସାମଗ୍ରୀ ଉପରେ ୧୫% ଶୁଳ୍କ ଲାଗୁ କରିଛି। ଏଥିସହିତ ୱାଶିଂଟନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚାଇନା ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ଦ୍ୱାରସ୍ଥ ହୋଇଛି।

ଆମେରିକାରୁ ଆମଦାନି ହେଉଥିବା କେତେକ ସାମଗ୍ରୀ ଉପରେ ଚାଇନା ମାର୍ଚ୍ଚ ୧୦ରୁ ଅତିରିକ୍ତ ଟାରିଫ୍ ଲଗାଇବାକୁ ଯାଉଥିବା ଏହାର କଷ୍ଟମ୍ସ ଟାରିଫ୍ କମିଶନ ମଙ୍ଗଳବାର କହିଛି। ଆମଦାନି ହେଉଥିବା ଚିକେନ୍, ଗହମ, ମକା ଏବଂ ତୁଳା ଉପରେ ଅତିରିକ୍ତ ୧୫ ପ୍ରତିଶତ ଟାରିଫ୍ ଲାଗୁ ହେବ। ସେହିପରି ସର୍‌ଗମ୍, ସୋୟାବିନ୍, ଗୋମାଂସ, ଘୁଷୁରି ମାଂସ, ପନିପରିବା, ଫଳ ଓ ଦୁଗ୍ଧଜାତ ଦ୍ରବ୍ୟ, ଜଳଜ ସାମଗ୍ରୀ


ଡୋନାଲ୍ଡ ଟ୍ରମ୍ପ


ସି ଜିଙ୍ଗପିନ୍


ଜଷ୍ଟିନ୍ ଟ୍ରୁଡୋ


କ୍ଲାଉଡିଆ ଶେଇନ୍‌ବମ୍

## ଆମେରିକା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇଲା ଚାଇନା

### କାନାଡା, ମେକ୍ସିକୋର ଜବାବୀ ଟାରିଫ୍

ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। କେବଳ ସେତିକି ନୁହେଁ, ଚାଇନା ଏହାର ଅବିଶ୍ୱସ୍ତ ଶିଳ୍ପ ତାଲିକାରେ ଆମେରିକାର ୧୦ଟି ଶିଳ୍ପସଂସ୍ଥାକୁ ସାମିଲ କରି ସେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛି।

ସେହିପରି କାନାଡା ମଧ୍ୟ ତୁରନ୍ତ ୩୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଉପରେ ଟାରିଫ୍ ଲଗାଇବାକୁ ଯାଉଛି। ଅବଶିଷ୍ଟ ୧୨୫ ବିଲିୟନ ଡଲାର ଆମେରିକୀୟ ସାମଗ୍ରୀ ଉପରେ ୨୧ ଦିନ ମଧ୍ୟରେ ଟାରିଫ୍ ଲଗାଇବ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଆମେରିକା ଏହାର ଟାରିଫ୍ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆମ ଟାରିଫ୍ ବଳବତ୍ତର ରହିବ ବୋଲି ସେ କହିଛନ୍ତି।

ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବମ୍ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ତାଙ୍କ ଧମକ ପରେ ଟ୍ରମ୍ପ କ'ଣ ପଦକ୍ଷେପ ନେଉଛନ୍ତି, ତାକୁ ଅପେକ୍ଷା କରାଯିବ ବୋଲି ଶେଇନ୍‌ବମ୍ କହିଛନ୍ତି। ଆମେରିକା ୨୫ ପ୍ରତିଶତ ଟାରିଫ୍ ଲାଗୁ କଲେ ଆମ ପାଖରେ ପ୍ଲାନ୍ ବି, ସି ଏବଂ ଡି ରହିଛି ବୋଲି ସୋମବାର ମେକ୍ସିକୋ ରାଷ୍ଟ୍ରପତି କହିଥିଲେ। ତେବେ ସେ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେଇନାହାନ୍ତି। ୱାଶିଂଟନର ଯେକୌଣସି ବାଣିଜ୍ୟ କାର୍ଯ୍ୟାନୁଷଠାନକୁ ମୁକାବିଲା କରିବା ପାଇଁ ତାଙ୍କ ଦେଶ ପ୍ରସ୍ତୁତ ଥିବା ସେ ଦୋହରାଇଥିଲେ।

ମଙ୍ଗଳବାରଠାରୁ ଚାଇନା, କାନାଡା ଏବଂ ମେକ୍ସିକୋ ଉପରେ ଟାରିଫ୍ ଲାଗୁ ହେବା ନେଇ ଟ୍ରମ୍ପ ସୋମବାର ସ୍ପଷ୍ଟ କରିବା ପରେ ଆମେରିକୀୟ ଉପଭୋକ୍ତାଙ୍କ ପାଇଁ ଦରଦାମ୍ ବଢ଼ି ଏବଂ ମୁଦ୍ରାସ୍ଫୀତି ବଢ଼ିବା ଓ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ଅଶଙ୍କାରେ ଶେୟାର ବଜାର କାରବାର ଖସିଥିଲା। ଆମେରିକା ବିଦେଶୀ ସାମଗ୍ରୀ ଉପରେ ଟାରିଫ୍ ଲଗାଇଲେ ସେଠାକାର ଜନସାଧାରଣ ତେଜରାତି ସାମଗ୍ରୀ, ଗ୍ୟାସ୍, କାର୍ କିଣିବାରେ ଅଧିକ ବ୍ୟୟ କରିବେ। ଏଥିସହିତ ଅନେକ ହଜାର କର୍ମଚାରୀ ଛଟେଇ ହେବା ସମ୍ଭାବନା ରହିଛି। ଟାରିଫ ଲାଗୁ ଯୋଗୁ ବିଶ୍ୱସନୀୟ ସଫଳ ବାଣିଜ୍ୟ ସମ୍ପର୍କ ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି।

## ମଣିପୁରରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ: କୁକି-ଜୋ ସଙ୍ଗଠନ

ଗୁଆହାଟୀ,୪।୩

ମଣିପୁରର କୁକି-ଜୋ ଅଞ୍ଚଳରେ ମୁକ୍ତ ଯାତାୟାତକୁ ଅନୁମତି ଦିଆଯିବ ନାହିଁ ବୋଲି କୁକି-ଜୋ ଆଦିବାସୀ ଏକତା ସଂଗଠନ କମିଟି (ସିଓଟିୟୁ) କହିଛି। ଏହି ସମ୍ପ୍ରଦାୟର ଦାବିକୁ ସମ୍ମାନ ଦିଆ ନ ଯିବା ଯାଏ, ଅବାଧ ଗମନାଗମନକୁ ଅନୁମତି ଦେବୁ ନାହିଁ ବୋଲି କମିଟି କହିଛି। ସୋମବାର କମିଟି ବୈଠକରେ ନିଆଯାଇଥିବା ୮ ସୂତ୍ରୀ ପ୍ରସ୍ତାବ ମଧ୍ୟରୁ ଏହା ଅନ୍ୟତମ। ମାର୍ଚ୍ଚ ୮ରୁ ମଣିପୁରର ସମସ୍ତ ସଡ଼କ ପଥରେ ମୁକ୍ତ ଗମନାଗମନ ସୁନିଶ୍ଚିତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିର୍ଦ୍ଦେଶ ଦେବା ପରେ ଏଭଳି ପ୍ରସ୍ତାବ ଗ୍ରହଣ କରାଯାଇଛି। ଗତ ୧ ତାରିଖରେ ନୂଆଦିଲ୍ଲୀରେ ମଣିପୁର ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରି ଶାହା ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଅବାଧ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

## ସର୍ବିଆ ପାର୍ଲାମେଣ୍ଟରେ ସ୍ମୋକ୍ ବମ୍, ୩ ଆହତ



ବେଲ୍‌ଗ୍ରେଡ୍, ୪।୩

ୟୁରୋପୀୟ ଦେଶ ସର୍ବିଆର ପାର୍ଲାମେଣ୍ଟରେ ମଙ୍ଗଳବାର ବିଶୃଙ୍ଖଳା ଦେଖାଦେଇଛି। ସଂସଦ ଚାଲିଥିବା ବେଳେ ବିରୋଧୀ ସଦସ୍ୟମାନେ ସରକାରଙ୍କ କିଛି ନୀତିକୁ ବିରୋଧ କରି ଗୃହ ମଧ୍ୟରେ ହଙ୍ଗାମା କରିବା ସହ ପାର୍ଲାମେଣ୍ଟ ମଧ୍ୟରେ ସ୍ମୋକ୍ ବମ୍ ଏବଂ ଲୁହବୁହା ଗ୍ୟାସ୍ ପକାଇଥିଲେ। ଫଳରେ ପାର୍ଲାମେଣ୍ଟ ମଧ୍ୟରେ ଧୂଆଁ ବ୍ୟାପିଯାଇଥିଲା। ଘଟଣାରେ ସର୍ବିଆର ୩ ଏମ୍‌ପି ଆହତ ହୋଇଛନ୍ତି।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୬ ମୃତ

ପେଶାଓ୍ୱର,୪।୩

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ବନ୍ନୁ କ୍ୟାଣ୍ଟନମେଣ୍ଟ ପୋଷ୍ଟକୁ ଟାର୍ଗେଟ କରି ମଙ୍ଗଳବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ୨ଟି ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୩ ଛୋଟ ପିଲାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସହ ନିକଟରେ ହାତ ମିଳାଇଥିବା ଜୈଶ ଉଲ୍ ଫୁର୍‌ସାନ ଏହି ଆକ୍ରମଣ ଘଟାଇଥିବା ବିଶ୍ୱାସ କରାଯାଉଛି। ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି ୨ଟି କାର୍‌କୁ ସେନା କ୍ୟାଣ୍ଟନ୍‌ମେଣ୍ଟ ଫାଟକରେ ଧକ୍କା କରାଇବାରୁ ବିସ୍ଫୋରଣ ହୋଇଥିଲା। ସୂଚନାଯୋଗ୍ୟ, ଫେବୃଆରୀ ୨୮ରେ ଉକ୍ତ ପ୍ରଦେଶର ଏକ ସେମିନାରୀରେ ଆତ୍ମଘାତୀ ବିସ୍ଫୋରଣରେ ହମିଦୁଲ ହକ୍ ହକ୍କାନିଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଥିଲେ।

## ୟୁରୋପକୁ ଶକ୍ତିଶାଳୀ କରିବାକୁ ୮୦୦ ବିଲିୟନ ୟୁରୋର ଯୋଜନା

ବ୍ରସେଲ୍ସ,୪।୩

ଆମେରିକାଠାରୁ ଦୂରେଇଯିବାର ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ରୁଷିଆ ସହ ବୁଝାମଣା ପାଇଁ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ୟୁରୋପୀୟ ରାଷ୍ଟ୍ର ସଂଘ ଏହାର ସାମରିକ ଶକ୍ତି ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୟୁରୋପୀୟ ସଂଘର କାର୍ଯ୍ୟକାରୀ ମୁଖ୍ୟ ମଙ୍ଗଳବାର ୮୦୦ ବିଲିୟନ ୟୁରୋ (୮୪୧ ବିଲିୟନ ଡଲାର)ର ଯୋଜନା ପ୍ରସ୍ତାବ ରଖିଛନ୍ତି। ଏହି ବିଶାଳ 'ରିଆର୍ମ ୟୁରୋପ୍' ପ୍ୟାକେଜ୍ ସମ୍ପର୍କରେ ୟୁରୋପୀୟ ୟୁନିୟନ (ଇୟୁ)ର ୨୭ ସଦସ୍ୟ ରାଷ୍ଟ୍ରଙ୍କୁ ଅବଗତ କରାଯିବ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ କହିଛନ୍ତି। ଆମେରିକା ସହ ରାଜନୈତିକ ଅନିଶ୍ଚିତତା ବଢୁଥିବାବେଳେ ୨୭ ଇୟୁ ନେତାଙ୍କ ସହ ଏସମ୍ପର୍କରେ ଆଲୋଚନା ପାଇଁ ବ୍ରସେଲ୍ସରେ ଗୁରୁବାର ଜରୁରୀ ବୈଠକ ଡକାଯାଇଛି। ୟୁକ୍ରେନ୍‌କୁ ଆମେରିକା ସାମରିକ ସହାୟତା ବନ୍ଦ କରିବା ଲାଗି ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ନିଷ୍ପତ୍ତି ନେବା ପୂର୍ବରୁ ଉର୍ସୁଲା ତାଙ୍କ ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିଥିବା କହିଛନ୍ତି। ୮୦୦ ବିଲିୟନ ୟୁରୋ ଯୋଜନା ୟୁରୋପକୁ ସୁରକ୍ଷିତ ତଥା ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ କରାଇବ। ନାଟୋରେ ଆମେ ଆମ ସହଯୋଗୀମାନଙ୍କ ସହ ଏକାଠି କାର୍ଯ୍ୟ ଜାରି ରଖିବୁ ବୋଲି ଉର୍ସୁଲା କହିଛନ୍ତି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ତୁରନ୍ତ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍, କମାଣ, କ୍ଷେପଣାସ୍ତ୍ର, ଡ୍ରୋନ୍ ଆଦି ସାମରିକ ଉପକରଣ ପଠାଇପାରିବେ। ସୁରକ୍ଷା ପ୍ରତି ବିପଦ ବଢୁଥିବାରୁ ଇୟୁ ଏବେ ବିପଦର ସମ୍ମୁଖୀନ ହୋଇଛି। ଏଥିସହ ୱାଶିଂଟନ ୟୁକ୍ରେନ୍‌କୁ ସହାୟତା ବନ୍ଦ କରିବା ପରେ ଏହି ଦେଶକୁ ସହାୟତା ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସେଥିପାଇଁ ୟୁରୋପୀୟ ସଂଘକୁ କଠୋର ପଦକ୍ଷେପ ନେବାକୁ ହେବ ବୋଲି ଉର୍ସୁଲା କହିଛନ୍ତି।


ଉର୍ସୁଲା ଭନ୍ ଡେର୍ ଲେୟେନ

## 'ପାକିସ୍ତାନୀ' ଡାକିବା ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଅପରାଧ ନୁହେଁ

### ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୪।୩

କାହା ପ୍ରତି 'ମିୟାନ-ଟିୟାନ' ଏବଂ 'ପାକିସ୍ତାନୀ' ଶବ୍ଦ ବ୍ୟବହାର କରିବା ଖରାପ ଲାଗୁଥିଲେ ମଧ୍ୟ ଧର୍ମୀୟ ଭାବାବେଗକୁ ଆଘାତ ଦେଉଥିବା ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଏଭଳି ଏକ ଆପରାଧିକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଛନ୍ତି। ଝାଡ଼ଖଣ୍ଡର ଚାସ୍‌ସ୍ଥିତ ସବ୍‌ଡିଭିଜନାଲ ଅଫିସ୍‌ରେ ସୂଚନା ଅଧିକାର ଆଇନ ବିଭାଗରେ କାର୍ଯ୍ୟରତ କିରାଣୀ ତଥା ଉର୍ଦ୍ଦୁ ଅନୁବାଦକ ଏହି ମାମଲା ଦାଏର କରିଥିଲେ। ପ୍ରତିପକ୍ଷ ହରିନନ୍ଦନ ସିଂ ଆର୍‌ଟିଆଇ ଆଇନରେ ତଥ୍ୟ ମାଗିଥିବାବେଳେ ତାଙ୍କ ପାଖକୁ ଆସିଥିବା ଦସ୍ତାବିଜ୍‌ରେ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କିରାଣୀ ଜଣକ ତଥ୍ୟ ସମ୍ବଳିତ କାଗଜପତ୍ର ବ୍ୟକ୍ତିଗତ ଭାବେ ଦେବା ପାଇଁ ହରିନନ୍ଦନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଅଭିଯୁକ୍ତ ତାଙ୍କୁ ମିୟାନ-ଟିୟାନ ଏବଂ ପାକିସ୍ତାନୀ ଡାକିଥିବାରୁ ଏହା ତାଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା କିରାଣୀ ଅଭିଯୋଗ କରିଥିଲେ। ଏଭଳି ଶବ୍ଦ ଖରାପ ଲାଗିଲେ ମଧ୍ୟ ଏହା ଅପରାଧ ନୁହେଁ ବୋଲି ଖଣ୍ଡପୀଠ କହିବା ସହ ଆଇପିସିର ଧାରା ୨୯୮ ଅନୁଯାୟୀ ଅଭିଯୁକ୍ତ ହରିନନ୍ଦନଙ୍କୁ ଦୋଷମୁକ୍ତ କରିଦେବାକୁ କହିଛନ୍ତି।

## ଇସ୍ତଫା ଦେଲେ ମହାରାଷ୍ଟ୍ର ମନ୍ତ୍ରୀ ଧନଞ୍ଜୟ ମୁଣ୍ଡେ

### ବିଡ୍ ସରପଞ୍ଚ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗ

ମୁମ୍ବାଇ, ୪।୩

ମହାରାଷ୍ଟ୍ର ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ଧନଞ୍ଜୟ ମୁଣ୍ଡେ ମଙ୍ଗଳବାର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସୂଚନା ଦେଇଛନ୍ତି। ଧନଞ୍ଜୟଙ୍କ ପିଏ ପ୍ରଶାନ୍ତ ଜୋଶୀ ମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କ ବାସଭବନକୁ ଆସି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଡ୍ ଜିଲା ମାସାଜୋଗ ଗ୍ରାମର ସରପଞ୍ଚ ସନ୍ତୋଷ ଦେଶମୁଖଙ୍କୁ ଅପହରଣ ଏବଂ ହତ୍ୟା ମାମଲାରେ ଧନଞ୍ଜୟ ବିବାଦ ଘେରକୁ ଆସିଥିଲେ। ଏହି ହତ୍ୟା ମାମଲାର ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ମାମଲାରେ ଧନଞ୍ଜୟଙ୍କ ଘନିଷ୍ଠ ସହଯୋଗୀ ବାଲ୍ମୀକି କରାଡ୍‌ଙ୍କୁ ମାଷ୍ଟରମାଇଣ୍ଡ ଘୋଷଣା କରିଥିଲା। ଫଳରେ ବିଭିନ୍ନ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଧନଞ୍ଜୟ ଇସ୍ତଫା ଦେଇଛନ୍ତି।


ଧନଞ୍ଜୟ ମୁଣ୍ଡେ


ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମସ୍ଖଳନ ପରବର୍ତ୍ତୀ ସଫଳ ରେସ୍କ୍ୟୁ ଅପରେଶନ ପରେ ଉଦ୍ଧାରକାରୀ ଦଳ ଏକ ଗ୍ରୁପ୍ ଫଟୋରେ ପୋଜ୍ ଦେଉଛନ୍ତି।

## ଗୁଜରାଟରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ

ଅହମଦାବାଦ,୪।୩

ମଦମୁକ୍ତ ଘୋଷିତ ହୋଇଥିବା ଗୁଜରାଟରେ ୨୦୨୪ରେ ପ୍ରତି ୪ ସେକେଣ୍ଡରେ ଗୋଟିଏ ଭାରତ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍) ବୋତଲ ଜବତ ହୋଇଥିଲା। ସେହିବର୍ଷ ରାଜ୍ୟରେ ମୋଟ ୮୨ ଲକ୍ଷ ମଦ ବୋତଲ ଜବତ ହୋଇଛି, ଯାହାର ମୂଲ୍ୟ ୧୪୪ କୋଟି ଟଙ୍କା ବୋଲି ପୋଲିସ ତଥ୍ୟରୁ ଜଣାପଡ଼ିଛି। କେବଳ ଅହମଦାବାଦ ସହର, ଅହମଦାବାଦ ଗ୍ରାମାଞ୍ଚଳ, ୱେଷ୍ଟର୍ନ ରେଲ୍‌ୱେର ଅହମଦାବାଦ ଜଙ୍କ୍‌ଶନରୁ ୪,୩୮,୦୪୭ ବୋତଲ ମଦ ଜବତ ହୋଇଛି। ସେଥିରୁ ଅହମଦାବାଦ ସହରରେ କେବଳ ୩.୦୬ ଲକ୍ଷ ବୋତଲ ଆଇଏମ୍‌ଏଲଫ୍‌ଏଲ୍‌କୁ ନେଇ ୨,୧୩୯ ମାମଲା ରୁଜୁ ହୋଇଛି। ସେହିପରି ୧.୫୮ ଲକ୍ଷ ଲିଟର ଦେଶୀମଦ ଜବତ ଘଟଣାରେ ୭,୭୯୬ଟି ମାମଲା ହୋଇଛି। ତେବେ ପୋଲିସ ରିପୋର୍ଟ ବାସ୍ତବ ସଂଖ୍ୟାଠାରୁ ଯଥେଷ୍ଟ କମ୍ ବୋଲି କୁହାଯାଉଛି। ବଡୋଦରା ଗ୍ରାମାଞ୍ଚଳରେ ଚଢ଼ାଉ ବେଳେ କର୍ତ୍ତୃପକ୍ଷ ୯.୮ କୋଟି ଟଙ୍କା ମୂଲ୍ୟର ଅଇଏମ୍‌ଏଫ୍‌ଏଲ୍ ବୋତଲ ଜବତ କରିଥିଲେ। ସେଗୁଡ଼ିକ ଟ୍ରକ୍ ଏବଂ ଗୋଦାମର ଗୁପ୍ତ କୋଠରିରେ ଲୁଚାଯାଇଥିଲା। ସେହିପରି ସୁରଟ ଗ୍ରାମାଞ୍ଚଳରୁ ୮.୯ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଜବତ ହୋଇଥିଲା। ଆନ୍ତଃରାଜ୍ୟ ପରିବହନ ର୍ୟାକେଟ୍ ଏହି ମଦ ବୋତଲଗୁଡ଼ିକ ଘରକରଣା ସାମଗ୍ରୀ ମଧ୍ୟରେ ଲୁଚାଇଥିଲେ। ନଭସାରିରେ ୬.୨୩ ଲକ୍ଷ ମଦ ବୋତଲ ଜବତ ହୋଇଥିବାବେଳେ ଗୋଧ୍ରାରୁ ୮.୮ କୋଟି ଟଙ୍କା ମୂଲ୍ୟର ବିଦେଶୀ ମଦ ଧରାପଡ଼ିଥିଲା। ସେହିପରି ଭାବନଗରରୁ ୮.୭ କୋଟି ଟଙ୍କା ମୂଲ୍ୟର ବିଦେଶୀ ଓ ଦେଶୀମଦ ଜବତ ହୋଇଥିଲା।



## ଫୁର୍‌ସତ


ହ୍ରିତିକ ରୋଶନ

### ହ୍ରିତିକ, ଜୁନିୟର ଏନ୍‌ଟିଆର୍‌ଙ୍କ ମଧ୍ୟରେ ଡ୍ୟାନ୍ସ ମୁକାବିଲା

**ମୁମ୍ବାଇ:** ଆସନ୍ତା ଅଗଷ୍ଟ ୧୪ରେ ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆରଙ୍କ ଅଭିନୀତ ଆକ୍ସନ ଥ୍ରୀଲର ଫିଲ୍ମ 'ୱାର ୨' ରିଲିଜ୍ ହେବାକୁ ଯାଉଛି। ତେବେ ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ସମ୍ପର୍କିତ ଏକ ଅପ୍‌ଡେଟ୍ ସାମ୍ନାକୁ ଆସିଛି। 'ୱାର ୨' ଫିଲ୍ମର ଏକ ଗୀତର ଶୁଟିଂ ମୁମ୍ବାଇର ଅନ୍ଧେରୀସ୍ଥିତ ଯଶରାଜ୍ ଷ୍ଟୁଡିଓରେ ଆରମ୍ଭ ହୋଇସାରିଛି। ଫିଲ୍ମର କାହାଣୀ ଅନୁଯାୟୀ, ଉକ୍ତ ଗୀତରେ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ମଧ୍ୟରେ କଡ଼ା ଡ୍ୟାନ୍ସ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଏହି ଗୀତରେ ଉଭୟ ହ୍ରିତିକ ଏବଂ ଜୁନିୟର ଏନ୍‌ଟିଆରଙ୍କ ସହ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବଂ ୫୦୦ରୁ ଅଧିକ ଡ୍ୟାନ୍ସରଙ୍କୁ ମଧ୍ୟ ଦେଖିବାକୁ ମିଳିବ। କୋରିଓଗ୍ରାଫର ବୋସ୍କୋ ମାର୍ଟିସ୍ ଏହି ଗୀତର କୋରିଓଗ୍ରାଫି ଦେଇଛନ୍ତି। ଏହି ଗୀତର ଶୁଟିଂ ପାଇଁ ୨ ସପ୍ତାହ ଧରି ରିହର୍ସାଲ କରାଯାଇଥିଲା। ଫିଲ୍ମ ନିର୍ମାତାଙ୍କ ସୂତ୍ର ଅନୁଯାୟୀ, ଆସନ୍ତା ୧୦ ତାରିଖଯାଏ ଏହି ଗୀତର ଶୁଟିଂ ଜାରି ରହିଛି। 'ୱାର ୨' ଫିଲ୍ମରେ ଜୁନିୟର ଏନ୍‌ଟିଆର୍‌ଙ୍କୁ ଜଣେ ସାଉଥ୍ ଇଣ୍ଡିଆନ୍ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଭୂମିକାରେ ଜୁନିୟର ଏନ୍‌ଟିଆର୍‌ଙ୍କ ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

### ବିବାହ ବାର୍ଷିକୀରେ ଲକ୍ଷେ ଅତିଥି

**ପାଟନା:** ସାଧାରଣତଃ ଅନେକ ଲୋକ ନିଜ ବିବାହ ବାର୍ଷିକୀକୁ ଶତାଧିକ ଅତିଥିଙ୍କ ଗହଣରେ ଧୁମ୍‌ଧାମ୍‌ରେ ପାଳନ କରିବାକୁ ପସନ୍ଦ କରିଥାନ୍ତି। ତେବେ ନିକଟରେ ବିହାରର ଔରଙ୍ଗାବାଦ ସହରରେ ଏକ ବିବାହ ବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଔରଙ୍ଗାବାଦର ପୂର୍ବତନ ଭାଜପା ଏମ୍‌ଏଲ୍‌ସି ରାଜନ କୁମାର ସିଂ ତାଙ୍କର ୨୫ତମ ବିବାହ ବାର୍ଷିକୀକୁ ଐତିହାସିକ କରିବା ପାଇଁ ଲକ୍ଷାଧିକ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ସମାରୋହକୁ ସଫଳତାର ସହ ଆୟୋଜନ କରିବା ପାଇଁ ୧୫ ଦିନ ଧରି ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ଔରଙ୍ଗାବାଦରୁ ବାରାଣସୀ ପର୍ଯ୍ୟନ୍ତ ୫୦୦ରୁ ଅଧିକ କୁଶଳୀ ରୋଷେୟାଙ୍କୁ ଡକାଯାଇଥିଲା, ଯେଉଁମାନେ ପ୍ରାୟ ୧ ଲକ୍ଷ ଲୋକଙ୍କ ପାଇଁ ଗୁଲାବ ଜାମୁନ୍, ପୁଲାଓ, ଫ୍ରାଇ ତଡ଼କା ଡାଲ୍, ମିକ୍ସଡ୍ ଭେଜ୍ ପନିପରିବା, କଚୌରୀ ଏବଂ ବୁନ୍ଦି ଆଦି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଔରଙ୍ଗାବାଦସ୍ଥିତ ଗେଟ୍ ସ୍କୁଲ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଭୋଜପୁରୀ ତାରକାଙ୍କ ସମାଗମ ଘଟିଥିଲା। ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂ, ଅନୁପମା ଯାଦବ, ଅଭିନେତା ଗୋଲୁ ରାଜା ଏବଂ ହାସ୍ୟ ଅଭିନେତା ଆନନ୍ଦ ମୋହନଙ୍କ ପରି କଳାକାରମାନେ ମଞ୍ଚରେ ଉପସ୍ଥିତ ରହି ଅତିଥିଙ୍କ ମନୋରଞ୍ଜନ କରାଇଥିଲେ। ତେବେ ବିଭିନ୍ନ ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ରାଜନ କେବଳ ନିଜ ୨୫ତମ ବିବାହ ବାର୍ଷିକୀ ପାଇଁ ଏହି ଭବ୍ୟ ଆୟୋଜନ କରି ନାହାନ୍ତି ବରଂ ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେ ଏହି ଆୟୋଜନ କରିଛନ୍ତି।

### ସବୁଠୁ ଛୋଟ ପାର୍କ





**ଟୋକିଓ:** ଜାପାନ ପୁଣି ଥରେ ନିଜର ଏକ ଅନନ୍ୟ ଆବିଷ୍କାର ସହ ସାରା ବିଶ୍ୱକୁ ଚକିତ କରିଛି। ସମ୍ପ୍ରତି ଏକ ଛୋଟ ପାର୍କ ପାଇଁ ଜାପାନ ଚର୍ଚ୍ଚାରେ ରହିଛି, ଯାହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ମିଳିଛି। ଏନେଇ ଜିଡବ୍ଲ୍ୟୁଆର୍ ପକ୍ଷରୁ ଏହାର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ଭିଡିଓ ପୋଷ୍ଟ କରାଯାଇ କୁହାଯାଇଛି, ମାତ୍ର ୦.୨୪ ବର୍ଗ ମିଟର ବିଶିଷ୍ଟ ସବୁଠାରୁ ଛୋଟ ପାର୍କ ଜାପାନର ରାଜଧାନୀ ଟୋକିଓ ସହରରେ ଅବସ୍ଥିତ। ତେବେ ମାତ୍ର କିଛି ସେଣ୍ଟିମିଟର ଆକାରର ହୋଇଥିଲେ ମଧ୍ୟ ଏହି ପାର୍କ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଦୂର ଦୂରାନ୍ତରରୁ ଲୋକେ ଏହି ନିଆରା ଛୋଟ ପାର୍କକୁ ଦେଖିବା ପାଇଁ ଆସୁଛନ୍ତି। ଜିଡବ୍ଲ୍ୟୁଆର୍ ଟିମ୍ ଏହି ପାର୍କକୁ ନିରୀକ୍ଷଣ କରିବା ପରେ ଏହାକୁ ବିଶ୍ୱର ସବୁଠାରୁ ଛୋଟ ପାର୍କ ଭାବେ ଘୋଷଣା କରାଯାଇଛି। ଏହି ପାର୍କର କ୍ଷେତ୍ରଫଳ ଏତେ ଛୋଟ ଯେ, ଏଥିରେ କେବଳ ଏକ ଛୋଟ ତାରା ଗଛ ଏବଂ କିଛି ଘାସ ରହିପାରିବ ବୋଲି ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି। ଏହାପୂର୍ବରୁ ବିଶ୍ୱର ସବୁଠାରୁ ଛୋଟ ପାର୍କର ରେକର୍ଡ ଆମେରିକାର ଓରେଗନରେ ଥିବା ମିଲ୍ ଏଣ୍ଡ୍‌ସ ପାର୍କ ନାମରେ ରହିଥିଲା। ଏହାର କ୍ଷେତ୍ରଫଳ ମାତ୍ର ୦.୨୯୨ ବର୍ଗ ମିଟର ରହିଥିଲା ଉକ୍ତ ରେକର୍ଡ ଏବେ ଭଙ୍ଗ ହୋଇଛି।




# ବନପାଳ, ବନରକ୍ଷୀ ନିଯୁକ୍ତି ପରୀକ୍ଷା: ୨ ଜଣଙ୍କ ମୃତ୍ୟୁ

## ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ସୁନ୍ଦରଗଡ଼(ଜୟନାରାୟଣ ମେଣ୍ଡୁଲି), ୪/୩

ଓଡ଼ିଶା ଷ୍ଟାଫ୍ ସିଲେକସନ କମିଶନ (ଓଏସ୍ଏସ୍ସି) ପକ୍ଷରୁ ବନ ବିଭାଗ ପାଇଁ ବନପାଳ ଓ ବନରକ୍ଷୀ ନିଯୁକ୍ତି ପ୍ରକ୍ରିୟାର ଶାରୀରିକ ପରୀକ୍ଷା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ପରୀକ୍ଷା ପାଇଁ ଦୌଡ଼ବେଳେ ସୋମବାର କେନ୍ଦୁଝରଠାରେ ବ୍ୟୋମକେଶ ନାଏକ ଏବଂ ମଙ୍ଗଳବାର ସୁନ୍ଦରଗଡ଼ରେ ପ୍ରବୀଣ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବ୍ୟୋମକେଶଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଓସ୍ତପଙ୍ଗା ଏବଂ ପ୍ରବୀଣ ରାଉରକେଲା ଟାଙ୍ଗରପାଲି ଥାନା ସେକ୍ଟର ୨୨ସ୍ମାର୍ଟ ନଗରରେ ରହୁଥିବାବେଳେ ତାଙ୍କ ମୂଳ ଘର ଗଞ୍ଜାମ ଜିଲା ଭଞ୍ଜନଗର ଥାନା ମନ୍ଧାର ବୋଲି ପୋଲିସ କହିଛି। । ଉଭୟ ପରୀକ୍ଷା ପାଇଁ ଦୌଡୁଥିବାବେଳେ ରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଫଳରେ ସେମାନଙ୍କୁ ମେଡ଼ିକାଲ ନିଆଯାଇଥିଲା। ବ୍ୟୋମକେଶଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ସେହିପରି ଅସୁସ୍ଥ ପ୍ରବୀଣଙ୍କୁ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଉଭୟଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର କେନ୍ଦୁଝରଠାରେ ଅନ୍ୟ ଜଣେ ପ୍ରତିଯୋଗୀ ଅଭିଷେକ ମହାକୁଡ ଗୁରୁତର ହୋଇ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ଖଇନି ଖାଇବାକୁ ୧୦ ଟଙ୍କା ନ ଦେବାରୁ ବାପାଙ୍କ ମୁଣ୍ଡ କାଟିଦେଲେ

## କଟାମୁଣ୍ଡ ଧରି ଥାନାରେ ଆତ୍ମସମର୍ପଣ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା (ଗୋପୀନାଥ ବେହେରା),୪।୩

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଠାରୁଆସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ବାପାଙ୍କ ମୁଣ୍ଡକାଟି ଧରି ପୁଅ ଥାନାରେ ଆତ୍ମସମର୍ପଣ କରିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ବାଇଧର ସିଂ(୭୦)। ପୋଲିସ ଅଭିଯୁକ୍ତ ପୁଅ ଶମ୍ଭୁନାଥ ସିଂ(୪୦)ଙ୍କୁ ଗିରଫକରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ସୋମବାର ରାତିରେ ଖଇନି କିଣିବା ପାଇଁ ଶମ୍ଭୁନାଥ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ସ୍ତ୍ରୀ ଟଙ୍କା ନ ଦେବାରୁ ରାଗ ତମତମ ହୋଇ ବାପା ବାଇଧରଙ୍କୁ ୧୦ଟଙ୍କା ମାଗିଥିଲେ। ବାଇଧର ମଧ୍ୟ ଟଙ୍କା ନ ଦେବାରୁ ବାପ-ପୁଅ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶମ୍ଭୁ ଏକ ଟାଙ୍ଗିଆରେ ବାଇଧରଙ୍କ ବେକକୁ ହାଣି ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ଏହା ଦେଖି ମାଆ ପାଟି କରିବାରୁ ଶମ୍ଭୁ ତାଙ୍କୁ ମଧ୍ୟ ମାରିବାକୁ ଗୋଡ଼ାଇଥିଲେ। ପରେ ବାପାଙ୍କ କଟାମୁଣ୍ଡକୁ ଧରି ଶମ୍ଭୁ ରାତିରେ ଚାଲିଚାଲି ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତ କରିଥିବା ସୂଚନା ମିଳିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ୨୦ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବାରବାଟି-କଟକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦୋଳମୁଣ୍ଡାଇ, ସମୟ: ସକାଳ ୯ଟା ୩୦।

## ପୁରୀ
- ବ୍ଲକସ୍ତରୀୟ ସୁଭଦ୍ରା ରାଲି, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।

## ଖୋର୍ଦ୍ଧା
- ଜଟଣୀ ନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ମା' ଉତ୍ତରାୟଣୀ ପ୍ରେକ୍ଷାଳୟ, ଜଟଣୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେବା ସଂଘ କାର୍ଯ୍ୟାଳୟ ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ପ୍ରବାଦପୁରଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଫାଣ୍ଡି ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଡିଆଇସି ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସ, ସ୍ଥାନ: ବାର ହଲ୍ ନଂ. ୧, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ଗୁରୁକୁଳ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ବିଜୁ ଜୟନ୍ତୀ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଜନଶୁଣାଣି, ସ୍ଥାନ: ଗୋବିନ୍ଦପୁର ସରସ୍ୱତୀ ବଙ୍ଗଳା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ସଚେତନତା ରାଲି, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବିଜୟା ଦଶମୀ ବୈଠକ, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ, ସ୍ଥାନ: ଚମ୍ପୁଆ ପ୍ରେସ କ୍ଲବ୍, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ବ୍ରାହ୍ମଣଦେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରମୁଣ୍ଡଳୀ ଗ୍ରାମ,ସମୟ: ସକାଳ ୬ଟାରୁ ଆରମ୍ଭ।
- ଜିଲ୍ଲାସ୍ତରୀୟ ବିଜୁ ପଟ୍ଟନାୟକ ଜୟନ୍ତୀ, ସ୍ଥାନ: ଛତ୍ରପୁର ଲୋୟର ବସଷ୍ଟାଣ୍ଡ, ସମୟ : ସକାଳ ୮ଟା ୩୦।

## କନ୍ଧମାଳ
- ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା, ସ୍ଥାନ: ଦାରିଙ୍ଗବାଡି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ: ୭ଟା ୩୦।

## ଢେଙ୍କାନାଳ
- ଓଁ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଇଚ୍ଛାପୁର(ବୋଲୁଅ ସାହି), କାକୁଡିଭାଗ, ଢେଙ୍କାନାଳ, ସମୟ: ସକାଳ ୬ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ଖମାରସାହି, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ରାୟଗଡ଼ା
- ସୁଭଦ୍ରା ପଦଯାତ୍ରା, ସ୍ଥାନ: ପ୍ରତି ପଞ୍ଚାୟତ ସଦର ମହକୁମା, ରାୟଗଡା, ସମୟ: ସକାଳ ୭ଟା।
- ସୁଭଦ୍ରା ପଦଯାତ୍ରା, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୋଲନରା,ସମୟ:ସକାଳ ୭ଟା ୩୦।
- ବିଜୁ ଜୟନ୍ତୀ ପାଳନ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ, ସ୍ଥାନ: ବସ୍‌ଷ୍ଟାଣ୍ଡ, ରାୟଗଡା, ସମୟ: ସକାଳ ୯ଟା।
- ହାକୁଶ ପଙ୍ଗା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାକୁଶ ପଙ୍ଗା ଆଶ୍ରମ ବିଦ୍ୟାଳୟ ପରିସର, ଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ହିନ୍ଦୁ ନବବର୍ଷ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଉମରକୋଟ, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସକାଳ ୯ଟା।
- ସୁଭଦ୍ରା ରଥ ଉଦ୍‌ଘାଟନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍‌ର ୧୪ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଜିଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ ସକାଶେ ଅଧିବାସ, ସ୍ଥାନ : କେନଘାଟି ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥା ସମ୍ବଲପୁର ଶାଖା ଆୟୋଜିତ ଶ୍ରୀହରି କଥା, ସ୍ଥାନ: ହାଟପଡା ହନୁମାନ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଜିଲାପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳନ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ ବଞ୍ଜିପାଲି ଆମ୍ବେଡକର ମଣ୍ଡପ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବଞ୍ଜିପାଲି, ସମୟ: ଅପରାହ୍ନ ୪ଟା।

## ରାଉରକେଲା
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଜୁ ଜୟନ୍ତୀ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।
- ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ଖିରପାଣି ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଖିରପାଣି ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଏମଏସ୍‌ଏମ୍‌ଇ ମେଗା ଆଉଟ୍ ରିଚ୍ କ୍ୟାମ୍ପ, ସ୍ଥାନ: ରାଉରକେଲା ଚାମ୍ବର ଭବନ, ସମୟ: ଅପରାହ୍ନ ୪ଟା।
- ସୁନାପୁଲ ସଂସଦ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ କଳିଙ୍ଗ ବିହାର, ସମୟ: ଅପରାହ୍ନ ୫ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପାଠୋତ୍ସବ ଓ ବିଜୁ ଜୟନ୍ତୀ, ସ୍ଥାନ: ଉତ୍କଳ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀଭବନ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ବାଲିଯୋରୀ ହାଟ୍ ପରିଦର୍ଶନ,ସ୍ଥାନ: ବାଲିଯୋରୀ, ବେହେରା, ବରଗଡ଼, ସମୟ: ସକାଳ ୯ଟା ୧୦।
- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ସମ୍ବଲପୁରୀ ବସ୍ତ୍ରାଳୟ ପରିଦର୍ଶନ, ସ୍ଥାନ: ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଆର.ଏମ.ସି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଆର୍.ଏମ୍.ସି ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀଙ୍କ ସମବାୟ ସୂତା, ଟିନିକଲ ପରିଦର୍ଶନ,ସ୍ଥାନ: ତୋରା, ବରଗଡ଼,ସମୟ:ଅପରାହ୍ନ ୧୨ଟା୩୦।
- ଅତାବିରା ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ, ସ୍ଥାନ: ଆର.ଏମ.ସି ପରିସର, ଅତାବିରା, ସମୟ: ଅପରାହ୍ନ ୪ଟା।
- ଗୋଡ଼ଭଗା ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ, ସ୍ଥାନ: ଆର.ଏମ.ସି ବଜାର ପରିସର, ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି
- ଚଳିତ ବଜେଟ୍ ଉପରେ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ରେଣ୍ଡୋ ମାଝୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧିଜୀବୀ ଓ କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବୌଦ୍ଧ ଜିଲା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ବିଜୁ ଜୟନ୍ତୀ ପାଳନ ଅବସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ପ୍ରଧାନପାଟସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ଫଳ ବଣ୍ଟନ, ସ୍ଥାନ: ରିଆମାଳ ବ୍ଲକ, ଛତାବର୍ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଠିକାଦାରଙ୍କ ପକ୍ଷରୁ ବିଭାଗୀୟ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ଓ ଧାରଣା ତୃତୀୟ ଦିବସ, ସ୍ଥାନ: ଆର୍‌ଏଣ୍ଡବି କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ଛପନ ପ୍ରହର ନମଯଜ୍ଞର ତୃତୀୟ ଦିବସ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ବିଜୁ ଜୟନ୍ତୀ ପାଳନ, ସ୍ଥାନ: ବୀରମହାରାଜପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା ୩୦।
- ରାମାୟଣ ପାରାୟଣର ତୃତୀୟ ଦିବସ ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।
- ସପ୍ତାହ ପାରାୟଣର ଶେଷ ଦିବସ, ସ୍ଥାନ: ବଡ଼ମାଳ-ବହଳପଦର ମଠ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଶ୍ରଦ୍ଧାପାଲି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା , ସ୍ଥାନ: ଟିକିରାପଡ଼ା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା।

## ନୂଆପଡ଼ା
- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଡୁକଲା ଗାଁ, ସମୟ: ଅପରାହ୍ନ ୫ଟା।
- କୋଶଳ ଫର୍ଟିଲାଇଜର ଓ କୀଟନାଶକ ପକ୍ଷରୁ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କୃଷି ବିଭାଗ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଲଭା ପଞ୍ଚାୟତ ଠାକୁରପାଲି ଗାଁ, ସମୟ: ସକାଳ ୯ଟା ୧୫।

## ଝାରସୁଗୁଡ଼ା
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି କର୍ମୀଙ୍କ ଦ୍ୱାରା ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ବଡ଼ମାଳ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସାଲେଚିକ୍ରା, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମ୍ଭର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ବାବୁଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜିଲା ବିଜେଡି କାର୍ଯ୍ୟାଳୟ, ବେହେରାମାଳ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିରୁଦ୍ଧାଚରଣ ଯୋଗୁ ଯୋଜନା ଭଣ୍ଡୁର ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବାରୁ ମନ ଉଦାସ ରହିବ। ଅଶ୍ୱିନୀ ନକ୍ଷତ୍ର ପରିବାରର ବରାଦ ଅନୁଯାୟୀ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଶଳ ଖଟାଇ କାମଟିକୁ ସୁବିଧାରେ କରିପାରିବାରେ ସଫଳ ହେବେ।

**ବୃଷ** ସ୍ଥଗିତ ରହିଯାଇଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବନ୍ଧୁଙ୍କ ସହାୟତାରେ ପୂର୍ଣ୍ଣାଙ୍ଗ କରିବେ। ସାମାଜିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟରେ ବିରୁଦ୍ଧତା ଓ ବିଫଳତା ଲାଗି ରହିବ। ଆକସ୍ମିକ ଆଗତ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ ସାଧନାରେ ମନୋନିବେଶ କରିବେ।

**ମିଥୁନ** ଚେଷ୍ଟାକଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ କାରଣରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ମୃଗଶିରା ନକ୍ଷତ୍ର ରଚନାତ୍ମକ କାର୍ଯ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସେବା ଓ ପରୋପକାର ମନୋବୃତ୍ତିରୁ ପ୍ରଶଂସିତ ହେବେ।

**କର୍କଟ** ଉପର ଅଧିକାରୀଙ୍କ ଅନୁକମ୍ପାରୁ ଆପଣଙ୍କର କାମକୁ ପସନ୍ଦ କରିବେ। ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ ଏବଂ ଲୋକ ଚିହ୍ନିବାରେ ମଉକା ପାଇବେ। କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ରର ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କର୍ମ କ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗଯୁକ୍ତ ହୋଇପାରେ।

**କନ୍ୟା** ପୂର୍ବ ନିର୍ଦ୍ଧାରିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ହସ୍ତା ନକ୍ଷତ୍ର ସନ୍ଦେହ କାରଣରୁ ପତ୍ନୀଙ୍କ ସହ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ। ଆତ୍ମପ୍ରଶଂସା ପ୍ରିୟତା କାରଣରୁ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ନୂଆ ନୂଆ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ।

**ତୁଳା** କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ସ୍ୱାତୀ ନକ୍ଷତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସାମୟିକ ଖୁସି ଅନୁଭବ କରିବେ।

**ବିଛା** ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଯାତ୍ରା, ପ୍ରଶାସନ, ଆଇନ, କଳା ଓ ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନୁରାଧା ନକ୍ଷତ୍ରର ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ବହୁତ ଦିନରୁ ରହିଥିବା ବକେୟା ଟଙ୍କା ବନ୍ଧୁଙ୍କ ସହାୟତାରୁ ଆଜି ପାଇବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଭୁଲ୍ ବଶତଃ ନିର୍ଦ୍ଦିଷ୍ଟ ସ୍ଥାନରେ ନ ରଖି ଅନ୍ୟସ୍ଥାନରେ ରଖିଥିବା ଜିନିଷଟି ଆଜି ହଠାତ୍ ପାଇଯିବେ। ବହୁତ ଦିନରୁ ସ୍ଥଗିତ ରହିଥିବା କାମକୁ ଆଜି ଦୃଢ଼ ପଦକ୍ଷେପ ନେଇ ସମ୍ପନ୍ନ କରିବେ। ପରିବାରରେ ଦାୟିତ୍ୱ କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଟେନ୍‌ସନ ବୃଦ୍ଧି ପାଇବ।

**ମକର** ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିଜଲୋକଙ୍କଠାରୁ ଆସ୍ଥାହରାଇ ବସିବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ସାଙ୍ଗକୁ ଚାକିରକ୍ଷେତ୍ରରେ ପଦୋନ୍ନତି ଘଟିବ।

**କୁମ୍ଭ** ବନ୍ଧୁଙ୍କ ସହାୟତାରେ ଯୋଜନା ମୁତାବକ ସବୁକାମ ଠିକ୍ ଠିକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାରର ସହମତି ପ୍ରକାରେ ଇଚ୍ଛାମୁତାବକ କାମକରିବାରେ ସଫଳ ହେବେ।

**ମୀନ** ବନ୍ଧୁଗହଣରେ ସଂଯମତା ରକ୍ଷା ନ କଲେ କର୍ମକ୍ଷେତ୍ରର ପରିସ୍ଥିତି ବିବାଦଗ୍ରସ୍ତ ହେବ। ଆଲୋଚନା ପରିସରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ। ସମସ୍ୟା ରହିଥିଲେ ମଧ୍ୟ ଆଜି ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରେବତୀ ନକ୍ଷତ୍ର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସଙ୍ଗକୁ ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇବେ।

ଆଜି ମାର୍ଚ୍ଚ ୫ ତାରିଖ, ବିଜୁ ପଟ୍ଟନାୟକ ଜୟନ୍ତୀ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର। ରାଶିନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୦୮.୧୩ମି. ଗତେ, ବୃଷ ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଏବଂ ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬.୦୬ମି. ଗତେ ଘ.୦୭.୪୦ମି. ମଧ୍ୟେ, ଘ.୧୦.୩୦ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ବେଳା। ଦିବା ଘ.୧୧.୩୫ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ଫାଇନାଲରେ ଭାରତ...

ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଷ୍ଟ୍ରେଲିଆ ଅଧିନାୟକ ଷ୍ଟିଭ୍ ସ୍ମିଥ। ମହମ୍ମଦ ଶାମି ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ପରବର୍ତ୍ତୀ ବଲ୍‌ରେ ଜୀବନଦାନ ପାଇଥିଲେ ଟ୍ରାଭିସ ହେଡ୍। ଶାମି କଟ୍ ଆଣ୍ଡ ବୋଲ୍ଡ ସୁଯୋଗ ହାତଛଡ଼ା କରିଥିଲେ। ତେବେ ଶାମି ନିଜ ଦ୍ୱିତୀୟ ଓଭରର ଅନ୍ତିମ ବଲ୍‌ରେ କୁପର କୋନୋଲି(୦)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ତେବେ ହେଡ୍ ଓ ସ୍ମିଥ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ସମ୍ଭାଳି ନେଇଥିଲେ। ହେଡ୍ ସ୍ୱାଭାବିକଭାବେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବାବେଳେ ସ୍ମିଥ୍ ଜଗିରଖି ଖେଳିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୩୨ ବଲ୍‌ରୁ ୫୦ ରନର ଭାଗୀଦାରି ହେବାପରେ ହେଡ୍‌ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୩ ବଲ୍‌ର ସମ୍ମୁଖୀନ ହୋଇଥିବା ହେଡ୍ ୫ ଚୌକା ଓ ୨ ଛକା ସହାୟତାରେ ୩୯ ରନ କରିଥିଲେ। ଧିମା ବ୍ୟାଟିଂ କରିଥିଲେ ହେଁ ସ୍ମିଥ୍ ତୃତୀୟ ଉଇକେଟରେ ମାର୍ନସ ଲାବୁସେନଙ୍କ ସହ ୫୬, ୪ର୍ଥ ଉଇକେଟରେ ଜୋସ ଇଙ୍ଗଲିଶଙ୍କ ସହ ୩୪ ଓ ୫ମ ଉଇକେଟରେ ଆଲେକ୍ସ କାରେଙ୍କ ସହିତ ୫୪ ରନର ପାର୍ଟନରଶିପ୍ ଗଢ଼ି ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜିଂ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଲାବୁସେନ ୨୯ ଓ ଇଙ୍ଗଲିସ ୧୧ ରନ କରିଥିଲେ। ସ୍ମିଥ ଓ କାରେ ବ୍ୟାଟିଂ କରୁଥିବାବେଳେ ଅଷ୍ଟ୍ରେଲିଆ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ୩୭ତମ ଓଭରରେ ଶାମିଙ୍କ ବଲ୍‌ରେ ସ୍ମିଥ୍ ବୋଲ୍ଡ ହୋଇଯିବାରୁ ମ୍ୟାଚର ମୋଡ଼ ବୁଲିଥିଲା। ୯୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ମିଥ୍ ୪ ଚୌକା ଓ ୧ ଛକା ସହାୟତାରେ ୭୩ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୭ ରନ କରି ପାଭିଲିୟନ ଫେରିବାରୁ ଅଷ୍ଟ୍ରେଲିଆର ବଡ଼ ସ୍କୋର ଆଶା ମଉଳିଥିଲା। କାରେ ୪୭ ଓଭର ପର୍ଯ୍ୟନ୍ତ ଲଢ଼େଇ କରି ୬୧ (୫୭ ବଲ, ୮ ଚୌକା, ୧ ଛକା) ରନ କରିଥିଲେ ମଧ୍ୟ ଲୋୟର ଅର୍ଡର ବ୍ୟାଟରଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ପୂରା ୫୦ ଓଭର ଖେଳି ନ ପାରି ୩ଟି ବଲ୍ ବାକିଥାଇ ୨୬୪ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ମହମ୍ମଦ ଶାମି ୩ଟି, ବରୁଣ ଚକ୍ରବର୍ତ୍ତୀ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ୟୁକ୍ରେନ୍‌କୁ ସାମରିକ...

ପାଇଁ ଆଲୋଚନା ଅବସରରେ ଟ୍ରମ୍ପ-ଜେଲେନ୍‌ସ୍କି ବିବାଦ ପରେ ସହାୟତା ବନ୍ଦ କିଭକୁ ବଡ଼ ଧକ୍କା ହୋଇଛି। ସହାୟତା ବନ୍ଦ କରିଦିଆଯିବା ବାସ୍ତବରେ ବହୁତ ଖରାପ କଥା। ଯାହା ଜଣାପଡୁଛି, ୟୁକ୍ରେନ୍‌କୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରାଯାଉଛି ବୋଲି ୟୁକ୍ରେନ୍ ସଂସଦୀୟ ବହିର୍ବ୍ୟାପାର କମିଟି ଅଧ୍ୟକ୍ଷ କହିଛନ୍ତି। ରୁଷିଆ ସହ ଶାନ୍ତି ବୁଝାମଣା ପାଇଁ ଟ୍ରମ୍ପ ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଉଥିଲେ। ହଠାତ୍ ସହାୟତା ବନ୍ଦ ସମଗ୍ର ୟୁକ୍ରେନ୍ ଏବଂ ୟୁରୋପୀୟ ସହଯୋଗୀମାନଙ୍କୁ ଅଡୁଆରେ ପକାଇଛି। ରୁଷିଆ ଆକ୍ରମଣକୁ ପ୍ରତିହତ କରିବା ଲାଗି ୟୁକ୍ରେନ୍‌ର ସାମର୍ଥ୍ୟକୁ ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଟ୍ରମ୍ପ ଶାନ୍ତିକୁ ଗୁରୁତ୍ୱ ଦେଉଥିବା କହିଆସୁଛନ୍ତି। ଆମ ସହଯୋଗୀମାନେ ଏହି ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ହେବା ଆମେ ଚାହୁଁ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି।

ୟୁକ୍ରେନ୍‌କୁ ସହାୟତା ବନ୍ଦ ଲାଗି ଆମେରିକା ପ୍ରଶାସନର ନିଷ୍ପତ୍ତିକୁ ରୁଷିଆ ସ୍ୱାଗତ କରିଛି। ଶାନ୍ତି ଫେରାଇ ଆଣିବା ଦିଗରେ ଏହା ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ କହିଛି। ତେବେ ଟ୍ରମ୍ପଙ୍କ ସବିଶେଷ ନିଷ୍ପତ୍ତିସମ୍ପର୍କରେ ରୁଷିଆ ସ୍ପଷ୍ଟ ହେବା ଆବଶ୍ୟକ। ଏହା ସତ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଆମେରିକା ୟୁକ୍ରେନ୍‌କୁ ମୁଖ୍ୟ ସାମରିକ ଯୋଗାଣକାରୀ ରହିଆସିଥିଲା। ଏହା ବନ୍ଦ ହୋଇଗଲେ ଶାନ୍ତି ପାଇଁ ସମ୍ଭବତଃ ସବୁଠୁ ବଡ଼ ଅବଦାନ ହେବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି।

## ମାଣିକପାଟଣା: ଓଡ଼ିଶା,...

ଦୁର୍ବଳତାର ଫାଇଦା ନେଇ ଆନ୍ଧ୍ରର ଶ୍ରୀକାକୁଲମ ପ୍ରଶାସନ ସହଯୋଗରେ ଓଡ଼ିଶାର ମାଣିକପାଟଣା ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ କେତେଜଣଙ୍କୁ ଲୋଭ ଦେଖାଇ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଉଥିଲା। ପରେ ଓଡ଼ିଶା ଜମିରେ ଜୋର୍ ଜବରଦସ୍ତ ଆନ୍ଧ୍ର ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରି ପରିଚାଳନା କରୁଛି।

ପୂର୍ବରୁ ଓଡ଼ିଶାରେ ଅନଧିକାର ପ୍ରବେଶକରି ଏହି ରାଜ୍ୟ ରାସ୍ତା, ସରକାରୀ କୋଠା ନିର୍ମାଣ ସହ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ସହିତ ନିର୍ବାଚନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଥିଲା। ପରେ ଓଡ଼ିଶାର ଗାଁ ମଧ୍ୟରେ ପରିଚାଳିତ ହେଉଥିବା ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ କରିବା ଓ ଓଡ଼ିଶା ଅଧିକାରୀଙ୍କୁ ଗିରଫ କରିବା ପାଇଁ ଆନ୍ଧ୍ର ଧମକ ଦେଇଥିଲା। ସେହି ସ୍ଥାନରେ ରହିଥିବା ଓଡ଼ିଶା ସରକାରଙ୍କ ସମସ୍ତ କୋଠାକୁ କ୍ଷଣକେ ଧ୍ୱଂସ କରିଦେବାର ଧମକ ମଧ୍ୟ ଏକଦା ଦେଇଥିଲେ ଆନ୍ଧ୍ରର ତତ୍କାଳୀନ ମନ୍ତ୍ରୀ। ଏହା ଦେଶ ତଥା ରାଜ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ତଥାପି ଏବେ ବି ସେଠି ଚାଲିଛି ଆନ୍ଧ୍ର ସରକାରଙ୍କ ଅଙ୍ଗନୱାଡ଼ି କେନ୍ଦ୍ର। ସେହି ମାଣିକ ପାଟଣା ଗ୍ରାମରେ ଏବେ ଆନ୍ଧ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀ ତାଙ୍କର ମନମାନି ଜାରି ରଖିଛନ୍ତି। ମାଣିକପାଟଣା ଓ ଗୁଡୁଖୁଡ଼ି ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଜାରି ରଖିଛି ଆନ୍ଧ୍ର। ହେଲେ ଏବେ ଆଉ ଏକପାଦ ଆଗକୁ ଯାଇ ସରକାରୀ ସ୍ଥାୟୀ ଜମିପଟ୍ଟା ଯୋଗାଇଦେବାକୁ ଲୋକଙ୍କଠାରୁ ଆବେଦନ ଗ୍ରହଣ କରିବା ସହ ଆବାସ ଯୋଜନାରେ ସାମିଲ କରାଇବା ପାଇଁ ମସୁଧା କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜି।

ଅଙ୍ଗନୱାଡ଼ିରେ ନିୟମିତ ଖାଦ୍ୟ, କ୍ଷୀର, ଅଣ୍ଡା ପ୍ରଦାନକରି ଲୋକଙ୍କୁ ଆକୃଷ୍ଟକରି ରଖିଥିବା ବେଳେ ଯୋଜନାବଦ୍ଧ ଭାବେ ଅଞ୍ଚଳକୁ ଅକ୍ତିଆର କରିବାକୁ ଉଦ୍ୟମ ଜାରି ରଖିଛି ଆନ୍ଧ୍ର। ସରପଞ୍ଚ କାର୍ଜି କହନ୍ତି, ଏଠାରେ ଉଭୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଲୋକମାନେ ଉଭୟପଟୁ ଲାଭ ପାଉଛନ୍ତି। ଆନ୍ଧ୍ର ଅଙ୍ଗନୱାଡ଼ିରେ ଓଡ଼ିଶାଠାରୁ ଉନ୍ନତମାନର ଖାଦ୍ୟ ଏବଂ ପ୍ରତିଦିନ ଅଣ୍ଡା ଆଉ କ୍ଷୀର ପାଉଛନ୍ତି ପିଲାଏ। ହଷ୍ଟେଲ ଅଭାବରୁ କେତେଜଣ ଛାତ୍ର ଆନ୍ଧ୍ରରେ ରହି ପାଠ ପଢୁଛନ୍ତି ବୋଲି ସେ କହିଛନ୍ତି। ୧୪ ବର୍ଷ ହେଲା ଆନ୍ଧ୍ର ଏଠାରେ ଅଙ୍ଗନୱାଡ଼ି କେନ୍ଦ୍ରକରି ପିଲାଙ୍କୁ ପଢ଼ାଇବା ସହ ସବୁ ସୁବିଧା କରୁଛି। ତେଣୁ ଏଠାକାର ବାସିନ୍ଦା ଆନ୍ଧ୍ରମୁହାଁ ହେଉଛନ୍ତି ବୋଲି କାର୍ଜି କହିଛନ୍ତି। ଏବେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ରହିଛି। ପଡ଼ୋଶୀ ଆନ୍ଧ୍ରରେ ମଧ୍ୟ ଭାଜପାର ମିଳିତ ସରକାର ଚାଲିଛି। ଏହି ବିବାଦର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଓ ଜନପ୍ରତିନିଧି ଦାବି କରିଛନ୍ତି।

## ମା'ବାପା, ଭଉଣୀଙ୍କୁ...

ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି। ବର୍ଣ୍ଣିଙ୍କ ବଡ଼ଭାଇ ରମାକାନ୍ତ ସେଠୀଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଏକ ହତ୍ୟା ମାମଲା (ନଂ.୧୪୨/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ଅନୁଧ୍ୟାନ ପରେ ପଞ୍ଚନାମା ଓ ଶବ ବ୍ୟବଚ୍ଛେଦ କରାଯାଇଛି।

ଚାଟରା ଧୋବା ସାହିର କେତେକ ଲୋକଙ୍କ କହିବା କଥା ହେଲା ବର୍ଣ୍ଣି ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩(କଳା) ଶିକ୍ଷାଲାଭ କରିଛନ୍ତି। ଅନେକ ସମୟରେ ସେ ମୋବାଇଲ ଗେମ୍ ଖେଳନ୍ତି। ଏପରି କି କେତେଜଣ ସାଙ୍ଗଙ୍କ ସହ ମିଶି ଭୂତ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡ଼ନ୍ତି। ସୋମବାର ବିଳମ୍ବିତ ରାତିରେ ମୋବାଇଲ ଗେମ୍ ଖେଳୁଥିବାବେଳେ ପରିବାର ଲୋକେ ବାରଣ କରିବା କାରଣରୁ ବର୍ଣ୍ଣି ମାନସିକ ଭାରସାମ୍ୟ ହରାଇ ଏଭଳି ଘଟାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାଖାପାଖି ୬ ଦିନ ହେବ କାଳିଆଙ୍କ ମଝିଆ ପୁଅ ଉମାକାନ୍ତ କୌଣସି କାରଣରୁ ବର୍ଣ୍ଣିଙ୍କ ମୋବାଇଲ ନେଇଯିବା ସହ ଘରକୁ ଆସି ସାନଭାଇକୁ ବୁଝାଶୁଝା କରୁଥିଲେ। ଏହାସତ୍ତ୍ୱେ ବର୍ଣ୍ଣି ୬ ଦିନ ହେବ ରାତିରେ ଶୋଇପାରି ନ ଥିବା କୁହାଯାଉଛି। ତେବେ ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପଦାକୁ ଆସିବ। ବଡ଼ଭାଇ ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ ବର୍ଣ୍ଣି ମାନସିକ ବିକୃତ ଥିବାରୁ ସେ ମା', ବାପା ଓ ସାନ ଭଉଣୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଅପରପକ୍ଷରେ ଧୋବା ସାହିର ମୃତ କାଳିଆଙ୍କ ସମ୍ପର୍କୀୟ ପୁତୁରା କହିଛନ୍ତି, ରାତିପ୍ରାୟ ୨ଟା ବେଳେ ବର୍ଣ୍ଣି ସେମାନଙ୍କ ଘର ପାଖରେ ପହଞ୍ଚି ବାପା, ବୋଉ ଓ ଭଉଣୀକୁ ମାରି ଦେଇଥିବା ନେଇ କହିଥିଲେ। ଏହି କଥାକୁ ସାହି ଲୋକେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ପରେ ବର୍ଣ୍ଣିଙ୍କ ଘର ନିକଟକୁ ଯାଇ ବାରଣ୍ଡାରେ ରକ୍ତ ଏବଂ ଘରଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜଗତ୍‌ସିଂହପୁର ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବର୍ଣ୍ଣିଙ୍କୁ ଧରିଥିଲା। ପରେ ଘଟଣାସ୍ଥଳରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରିବା ସହ ବର୍ଣ୍ଣିଙ୍କ ମାନସିକ ସ୍ଥିତି ଭଲ ନ ଥିବା ଅନୁମାନ କରାଯାଉଥିବା କହିଥିଲେ। ସେ କହିଥିଲେ ଅଭିଯୁକ୍ତ ତାଙ୍କ ମା, ବାପା ଓ ଭଉଣୀଙ୍କ ମୁଣ୍ଡରେ ପଥର କିମ୍ବା କିଛି ଲୁହା ଆଦି ଓଜନିଆ ସାମଗ୍ରୀରେ ଛେଚି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ଏସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ରାତି ୩ରୁ ୩.୩୦ ମିନିଟ୍ ଭିତରେ ୧୧୨କୁ ଜୟବଡ଼ ଗ୍ରାମର ପ୍ରସନ୍ନ ସେଠୀ ନାମକ ବ୍ୟକ୍ତି ଫୋନ କରି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ସେଠାରେ ତତ୍କାଳ ପହଞ୍ଚିଥିଲା। ତା ପରେ ଅଭିଯୁକ୍ତଙ୍କୁ କୌଶଳକ୍ରମେ ଧରି ଅଟକ ରଖିଛି। ତେବେ ତଦନ୍ତ ସମୟରେ ରକ୍ତ ଜୁବୁଜୁବୁ ମୃତଦେହ ଘର ଭିତରେ ଗୋଟିଏ ସ୍ଥାନରେ ପଡ଼ି ରହିଥିଲା। ମୃତକମାନଙ୍କ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଥିଲା। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ବର୍ଣ୍ଣିଙ୍କୁ ଗିରଫ କରିଛୁ। ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୃତ କାଳିଆ ଜୟବଡ଼ ଛକରେ ଲଣ୍ଡ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ବଡ ପୁଅ ରମାକାନ୍ତ କେନ୍ଦୁଝର ଜିଲ୍ଲା ବଡ଼ବିଲ୍ ଅଞ୍ଚଳରେ ପୋଲିସ ବିଭାଗରେ କାର୍ଯ୍ୟରତ ଓ ସେ ତାଙ୍କ ପରିବାର ସହ ସେଠାରେ ରହୁଛନ୍ତି। ମଝିଆ ପୁଅ ଉମାକାନ୍ତ ଖଣି ବିଭାଗରେ କାର୍ଯ୍ୟରତ ଓ ସେ ଜଗତ୍‌ସିଂହପୁର ଦୁର୍ଗା ବଜାର ଅଞ୍ଚଳରେ ସପରିବାରେ ରହୁଛନ୍ତି। ଘରେ କେବଳ ତାଙ୍କ ସ୍ତ୍ରୀ, ସାନପୁଅ ତଥା ଅଭିଯୁକ୍ତ ବର୍ଣ୍ଣି ଓ ସାନ ଝିଅ ରହୁଥିଲେ। ଝିଅ ସ୍ଥାନୀୟ ଏସ୍‌ଭିଏମ୍ କଲେଜରେ ଯୁକ୍ତ ୨ରେ ଶିକ୍ଷାଲାଭ କରୁଥିଲେ। ପ୍ରାୟ ୧ ମାସ ପରେ ରୋଜାଲିନଙ୍କ ବାହାଘର ହେବ ବୋଲି ସ୍ଥିର ହୋଇଥିବା ଆଲୋଚନା ହେଉଛି।

## ଆଜି ଖୋଲାରହିବ...

ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଘରୋଇ କଲେଜ ଖୋଲାରହିବ ବୋଲି ବିଭାଗୀୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏନେଇ ଯୁଗ୍ମସଚିବଙ୍କ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପିଜି କାଉନସିଲ୍ ଚେୟାରମ୍ୟାନ ଏବଂ ପ୍ରିନ୍ସିପାଲମାନଙ୍କୁ ଚିଠି କରାଯାଇଛି।

## ତାତି ବଢୁଛି...

୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ସେଲସିୟସ୍ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନ ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ୨ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଅଧିକ ତାପମାତ୍ରା ରହିଥିଲା। ତେବେ ଆସନ୍ତା ୪ରୁ ୫ ଦିନ ଏଭଳି ତାପମାତ୍ରା ଅନୁଭୂତ ହେବାକୁ ଥିବାରୁ ଖରା ଓ ଗରମ ରାଜ୍ୟବାସୀଙ୍କୁ କଲବଲ କରିବ। ସୂଚନାଥାଉକି, ମଙ୍ଗଳବାର ସକାଳୁ ଗଞ୍ଜାମ ଜିଲାରେ ଘନ କୁହୁଡ଼ି ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଥିଲା।

## ବିଧାୟକଙ୍କ ପାନଛେପ...

ମିଶି ହଲ୍ ମଧ୍ୟରୁ ଉକ୍ତ ପାନ ମସଲା ଛେପକୁ ସଫା କରାଇଥିଲେ ବୋଲି ବାଚସ୍ପତି ମହାନା କହିଛନ୍ତି। ବିଧାନସଭାର ଜଣେ ସଦସ୍ୟଙ୍କର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ଅତ୍ୟନ୍ତ ଗମ୍ଭୀର ସ୍ୱରରେ କହିଥିଲେ। ଗୃହରେ ଲାଗିଥିବା ସିସିଟିଭି ଫୁଟେଜରୁ ଛେପ ପକାଇଥିବା ବିଧାୟକଙ୍କର ପରିଚୟ ସ୍ପଷ୍ଟ ଭାବେ ମିଳିଛି। ତେବେ ସେ ପାନ ଛେପ ପକାଇଥିବା ବିଧାୟକଙ୍କୁ ସର୍ବ ସମ୍ମୁଖରେ ଅପମାନିତ କରିବାକୁ ଚାହୁଁନାହାନ୍ତି ବୋଲି ମହାନା କହିଛନ୍ତି। ଛେପ ପକାଇଥିବା ବିଧାୟକଙ୍କୁ ଚେତାବନୀ ଦେଇ ସେ କହିଛନ୍ତି, ଯେଉଁବିଧାୟକ ଏହିକାର୍ଯ୍ୟ କରିଛନ୍ତି ତାଙ୍କର ପରିଚୟ ମିଳିସାରିଛି। ସେ ସ୍ୱୟଂ ନିଜଆଡୁ ଆସି ତାଙ୍କ ନିକଟରେ ଭୁଲ୍ ସ୍ୱୀକାର କରନ୍ତୁ। ଅନ୍ୟଥା ଏହି ନିନ୍ଦନୀୟ କାର୍ଯ୍ୟ ପାଇଁ ତାଙ୍କୁ ସମନ କରାଯିବ। ଏହି ଅବସରରେ ବିଧାନସଭାର ଅନ୍ୟ ସଦସ୍ୟଙ୍କୁ ଅପିଲ କରି ମହାନା କହିଛନ୍ତି, ଉତ୍ତରପ୍ରଦେଶ ବିଧାନସଭା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କର ନୁହେଁ। ଏହା ୪୦୩ ବିଧାୟକ ଓ ଉତ୍ତରପ୍ରଦେଶର ୨୫ କୋଟି ଜନସାଧାରଣଙ୍କର ବିଧାନସଭା। ତେଣୁ ଗୃହର ଗରିମାକୁ ବଜାୟ ରଖିବା ସହ ଏହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ହେଉଛି ସମସ୍ତ ବିଧାୟକଙ୍କର ଦାୟିତ୍ୱ। ଯଦି ବିଧାନସଭା ପରିସର ମଧ୍ୟରେ କୌଣସି ବିଧାୟକ ସେମାନଙ୍କ ସାଥୀ ବିଧାୟକଙ୍କୁ ପାନ ମସାଲା ଖାଇ ଛେପ ପକାଉଥିବାର ଦେଖୁଛନ୍ତି, ତେବେ ସେମାନେ ତୁରନ୍ତ ନିଜ ସାଥୀ ବିଧାୟକଙ୍କୁ ଏପରି ନିନ୍ଦନୀୟ କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ କରନ୍ତୁ।

# ୪ ମାସରେ ୧୯୭ ଅଲିଭ୍ ରିଡ୍ଲେ ମୃତ

## ନିଷିଦ୍ଧାଞ୍ଚଳ କଟକଣାକୁ ମାନୁନାହାନ୍ତି ମତ୍ସ୍ୟଜୀବୀ



■ ୩୧ ବୋଟ୍ ଜବତ, ୨୫୭ ଗିରଫ

କେନ୍ଦ୍ରାପଡ଼ା, ୪ା୩ (ଜଗନ୍ନାଥ ଧଳ)

ବିଶ୍ୱ ପ୍ରସିଦ୍ଧ ଗହୀରମଥା ଅନ୍ତର୍ଭିଶାଳରେ ଅଲିଭ୍ ରିଡ୍ଲେ କଇଁଛଙ୍କ ମୃତ୍ୟୁ ହେଉଛି। ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିକ୍ଷିପ୍ତ ଭାବେ ମୃତ କଇଁଛ ଦେଖିବାକୁ ମିଳୁଛନ୍ତି। ୪ମାସ କଟକଣା ମଧ୍ୟରେ ବନ ବିଭାଗ ରିପୋର୍ଟରେ ୧୯୭ଟି ଅଲିଭ୍ ରିଡ୍ଲେ ମରିଥିବା ଦର୍ଶାଯାଇଛି। ଏହାକୁ ବାଲିରେ ପୋତାଯାଇଛି। ତେବେ ଏହି ରିପୋର୍ଟଠାରୁ ଅଧିକ ମୃତ୍ୟୁ ହୋଇଥିବା ସ୍ଥାନୀୟ ପରିବେଶବିତ୍ ଓ ପ୍ରକୃତିପ୍ରେମୀ ଆଶଙ୍କା ପ୍ରକାଶ କରୁଛନ୍ତି। ନିଷିଦ୍ଧାଞ୍ଚଳରେ ବୋଟ୍, ଟ୍ରଲର ପଶି ଆସିଥିବା ଦର୍ଶାଇ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କଟକଣା ବେଳେ ମୋଟ ୩୧ ବୋଟ୍, ଟ୍ରଲର ଜବତ ହୋଇଛି। ଏଥିସହ ୨୫୭ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଅପରପକ୍ଷରେ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ଖଲାସ ହେଉଛି। ସେହିପରି ଗିରଫ ମତ୍ସ୍ୟଜୀବୀଙ୍କୁ ମଧ୍ୟ ତୁରନ୍ତ ଜାମିନ ମିଳିଯାଉଥିବାରୁ କଟକଣାର ସୁଫଳ ମିଳୁନାହିଁ। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକ ପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ମନୋଜ କୁମାର ନାୟକ କହିଛନ୍ତି, ୨୦୨୪ ନଭେମ୍ବରରୁ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳକୁ ବିରଳ ଅଲିଭ୍ ରିଡ୍ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷା ବାହିନୀ ପକ୍ଷରୁ ସମୁଦ୍ର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ବନ ବିଭାଗ ରିପୋର୍ଟଠାରୁ ବହୁ ଅଧିକ କଇଁଛଙ୍କ ମୃତ୍ୟୁ ହୋଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ୍) ବ୍ୟବହାର ହେଉନାହିଁ। ସେହିପରି ବନ ବିଭାଗର ବୋଟ୍‌ଗୁଡ଼ିକ ଅଧିକାଂଶ କମ୍ ଶକ୍ତିସମ୍ପନ୍ନ। ଏଥିସହ ବୋଟ୍‌ଗୁଡ଼ିକ ଖରାପ ରହୁଛି। ପୂର୍ବରୁ କଟକଣା ଅବଧି ମଧ୍ୟରେ ଜବତ ବୋଟ୍ ଓ ଟ୍ରଲର ଛାଡ଼ ପାଉ ନ ଥିଲେ। ଏବେ ଜବତ ବୋଟ୍‌ଗୁଡ଼ିକ କୋର୍ଟରୁ ତୁରନ୍ତ ରିଲିଜ ହେଉଥିବାରୁ ମାଲିକମାନେ ମାଛଧରା କାର୍ଯ୍ୟରେ ଲଗାଇବାକୁ ସକ୍ଷମ ହେଉଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଅଲିଭ୍ ରିଡ୍ଲେଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ ଅଛି। ବାବୁବାଲି, ମାଦେଲି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ବନ ବିଭାଗ ଏହି ଅଞ୍ଚଳର ତଟକ୍ଷୟ ପ୍ରତି ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସୁରକ୍ଷା ଯୋଗାଇବା କଥା। ତେବେ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ରାମଚଣ୍ଡୀ ତଟାଞ୍ଚଳକୁ ଅଲିଭ୍ ରିଡ୍ଲେ ଆସୁଥିଲେ। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ମସିହାରୁ ଏହି ଅଞ୍ଚଳରେ ଅଲିଭ ରିଡ୍ଲେଙ୍କ ସମୂହ ଅଣ୍ଡାଦାନ ହେଉନାହିଁ। ପ୍ରାୟ ୧୦୦୦ ଅଣ୍ଡାରୁ ମାତ୍ର ଗୋଟିଏ ଏହି ବିରଳ କଇଁଛ ପ୍ରାପ୍ତ ବୟସ୍କ ହେଉଥିବାରୁ ଏହାର ସୁରକ୍ଷା ନିହାତି ଜରୁରୀ। ସାମୁଦ୍ରିକ ଅଞ୍ଚଳରେ ବେଆଇନ ଭାବେ ଗିଲ ନେଟର ବ୍ୟବହାର, ସଂରକ୍ଷିତ ଭିତରକନିକା ଅଞ୍ଚଳରେ ବେଆଇନ ବସବାସ ଓ ଚିଙ୍ଗୁଡ଼ି ଘେରି ଅଲିଭ ରିଡ୍ଲେଙ୍କ ପାଇଁ ବିପଦ ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ କଇଁଛଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଗତ ୪ ମାସ ମଧ୍ୟରେ ୩୧ ବୋଟ୍, ଟ୍ରଲର ସମେତ ୨୫୭ ବେଆଇନ ପ୍ରବେଶକାରୀଙ୍କୁ ଗିରଫ କରାଯାଇଛି। ବାବୁବାଲି ଓ ମାଦେଲିରେ ସ୍ୱତନ୍ତ୍ର କ୍ୟାମ୍ପ ସହ ସାମୁଦ୍ରିକ ପାଟ୍ରୋଲିଂ ହେଉଛି। ବିଭାଗୀୟ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏଥିରେ ଦିନରାତି ନିୟୋଜିତ ହୋଇଛନ୍ତି। ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରିଥିବା କଇଁଛଙ୍କ ଅଦ୍ୟାବଧି ୨୫୫ଟି ଅଣ୍ଡା ସଂଗ୍ରହ କରାଯାଇଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ଅଧିକ ସହଯୋଗ ଆଶା ରଖାଯାଉଛି ବୋଲି ସେ କହିଛନ୍ତି।

# ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ, ଦମ୍ପତି ଗୁରୁତର

■ ଉଡ଼ିଗଲା ଘର ଆଜ୍‌ବେଷ୍ଟସ
■ ଜେଲରୁ ଫେରି ପୁଣି ବେପାର ଚଳାଇଥିଲେ

ବେଗୁନିଆ,୪ା୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ମଙ୍ଗଳବାର ବାଣ ପ୍ରସ୍ତୁତି ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ବାଣ ବେପାରୀ ଅଶୋକ ମଲ୍ଲିକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଅଶୋକଙ୍କ ଦୁଇ ବଖରା ଘରର ଆଜ୍‌ବେଷ୍ଟସ ଉଡ଼ିଯାଇଛି। ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଶୋକ ୨୦୨୨ ମସିହାରେ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ହେଲେ ଜେଲରୁ ଫେରି ପୁଣି କିପରି ବାଣ ପ୍ରସ୍ତୁତି କରିଥିଲେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନରେ ଦେଉଳି ଗ୍ରାମରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସ୍ଥାନୀୟ ଲୋକେ ଦେଖିବା ବେଳକୁ ଅଶୋକଙ୍କ ଘରେ ଚିତ୍କାର ଶୁଭୁଥିଲା। ବିସ୍ଫୋରଣ ଯୋଗୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଆହତ ହୋଇଥିଲେ। ଏହା ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ବେଗୁନିଆ ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ସେଠାରୁ ଖୋର୍ଦ୍ଧା ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ ଯୋଗୁ ଏହି ଅଘଟଣ ଘଟିଛି ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୯/୨୫)ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଥାଉ କି, ୨୦୨୨ ମସିହାରେ ଅଶୋକ ବେଆଇନ ବାଣ କାରବାରରେ ଗିରଫ ହୋଇ ଜେଲ ଯାଇଥିଲେ। ସେହିପରି ଗତ ଅକ୍ଟୋବର ୨୭ରେ ଅଶୋକଙ୍କ ପରିବାର ଲୋକଙ୍କ ନାମରେ ବେଆଇନ ବାଣ ପ୍ରସ୍ତୁତି ଅଭିଯୋଗ ରହିଥିଲା। ଏ ସମ୍ପର୍କରେ ପୋଲିସ ଉକ୍ତ ସମୟରେ ଏକ ମାମଲା (ନଂ.୩୦୨/୨୪) ରୁଜୁକରି ଅଶୋକଙ୍କ ଭାଇ କବିଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଦୀର୍ଘବର୍ଷ ହେବ ଏହି ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତ କରାଯାଉଥିବା ନଜର ରହିଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଘଟଣ ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ବାଣ ବିସ୍ଫୋରଣରେ ଆଜ୍‌ବେଷ୍ଟସ ଭାଙ୍ଗିରୁଜି ତଳେ ପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱର IRC Village (ନୟାପଲ୍ଲୀ) ସ୍ଥିତ ଶିକ୍ଷାନୁଷ୍ଠାନ ନିମନ୍ତେ PRO, Front Office Clerk, DEO, ଡ୍ରାଇଭର (Bus/Car), ହାଉସ କିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
Plot No.1480, IRC Village
Contact:9040009727,8456845313

ବିବାହ ମଣ୍ଡପ ରେ କାମ କରିବା ପାଇଁ କର୍ମଚାରୀ ଆବଶ୍ୟକ । ରହିବା ଖାଇବା ମାଗଣା । ବେତନ-6000/-
9861061013, 9114299462.

WALK IN INTERVIEW : 09.03.2025
Campus Supervisor : Qualification : +2, Desirable Experience: 01 year in any Housing Society, Salary : Rs. 25,000/pm
Free accommodation for self
Life Guard for Swimming Pool : Desirable Qualification: Certificate from Competant Authority, Salary: Rs. 15,000/pm,
Note : Salary is negotiable
Please forward your Resume: jvtbbsr@gmail.com / 7656016371
Society: Jalvayu Tower, Niladri Vihar, Bhubaneswar-751021

# ପୋଲିସ ଇନ୍‌ଫର୍ମର ସନ୍ଦେହ: ପୂର୍ବତନ ବିଧାୟକଙ୍କ ଶ୍ୱଶୁରଙ୍କୁ ହତ୍ୟା

ମାଲକାନଗିରି, ୪ା୩
(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ସୁକ୍‌ମା ଜିଲାରେ ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କ ସାନ ଶ୍ୱଶୁର କମଲୁ ହିଡମାଙ୍କୁ ମାଓବାଦୀ ମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗଳା କାଟି ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ପେଣ୍ଟାପାଡ଼ ଗାଁରେ ସୋମବାର ରାତିରେ ବୃଦ୍ଧ କମଲୁ ଶୋଇଥିବା ବେଳେ ୨୦ ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରେ ପଶିଥିଲେ। ତାଙ୍କୁ ଉଠାଇନେଇ ଘର ବାହାରକୁ ଆଣି ଠେଙ୍ଗାରେ ପିଟିଥିଲେ। ମାଓବାଦୀ ସଂଗଠନ ବିରୋଧରେ ଲୋକଙ୍କୁ ଉସ୍‌କାଇବା ଏବଂ ପୋଲିସକୁ ସଂଗଠନ ଗତିବିଧି ସମ୍ପର୍କରେ ସୂଚନା ଦେବା ଅଭିଯୋଗରେ ତାଙ୍କ ଗଳା କାଟି ହତ୍ୟା କରିଛନ୍ତି । ମଙ୍ଗଳବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରିଛି। ଏ ସମ୍ପର୍କରେ ମୃତକଙ୍କ ଜ୍ୱାଇଁ ତଥା ପୂର୍ବତନ ବିଧାୟକ ମନୀଷ କୁଞ୍ଜାମଙ୍କୁ ପଚାରିବାରୁ ମୋ ଶ୍ୱଶୁର ଜଣେ ସରଳ ଲୋକ ଥିଲେ। ଯେଉଁମାନେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି ତାଙ୍କ ବିଷୟରେ ପ୍ରଥମେ ଯାଞ୍ଚ କରନ୍ତୁ। ତା'ପରେ ଯେକୌଣସି କଠୋର ପଦକ୍ଷେପ ନିଅନ୍ତୁ । ମୋ ଶ୍ୱଶୁରଙ୍କ ନାଁରେ ପୂର୍ବରୁ ଅନେକ ଥର ଏମିତି ଲୋକଙ୍କୁ ଉସ୍‌କାଇବା ଏବଂ ପୋଲିସକୁ ଖବର ଦେବା ଭଳି ଅଭିଯୋଗ ଆଣି ବିଫଳ ହୋଇଥିଲେ। ହେଲେ ମାଓବାଦୀମାନେ ଯେଉଁଭଳି ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ଏହା କୌଣସି ସୁସ୍ଥ ସମାଜ ପାଇଁ ଠିକ୍ ନୁହେଁ। ହିଂସା କେବେ ମଧ୍ୟ କୌଣସି ସମାଧାନର ବାଟ ନୁହେଁ। ଏହିଭଳି କାର୍ଯ୍ୟକଳାପ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କ ପ୍ରତି ଘୃଣା ଭାବ ଆସିଯାଇଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ, ସୁସ୍ଥ ଏବଂ ବିକଶିତ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ସେ କହିଛନ୍ତି।

# ଆଜି ୫ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ବନକଲାଗି ନୀତି ହେବ

ପୁରୀ,୪ା୩(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳପକ୍ଷ ଷଷ୍ଠୀତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତା ମହାପାତ୍ର ସେବକମାନେ ବନକ ଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦଇତା ମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ। ଦଇତା ମହାପାତ୍ର ସେବକମାନେ ନୀତି ଶେଷକରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବୁଧବାର ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବାକୁଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ନିମନ୍ତେ ୫ ଓ ୬ ତାରିଖ ଦୁଇଦିନ ପାଇଁ ରତ୍ନଭଣ୍ଡାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ବନ୍ଦ ରହିବ।

# ଜବାବ ରଖିଲା ସିବିଆଇ, ସମୟ ନେଲେ ବିଷ୍ଣୁପଦ

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା

■ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୪ା୩(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ ହାଇକୋର୍ଟ ଦେଇଥିବା ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରଖିଛନ୍ତି। ପୂର୍ବ ଶୁଣାଣିର ଆଦେଶ ମୁତାବକ ସିବିଆଇ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ ହୋଇଛି। ଅନ୍ୟପକ୍ଷରେ ବିଷ୍ଣୁପଦ ତାଙ୍କ ପକ୍ଷ ରଖିବା ପାଇଁ ଅଦାଲତରୁ ସମୟ ନେଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଦେଇଥିବା ଅନ୍ତରୀଣ ରହିତାଦେଶର ସମୟସୀମା ବୃଦ୍ଧି କରିଛନ୍ତି। ଆସନ୍ତା ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନା ଅନୁଯାୟୀ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛିଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ବିଷ୍ଣୁପଦ ସେଠୀ

# ସରକାରୀ ଛୁଟି ତାଲିକାରୁ ହଟିଲା ପଞ୍ଚାୟତିରାଜ ଦିବସ

ଭୁବନେଶ୍ୱର, ୪ା୩ (ବନ୍ଦନା ସେଠୀ)

ସରକାରୀ ଛୁଟି ତାଲିକାରୁ ପଞ୍ଚାୟତିରାଜ ଦିବସ ପ୍ରତ୍ୟାହାର କରାଯାଇଛି। ଏନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଞ୍ଚାୟତିରାଜ ଦିବସ ପାଳନ ନେଇ ଜାତୀୟ ଓ ରାଜ୍ୟସ୍ତରରେ ଅସଂହତି ଦୂର କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂଖ୍ୟା ୩୯୦୫୭, ୩୯୦୭୭, ୨୦୨୪ ନଭେମ୍ବର ୧୨ର ସଂଲଗ୍ନ କ-ର କ୍ର. ସଂଖ୍ୟା-୪ରେ ପ୍ରକାଶିତ ପଞ୍ଚାୟତିରାଜ ଦିବସକୁ ଉକ୍ତ ଛୁଟି ତାଲିକାରୁ ପ୍ରତ୍ୟାହାର କରାଯାଇଥିବା ସୂଚନା ଦିଆଯାଇଛି।

DADLS-102

ମହାନ ଜନନାୟକ
ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୦୫ ମାର୍ଚ୍ଚ, ୨୦୨୫
ଜୟଦେବ ଭବନ, ଭୁବନେଶ୍ୱର
ସନ୍ଧ୍ୟା ୬ ଘଟିକା
ବିଜୁବାବୁଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସନ୍ଧ୍ୟା ୭.୦୦ ଘଟିକା — ସାଧାରଣ ସଭା
ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ, ଓଡ଼ିଶା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ବିରୋଧି ଦଳ ନେତା
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପ ମୁଖ୍ୟମନ୍ତ୍ରୀ
– ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ସାଂସଦ, ଭୁବନେଶ୍ୱର
– ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର-ଭୁବନେଶ୍ୱର
– ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ବିଧାୟକ, ଭୁବନେଶ୍ୱର (ମଧ୍ୟ)
– ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ବିଧାୟକ, ଭୁବନେଶ୍ୱର (ଉତ୍ତର)
– ଶ୍ରୀମତୀ ସୁଲୋଚନା ଦାସ, ମେୟର, ଭୁବନେଶ୍ୱର ମହାନଗର ନିଗମ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/13/0439/2425

fssai — MINISTRY OF HEALTH AND FAMILY WELFARE
ଖାଦ୍ୟପଦାର୍ଥ ବିକୁଥିବା ଫେରିବାଲାଙ୍କ ପାଇଁ
ଶୁଭ ଖବର!
ଏଫ୍‌ଏସ୍‌ଏସ୍‌ଏଆଇ ପଞ୍ଜୀକରଣ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିଦିଆଯାଇଛି
୨୮ ସେପ୍ଟେମ୍ବର ୨୦୨୪ଠାରୁ ପ୍ରଭାବୀ
କେଉଁମାନେ ଯୋଗ୍ୟ
ସାଧାରଣତଃ ଚାଲି ଚାଲି କିମ୍ବା ଠେଲାଗାଡ଼ିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲି ବୁଲି ପ୍ୟାକେଜ୍‌ଡ କିମ୍ବା ସଦ୍ୟ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ବିକୁଥିବା ଯେକୌଣସି ଫେରିବାଲା ।
ପ୍ରମୁଖ ଲାଭ:
• ନୂଆ ଆବେଦନ କିମ୍ବା ନବୀକରଣ ପାଇଁ କୌଣସି ପଞ୍ଜୀକରଣ ଦେୟ ନାହିଁ ।
• ଉପରୋକ୍ତ ପଞ୍ଜୀକରଣ ୫ ବର୍ଷ ପାଇଁ ବୈଧ ରହିବ ।
କେମିତି ଆବେଦନ କରିବେ
■ ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲ ପରିଦର୍ଶନ କରନ୍ତୁ [https://foscos.fssai.gov.in]
■ ଫେରିବାଲା (ହକର୍) ବର୍ଗ ଅଧୀନରେ ଅନ୍‌ଲାଇନ ଆବେଦନ କରନ୍ତୁ (ୟୁଜର ମାନୁଆଲ: https://foscos.fssai.gov.in/user-manual)

ଅଧିକ ସୂଚନା ପାଇଁ:
ତା୩୦।୦୯।୨୦୨୪ରିଖର ଏଫ୍‌ଏସ୍‌ଏସ୍‌ଏଆଇ ଆଦେଶ ଦେଖନ୍ତୁ
ସହାୟତା ନମ୍ବରରେ ଯୋଗାଯୋଗ କରନ୍ତୁ:
୧୮୦୦୧୧୨୧୦୦, helpdesk-foscos@fssai.gov.in
ଆଉ ଅପେକ୍ଷା କରନ୍ତୁ ନାହିଁ
ଆଜି ହିଁ ବିନା ଦେୟରେ ଏଫ୍‌ଏସ୍‌ଏସ୍‌ଏଆଇ ନିକଟରେ ପଞ୍ଜୀକରଣ କରନ୍ତୁ
fssaiindia | fssai | fssai_safefood | fssaiindia | fssai_india
CBC 17163/11/0014/2425

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ମାଦକ ଦ୍ରବ୍ୟ ବ୍ୟବସାୟ

ଏହା ସାଧାରଣରେ ଜଣା ଯେ ଗୁଜରାଟ ଏକ ଡ୍ରାଏ ରାଜ୍ୟ ଅର୍ଥାତ୍ ସେଠାରେ ସରକାରୀସ୍ତରରେ ମଦ ବିକ୍ରି ହୁଏନାହିଁ। କିନ୍ତୁ ଏହି ରାଜ୍ୟ ବର୍ତ୍ତମାନ ମାଦକ ଦ୍ରବ୍ୟ କାରବାରର ପେଣ୍ଠ ପାଲଟିଗଲାଣି। ୪ ମାର୍ଚ୍ଚ ୨୦୨୫ରେ ପ୍ରକାଶିତ ଗୁଜରାଟ ପୋଲିସର ତଥ୍ୟ ଏହାକୁ ସ୍ପଷ୍ଟ ପ୍ରମାଣ କରୁଛି। ତଥ୍ୟରେ ଦର୍ଶାଯାଇଛି ଯେ, ୨୦୨୪ରେ ଗୁଜରାଟରୁ ମୋଟ୍ ୮୨ ଲକ୍ଷରୁ ଉର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ(ଆଇଏମ୍‌ଏଫ୍‌ଏଲ୍) ବୋତଲ ଅର୍ଥାତ୍ ପ୍ରତି ୪ ସେକେଣ୍ଡରେ ଗୋଟିଏ ଜବତ ହୋଇଛି। ଏ କ୍ଷେତ୍ରରେ ଅହମଦାବାଦ ସବୁଠୁ ଆଗରେ ରହିଛି। ମୋଟ୍ ୪,୩୮,୦୪୭ ମଦବୋତଲ ଅହମଦାବାଦ ସହର ଓ ଏହାର ଗ୍ରାମାଞ୍ଚଳରୁ ଜବତ କରାଯାଇଥିବାବେଳେ ଏହାପଛକୁ ସୁରଟ, ଭଦଦୋରା, ନବସାରି ଓ ଗୋଧ୍ରା ରହିଛନ୍ତି। ଗୋଟିଏ ଡ୍ରାଏ ଷ୍ଟେଟ୍‌ରେ ବିପୁଳ ପରିମାଣର ବେଆଇନ ବା ଚୋରାମଦ ଜବତହେବା ବାସ୍ତବରେ ଚିନ୍ତାର ବିଷୟ। ୨୦୨୪ର ଘଟଣାଗୁଡ଼ିକୁ ଯଦି ଦେଖାଯାଏ କେବଳ ମଦ ନୁହେଁ, ଅନ୍ୟସବୁ ମାଦକ ଦ୍ରବ୍ୟ ଯଥା ହେରୋଇନ, କୋକେନ, ଇ ସିଗାରେଟ୍ ଜବତରେ ଗୁଜରାଟ ଭାରତର ଅନ୍ୟସବୁ ରାଜ୍ୟ ତୁଳନାରେ ସବୁଠୁ ଆଗରେ ଅଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶିତ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ତଥ୍ୟରୁ ମଧ୍ୟ ଏହାର ପ୍ରମାଣ ମିଳିଥିଲା। ଇସିଆଇ ସୂଚିତ କରିଥିଲା ଯେ, ଭାରତରେ ନିର୍ବାଚନ ସମୟରେ ଜବତ ହୋଇଥିବା ମୋଟ୍ ପରିମାଣର ଡ୍ରଗ୍ସର ଏକ ତୃତୀୟାଂଶ କେବଳ ଗୁଜରାଟରୁ ହିଁ ମିଳିଥିଲା। ଏହା ବ୍ୟତୀତ ୨୦୨୪ ଏପ୍ରିଲରେ ଗୁଜରାଟ ପୋରବନ୍ଦର ଉପକୂଳରେ ତଟ ସୁରକ୍ଷା ବାହିନୀ, ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍(ଏଟିଏସ୍) ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବୋର୍ଡ(ଏନ୍‌ସିବି)ର ମିଳିତ ଅଭିଯାନରେ ପାଖାପାଖି ୬୦୦ କୋଟି ଟଙ୍କା ମୂଲ୍ୟର ୮୬ କେ.ଜି. ଡ୍ରଗ୍ସ ବା ନିଶାଦ୍ରବ୍ୟ ଜବତ ହେବା ସହ ପାକିସ୍ତାନୀ ନାଗରିକ କୁହାଯାଉଥିବା ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ସେହି ମାସରେ ପୁନର୍ବାର ଏକ ଭାରତୀୟ ମାଛଧରା ଡଙ୍ଗାରୁ ୧୭୩ କେଜି ଡ୍ରଗ୍ସ ଜବତ କରାଯାଇଥିଲା। ଏହା ପୂର୍ବମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ମଧ୍ୟ ପୋରବନ୍ଦର ଉପକୂଳରୁ ୪୦୦ କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍(ଏକପ୍ରକାର ଅତି ଉତ୍ତେଜକ ନିଶାଦ୍ରବ୍ୟ) ଜବତ ହେବା ସହ ତଥାକଥିତ ପାକିସ୍ତାନୀ ବୋଲି କୁହାଯାଉଥିବା ୬ ଜଣ ନାବିକଙ୍କୁ ଗିରଫ କରାଯାଇଥିଲା। ଏଭଳି ନିଶାଦ୍ରବ୍ୟ ଗୁଜରାଟ ଉପକୂଳରୁ ବାରମ୍ବାର ଜବତ କରାଯାଉଛି। ଉଲ୍ଲେଖନୀୟ, ସେପ୍ଟେମ୍ବର ୨୦୨୧ରେ ଗୌତମ ଆଦାନୀଙ୍କ କମ୍ପାନୀ ହାତରେ ଥିବା ଗୁଜରାଟର ମୁନ୍ଦ୍ରା ବନ୍ଦରରୁ ୨୧,୦୦୦ କୋଟି ଟଙ୍କାର ୩,୦୦୦ କେଜି ହେରୋଇନ୍ ଜବତ କରାଯିବା ଏକ ସର୍ବକାଳୀନ ରେକର୍ଡ।

> ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି।

କେବଳ ମୁନ୍ଦ୍ରା ବନ୍ଦର ନୁହେଁ, ସମୟାନ୍ତରରେ ଗୁଜରାଟ ଉପକୂଳରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ବାରମ୍ବାର ଜବତ ହୋଇଆସୁଛି। ଏହା ସହ ୨୦୨୪ର ମଦ ବୋତଲ ଜବତ ତଥ୍ୟ ସେଠାକାର ନିଶାଦ୍ରବ୍ୟ କାରବାରର ଗମ୍ଭୀରତାକୁ ସାମ୍ନାକୁ ଆଣିଛି। ଅର୍ଥାତ୍ ଗୁଜରାଟରେ ଯାହାକୁ ଯେତେ ମଦ ମିଳିବାର ବାଟ ରହିଛି। ଏଣୁ ଗୁଜରାଟ ଡ୍ରାଏ ଷ୍ଟେଟ୍ ନୁହେଁ। ଏହା ସ୍ପଷ୍ଟ ଯେ, ଯେତିକି ପରିମାଣର ମଦ ବୋତଲ କିମ୍ବା ଡ୍ରଗ୍ସ ଧରାପଡୁଛି ତାହାଠାରୁ କାହିଁ କେତେ ଅଧିକ ଗୁଜରାଟ ବାଟ ଦେଇ ଅନ୍ୟ ରାଜ୍ୟକୁ ଆସୁଛି। ସେଥିରୁ କମ୍ ଧରାପଡୁଛନ୍ତି ଓ ଅଧିକ ଖସିଯାଉଛନ୍ତି। ଫଳରେ ଭାରତରେ ନିଶାଦ୍ରବ୍ୟ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ସ୍ପଷ୍ଟ ବୁଝାପଡ଼େ ଯେ, ରାଜ୍ୟ ସରକାର ଓ ସେଠାକାର ପୋଲିସ ଏହି ବ୍ୟବସାୟରେ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଅଛନ୍ତି। କାରଣ ଯେଉଁ ବିପୁଳ ଅର୍ଥ ସେଥିରୁ ବାହାରୁଛି ତାହା ଅନ୍ୟ କୌଣସି ସୂତ୍ରରୁ ପାଇବା କଷ୍ଟକର। ଏହା ଜଣାଶୁଣା ଯେ, ପୋଲିସ ଏବଂ ତାହାର ଗୋଇନ୍ଦା ସଂସ୍ଥାର ସକ୍ରିୟ ସହଯୋଗ ବିନା ଏତେବଡ଼ ଆକାରର ମାଦକ ଦ୍ରବ୍ୟ ଚୋରା କାରବାର କରିବା କୌଣସି ଗ୍ୟାଙ୍ଗ୍ ବା ଗୋଷ୍ଠୀ ପାଇଁ ସମ୍ଭବପର ହୁଏନାହିଁ। ଏଥିସହିତ ସମ୍ପୃକ୍ତ ପୋଲିସଙ୍କ ନିଯୁକ୍ତି ଓ ବଦଳି କରାଇବାରେ ରାଜନୈତିକ ବ୍ୟକ୍ତି ଏବଂ ସେଠାରେ ଶାସକ ଦଳ ଲାଭର ଏକ ବଡ଼ଅଂଶ ପାଇଥାନ୍ତି। ଡର ଅଛି, ରକ୍ଷକ ଯେତେବେଳେ ଭକ୍ଷକ ହୁଏ ସେତେବେଳେ ସାଧାରଣ ନାଗରିକ ପାଇଁ କୌଣସି ସୁରକ୍ଷା ମିଳେ ନାହିଁ। ଗୁଜରାଟ କ୍ୟାଡରର ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟଙ୍କୁ ଦୀର୍ଘବର୍ଷ ଧରି ଜେଲରେ ରଖାଯିବାର କାରଣ ଭାବେ ତାଙ୍କର ଏକ ଆଫିଡାଭିଟ୍‌କୁ ଦର୍ଶାଯାଉଥିଲେ ମଧ୍ୟ ଅନ୍ୟପଟେ କୁହାଯାଏ ଯେ, ତାଙ୍କ ଡ୍ରଗ୍ସ ଚୋରା କାରବାର କରୁଥିବା ଶକ୍ତିଶାଳୀ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି ମୁଖ୍ୟ କାରଣ। ଦେଶ ଏକ ଦଶନ୍ଧି ପୂର୍ବରୁ 'ଗୁଜରାଟ ମଡେଲ' କଥା ଶୁଣି ପ୍ରଭାବିତ ହେଉଥିଲା। ଏବେ ସେହି ମଡେଲ ବାସ୍ତବରେ କିଭଳି କାର୍ଯ୍ୟ କରେ ତାହା ଦେଶବାସୀ ଦେଖୁଛନ୍ତି।

# ବିନାଶର ଅବଗଣନା



ହରିଶଙ୍କର ମିଶ୍ର

ଓଡ଼ିଶାକୁ ଏକ ବିକଶିତ ରାଜ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। କିନ୍ତୁ ବିକାଶର ସଂଜ୍ଞା ଯଦି ବାଚନିକ ବା ଦାପ୍ତରିକ କଳ୍ପିତ ତଥ୍ୟଭିତ୍ତିକ ହୁଏ ତେବେ ବାଡ଼ି ବାଇଗଣ ପୋଥି ବାଇଗଣ ମଧ୍ୟରେ ଥିବା ବୈଷମ୍ୟ ରାଜ୍ୟର ପ୍ରଗତି ବା ବିକାଶରେ ପରିଦୃଷ୍ଟ ହେବା ସ୍ୱାଭାବିକ। ଘରର ସ୍ଥାୟିତ୍ୱ ଦୀର୍ଘ ହେବା ପାଇଁ ମଜଭୁତ ମୂଳଦୁଆ ନିର୍ମାଣର ଆବଶ୍ୟକତା ପରି ସୁସ୍ଥ ଦୃଢ଼ ଓ ବିକଶିତ ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି। ଶିକ୍ଷାର ବିକାଶରେ ଶୈକ୍ଷିକ ପରିବେଶ ସହ ଦକ୍ଷ ଶିକ୍ଷକଙ୍କର ଭୂମିକା ଥାଏ। କିନ୍ତୁ ବିଧାନସଭାରେ ସରକାର ଆସର (ଆନୁଆଲ ଷ୍ଟାଟସ ଅଫ୍ ଏଜୁକେସନ ରିପୋର୍ଟ) ଅନୁଯାୟୀ ସ୍ୱୀକାର କରିଛନ୍ତି ଯେ ୨୦୧୪ ମସିହାରେ ଅଷ୍ଟମ ଶ୍ରେଣୀରେ ୬୩.୪ ଶତାଂଶ ଛାତ୍ରୀଛାତ୍ରଙ୍କୁ ଫେଡାଣ ଆସୁ ନ ଥିଲା ବେଳେ ୩୭.୯ ଶତାଂଶ ଛାତ୍ରୀଛାତ୍ର ହରଣ ଜାଣି ନ ଥିଲେ। ଏବେ ତାହା ଯଥାକ୍ରମେ ୬୯.୫ ଓ ୪୮.୮ ଶତାଂଶ ହୋଇଯାଇଛି। ସେହି ରିପୋର୍ଟ ଅନୁଯାୟୀ ମାତ୍ର ୬ ଓ ୧୧ ଶତାଂଶ ଛାତ୍ରୀଛାତ୍ର ଯଥାକ୍ରମେ ଫେଡାଣ ଓ ହରଣ ସମାଧାନ କରିପାରୁଛନ୍ତି। ଏହି ଅବକ୍ଷୟମୁଖୀ ପରିସଂଖ୍ୟାନ ଦୁଇଟି ସାଂଘାତିକ ସତ୍ୟ ସ୍ପଷ୍ଟ କରୁଛି। ୨୦୧୪ରୁ କ୍ରମାଗତ ଭାବରେ ୯୦ ଶତାଂଶରୁ ଅଧିକ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାବେଳେ ୨୦୧୪ ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ସ୍ନାତକ ବା ସ୍ନାତକୋତ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ତନ୍ମଧ୍ୟରୁ କେତେଜଣ ମଧ୍ୟ ନିକଟ ଅତୀତରେ ନିଯୁକ୍ତି ପାଇଥିବା ପଚିଶ ହଜାରରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟାନ୍ୟ ସରକାରୀ ପଦବୀରେ ନିଶ୍ଚିତ ନିଯୁକ୍ତି ପାଇଥିବେ। ସେମାନଙ୍କ ଦ୍ୱାରା ଶିକ୍ଷା ବିଭାଗ ଓ ସରକାରୀ ସେବା କେତେ ସୁଦୃଢ଼ ହେଉଛି ବା ହେବ ତାହା ବେଶ୍ ଅନୁମେୟ। ଛାତ୍ରୀଛାତ୍ରମାନଙ୍କ ପାଇଁ ଖାଦ୍ୟ ପୋଷାକ ପୁସ୍ତକ ଆଦିର ମାଗଣା ଯୋଜନା ସତ୍ତ୍ୱେ ଶିକ୍ଷା ବିଭାଗ ନିଜ ଲକ୍ଷ୍ୟ ପୂରଣରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛି। ୨୦୧୪ରୁ ଏଯାବତ୍ ବିଦ୍ୟାଳୟ ଗୃହ ଓ ଶ୍ରେଣୀକକ୍ଷ ନବକଳେବରରେ ଅନେକ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ସ୍ମାର୍ଟ ସ୍କୁଲର ଡିଣ୍ଡିମ ବାଜିଛି। କିନ୍ତୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରୁ ଅନେକଙ୍କର ନିଶ୍ଚିତ ଦକ୍ଷତା ଅଭାବରୁ ସଫଳତା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଏବଂ ଦେୟମୁକ୍ତ ଦୂରଭାଷ ସଂଖ୍ୟା ଜାରି ମଧ୍ୟ ଏହି ଅସଫଳତା ପାଇଁ କେତେକାଂଶରେ ଦାୟୀ। ଏବେବି ୧୨୪୮୪ ପ୍ରଧାନ ଶିକ୍ଷକ ପଦବୀ ସହ ୧୬୦୦୦ରୁ ଅଧିକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ପଦବୀ ଖାଲିପଡ଼ିଛି। ପ୍ରତ୍ୟେକ ମାଧ୍ୟମିକ ଓ ନୋଡାଲ ସ୍କୁଲରେ ହଜାର ସଂଖ୍ୟକ କମ୍ପ୍ୟୁଟର ଥିଲେ ମଧ୍ୟ ଶିକ୍ଷକ ଅଭାବରୁ ତାହା ଉପଯୋଗୀ ହୋଇ ନ ପାରି ନଷ୍ଟ ହେଉଛି। ଏହାର ସମାଧାନ ପରିବର୍ତ୍ତେ ମଧ୍ୟାହ୍ନ ଭୋଜନରେ ନବମ ଓ ଦଶମ ଶ୍ରେଣୀକୁ ସାମିଲ ପାଇଁ ସରକାର ଘୋଷଣା କରିଛନ୍ତି ଏବଂ ସମସ୍ତ ୭୬୯୪ ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି।



ମାଟ୍ରିକ ଓ ଯୁକ୍ତ୨ରେ ପାସ୍ ହାର ବୃଦ୍ଧି ଯୋଗୁ ପ୍ରତ୍ୟେକ ସରକାରୀ ଯୁକ୍ତ୨ ଓ ଯୁକ୍ତ ୩ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ାଇବା ସହ ଯୁକ୍ତ ୨ ଓ ଯୁକ୍ତ ୩କୁ ପୃଥକ କରାଯାଇଛି। ମାତ୍ର ତଦନୁଯାୟୀ ଅଧ୍ୟାପକ ନ ଥିବାରୁ ଉତ୍ତରଦାୟିତ୍ୱ ନ ଥିବା ଅତିଥି ଅଧ୍ୟାପକରେ ଶିକ୍ଷାଦାନ ଏବଂ ଯଥେଷ୍ଟ ବିଜ୍ଞାନାଗାର ନ ଥିବା ସତ୍ତ୍ୱେ ପରୀକ୍ଷାରେ ସଫଳତା ଧର୍ମକୁ ଆଖିଠାରର ତଥ୍ୟ ନିଶ୍ଚିତ ସରକାର ଜାଣିଛନ୍ତି। ୨୦୦୦ ପରେ ସରକାର ୨୨ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦେଇ ସେଠାରେ ସ୍ନାତକ, ସ୍ନାତକୋତ୍ତର ଓ ବୈଷୟିକ ପାଠ୍ୟକ୍ରମ ଚଳାଇଛନ୍ତି। ଆବଶ୍ୟକ ଅଧ୍ୟାପକ ନ ଥିବାବେଳେ ସେହି ମହାବିଦ୍ୟାଳୟର ୯୫ ଶତାଂଶରୁ ଅଧିକ ଛାତ୍ରୀଛାତ୍ର କିନ୍ତୁ ଉତ୍ତୀର୍ଣ୍ଣ ହୋଇ ଚାଲିଛନ୍ତି। ପୂର୍ବରୁ ସେହି ମହାବିଦ୍ୟାଳୟର ପରୀକ୍ଷା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା ବେଳେ ସର୍ବାଧିକ ୭୦ ଶତାଂଶ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରୁଥିଲେ।

୨୦୦୦ରେ ରାଜ୍ୟରେ ଥିବା ୬ଟି ବିଶ୍ୱବିଦ୍ୟାଳୟରୁ ୩ଟି ଶିକ୍ଷା ବିଶ୍ୱବିଦ୍ୟାଳୟ ଥିଲା। ଏବେ ତା'ର ସଂଖ୍ୟା ୧୭ ହୋଇଛି। ମାତ୍ର ସେଠାରେ ମଞ୍ଜୁରିପ୍ରାପ୍ତ ୨୦୦୩ ଅଧ୍ୟାପକ ପଦବୀରୁ ୧୩୦୭ ଅର୍ଥାତ୍ ୬୫ ଶତାଂଶ ଏଂ ମଞ୍ଜୁରିପ୍ରାପ୍ତ ୨୬୯୨ ଅଣଶିକ୍ଷକ ପଦବୀରୁ ୧୯୧୦ ଅର୍ଥାତ୍ ୭୧ ଶତାଂଶ ପଦବୀ ଖାଲିପଡ଼ିଛି। ଅବସ୍ଥା ଏପରି ହୋଇଛି ଯେ ଖଲ୍ଲିକୋଟ ଏକକ, ଧରଣୀଧର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ପଦବୀ ସହ ପାଞ୍ଚଟି କୁଳପତି ପଦବୀ ମଧ୍ୟ ଖାଲିପଡ଼ିଛି। ଏହାକୁ ମଧ୍ୟ ସରକାର ସ୍ୱୀକାର କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସ୍ଥା ମଧ୍ୟ ତତୋଧିକ। ଏତଦ୍‌ବ୍ୟତୀତ ୭ଟି ବୈଷୟିକ ବିଶ୍ୱବିଦ୍ୟାଳୟର ମଧ୍ୟ ସେହି ଅବସ୍ଥା। ତଥାପି ପରୀକ୍ଷାରେ ଉତ୍ତୀର୍ଣ୍ଣ ହାର ୯୦ ଶତାଂଶରୁ ଅଧିକ ହେଉଥିବାରୁ ସେମାନଙ୍କର ଦକ୍ଷତା କେବଳ ପ୍ରମାଣପତ୍ରରେ ସୀମିତ ରହୁଛି। ଫଳତଃ ରାଜ୍ୟରେ ଡିଗ୍ରୀଧାରୀ ମୂର୍ଖ ହିଁ ସୃଷ୍ଟି ହେଉଛନ୍ତି।

ରାଜ୍ୟରେ ୨୦୦୦ ମସିହାରେ ୩ଟି ଭେଷଜ ମହାବିଦ୍ୟାଳୟ ଥିଲା। ଏବେ ଏମ୍‌ସ ବ୍ୟତୀତ ୯ଟି ସରକାରୀ ଭେଷଜ ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ତାଳଚେର ଓ ଫୁଲବାଣୀରେ ନୂତନ ଭେଷଜ ମହାବିଦ୍ୟାଳୟ ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ ବୋଲି ସରକାରୀ ସୂଚନା ରହିଛି। ଏତଦ୍‌ବ୍ୟତୀତ ୮୫୦ ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ ଥିବା ୫ଟି ବେସରକାରୀ ଭେଷଜ ମହାବିଦ୍ୟାଳୟ ମଧ୍ୟ କାର୍ଯ୍ୟକ୍ଷମ ଅଛି। କିନ୍ତୁ ସମସ୍ତ ନୂତନ ଭେଷଜ ମହାବିଦ୍ୟାଳୟ କେବଳ କୋଠା ନିର୍ମାଣରେ ସୀମିତ ରହିଛି। ଶିକ୍ଷାଦାନ ପାଇଁ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ହୋଇ ନ ଥିବାବେଳେ ନିଜସ୍ୱ ଚିକିତ୍ସାଳୟ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମହାବିଦ୍ୟାଳୟ ସହ ସଂଲଗ୍ନ କରାଯାଇଛି। କିନ୍ତୁ ରୋଗୀ ଚିକିତ୍ସାରେ ଆବଶ୍ୟକ ସରଞ୍ଜାମ ଓ ଆନୁଷଙ୍ଗିକ ଯନ୍ତ୍ରପାତି କିଣା ହୋଇଥିଲେ ବି ତାହା ଗୋଦାମରେ ପଡିରହିଛି। ତାକୁ ଜଗିବା ପାଇଁ ଏବଂ ଛାତ୍ରୀଛାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ନେବାପାଇଁ ପରିବହନଜନିତ ଅନେକ ଅର୍ଥ ବ୍ୟୟ ହୋଇଚାଲିଛି। ବେସରକାରୀ ଭେଷଜ ମହାବିଦ୍ୟାଳୟର ନିଜସ୍ୱ ଚିକିତ୍ସାଳୟ ଥିଲେ ମଧ୍ୟ ଆବଶ୍ୟକ ଅଧ୍ୟାପକ ଅଛନ୍ତି କି ନାହାନ୍ତି ତା'ର ତର୍ଜମା କରାଯାଉନାହିଁ। ଏହା ସତ୍ୟ ଯେ ସେମାନେ ଚିକିତ୍ସାଳୟ ମାଧ୍ୟମରେ ରାଜ୍ୟ ସରକାରଙ୍କଠାରୁ ଶହଶହ କୋଟି ଅର୍ଥ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ନେଉଥିବା ବେଳେ ଛାତ୍ରୀଛାତ୍ରଙ୍କଠାରୁ ଶତାଧିକ କୋଟି ଟଙ୍କା ନେଉଛନ୍ତି। କେବଳ କୋଠାବାଡ଼ି ନିର୍ମାଣ କରି ସରକାର ଭେଷଜ ମହାବିଦ୍ୟାଳୟ ଖୋଲିବା ପୂର୍ବରୁ ରାଜ୍ୟରେ ଶିକ୍ଷାଦାନ ପାଇଁ ଉପଯୁକ୍ତ ଅଧ୍ୟାପକ ଅଛନ୍ତି କି ନାହାନ୍ତି ଜାଣିବା ଦରକାର ଥିଲା। ଏଇ ବ୍ୟବସ୍ଥା ଲାଗିରହିଲେ ଏପରି ମହାବିଦ୍ୟାଳୟର ଡାକ୍ତରୀ ଡିଗ୍ରୀ ମୂଲ୍ୟହୀନ ଓ ଚିକିତ୍ସା ଅଭିଶାପ ହୋଇଯିବ।

ଶିକ୍ଷା ଓ ସ୍ୱାସ୍ଥ୍ୟସେବା ହେଉଛି ନାଗରିକର ମୌଳିକ ଆବଶ୍ୟକତା। ତାହାକୁ ଅଣଦେଖା କଲେ ଫଳ ବିଷମୟ ହେବା ନିଶ୍ଚିତ। ତେଣୁ ପ୍ରଥମେ ଏହି ଦୁଇଟି ସମସ୍ୟାର ସମାଧାନ କରାଯାଉ। ଅଯୋଗ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ। ଯୁଦ୍ଧକାଳୀନ ଭିତ୍ତିରେ ଏବଂ ଆବଶ୍ୟକସ୍ଥଳେ ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ ରାଜ୍ୟ ବାହାରୁ ନିଯୁକ୍ତି କରାଯାଇ ଚିକିତ୍ସାଳୟକୁ କାର୍ଯ୍ୟକ୍ଷମ କରାଯାଉ। ନଚେତ୍ ରାଜ୍ୟ ବିକାଶର ପାହାଚ ଅତିକ୍ରମ ପରିବର୍ତ୍ତେ ବିନାଶ ଅବଗଣନାର ସମ୍ମୁଖୀନ ହେବା ନିଶ୍ଚିତ।

୧୧୩– ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୭୫୪୭୮

# ପ୍ରବାଦପୁରୁଷ ବିଜୁବାବୁ



ଚିତ୍ତରଞ୍ଜନ ପୃଷ୍ଟି

ବୀର ପ୍ରସବିନୀ ଉତ୍କଳମାଟି ଜନ୍ମ ଦେଇଛି ଅନେକ ବରପୁତ୍ରଙ୍କୁ। ସେହି ଯୋଗଜନ୍ମା ଯୋଗ୍ୟ ସୁତଙ୍କୁ ନେଇ ଉତ୍କଳମାଟି ଆଜି ଗର୍ବିତ। ଯେଉଁମାନଙ୍କର କୀର୍ତ୍ତି ଆଜି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ତନ୍ମଧ୍ୟରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଅନ୍ୟତମ। ୧୯୧୬ ମାର୍ଚ୍ଚ ୫ ତାରିଖରେ ପିତା ଲକ୍ଷ୍ମୀନାରାୟଣ ଓ ମାତା ଆଶାଲତାଙ୍କ କୋଳମଣ୍ଡନ କରିଥିଲେ ସେ। ବାଲ୍ୟ ଜୀବନରୁ ସେ ଥିଲେ ସ୍ୱାଧୀନ ଚେତା, ଅସୀମ ସାହସୀ ଓ ଦେଶପ୍ରେମୀ। ତେବେ ଆଧୁନିକ ଓଡ଼ିଶାର ସେ ଥିଲେ ବିଶ୍ୱକର୍ମା। ପ୍ରଗତିଶୀଳ ଓଡ଼ିଶାର ସେ ଥିଲେ ନିର୍ମାତା। ଲୋକପ୍ରିୟ ଜନନାୟକ, ସମାଜସେବକ, ଦୀନ ଦୁଃଖୀର ଆଶା ଓ ଭରସା ଥିଲେ ବିଜୁବାବୁ। ନାରୀ ସଶକ୍ତୀକରଣ, ଆଦିବାସୀଙ୍କ ପାଇଁ ନିରଳସ କାମ କରିବା ଥିଲା ତାଙ୍କ ନେତୃତ୍ୱର ଅନ୍ୟ ଏକ ପରିଚୟ। ଅର୍ଥନୀତିରେ ଉନ୍ନତି ଆଣିବା ଥିଲା ତାଙ୍କ ଲକ୍ଷ୍ୟ। ଗର୍ବ, ଗରିମା ଓ ସ୍ୱାଭିମାନର ସ୍ୱାକ୍ଷର ଆଙ୍କିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ତାଙ୍କର ପ୍ରତିଟି ମୁହୂର୍ତ୍ତ ଥିଲା କର୍ମମୟ। ଦୁର୍ଦ୍ଧର୍ଷ ପାଇଲଟ, ସଫଳ ଶିଳ୍ପପତି, ବିଚକ୍ଷଣ ରାଜନୀତିଜ୍ଞ, ଦୂରଦ୍ରଷ୍ଟା, ସ୍ୱାଭିମାନୀ, ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏହି ସର୍ବମାନ୍ୟ ନେତା।

ଆଜି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଟଲ୍ ମ୍ୟାନ୍‌ଙ୍କ ସ୍ମୃତିକୁ ମନେପକାଉଛି ସାରା ଓଡ଼ିଶା। ସାଲିସବିହୀନ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ ଓ ସ୍ୱାଭିମାନର ପ୍ରତୀକ, କଳିଙ୍ଗ ବୀର ଓ ପ୍ରବାଦପୁରୁଷ ଭାବରେ ଘରେ ଘରେ ପରିଚିତ ବିଜୁ ପଟ୍ଟନାୟକ। କେବଳ ଓଡ଼ିଶା ନୁହେଁ, ଭାରତର ରାଜନୀତିରେ ଯେଉଁ କେତେଜଣ ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚିପାରିଥିଲେ ସେମାନଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ। ବାଲ୍ୟକାଳରୁ ଥିଲେ ସାହସୀ ଓ ସ୍ୱାଭିମାନୀ। କଟକ ମିଶନ ସ୍କୁଲ, ରେଭେନ୍‌ଶା କଲେଜରୁ ଆଇସିଏସ୍ ପରେ ପାଇଲଟ ଭାବେ ପ୍ରଶିକ୍ଷଣ ନେଇଥିଲେ। ନିଜକୁ ଜଣେ ଦକ୍ଷ ପାଇଲଟ ଭାବେ ପ୍ରତିଷ୍ଠା କରି କଳିଙ୍ଗ ବୀର ଭାବେ ଅଭିହିତ ହୋଇଥିଲେ। ଇଣ୍ଡୋନେସିଆ ମୁକ୍ତି ଆନ୍ଦୋଳନରେ ଡଚ୍‌ମାନଙ୍କ କବଳରୁ ସୁଲତାନ ସାଜହରିରଙ୍କୁ ମୁକ୍ତ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ସେଥିପାଇଁ ବିଜୁବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭୂମିପୁତ୍ର' ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀ ଧରି ସେ ଜଡ଼ିତ ଥିଲେ।

୧୯୯୦ରୁ ୧୯୯୫ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ସହ ସେ ହିଁ ବାସ୍ତବ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ପଞ୍ଚାୟତିରାଜ ବ୍ୟବସ୍ଥା, ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସାଙ୍ଗକୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିଲା। ନିର୍ବାଚନରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ କରାଯିବା ଫଳରେ ୨୭ ହଜାର ମହିଳା ନିର୍ବାଚିତ ହୋଇପାରିଥିଲେ। ଏପରି କି ପଞ୍ଚାୟତର ସରପଞ୍ଚ ପୁରୁଷ ଥିଲେ। ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ପୁରୁଷ ଥିଲେ। ଉପାଧ୍ୟକ୍ଷ ପାଇଁ ମହିଳା ରହିବେ ବୋଲି ଆଇନ ପ୍ରଣୟନ କରାଗଲା। ମୋଟାମୋଟି ଭାବେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ବେଶ୍ ସୁଦୃଢ଼ ହୋଇପାରିଥିଲା। ଖାଲି ସେତିକି ନୁହେଁ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବାକୁ ବିଜୁବାବୁ ପ୍ରୟାସ କରିଥିଲେ। ଗ୍ରାମାଞ୍ଚଳର ବିକାଶ ଲାଗି ନିରନ୍ତର ଉଦ୍ୟମ ରହିଥିଲା ବିଜୁବାବୁଙ୍କର। ବିଧାନସଭାରେ ଏସମ୍ପର୍କିତ ବିଲ୍ ପାସ୍ କରି ସେ ଏ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲେ। ଏପରି କି ସାରା ଦେଶରେ ଏନେଇ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ।





ବିଜୁବାବୁ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେ ଥିଲେ ଜଣେ ବିସ୍ମୟକର ରାଜନେତା ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ପାରାଦୀପ ବନ୍ଦର, ଡୁବୁରୀରୁ ପାରାଦୀପ ଏକ୍ସପ୍ରେସ ୱେ, ଚୌଦ୍ୱାରରେ ଓଟିଏମ୍ ଓ କଳିଙ୍ଗ ଟ୍ୟୁବ୍ସ କାରଖାନା, ଭୁବନେଶ୍ୱରରେ ସୈନିକ ସ୍କୁଲ ଆଦି ପ୍ରତିଷ୍ଠା କରିଥିଲେ। ପ୍ରଶାସନକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ୧୩ଟି ଜିଲାକୁ ୩୦ଟି ଜିଲାରେ ପରିଣତ କରିଥିଲେ। ସେ କେବଳ ଜଣେ ଦୁଃସାହସିକ, ଅଦମନୀୟ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ନ ଥିଲେ, ଥିଲେ ଜଣେ ଦରଦୀ ମଣିଷ। ସେ ଥିଲେ ଖାଣ୍ଟି ଓଡ଼ିଆ। ସେ ଦିନେ କହିଥିଲେ, 'ମୁଁ ଖାରବେଳଙ୍କ ବଂଶଧର। ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି। ଆଉ ମୋର ରାଜ୍ୟ କଳିଙ୍ଗ। ବୀର ପ୍ରସବିନୀ ଉତ୍କଳ ମାଟିର ବରପୁତ୍ର, ଜନପ୍ରତିନିଧି ଓ ଆଧୁନିକ ଓଡ଼ିଶାର ସୂକ୍ଷ୍ମ କାରିଗର ଥିଲେ ବିଜୁବାବୁ।

୧୭ ଏପ୍ରିଲ ୧୯୯୭ରେ ଏହି ମହାନ୍ ଜନନେତାଙ୍କର ମହାପ୍ରୟାଣ ଘଟିଥିଲା। ଉତ୍କଳ ମାତାର ଯୋଗ୍ୟତମ ସୁତ ନିର୍ଭୀକ ଜନନାୟକ ବିଜୁବାବୁ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ। ଉତ୍କଳଜନନୀ ତା'ର ବରପୁତ୍ରକୁ ହରାଇଲା। ବିଜୁବାବୁଙ୍କ ଅବଦାନ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ମଧ୍ୟ ଅତୁଳନୀୟ। ତାଙ୍କର ବୁଦ୍ଧି, ଦକ୍ଷତା ଓ ଦୂରଦୃଷ୍ଟି ବଳରେ ବିଜୟାନନ୍ଦ ପଟ୍ଟନାୟକରୁ ସେ ପାଲଟି ଯାଇଥିଲେ ଶତାବ୍ଦୀ ପୁରୁଷ। ତେବେ ତାଙ୍କର ଜୀବନକାଳ ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

ନିମାପଡା, ପୁରୀ
ମୋ: ୯୭୭୮୧୭୭୫୦୧

## ଏଇ ଭାରତରେ

କେରଳର ଆର୍. ବିଶ୍ୱନ ମହୁଚାଷ କରି ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କ ଫାର୍ମରେ ୬,୦୦୦ ମହୁ ବାକ୍ସ ଅଛି ଓ ସେଥିରୁ ବର୍ଷକୁ ୯୦–୧୧୦ ଟନ୍ ମହୁ ସଂଗ୍ରହ ହେଉଛି। ବିଶ୍ୱନଙ୍କ ଜନ୍ମ ଥିରୁଭାନନ୍ତପୁରମ୍ ଜିଲା ନେୟାତିନ୍‌କାରା ଗାଁରେ। ଗାଁ ଲୋକ ଭାରି ଅନ୍ଧବିଶ୍ୱାସୀ। ସେ ପରିବାର ପାଇଁ ଅମଙ୍ଗଳ ବୋଲି କେତେଜଣ ଜ୍ୟୋତିଷ ତାଙ୍କ ମାତାପିତାଙ୍କୁ କହିବା ପରେ ବିଶ୍ୱନଙ୍କ ଜୀବନ ଅନ୍ଧକାର ହୋଇଯାଇଥିଲା। ତାଙ୍କୁ ପିଲାଙ୍କ ସହ ଖେଳିବାକୁ ଦିଆଯାଉ ନ ଥିଲା। ଏମିତି କି ତାଙ୍କ ପିତାଙ୍କ ବ୍ୟବସାୟରେ କ୍ଷତି ହେବାରୁ ପରିବାର ମାଲପୁରମ ଜିଲାର ନୀଲାମ୍ବୁରକୁ ଚାଲିଯାଇଥିଲେ। ହେଲେ ବିଶ୍ୱନଙ୍କୁ ରାସ୍ତାରେ ମାତ୍ର ୭ ବର୍ଷ ବୟସରେ ଛାଡ଼ି ଚାଲିଯାଇଥିଲେ। ବିଶ୍ୱନ ଦିନରେ ରାସ୍ତାକଡ଼ରେ ଓ ରାତିରେ ଫସଲ ଜଗିବା ଲାଗି ତିଆରି ହୋଇଥିବା ଟ୍ରି ହାଉସରେ ରହୁଥିଲେ। ଏପରି କି ତାଙ୍କୁ ଖାଦ୍ୟ ଚୋରି କରିବାକୁ ପଡ଼ିଥିଲା ଓ ଧରାପଡ଼ିବା ପରେ ଦୋକାନ ମାଲିକ ବିଶ୍ୱନଙ୍କୁ ଗାଈଚରା କାମରେ ଲଗାଇଥିଲେ। ଏହା ଥିଲା ୧୯୭୦ ଦଶକର ଘଟଣା। ଗାଈ ଜଗିବା ସମୟରେ ସେ ମହୁମାଛିଙ୍କୁ ଦେଖିବା ପରେ ଚାଷ କରିବାକୁ ମନ ବଳାଇଥିଲେ। ପରେ ସେ ଗାଈଜଗା କାମ ଛାଡ଼ି ପ୍ରଥମେ ବଜାରରୁ ଗୋଟିଏ ମହୁବାକ୍ସ କିଣି ମହୁମାଛି ପାଳନ କରିଥିଲେ। ସେ ସମୟରେ ତାଙ୍କ ବୟସ ଥିଲା ୧୩ବର୍ଷ।

## ୫୦ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୭୬

- ବିଦ୍ୟୁତ୍ କଣ୍ଡକ୍ଟର ଉତ୍ପାଦନ କରୁଥିବା କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ସିଧାସଳଖ ଆଲୁମିନିୟମ ଯୋଗାଇ ଦେବାଲାଗି କେନ୍ଦ୍ର ଯୋଗାଣ ଓ ସମବାୟ ବିଭାଗ ନିଷ୍ପତ୍ତି ନେଇଛନ୍ତି।
- କେନ୍ଦ୍ର ଶିଳ୍ପ ମନ୍ତ୍ରୀ କେ. ସି. ପନ୍ଥ ଆନ୍ଧ୍ରପ୍ରଦେଶର ତଳସିଲେରୁ ଜଳ ବିଦ୍ୟୁତ୍ ଯୋଜନା ପ୍ରଥମ ବିଦ୍ୟୁତ୍ ଷ୍ଟେସନ ଚାଲୁ କରିଛନ୍ତି।

## ସୁଡୋକୁ

sudoku Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | | 2 | | 9 |
| 3 | 7 | | | | | | 1 | |
| | | | | 5 | 1 | | | |
| | | | | 8 | | 4 | | 6 |
| | | 8 | | 6 | 7 | | | 5 |
| 9 | 1 | | | | 4 | | | |
| | | | | | | | 5 | 3 |
| | | | 9 | 4 | | | | |
| | | | | | | 8 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 9 | 2 | 3 | 8 | 1 | 7 |
| 9 | 7 | 2 | 8 | 4 | 1 | 6 | 5 | 3 |
| 8 | 1 | 3 | 5 | 7 | 6 | 2 | 4 | 9 |
| 3 | 8 | 1 | 6 | 5 | 7 | 4 | 9 | 2 |
| 5 | 6 | 7 | 4 | 9 | 2 | 1 | 3 | 8 |
| 4 | 2 | 9 | 1 | 3 | 8 | 7 | 6 | 5 |
| 7 | 4 | 8 | 3 | 6 | 9 | 5 | 2 | 1 |
| 2 | 3 | 6 | 7 | 1 | 5 | 9 | 8 | 4 |
| 1 | 9 | 5 | 2 | 8 | 4 | 3 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାପ ଯୋଗୁ ଆତ୍ମହତ୍ୟା ବଢୁଛି

ମହାଶୟ,

ରାଜସ୍ଥାନର କୋଟା ସହରର କୋଚିଂ ସେଣ୍ଟରଗୁଡ଼ିକୁ ଅନେକ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଆସୁଛନ୍ତି। ସେଠାରେ ସ୍ଥାନୀୟ ଲୋକମାନେ ମଧ୍ୟ ବାହାରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କୁ ସୁଲଭ ମୂଲ୍ୟରେ ରହିବା ପାଇଁ ଘର ଯୋଗାଇ ଦେଉଛନ୍ତି। ଏସବୁ ଭିତରେ ଏବେ ଦିନକୁ ଦିନ ସେହି କୋଚିଂ ସେଣ୍ଟରଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ସେମାନେ ଚାପଗ୍ରସ୍ତ ହୋଇଯାଉଛନ୍ତି। ଏହାର ଆଉ ଗୋଟିଏ ମୁଖ୍ୟ କାରଣ ହେଉଛି, ଅଭିଭାବକମାନେ ନିଜ ସନ୍ତାନମାନଙ୍କଠାରୁ ଯଥେଷ୍ଟ ପରିମାଣରେ ଉଚ୍ଚ ଆଶା କରୁଛନ୍ତି। ଫଳ ସ୍ୱରୂପ ପିଲାମାନେ ମାନସିକ ସନ୍ତୁଳନ ହରାଇ ଏପରି ଅବସ୍ଥାରେ ପହଞ୍ଚି ଯାଉଛନ୍ତି। ପିଲାଙ୍କୁ ଅଭିଭାବକମାନେ କୋଟାକୁ ତାଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ପାଇଁ ଜୋରଜବରଦସ୍ତ ପଠାଉଛନ୍ତି। ସେଠାରେ ଯଦି ସେମାନେ ପାଠପଢ଼ାରେ ଅଧିକ ଚାପଗ୍ରସ୍ତ ହୋଇ ଜୀବନ ତ୍ୟାଗ କରୁଛନ୍ତି ତେବେ କୋଚିଂରେ କି ଲାଭ! ବର୍ତ୍ତମାନ କେନ୍ଦ୍ର ସରକାର ଏହା ଉପରେ ଅତ୍ୟନ୍ତ କଠୋର ପଦକ୍ଷେପ ନେବା ଉଚିତ। ଦରକାର ହେଲେ କୋଟାର କୋଚିଂ ସେଣ୍ଟରଗୁଡ଼ିକୁ ନିଷିଦ୍ଧ କରାଇବା ଆବଶ୍ୟକ। ଯଦି ଖୋଲି ରଖିବା ପାଇଁ ଅନୁମତି ଦିଆଯାଇଥାଏ, ତେବେ ସେଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ କରାଇବା ଦରକାର; ଯାହା ଫଳରେ ଆତ୍ମହତ୍ୟା ସଂଖ୍ୟା ହ୍ରାସ ପାଇବ।

–ପ୍ରଦୀପ୍ତ କୁମାର କର, ପ୍ଲଟ ନଂ.୨୫, ସୂର୍ଯ୍ୟନଗର, ଭୁବନେଶ୍ୱର

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭ୍ରୁରୁ ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
–(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ଗିରଫ**

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ):** ଗଞ୍ଜେଇ ଚାଲାଣ ମାମଲାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ କାଞ୍ଚନିବାଗ ଗ୍ରାମର ଚନ୍ଦନ ମାଝୀ (୨୫)। ତାଙ୍କଠାରୁ ୫.୧ କେଜି ଗଞ୍ଜେଇ ଜବତ କରାଯାଇଛି। ବରମୁଣ୍ଡା ପୁରୁଣା ବସ୍ଷ୍ଟାଣ୍ଡ ପଛ ପାଖରେ ଥିବା ଓୟୁଏଟି ଫାର୍ମ ରାସ୍ତାରେ ସୋମବାର ପୋଲିସ ଟିମ୍ ଚଢ଼ାଉ କରି ଚନ୍ଦନଙ୍କଠାରୁ ଗଞ୍ଜେଇ ଜବତ କରିଥିଲା। ଚନ୍ଦନ ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରୁଥିଲେ। ବାଲେଶ୍ୱରରୁ ସେ ବସ୍‌ରେ ଗଞ୍ଜେଇ ଆଣି ଭୁବନେଶ୍ୱରର କେତେଜଣ ବେପାରୀଙ୍କୁ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

# ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା ଅଭିଯୋଗ

**ଆଳି, ୪।୩(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କୁଣ୍ଡିଲୋ ଗ୍ରାମରୁ ସମ୍ପତ୍ତି ପାଇଁ ମା'ଙ୍କୁ ହତ୍ୟା କରାଯାଇଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ହୋଇଛି। ଗ୍ରାମର ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ସମ୍ପତ୍ତି ନିମନ୍ତେ ତାଙ୍କ ପୁଅ ଓ ନାତି ମାରିଦେଇଥିବା ନେଇ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଥାନାରେ ମୃତା ବୈଦେହୀ ରାଉତ(୮୫)ଙ୍କ ବିବାହିତ ଝିଅ ସରସ୍ୱତୀ ବାରିକ ଅଭିଯୋଗ କରିଛନ୍ତି। ଏନେଇ ନଂ. ୧୧୦/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ଶୁକଦେବ ରାଉତ ଓ ବୈଦେହୀଙ୍କ ୩ ପୁଅ ଏବଂ ୨ ଝିଅ ଥିଲେ। ଶୁକଦେବଙ୍କ ପରଲୋକ ଘଟିଥିବାବେଳେ ବୈଦେହୀ ଶାରୀରିକ ଭାବେ ଅସୁସ୍ଥ ଥିଲେ। ସମସ୍ତ ପୁଅ ଓ ଝିଅ ବିବାହକରି ନିଜ ନିଜ ପରିବାରକୁ ନେଇ ଅଲଗା ରହୁଛନ୍ତି। ବଡ଼ପୁଅ ଗଣେଶ୍ୱର ବାପାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ପ୍ରମାଣପତ୍ରରେ ୨ ଭଉଣୀଙ୍କ ନାମକୁ କାଟି ୩ ଭାଇ ଓ ମା'ଙ୍କ ନାମ ରଖିଥିଲେ। ମା'ଙ୍କୁ ଭୟଭୀତ କରି ଗଣେଶ୍ୱର ତାଙ୍କୁ ଅକ୍ତିଆର କରି ରଖିଥିଲେ। ଏପରିକି ସେ ମା'ଙ୍କ ଅଂଶର କିଛି ସମ୍ପତ୍ତିକୁ ବିକ୍ରିକରି ଦେଇଥିଲେ।


ମୃତା ବୈଦେହୀ ରାଉତ।

ଏହା ଜଣାପଡ଼ିବା ପରେ ଅନ୍ୟ ଭାଇମାନେ ପୁନର୍ବାର ଠିକ୍ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରି କେସ୍ କରିଛନ୍ତି। ମା'ଙ୍କୁ ପାଖରେ ରଖି ବଡ଼ଭାଇ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ଅନେକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମା'ଙ୍କୁ ଠିକ୍ ଭାବେ ଖାଇବାକୁ ଦେଉ ନ ଥିଲେ। ଘର ଭିତରେ ପୂରାଇ ତାଲାମାରି ରଖୁଥିଲେ। ମା'ଙ୍କୁ ଅବହେଳା କରାଯାଉଥିବା ଖବର ପାଇବା ସରସ୍ୱତୀ ଓ ତାଙ୍କ ଭଉଣୀ ବାପଘରକୁ ଆସିଥିଲେ। ସେମାନେ ମା'ଙ୍କୁ ନେବାକୁ କହିବାରୁ ଗଣେଶ୍ୱର ଓ ତାଙ୍କ ପୁଅ ମାନସ ସେମାନଙ୍କୁ ମନା କରିବା ସହ ଗାଳିଗୁଲଜ କରିଥିଲେ। ସୋମବାର ରାତିରେ ଗଣେଶ୍ୱର ଓ ପୁଅ ମାନସ ମା'ଙ୍କ ତଣ୍ଟି ଚିପି ମାରି ଦେବା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ବୋଲି ସରସ୍ୱତୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବୈଦେହୀଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସରସ୍ୱତୀ ତାଙ୍କ ବଡ଼ଭାଇ ଓ ପୁତୁରାଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଗଣେଶ୍ୱର ଖଣ୍ଡନ କରିଛନ୍ତି। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପକ୍ଷରୁ ମୃତଦେହକୁ ଜବତ କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

# ଫେରାର ୨ ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

**ଏଟିଏମ୍ ତାଡ଼ି ଲୁଟ୍ ଘଟଣା**

**ଭୁବନେଶ୍ୱର,୪।୩(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରେ ଏଟିଏମ୍ ତାଡ଼ି ଟଙ୍କା ଲୁଟ ମାମଲାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଗାଜିଆବାଦ ଅଞ୍ଚଳର ଏ. ରୁସ୍ତମ୍ (୩୬) ଓ ପଶ୍ଚିମବଙ୍ଗ ଚବିଶପ୍ରଗଣା ଜିଲା ବାସନ୍ତୀ ଥାନା ଅଞ୍ଚଳର ରାଜୁ ଓରଫ ସେକ୍ ମିଜାନୁର ରେହେମାନ ମୁଲ୍ଲା (୪୫)। ଉଭୟଙ୍କଠାରୁ ୩୮ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଏହି ଆନ୍ତଃରାଜ୍ୟ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୩ ଦିନ ତଳେ ପୋଲିସ ଟିମ୍ ଲିଙ୍ଗରାଜ ଥାନା ଅଞ୍ଚଳର ଭିକି ଦେବୀପ୍ରସାଦ ମଲ୍ଲିଆ, ଆକାଶ ମହାପାତ୍ର, ଏୟାରଫିଲ୍ଡ ଥାନା ଅଞ୍ଚଳର ସାଗର ସାମଲ, ବୀରେନ ରାଉତ, ଜଟଣୀର


ଗିରଫ ଦୁଇ ଅଭିଯୁକ୍ତ

ରମାକାନ୍ତ ସାହୁ ଓରଫ କାହ୍ନା ଏବଂ ରାଉରକେଲାର ବୁବାଇ ଓରଫ ଆକାଶ ମୁଖାର୍ଜୀଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ତାରିଖ ଭୋର ସମୟରେ ଅଭିଯୁକ୍ତମାନେ ଏଟିଏମ୍ ତାଡ଼ି ୨୧ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନେ ଏହି କାଣ୍ଡ ଭିଆଇବାକୁ ମାସେ ପୂର୍ବରୁ ଯୋଜନା କରିଥିଲେ। ଚୋରି ଟଙ୍କାକୁ ସେମାନେ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ। ଏକ ହତ୍ୟା ମାମଲାରେ ଭିକି ଓ ସାଇବର ମାମଲାରେ ଆକାଶ ଗିରଫ ହୋଇ ଝାରପଡ଼ା ଜେଲ ଯାଇଥିଲେ। ଧଉଳି ଏଟିଏମ୍ ଲୁଟ ମାମଲାରେ ରାଜୁ ମଧ୍ୟ ଜେଲରେ ରହିଥିଲେ। ସେଠାରେ ପରସ୍ପର ପରିଚିତ ହୋଇ ଆଉ ଏକ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ରାଜୁ ୨୦୨୨ରେ ଜାମିନରେ ଜେଲରୁ ବାହାରିଥିଲେ। ପରେ ୨୦୨୪ ଡିସେମ୍ବରରେ ଭିକି ଜାମିନରେ ଆସିଥିଲେ। ଏହାପରେ ଅଭିଯୁକ୍ତମାନେ ଗ୍ୟାଙ୍ଗ ଗଢ଼ି ଲୁଟ୍ କରିଥିଲେ। ଏନେଇ ଏସ୍‌ବିଆଇ ଓଲ୍ଡଟାଉନ ବ୍ରାଞ୍ଚ ଚିଫ୍ ମ୍ୟାନେଜର ପ୍ରଦୀପ ରଞ୍ଜନ ମହାପାତ୍ରଙ୍କ ଏତଲା ଆଧାରରେ ଲିଙ୍ଗରାଜ ଥାନା ପକ୍ଷରୁ ଏକ ମାମଲା (ନଂ.୨୬/୨୦୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

## ୫୦ କୋଟି ହେର୍‌ଫେର୍ ମାମଲା

**ରାଜା ଚକ୍ରଙ୍କ ଘରେ ଇଓଡବ୍ଲ୍ୟୁ ଚଢ଼ାଉ**

**କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଭୁବନେଶ୍ୱର,୪।୩ (ସତ୍ୟଜିତ୍ ରାଉତ)**

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେର୍‌ଫେର୍ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଲିଙ୍କ୍‌ରେ କେନ୍ଦୁଝରର ବିଜେଡି ନେତା ସୌମ୍ୟ ଓରଫ ରାଜା ଚକ୍ରଙ୍କୁ ମଙ୍ଗଳବାର ଇଓଡବ୍ଲ୍ୟୁ ପକ୍ଷରୁ ପଚରାଉଚରା କରାଯାଇଥିବାବେଳେ ମଙ୍ଗଳବାର ଚଢ଼ାଉ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଓଡବ୍ଲ୍ୟୁ ଓ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ କେନ୍ଦୁଝର ସମେତ ସୁନ୍ଦରଗଡ଼, ସମ୍ବଲପୁର ଆଦି ଜିଲାର ପ୍ରାୟ ୮ଟି ସ୍ଥାନରେ ଚଢ଼ାଉ ହୋଇଛି। ଏଥିମଧ୍ୟରେ କେନ୍ଦୁଝର ଜିଲା ଶୁଆକାଟିସ୍ଥିତ ରାଜାଙ୍କ ଲୋଡିଂ ଏଜେନ୍ସି ଅଫିସ, କେନ୍ଦୁଝର ସହରରେ ଥିବା ବାସଗୃହ, ଘଟଗାଁ ବ୍ଲକ୍ ଗୋପାଳପୁରସ୍ଥିତ ଫାର୍ମ ହାଉସ ଏବଂ ଶିଳ୍ପାଞ୍ଚଳ କରିଡର ଚେକ୍ ପଏଣ୍ଟ ଆଦି ରହିଛି। ଚଢ଼ାଉ ବେଳେ ରାଜାଙ୍କ ୨୦ ଗାଡ଼ି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଏପରିକି ଫାର୍ମ ହାଉସ୍‌କୁ ମଧ୍ୟ ସିଲ୍ କରାଯାଇଥିବା ସୂଚନା ମିଳିଛି। ରାଜାଙ୍କ ନାମରେ ୩ଟି କମ୍ପାନୀ ରହିଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ଠାବ ହୋଇଛି। ଉକ୍ତ ଆକାଉଣ୍ଟରୁ କାହା ପାଖକୁ ଟଙ୍କା ଯାଇଛି ଏବଂ ଆସିଛି ଟିମ୍ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି। ସୋମବାର ରାଜାଙ୍କୁ ଇଓଡବ୍ଲ୍ୟୁ ପ୍ରାୟ ୧୨ ଘଣ୍ଟା ଧରି ଜେରା କରି ବହୁ ତଥ୍ୟ ହାସଲ କରିଥିଲା।

# ଅତ୍ୟାଚାର ସହି ପାରିଲିନି, ମାରିଦେଲି

**ସତ ମାନିଲେ ସ୍ତ୍ରୀ**

**କୁଚିଣ୍ଡା,୪।୩(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଶିରିଡ ପଞ୍ଚାୟତ କୁଇଲାରୀଯୋର ଗ୍ରାମର ଗଜେନ୍ଦ୍ର କିଷାନ(୩୫)ଙ୍କୁ ତାଙ୍କ ସ୍ତ୍ରୀ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ତ୍ରୀ ଯଶୋଦା କିଷାନ(୩୦)ଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟଙ୍କୁ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସ୍ୱାମୀ ନିଶାସେବନ କରି ତାଙ୍କୁ ମାରପିଟ କରିଆସୁଥିଲେ। ଏଭଳି ଅତ୍ୟାଚାର ଅସହ୍ୟ ହେବାରୁ ସ୍ୱାମୀଙ୍କୁ ହତ୍ୟା କରିଥିବା ପୋଲିସ ପଚରା ଉଚରାବେଳେ ଯଶୋଦା କହିଛନ୍ତି। ଏ ନେଇ କୁଚିଣ୍ଡା ଥାନାରେ ଦଫା ୧୦୩ ବିଏନଏସରେ ଏକ ମାମଲା (ନଂ.୬୩/୨୫) ରୁଜୁ ହୋଇଛି।

ମୃତ ଗଜେନ୍ଦ୍ର ନିକଟସ୍ଥ ଗୁଡୁରାପଡା ଗ୍ରାମର ଯଶୋଦାଙ୍କୁ ବିବାହ କରିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେ ତାମିଲନାଡୁରେ ଶ୍ରମିକଭାବେ କାମ କରୁଥିଲେ। ତାଙ୍କର ଏକମାତ୍ର ୧୨ବର୍ଷର ଝିଅ ଗୁଡୁରାପଡା ମିଶନ ସ୍କୁଲର ହଷ୍ଟେଲରେ ରହି ପଢୁଥିବା ବେଳେ ଯଶୋଦା ଘରେ ଏକୁଟିଆ ରହୁଥିଲେ। ଗଜେନ୍ଦ୍ର ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ରବିବାର ତାମିଲନାଡୁରୁ ଘରକୁ ଆସିଥିଲେ। ନିଶାସେବନ କରି ଗଜେନ୍ଦ୍ର ଯଶୋଦାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେ ବାହାଘରରେ ଯୋଗଦେଇ ରାତିରେ ଘରକୁ ଫେରି ଶୋଇଥିଲେ। ମାଡ଼ ଭୟରେ ଯଶୋଦା ମଧ୍ୟ ଘରୁ ବାହାଘରକୁ ଚାଲିଯାଇଥିଲେ। ସ୍ୱାମୀ ଘରକୁ ଫେରିବାର କିଛି ସମୟ ପରେ ଯଶୋଦା ଆସିଥିଲେ। ଗଜେନ୍ଦ୍ର ପଲଙ୍କ ଉପରେ ଶୋଇଥିବା ବେଳେ ଯଶୋଦା ଏକ ଟାଙ୍ଗିଆରେ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଚୋଟ ମାରି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଘରପାଖ ବୁଦାମୂଳରେ ଟାଙ୍ଗିଆ ଲୁଚାଇ ସେ ଶୋଇଯାଇଥିଲେ। ସୋମବାର ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗଜେନ୍ଦ୍ର ନ ଉଠିବାରୁ ତାଙ୍କ ବଡ଼ଭାଇ ରାଜେନ୍ଦ୍ର କିଷାନଙ୍କର ସନ୍ଦେହ ହୋଇଥିଲା। ଯଶୋଦାଙ୍କ କଥାବାର୍ତ୍ତାକୁ ସନ୍ଦେହ କରି ସେ ଘର ଭିତରକୁ ଯାଇ ଗଜେନ୍ଦ୍ରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଛଣାରେ ପଡିଥିବା ଦେଖିଥିଲେ। ତାଙ୍କଠାରୁ କୁଚିଣ୍ଡା ପୋଲିସକୁ ଖବର ମିଳିଥିବା କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

# ପୂର୍ବତନ ଡାଟା ଅପରେଟରଙ୍କୁ ଜେରା

**ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲା**

**ଝାରସୁଗୁଡ଼ା,୪।୩ (ଆଶିଷ ରଞ୍ଜନ ଦାଶ)**

ନବ ଦାସଙ୍କ ସରବାହାଲସ୍ଥିତ ବାସ ଭବନରେ ରୋଷେୟା ଲଳିତ ସାହୁ ମୃତ୍ୟୁ ମାମଲାରେ ମଙ୍ଗଳବାର ଝାରସୁଗୁଡ଼ା ଟାଉନ ଥାନା ପୋଲିସ ପୁଣି ତଦନ୍ତ ଆରମ୍ଭ କରିଛି। ନବଙ୍କ ସରବାହାଲସ୍ଥିତ ଘର ତଥା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ତତ୍କାଳୀନ ଡାଟା ଅପରେଟର ବିକାଶ ମହାୱାରଙ୍କୁ ଟାଉନ ଥାନା ପୋଲିସ ପଚରାଉଚରା କରିଛି। ପୋଲିସ ପ୍ରଶ୍ନ ଉତ୍ତରରେ ବିକାଶ କହିଥିଲେ ଯେ, ସେ ପ୍ରଥମେ ସକାଳୁ ରୋଷେୟା ଲଳିତଙ୍କୁ ଫୋନ୍ କରିଥିଲେ। କିନ୍ତୁ ଲଳିତ ଫୋନ୍ ନ ଉଠାଇବାରୁ ସେ ତାଙ୍କ କ୍ୱାର୍ଟର୍ସକୁ ଯାଇ ଦେଖିବା ବେଳେ ଲଳିତଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏ ନେଇ ସେ ଅଫିସରେ ଜଣାଇଥିଲେ ବୋଲି କହିଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଏହା ପୂର୍ବରୁ ନବଙ୍କ ପାଳିତ କୁକୁର ସେବା କରିବା ପାଇଁ ନିୟୋଜିତ କର୍ମଚାରୀ ମୁନୁ ପ୍ରସାଦ ଓ ଗେଟ ରକ୍ଷକ ହେମ ସାଗରଙ୍କୁ ଜେରା କରାଯାଇଛି। ଏହି ଘଟଣାରେ ଜଡ଼ିତ ଥିବା ବିଭିନ୍ନ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ଥାନାରେ ହାଜର ପାଇଁ ନୋଟିସ ଦିଆଯାଇଛି। ବୟାନ ଦେଇଥିବା ହେମ ସାଗର ଏବଂ ମୁନୁ ଏବଂ ବିକାଶଙ୍କୁ ମଧ୍ୟ ବିଭିନ୍ନ ସମୟରେ ପଚାରାଉଚୁରା ପାଇଁ ଡାକିଲେ ଆସିବା ପାଇଁ କୁହାଯାଇଥିବା ବେଳେ ଏ ସମସ୍ତଙ୍କ ଉପରେ ନଜର ରଖାଯାଇଛି ବୋଲି ତଦନ୍ତ ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

## ପିସ୍ତଲ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଯୁବକ ଗିରଫ

**ସମ୍ବଲପୁର,୪।୩(ପ୍ରମୋଦ ବହିଦାର)**

ସାଧାରଣରେ ପିସ୍ତଲ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ବୁର୍ଲା ପୋଲିସ ଗିରଫ କରିଛି। ସେ ହେଉଛନ୍ତି ଝାଡ଼ଖଣ୍ଡ ଗୁମଲା ସହରର ରାହୁଲ ସାହୁ(୨୪)। ତାଙ୍କଠାରୁ ଗୋଟିଏ ୭.୬୫ ମିମିର ଏକ ଦେଶୀ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ ଫୋନ, ଏକ କାର(ଜେଏଚ୍-୦୧-ଏବି-୭୭୦୫) ପୋଲିସ ଜବତ କରିଛି। ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଜଣେ ଯୁବକ ଏକ କାରରେ ଆସି ହୀରାକୁଦ ରେଳ ଷ୍ଟେଶନରେ ପିସ୍ତଲ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ସମ୍ପର୍କରେ ବୁର୍ଲା ଥାନା ପାଟ୍ରୋଲିଂ ଦଳକୁ ଖବର ମିଳିଥିଲା। ଖବର ପାଇ ବୁର୍ଲା ଥାନା ସବ୍‌ଇନ୍ସପେକ୍ଟର ଆଶିଷ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପସ୍ତଲ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଯୁବକଙ୍କୁ କାବୁ କରିବା ସହ ତାଙ୍କ କାରକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ଏକ ଗୁଳିଭର୍ତ୍ତି ଦେଶୀ ପିସ୍ତଲ ଜବତ ହୋଇଥିଲା। ପୋଲିସ ତାଙ୍କୁ ଥାନାକୁ ଆଣି ଅଧିକ ପଚାରାଉଚରା ବେଳେ ତାଙ୍କ ନାମ ରାହୁଲ ସାହୁ ଓ ସେ ଝାଡ଼ଖଣ୍ଡ ଗୁମଲା ସହରର ବୋଲି ପରିଚୟ ଦେଇଥିଲେ। କୌଣସି ଆପରାଧିକ କାର୍ଯ୍ୟକୁ ରୂପ ଦେବା ପାଇଁ ଝାଡ଼ଖଣ୍ଡରୁ ବୁର୍ଲା ଆସିଥିବା ସେ ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। ବୁର୍ଲା ଥାନାରେ ଅସ୍ତ୍ରଶସ୍ତ୍ର ନିଷେଧ ଆଇନ୍ ଦଫା ୨୫(୧)(ଏ), ୨୭(୧)ରେ ଏକ ମାମଲା (ନଂ.୯୪/୨୫) ରୁଜୁ କରି ପୋଲିସ ରାହୁଲଙ୍କୁ କୋର୍ଟ ଚାଲାଣ କରିଥିଲା। ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ଯୋଗାଣ ବିଭାଗର ୨ ଆକାଉଣ୍ଟାଣ୍ଟ

**ବିଲ୍ ପାସ୍ ପାଇଁ ନେଉଥିଲେ ୫୦ ହଜାର ଟଙ୍କା ଲାଞ୍ଚ**

**ଅନୁଗୋଳ,୪।୩ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଯୋଗାଣ କାର୍ଯ୍ୟାଳୟର ୨ ଜଣ ଜୁନିୟର ଆକାଉଣ୍ଟାଣ୍ଟ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ରାଇସ୍ ମିଲ୍ ବିଲ୍ ପାସ୍ କରାଇଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଜୁନିୟର ଆକାଉଣ୍ଟାଣ୍ଟ ରାଜନାରାୟଣ ସାହୁ ଏବଂ ଜିତେନ ପଟ୍ଟନାୟକଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଛନ୍ତି। ସୂଚନା ଅନୁଯାୟୀ, କ୍ରିଷ୍ଣା ରାଇସ ମିଲ୍ ପରିଚାଳକ ବକେୟା ଥିବା ୬୦ ଲକ୍ଷ ଟଙ୍କାର ବିଲ୍ ପାସ୍ କରିଦେବାକୁ ୨ ଆକାଉଣ୍ଟାଣ୍ଟଙ୍କୁ ମାସେ ହେଲା ଅନୁରୋଧ କରି ଆସୁଥିଲେ। କିନ୍ତୁ ଅଭିଯୁକ୍ତ ୨ ଆକାଉଣ୍ଟାଣ୍ଟ ୫୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ବିଲ୍ ପାସ୍ ହେବନାହିଁ ବୋଲି କହିଥିଲେ। ଏ ନେଇ ରାଇସ୍ ମିଲ୍ ମ୍ୟାନେଜର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଯୋଜନା ଅନୁସାରେ ମଙ୍ଗଳବାର ୨ ଆକାଉଣ୍ଟାଣ୍ଟଙ୍କୁ ରାଇସ୍ ମିଲ୍ ମ୍ୟାନେଜର ୫୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ସମୟରେ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ କାବୁ କରିଥିଲେ।

# ସମ୍ବଲପୁରରେ ଏନ୍‌କାଉଣ୍ଟର


ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଉଛନ୍ତି। ପାର୍ଶ୍ୱରେ ଅଭିଯୁକ୍ତଙ୍କ ନିକଟରୁ ଜବତ ଟଙ୍କା ଓ ବନ୍ଧୁକ।

- ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର
- ଅଭିଯୁକ୍ତଙ୍କ ବିରୋଧରେ ରହିଛି ୨୫ ମାମଲା


ଘଟଣାସ୍ଥଳରୁ ଜବତ ଅପରାଧୀଙ୍କ ପିସ୍ତଲ।

**ସମ୍ବଲପୁର, ୪।୩(ପ୍ରମୋଦ ବହିଦାର):** ସମ୍ବଲପୁର ସହରରେ ମଙ୍ଗଳବାର ସକାଳେ ଏନ୍‌କାଉଣ୍ଟର ହୋଇଛି। ପୋଲିସ ସହିତ ଗୁଳି ବିନିମୟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ବରଗଡ଼ ଟାଉନ ଥାନା ଗୋଲପଡ଼ାର ମହେଶ କୁମାର ଶର୍ମା ଓରଫ ଗୁଡୁ(୩୫)ଗୁରୁତର ହୋଇଛନ୍ତି। ତାଙ୍କୁ ଭିମ୍‌ସାରରେ ଭର୍ତ୍ତିକରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଗୋଟିଏ ବାଇକ୍ ଓ ୪୦ ହଜାର ଟଙ୍କା ଜବତ ହୋଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ସୋମବାର ଅପରାହ୍ନରେ ସମ୍ବଲପୁରରେ ରହି ଔଷଧ ଅଭିକର୍ତ୍ତାଭାବେ କାର୍ଯ୍ୟରତ ସୁବର୍ଣ୍ଣପୁର ଜିଲା ସବୁଲୟା ଥାନା ଆନନ୍ଦପୁରର ଅକ୍ଷୟ କୁମ୍ଭାରଙ୍କଠାରୁ ଅଇଁଠାପାଲି ନିକଟରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୪୫ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୬୪/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣାରେ ଅଭିଯୁକ୍ତ ମହେଶ ଶର୍ମାଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ସୂଚନା ପାଇଥିଲା। ତାଙ୍କୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ମଙ୍ଗଳବାର ଭୋରରୁ ଅଇଁଠାପାଲି ଜମାଦାରପାଲି ବିମାନ ଅବତରଣ କେନ୍ଦ୍ର ରାସ୍ତାରେ ମହେଶ ଏକ ବାଇକ୍‌ରେ ବୁଲାବୁଲି କରୁଥିବା ବେଳେ ପ୍ରାତଃ ଭ୍ରମଣରେ ବାହାରିଥିବା ଜଣେ ମହିଳାଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ କରିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ମହେଶ ନିଜ ବାଇକ୍‌ରେ ଫେରାରହେବାକୁ ଉଦ୍ୟମ କରିବାରୁ ପୋଲିସ ତାଙ୍କୁ ପିଛା କରିଥିଲେ। ଏହା ଦେଖି ମହେଶ ତାଙ୍କ ପିସ୍ତଲରୁ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଆତ୍ମରକ୍ଷା ପାଇଁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଏହି ରାସ୍ତାର ନିଲଡୁଙ୍ଗୁରି ମନ୍ଦିର ନିକଟରେ ସକାଳ ପ୍ରାୟ ୫ଟା୪୫ରେ ଉଭୟ ପକ୍ଷରୁ ଗୁଳିବିନିମୟରେ ମହେଶଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା। ସେ ଗୁରୁତର ଆହତ ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁକରି ପ୍ରଥମେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭିମ୍‌ସାରରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ସେ ବିପଦମୁକ୍ତଅଛନ୍ତି। ସମ୍ବଲପୁରରେ ଏହି ଟଙ୍କା ଲୁଟ୍ ମାମଲାକୁ ମିଶାଇ ମହେଶଙ୍କ ନାମରେ ସମ୍ବଲପୁର ସହିତ ବରଗଡ଼, ବଲାଙ୍ଗୀର ଆଦି ଜିଲାର ବିଭିନ୍ନ ଥାନାରେ ପ୍ରାୟ ୨୫ଟି ଆପରାଧିକ ମାମଲା ରହିଛି। ରେଢ଼ାଖୋଲ ଥାନାରେ ସର୍ବାଧିକ ୧୧ଟି, ବୁର୍ଲା ଓ ବରଗଡ଼ ଥାନାରେ ୩ଟି ଲେଖାଏ, ଜମନକେରା ଥାନାରେ ୨ଟି, ଭେଡେନ, ବରପାଲି, ଟିଟିଲାଗଡ଼, ହୀରାକୁଦ, ବରେଇପାଲି ଓ ଅଇଁଠାପଲି ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ତେବେ ଅଭିଯୁକ୍ତ କେଉଁ ଉଦ୍ଦେଶ୍ୟରେ ଓ କେବେ ସମ୍ବଲପୁର ଆସିଥିଲେ ଏବଂ ଏଠାରେ କାହା ସହ ତାଙ୍କ ଲିଙ୍କ୍ ରହିଛି ତାହାର ତଦନ୍ତ ଚାଲିଛି ବୋଲି କହିଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/113, ତା.28.02.2025ରିଖ
ଟେଣ୍ଡର ସଂ. etenderhqkur-331-2024 ତା.20.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର/P.WAY/ଖୋର୍ଦ୍ଧା ରୋଡ୍ ପରିସୀମା ଅଧିନସ୍ଥ ଖୋର୍ଦ୍ଧା ରୋଡ୍ ୟାର୍ଡ ଏବଂ ପ୍ରବେଶ ମାର୍ଗରେ ଟ୍ରାକ୍, ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର ଡିପ୍ ସ୍କ୍ରିନିଙ୍ଗ୍ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 263.63 ଲକ୍ଷ, **EMD :** ₹ 2,81,800/-, ଶେଷ ହେବା ଅବଧି : 10 (ଦଶ) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.03.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ହାତ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍
PR-1039/P/24-25

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**ବିଦ୍ୟୁତ୍ ନିରାପତ୍ତା ସମ୍ପର୍କିତ ସତର୍କ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ସହରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ **ଗଣେଶ ନଗରଠାରୁ ଅଇଁଠାପାଲିସ୍ଥିତ ସବ୍‌ଷ୍ଟେସନ** ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ନୂତନ ୩୩ କେ.ଭି. ଦ୍ୱିତୀୟ ସର୍କିଟ୍ ଭୂତଳ କେବୁଲ (UG XLPE Cable) ବିଛାଯାଇଅଛି। ଏହି ନୂତନ ଭାବେ ନିର୍ମିତ ଦ୍ୱିତୀୟ ଭୂତଳ କେବୁଲ ଲାଇନ୍‌ରେ ବିଦ୍ୟୁତ୍‌ଶକ୍ତି ପ୍ରବାହିତ କରାଯାଉଅଛି।

ଏଣୁ ସର୍ବସାଧାରଣଙ୍କୁ ଅନୁରୋଧ ଯେ, ପ୍ରଚଳିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସୁରକ୍ଷା ତଥା ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ପଦକ୍ଷେପ) ବିନିମୟ, ୨୦୨୩ ଅନୁଯାୟୀ ଏହି ଲାଇନ୍ ଉପରେ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିନା ଅନୁମତିରେ ଖୋଦନ/ଖନନ/ନିର୍ମାଣ କାର୍ଯ୍ୟ ଇତ୍ୟାଦି ସମ୍ପୂର୍ଣ୍ଣ ନିଷେଧ ଅଟେ। ଏହାଦ୍ୱାରା ଧନ ଜୀବନ ହାନିର ଯଥେଷ୍ଟ ଆଶଙ୍କା ରହିଛି। ଏହି ସତର୍କ ସୂଚନା ସତ୍ତ୍ୱେ, କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ସମ୍ବଲପୁର ବିଦ୍ୟୁତ୍ ଡିଭିଜନ, ସମ୍ବଲପୁର

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧); ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୭୮; ଦ.ପୂ. ରେଳପଥର ଏଡିଇଇ/ଟିଆର୍‌ଡି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆର୍‌ଡି କାର୍ଯ୍ୟ; ₹୪୯,୦୦,୦୭୦.୦୦; ₹୯୮,୦୦୦.୦୦; (୨); ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୪-୨୫-୭୭; ଦ.ପୂ. ରେଳପଥର ଏଡିଇଇ/ଟିଆର୍‌ଡି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ୦୨ ବର୍ଷ ପାଇଁ ବିବିଧ ଟିଆର୍‌ଡି କାର୍ଯ୍ୟ; ₹୪୭,୬୯,୪୮୫.୦୦; ₹୯୫,୪୦୦.୦୦; ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ (କ୍ର.ସଂ. ୧ ଓ ୨ ପାଇଁ); ଖୋଲାଯିବା ତାରିଖ: ତା୨୭।୦୩।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ); ସମାପ୍ତି ଅବଧି: ୨୪ ମାସ (କ୍ର.ସଂ. ୧ ଓ ୨ ପାଇଁ); ଦାଖଲର ତାରିଖ: ତା୨୭।୦୩।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ଅନଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।
(PR-1201)

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, KHARUNG WATER RESOURCES DIVISION, BILASPUR, DISTT.: BILASPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**NIT No.: 24, 25 & 26/SAC/2024-25** **Dated: 28.02.2025**
Online tenders are invited for the following works

| NIT No. | Tender System No. | Name of Work | Probable Amount |
|---|---|---|---|
| 24/SAC/24-25 Dt.28.02.25 | 164752 (Second Call) | Construction of Scape at RD 2310 M., RD 3960 M., RD 5730 M. & RD 8340 M. and Silt Clearance form RD 2400 M. to 12000 M. of Main Canal of Bharari Diversion Scheme | 101.05 Lakhs |
| 25/SAC/24-25 Dt.28.02.25 | 164755 First Call | Renovation work of Baniyadih Tank with repair of Bund, Construction of Spill Channel, Shut Fall, Canal Repair and Lining work under Block Masturi, Distt.: Bilaspur | 224.37 Lakhs |
| 26/SAC/24-25 Dt.28.02.25 | 164758 First Call | Improvement work of Panbhariya Tank at Village: Seepat Block Masturi, Distt.: Bilaspur | 267.01 Lakhs |

**(Portable Amount of Contract based on SOR 22.08.2022)**
The details can be viewed and downloaded online directly from the Government of Chhattisgarh integrated e-Procurement Portal **(https://eproc.cgstate.gov.in) from Date:07.03.2025 at 17.31 hours (IST) onwards**.
**NOTE:** 1. All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

G-242505677/2
Sd./- Executive Engineer
Kharung W.R. Division, Bilaspur (C.G.)

**छत्तीसगढ़ शासन, जल संसाधन विभाग**
**कार्यालय कार्यपालन अभियंता, जल प्रबंध संभाग क्र. 02 बलौदाबाजार (छ.ग.)**
**ई-प्रोक्यूरमेंट निविदा सूचना**
**Main Portal: http://cgeprocurement.gov.in**
**WRD Portal: http://wrd.cgeprocurement.gov.in**
**निरस्तीकरण सूचना**

इस कार्यालय द्वारा आमंत्रित सिस्टम क्रमांक 162740 (प्रथम आमंत्रण) निविदा सूचना क्रमांक 07/ब.ले.लि./ई-प्रोक्युरमेंट/2024-25 दिनांक 13.12.2024, जिसका जी नंबर 242504594/2 दिनांक 17.12.2024 में जी शेड्यूल में आवश्यक सुधार होने के कारण निविदा निरस्त की जाती है।

स्वा./- कार्यपालन अभियंता
जल प्रबंध संभाग क्र 02, बलौदाबाजार
कृते मुख्य अभियंता महानदी परियोजना
जल संसाधन विभाग, रायपुर, छ.ग.
G-242505645/4

**कार्यपालक अभियंता का कार्यालय,**
**लघु सिंचाई प्रमंडल, गोड्डा।**
**शुद्धि–पत्र**

एतद द्वारा सूचित किया जाता है कि इस कार्यालय द्वारा आमंत्रित **e-Tender Reference No.-DMFT/MID/GODDA/ F2-17 2nd Call/2024-25 Gr. No.-03** जिसका **PR No.-346140** में प्रकाशित, वेवसाइट में ई–निविदा प्रकाशन की तिथि–14.02.2025 के स्थान पर 08.03.2025, ई–निविदा प्राप्ति की तिथि एवं समय–25.02.2025 के स्थान 22.03.2025 अपराह्न 05:00 बजे तक एवं ई–निविदा खोलने की तिथि 27.02.2025 के स्थान पर 24.03.2025 को अपराह्न 05:00 बजे तक पढ़ा जाय। निविदा की अन्य शर्तें पूर्ववत रहेगी।

कार्यपालक अभियंता,
लघु सिंचाई प्रमंडल, गोड्डा।
PR 347792 Minor Irrigation(24-25)D

**Directorate of Tourism**
**Govt. of Jharkhand**
**Department of Tourism, Art Culture, Sports and Youth Affairs (Tourism Division)**
**MDI Building, 2nd Floor, Dhurwa, Ranchi-834004**
**Phone:(0651)2400493, email:dirjharkhandtourism@gmail.com,**
**Web:https://tourism.jharkhand.gov.in**

**RFP No:- 284 /** **Dated:-04/03/2025**

**Short Notice Inviting Tender**
**for**
**Selection of an Agency for Design, Supply, Installation, Operation and Maintenance, Support for Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion (Call-3)**

The Directorate of Tourism (DoT), Govt. of Jharkhand intends to Selection of An Agency for Design, Supply, Installation, Operation And Maintenance, Support For Interactive Digital Touch Screen Smart Kiosk At Designated Locations For Jharkhand Tourism Branding & Promotion therefore, invites interested agencies to submit their Bids.

Interested agencies may download the document from **04.03.2025, 17:00 Hours** onwards from the Department of Tourism website:–www.tourism.jharkhand. gov.in/ and submit their Applications. The Bid Due Date is **20.03.2025 at 11:00 hours**. A Bid opening Conference will be held on **20.03.2025 at 11:30 hours** at the office of Directorate of Tourism, MDI Building, 2nd floor, HEC Campus, Dhurwa, Ranchi–04, Tel Phone: 0651-2400493, e-mail: dirjharkhandtourism@gmail.com.

All subsequent notifications, changes and amendments will be posted only on the website www.tourism.jharkhand.gov.in

DoT reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.

Sd/- Director, Tourism
PR 347787 Tourism, Art Culture Sports And Youth Affairs (24-25).D

**ଗ୍ରୀଷ୍ମପ୍ରବାହ ପାଇଁ ମେଗାଲିଫ୍ଟରେ ଜଳସେଚନ ଦାବି**

କୋକସରା (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): ଚଳିତ ବର୍ଷ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଥିବା ଦର୍ଶାଇ ବିଭାଗ ପକ୍ଷରୁ ମେଗାଲିଫ୍ଟ କେନାଲରୁ ଜଳସେଚନ ବନ୍ଦ କରାଯାଇଛି। କୋକସରା ବ୍ଲକର ବିଭିନ୍ନ ଜଳାଶୟରେ ଜଳସ୍ତର ହ୍ରାସ ପାଇଥିବାବେଳେ ଲୋକେ ପାଣି ପାଇଁ ଅସୁବିଧା ଭୋଗୁଛନ୍ତି। ମେଗାଲିଫ୍ଟ କେନାଲରୁ ଜଳସେଚନ ସୁବିଧା ଯୋଗାଇଦେବାକୁ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସହକାରୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ବ୍ଲକ ଅଧ୍ୟକ୍ଷାଙ୍କ ତରଫରୁ ଦାବିପତ୍ର ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଳ,୪।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ନେହେନାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜା ମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଶୋବନ୍ତ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ଟିଟେର କ୍ଲଷ୍ଟର ସିଆର୍‌ସିସି କ୍ଷୀରୋଦ କୁମାର ଗହୀର ମୁଖ୍ୟବକ୍ତା ଓ ଟିଟେର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନୁ ବାଗ, ନେହେନା ଆଶ୍ରମ ବିଦ୍ୟାଳୟ ପ୍ରଧାନ ସେବକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରାକାର ବାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହ ଶିକ୍ଷକ ଦୁର୍ଗାଚରଣ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସହ ଶିକ୍ଷକ ଲକ୍ଷ୍ମଣ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।

### କୁଲତା ସମାଜର ସାଧାରଣ ବୈଠକ

**କୋମନା,୪।୩(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା କେନ୍ଦ୍ରର ବିଶ୍ୱାଶହେ କୁଲତା ସମାଜର ଏକ ବୈଠକ ସୋମବାର ସମାଜର ସଭାପତି ବୈଷମ୍ପାୟନ ସାହୁଙ୍କ ଅଧ୍ୟକ୍ଷତାରେ ବାଞ୍ଜିବାହାଲ ଛକସ୍ଥିତ ସାହୁ ପେଟ୍ରୋଲ ପମ୍ପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡ଼ା ଜିଲା ସଭାପତି ତଥା ସାମାଜିକ କର୍ମୀ ସରୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତା ଓ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହା ସହ ସମାଜ କିପରି ସୁଦୃଢ଼ ହୋଇପାରିବ ସେ ଉପରେ ସମସ୍ତେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଅର୍ଥକରୀ ଫସଲ ଚାଷ ଓ ବ୍ୟବସାୟ କରି କିପରି ସମାଜର ଯୁବବର୍ଗ ଉନ୍ନତି କରିବେ ଓ ସମାଜର ଆଗାମୀ କାର୍ଯ୍ୟପନ୍ଥା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏକତା ହିଁ ବଳ ବୋଲି ଜିଲା ସଭାପତି ସାହୁ ବିଭିନ୍ନ ଉଦାହରଣ ଦେଇ ମତ ଦେଇଥିଲେ। ବୈଠକରେ ସମାଜର ଜିଲା ଉପସଭାପତି ଅଶ୍ୱିନୀ କୁମାର ଭୋଇ, ବୀରେନ୍ଦ୍ର ପ୍ରଧାନ, ପ୍ରବୀଣ କୁମାର ଭୋଇଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ।

### କଳାହାଣ୍ଡିରେ ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

**ଭବାନୀପାଟଣା,୪।୩ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ନୂତନ ଏସ୍‌ପି ଭାବେ ନାଗରାଜ ଦେବର କୋଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବୌଦ୍ଧ ଜିଲାରେ କାର୍ଯ୍ୟରତ ଥିଲେ। ପୂର୍ବରୁ କଳାହାଣ୍ଡି ଏସ୍‌ପି ଥିବା ଅଭିଲାଷ ଜିଙ୍କ ବଲାଙ୍ଗୀର ଜିଲା ବଦଳି ହେବାରୁ ତାଙ୍କ ସ୍ଥାନରେ ସେ ଯୋଗ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣା ଜିଲା ପୋଲିସ



ମୁଖ୍ୟାଳୟରେ ନୂତନ ଏସ୍‌ପି କୋଣ୍ଡା ଗଣମାଧ୍ୟମ ପ୍ରତିନିଧିଙ୍କୁ ସାକ୍ଷାତ ଦେଇ ଜିଲାରେ ମାଓବାଦୀ ଦମନ, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଶିଶୁ ଓ ମହିଳା ସୁରକ୍ଷା ଓ ସାଇବର ଅପରାଧ ଦିଗରେ ପ୍ରାଥମିକତା ଦେବେ ବୋଲି କହିଥିଲେ। ଜିଲା ପୋଲିସ ବିଭାଗର ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି।

### ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋକସରା,୪।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି କାର୍ଯ୍ୟରେ ଯୋଗଦାନ କରିଥିବା ବେଳେ ମଙ୍ଗଳବାର ଟିକିଲି ଗ୍ରାମ ଚନ୍ଦ୍ରଭାନୁ ଉଚ୍ଚ ବିଦ୍ୟାଳୟ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାଟି ପୂର୍ବରୁ ଏହି ବିଦ୍ୟାଳୟରୁ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି ମୁଖ୍ୟ ଅତିଥି, ସିଆର୍‌ସିସି ପ୍ରଶାନ୍ତ ଶବର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ମଳୟ ବାଗଙ୍କ ଅଧ୍ୟକ୍ଷତା ତଥା ଚିତ୍ତରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ସଭା ହୋଇଥିଲା।

# ବେଆଇନ ଭାବେ ମିଲରେ ଧାନ ଥିଲେ କାର୍ଯ୍ୟାନୁଷ୍ଠାନ

**ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସମୀକ୍ଷା ବୈଠକ**



ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ।

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାକୁ ୨ଦିନିଆ ଗସ୍ତରେ ଆସିଛନ୍ତି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ମଙ୍ଗଳବାର ଅପରାହ୍ନରେ ସେ ଭବାନୀପାଟଣା ସର୍କିଟ ହାଉସଠାରେ ପହଞ୍ଚିବା ପରେ କଳାହାଣ୍ଡି ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମୟରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜିଲା ଭାଜପା ସଭାପତି ଯୁଗଳ କିଶୋର ପୋଦ୍ଦ, ଜିଲା ଉପସଭାପତି ପ୍ରଶାନ୍ତ କୁମାର ସାହୁ, ମୁକେଶ ଅଗ୍ରୱାଲ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଖୁଣ୍ଟିଆ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ବିଦ୍ୟୁତ୍, ଗମନାଗମନ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖରିଫ ଧାନ ସଂଗ୍ରହ, ନିର୍ମାଣ ଶ୍ରମିକ, ବାର୍ଦ୍ଧକ୍ୟ ଭତ୍ତା, ଜଙ୍ଗଲ ଓ ଉଦ୍ୟାନ କୃଷିର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଜିଲାରେ ଧାନ କଟ୍‌ନିଛଟ୍‌ନି କରାଯିବା ଉପରେ ମନ୍ତ୍ରୀ ଖୁଣ୍ଟିଆ ଅସନ୍ତୋଷ ପ୍ରକାଶ କରିବା ସହ ବେଆଇନ ଭାବରେ ମିଲରେ ଧାନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯୋଗ୍ୟ ବ୍ୟକ୍ତି ଯେପରି ସରକାରୀ ଯୋଜନାରୁ ବାଦ୍ ନ ପଡନ୍ତି ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବୈତାରୁ ଦୀପ, ତନ୍ମୟ କୁମାର ଦରୱାନ, ଏସ୍‌ପି ନାଗରାଜ ଦେବର କୋଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କାଲାଇଭାନନ୍, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ଧର୍ମଗଡ ଉପଜିଲାପାଳ ଧୀମାନ ଚକମା ପ୍ରମୁଖ ଯୋଗଦେଇଥିଲେ।



କଳାହାଣ୍ଡିର ବୀରବାଦ୍ୟ ଘୁମୁରା ସହିତ ନାଚୁଛନ୍ତି ରାମଚରଣ।

## ତେଲୁଗୁ ଷ୍ଟାର ରାମଚରଣଙ୍କ ଗୀତରେ କଳାହାଣ୍ଡିର ବୀରବାଦ୍ୟ

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

ଦକ୍ଷିଣ ଭାରତୀୟ (ତେଲୁଗୁ) ଗ୍ଲୋବାଲ ଷ୍ଟାର ରାମଚରଣଙ୍କ ନୂଆ ଚଳଚ୍ଚିତ୍ର 'ଗେମ୍ ଚେଞ୍ଜର'ର ଏକ ଗୀତରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରାର ଝଲକ ଦେଖିବାକୁ ମିଳିଛି। ରାମଚରଣ ଏହି ଗୀତରେ ବୀରବାଦ୍ୟ ଘୁମୁରା ସହିତ ନାଚୁଛନ୍ତି। ଏହାକୁ ନେଇ କଳାହାଣ୍ଡି ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନେକ ଲୋକ ନିଜ ଫେସ୍‌ବୁକ ଏକାଉଣ୍ଟ ତଥା ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମରେ ଏହାକୁ ପୋଷ୍ଟ କରି ନିଜ ଖୁସି ଜାହିର କରିଛନ୍ତି, ଯାହା ଜିଲା ପାଇଁ ଗୌରବ ଆଣିଦେଇଛି। ଏହି ଗୀତରେ ଘୁମୁରା ସହିତ ଭାରତର ବିଭିନ୍ନ ରାଜ୍ୟର ଲୋକକଳା ମଧ୍ୟ ପ୍ରଦର୍ଶନ କରାଯାଇଛି।

## ଗୋଟିଏ ଦେଶ, ଗୋଟିଏ ମତଦାନ ଉପରେ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥିଗଣ।

**ଭବାନୀପାଟଣା,୪।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ 'ୱାନ ନେଶନ ୱାନ ପୋଲ' ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଭାରତର ନିର୍ବାଚନ ବ୍ୟବସ୍ଥା ପ୍ରସଙ୍ଗରେ ନିଜର ମତ ଉପସ୍ଥାପନ କରିଥିଲେ। ଶୈକ୍ଷକ ପରିଷଦର ନିର୍ଦ୍ଦେଶକ ତଥା ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ବିରେନ୍ଦ୍ର କୁମାର ସୁନା ଗୋଟିଏ ଦେଶ ଗୋଟିଏ ମତଦାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ ଯୋଗଦେଇ ଗୋଟିଏ ଦେଶ ଗୋଟିଏ ମତଦାନ ସପକ୍ଷରେ ନିଜର ମତ ରଖିଥିଲେ। ଏହାଦ୍ୱାରା କମ୍ ସମୟ ଓ କମ ପୁଞ୍ଜିରେ ନିର୍ବାଚନ ହୋଇପାରିବ। ଏଥିରୁ ସଞ୍ଚିତ ପୁଞ୍ଜିକୁ ଜନହିତକର କାର୍ଯ୍ୟରେ ବିନିଯୋଗ କରାଯାଇପାରିବ ବୋଲି କହିଥିଲେ। ସେହିପରି ରାଜ୍ୟ ସଭା ସାଂସଦ ସୁଜିତ କୁମାର ଗୋଟିଏ ଦେଶ ଗୋଟିଏ ମତଦାନର ସପକ୍ଷ ଓ ବିପକ୍ଷରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ସମୟରେ ଏହା ଦେଶ ପାଇଁ ଅନିବାର୍ଯ୍ୟ। ଏହାଦ୍ୱାରା ବାରମ୍ବାର ନିର୍ବାଚନ ହେବ ନାହିଁ ଓ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁହେବ ନାହିଁ ବୋଲି କହିଥିଲେ। କର୍ମଶାଳାକୁ ସହକାରୀ ପ୍ରଫେସର ଡ. ପବିତ୍ର କୁମାର ବାଗ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସରିତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅତିଥି ଅଧ୍ୟାପକ କୁନାଲ କିରଣ ସାହୁ, ଡ. ଚିତ୍ତରଞ୍ଜନ ମଲ୍ଲିକ, ଡ. ଉମେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଗବେଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ନୂଆପଡ଼ା,୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ସୋସେଙ୍ଗ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମେଘରାଜ ମାଝି ମୁଖ୍ୟ ଅତିଥି, ସୁନାବେଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବଦାସ ଶବର, ସମିତି ସଭ୍ୟ ଆକବର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ମାଝି, ବିଷ୍ଣୁ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀର ଜଗତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ହିଁ ସମାଜ ଗଠନର ମୂଳମନ୍ତ୍ର। ପ୍ରାଥମିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ବ୍ରଜେଶ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

## ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ତାଲା

**ଥୁଆମୂଳ ରାମପୁର,୪।୩ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ ମିଳୁନାହିଁ ଜନ୍ମମୃତ୍ୟୁ ପ୍ରମାଣପତ୍ର। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ପ୍ରମାଣପତ୍ର ନ ପାଇ ହଇରାଣ ହେଉଛନ୍ତି। ସୂଚନା ଅନୁଯାୟୀ, ମେଡିକାଲରେ କାର୍ଯ୍ୟରତ କର୍ମଚାରୀ ଜନ୍ମମୃତ୍ୟୁ ପ୍ରମାଣପତ୍ର ନିମନ୍ତେ ଗତ ଜାନୁଆରୀରେ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଜିଲା ଭିଜିଲାନ୍ସ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବନ କରିଥିଲା। ଏହା ପରଠାରୁ କାହାକୁ ଦାୟିତ୍ୱ ଦିଆଯାଇ ନ ଥିବାରୁ ଜନ୍ମମୃତ୍ୟୁ ପଞ୍ଜୀକରଣ ଅଫିସରେ ତାଲା ଝୁଲିଛି। ଫଳରେ ବିଭିନ୍ନ ପ୍ରମାଣପତ୍ର ପାଇଁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଶିଶୁଙ୍କ ଆଧାର କାର୍ଡ ଲାଗି ଜନ୍ମ ପ୍ରମାଣପତ୍ର ଦରକାର ପଡୁଥିବା ବେଳେ ଲୋକେ ଏହି ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ବିଧବାଙ୍କୁ ଭତ୍ତା ନିମନ୍ତେ ସ୍ୱାମୀଙ୍କ ମୃତ୍ୟୁ ସାର୍ଟିଫିକେଟ, ସ୍କୁଲରେ ନାମ ଲେଖା ପାଇଁ ଛାତ୍ରୀଛାତ୍ରଙ୍କୁ




ଜନ୍ମମୃତ୍ୟୁ ପଞ୍ଜୀକରଣ ଅଫିସ ବନ୍ଦ ରହିଛି।

**ପ୍ରମାଣପତ୍ର ନ ପାଇ ଲୋକେ ହଇରାଣ**

ଜନ୍ମ ପ୍ରମାଣପତ୍ର ଲାଗି ଲୋକେ ହଇରାଣ ହେଉଛନ୍ତି। ଆତ୍ମହତ୍ୟା, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ସାର୍ଟିଫିକେଟ ପାଇବା ପାଇଁ ଦୂରଦୂରାନ୍ତରୁ ଲୋକେ ଏଠାକୁ ଆସୁଥିଲେ ମଧ୍ୟ ଅଧିକାରୀ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନୀତୀଶ କୁମାର ଝାଙ୍କୁ ପଚାରିବାରୁ ଆମେ ଏ ବିଷୟରେ ଜିଲା ଅଧିକାରୀଙ୍କୁ ଜଣାଇଛୁ। ଏହା ଆମ ହାତରେ ନାହିଁ, ଯାହା କିଛି ଜିଲା ସ୍ୱାସ୍ଥ୍ୟ ବିଭାଗ କରିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

**ନୂଆପଡ଼ା,୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତର ୧୧ ଜଣ ୱାର୍ଡମେମ୍ବର ଫେବୃଆରୀ ୧ରେ ସରପଞ୍ଚ ବିଜୟ ଲକ୍ଷ୍ମୀ ବରାଳ ବିଭିନ୍ନ ଦୁର୍ନୀତିରେ ଲିପ୍ତଥିବା ଅଭିଯୋଗ କରି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ମାର୍ଚ୍ଚ ୩ରେ ଅନାସ୍ଥା ଭୋଟ ପାଇଁ ଜିଲାପାଳ ସମୟ ନିର୍ଦ୍ଧାରିତ କରିଥିଲେ। ତଦନୁଯାୟୀ ସୋମବାର ପଞ୍ଚାୟତରେ ପୋଲିସ ସୁରକ୍ଷାରେ କୋମନା ତହସିଲଦାର ପ୍ରୟାସୀ ପ୍ରଧାନ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ରହି ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା। ସରପଞ୍ଚ ବରାଳଙ୍କ ନାଁରେ ମାମଲା ରୁଜୁ ହୋଇଥିବାରୁ ଗିରଫଦାରି ଭୟରେ ସେ ଭୋଟ ଦେବାକୁ ଆସି ନ ଥିଲେ। ଏଠି ସରପଞ୍ଚଙ୍କ ବିପକ୍ଷରେ ୧୩ ଖଣ୍ଡ ଭୋଟ ପଡିଥିବା ବେସରକାରୀ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ଉପଜିଲାପାଳ ଯୋଗେନ୍ଦ୍ର ମାଝିଙ୍କୁ ପଚାରିବାରୁ କୁରେଶ୍ୱର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି । ଏବେ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି । ଏଣୁ ସରକାରୀ ଭାବରେ ଅନାସ୍ଥା ଭୋଟର ଫଳାଫଳ ଘୋଷଣା କରାଯାଇ ନାହିଁ । ହାଇକୋର୍ଟଙ୍କ ରହିତାଦେଶ ହଟିବା ପରେ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

## ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

**ନୂଆପଡ଼ା,୪।୩ (ମକାରୁ ବେମାଲ)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲିପ ନିର୍ମଳକର, ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଜିଲା ପରିଷଦ ସଦସ୍ୟ ଉମା ଠାକୁର, ଭରତଲାଲ ରାଉତ, ଭାନୁ ପ୍ରତାପ ସିଂ ମାଝି, ସଦର ବିଡିଓ ରୋହିତ ଭୋଇଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାବାସୀ ଯେପରି ପାନୀୟ ଜଳର ଅଭାବ ଅନୁଭୂତ ନ କରନ୍ତି ସେଥିପାଇଁ ଏବେଠାରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ଆହ୍ୱାନ କରିଛନ୍ତି। କୌଣସି ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ଖରାପ ଥିଲେ ତୁରନ୍ତ ମରାମତି, ବିଜୁଳି ବିଲ୍ ପାଇଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ କରିବା, ପାଇପ୍ ଯୋଗେ ନିରବଚ୍ଛିନ୍ନ ଜଳ ଯୋଗାଣ, ଅଚଳ ନଳକୂଅକୁ ତୁରନ୍ତ ସଜାଡିବା, ଜଳ ସମସ୍ୟା ଥିବା ସ୍ଥାନ ଚିହ୍ନଟ କରି ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରିବାକୁ ଜିଲାପାଳ କହିଥିଲେ। ଏହି ସମୟରେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ନିଜ ଅଞ୍ଚଳରେ ଥିବା ସମସ୍ୟା ଜଣାଇଥିଲେ। ପାଇପ ଯୋଗେ ଜଳ ଯୋଗାଣ ଯେପରି ବାଧା ନ ଉପୁଜେ ତାହା ସୁନିଶ୍ଚିତ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ

**କୋକସରା,୪।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

କଳାହାଣ୍ଡି ଜିଲାର ୧୩ ଗୋଟି ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ୨ ଦଫା ଦାବି ନେଇ ମଙ୍ଗଳବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ୨ଟି ହେଉଛି ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରି ସ୍ଥାୟୀ କରବା। କୋକସରା ସିଏଚ୍‌ସିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସ୍ୱଏହି ଧର୍ମଘଟରେ ସାମିଲ ହୋଇ କଳାବ୍ୟାଜ୍ ପରିଧାନ ସହ କାର୍ଯ୍ୟରେ ଅସହଯୋଗ କରିଛନ୍ତି। ଆସନ୍ତା ୧୦ ତାରିଖରୁ ଭୁବନେଶ୍ୱରରେ ଆନ୍ଦୋଳନ ଆରମ୍ଭ ନେଇ ସଂଘ ପକ୍ଷରୁ କୁହାଯାଇଛି। କୋକସରା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ବିପିଏମ୍ ସୁରଜିତ ସିଂ କୁମାର, ସୁଜିତ କୁମାର ଡାକୁଆ, ବିଡ଼ିଏମ୍ ଲୋକନାଥ ମିଶ୍ର, ଏସ୍‌ଟିଏସ୍ ଆମୋଦ ଚନ୍ଦ୍ର ଗୋଲାପ, ଭିବିଡିଟିଏସ୍ ଦୁଷ୍ମନ୍ତରାଉତ ସାମିଲ ରହିଛନ୍ତି।



ଆନ୍ଦୋଳନରେ ସାମିଲ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ।

## ଦଳିତ ଆଦିବାସୀଙ୍କ ଉପରେ ଅତ୍ୟାଚାର ବନ୍ଦ ହେଉ

**ନୂଆପଡ଼ା,୪।୩ (ମକାରୁ ବେମାଲ)**



ଦାବିପତ୍ର ଦେଇ ଫେରୁଛନ୍ତି ସମାଜର କର୍ମକର୍ତ୍ତା।

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଦଳିତ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ ପାଇଁ ଜିଲା ଡମ ଗଣ୍ଡା ସମାଜ ପକ୍ଷରୁ ଦାବି କରାଯାଇଛି । ଏ ନେଇ ଅନୁସୂଚିତ ଜାତି ରାଜ୍ୟ ସାଧାରଣ ସମ୍ପାଦକ ଫକିର ମୋହନ ଜଗତଙ୍କ ନେତୃତ୍ୱରେ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ରାଜ୍ୟରେ ଭାଜପା ସରକାର ଆସିଲା ଦିନଠାରୁ ଆଦିବାସୀ-ଦଳିତଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଏହାର ମୂଳୋତ୍ପାଟନ ପାଇଁ ଖୋଦ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ନିବେଦନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଯାଜପୁର ଜିଲା ସାହାସପୁରର ଶୁକଦେବ ଦାସଙ୍କୁ ହତ୍ୟା କରିଥିବା ଚାଉମିନ ମାଲିକ ଓ ତାଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ, କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ, ଭବାନୀପାଟଣା ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ପ୍ରଥମ ବର୍ଷ ଦଳିତ ଛାତ୍ରୀଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ, ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ପ୍ରତି ଅତ୍ୟାଚାରର ନିରପେକ୍ଷ ତଦନ୍ତ କରି ଉଚିତ ଦଣ୍ଡବିଧାନ, ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ତାଙ୍କ ବୈଧାନିକ ପ୍ରାପ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପ୍ରୋମୋଶନ ଦେଇ ଚାକିରିରେ ଅବସ୍ଥାପିତ, କଟକ ଜିଲା ଖୁଣ୍ଟିଆର ଜଣେ ଦଳିତ ନାବାଳକ ହତ୍ୟାକାରୀଙ୍କୁ ଦଣ୍ଡବିଧାନ କରିବା ଅନ୍ୟତମ। ଦାବିପତ୍ର ଦେବା ସମୟରେ ଜିଲା ଡମ ଗଣ୍ଡା ସମାଜ ସଭାପତି ହରିକେଶ ଜାଲ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବାସୁଦେବ ସୁନାନୀ, ଖୁଟୁରାମ ସୁନାନୀ, ଛବି ସାଗର, ବିଜୟ ନାରାୟଣ ଦାସ, ଧମନ ସିଂ ସୁନା, ଚନ୍ଦନ ବଘେଲଙ୍କ ସମେତ ଶତାଧିକ କର୍ମର୍ତ୍ତୋ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଅଟୋ ଚାଳକ ମୃତ

ବରଗଡ଼,(ପ୍ରେମାନନ୍ଦ ଖମାରୀ)-ବରଗଡ଼ ସହରସ୍ଥିତ ଭିଏସ୍‌ଏସ୍ ନଗର(ବାନ୍ଧୁଟିକ୍ରା) ଛକ ନିକଟରେ ମଙ୍ଗଳବାର ଏକ ଅଟୋ ଦୁର୍ଘଟଣାରେ ଚାଳକ ବିଜେପୁର ବ୍ଲକ ମାନପୁର ଗ୍ରାମର ପ୍ରିୟରଞ୍ଜନ ପଣ୍ଡା(୪୦)ଙ୍କ ମୃତ୍ୟୁ ଘଟିଛି। ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନା ପଠାଇଛି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି। ଅଟୋଟି ବରଗଡ ଗାନ୍ଧିଛକ ପଟୁ ସ୍ଥାନୀୟ ଭଟଲି ଛକ ପଟକୁ ଆସୁଥିଲା। ଏହି ସମୟରେ ଭିଏସ୍‌ଏସ୍ ନଗର ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

**ସଂକ୍ଷେପରେ**

## ନିଶାଦ୍ରବ୍ୟ ବିକ୍ରି ଅଭିଯୋଗ, ମହିଳା ଗିରଫ

**ପାଇକମାଳ ୪।୩(ବଡ଼ ଶତପଥି):**

ବରଗଡ ଜିଲା ପାଇକମାଳ ପୋଲିସ ମଙ୍ଗଳବାର ନିଶାଦ୍ରବ୍ୟ ବିକ୍ରି କରିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଏକ ଲିଟର ଅପମିଶ୍ରିତ କଫ୍ ସିରଫ, ୧୬ ବୋତଲ କଫ୍‌ସିରଫ୍, ଦୁଇଟି ମୋବାଇଲ ସହ ନଗଦ ୩୮'୯୬୦ଟଙ୍କା ଜବତ କରାଯାଇଛି। ଜନୈକ ମହିଳା ପ୍ରତିଦିନ ନିଶା ଦ୍ରବ୍ୟ ବିକ୍ରି କରୁଥିଲେ। ଏ ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଖବର ପାଇ ପାଇବା ପରେ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଏକ ପୋଲିସ ଟିମ୍ ଗଠନ କରିଥିଲେ। ସେହି ପୋଲିସ ଟିମ୍‌କୁ ଶକ୍ତି ନଗର ପଡ଼ାରେ ରହୁଥିବା ଉକ୍ତ ମହିଳାଙ୍କ ଘରକୁ ପଠାଯାଇଥିଲା। ପୋଲିସ ସଦଳବଳ ମହିଳା ରହୁଥିବା ଘରେ ଚଢ଼ାଉ କରିଥିଲେ। ସେଠାରେ ପହଞ୍ଚିଲା ବେଳେ ସମ୍ପୃକ୍ତା ମହିଳାଜଣକ ତାଙ୍କ ସ୍ୱାମୀଙ୍କ ସହ ନିଶାଦ୍ରବ୍ୟ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବେଆଇନ୍ ଭାବେ ନିଶାଦ୍ରବ୍ୟ ବିକ୍ରି କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତା ମହିଳାଙ୍କୁ ଧରିଥିଲା। ଏ ନେଇ ନଂ. ୫୪/୨୫ରେ ମାମଲା ରୁଜୁ କରାଯାଇ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଧାନରେ ରୋଗପୋକ, କାମ କରୁନି କୀଟନାଶକ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**


ଧାନ ଫସଲରେ ଜଣେ ଚାଷୀ କୀଟନାଶକ ସିଞ୍ଚନ କରୁଛନ୍ତି।

କୃଷିପ୍ରଧାନ ବରଗଡ଼ ଜିଲାର ଚାଷୀଙ୍କୁ ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସାମ୍‌ନା କରିବାକୁ ପଡୁଛି। କେତେବେଳେ ଜଳାଭାବରୁ ମରୁଡ଼ି ପରିସ୍ଥିତି ତ ଆଉକେବେ ରୋଗପୋକ ଉପଦ୍ରବ ଯୋଗୁ ଚାଷୀଙ୍କ ଫସଲ ଉଜୁଡ଼ି ଯାଉଛି। ବର୍ତ୍ତମାନ ଜିଲାରେ ରବି ଧାନ ଫସଲ ଆରମ୍ଭରୁ ଅନୁରୂପ ସ୍ଥିତି ଉପୁଜିଛି। ଜିଲାର ବିଭିନ୍ନ ଅଞ୍ଚଳର ଧାନ ଫସଲରେ କାଣ୍ଡବିନ୍ଧା(ଗଣ୍ଡିପୋକ) ବ୍ୟାପିବାରେ ଲାଗିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳର ଫସଲ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଅନ୍ୟପଟେ ଚାଷୀମାନେ ଫସଲରେ ବାରମ୍ବାର କୀଟନାଶକ କରୁଛନ୍ତି। କିନ୍ତୁ ତାହା ମଧ୍ୟ କାମକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଫସଲ ଆରମ୍ଭରୁ ଏଭଳି ସ୍ଥିତିକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି।

ଜିଲାର ହୀରାକୁଦ ଜଳସେଚିତ ଅଞ୍ଚଳରେ ମୁଖ୍ୟତଃ ରବି ଧାନ ଫସଲ ହୋଇଥାଏ। କେନାଲ ପାଣି ଛାଡ଼ିବା ପରେ ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହି କ୍ରମରେ ଗତ ଜାନୁୟାରୀ ମାସରୁ କେନାଲ ପାଣି ଛଡ଼ାଯିବା ପରେ ହୀରାକୁଦ ଜଳସେଚିତ ଅଞ୍ଚଳରେ ଚାଷୀମାନେ ଧାନ ତଳିପକାଠାରୁ ଆରମ୍ଭ କରି ରୁଆ, ବିହୁଡ଼ା କରିଥିଲେ। ଧାନ ଫସଲ ମଧ୍ୟ ଭଲ ଭାବେ ବଢ଼ି ଚାଲିଛି। ଜିଲାର ଅଣଜଳସେଚିତ ଅଞ୍ଚଳର କେତେକ ଚାଷୀ ଗଭୀର ନଳକୂପ, ଚେକ୍‌ଡ୍ୟାମ, ଜଳାଶୟ ପାଣି ବ୍ୟବହାର କରି ରବି ଫସଲ କରିଛନ୍ତି। କିନ୍ତୁ ବର୍ତ୍ତମାନ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ସମେତ ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ରୋଗପୋକ ବ୍ୟାପିବା ଆରମ୍ଭ ହୋଇଛି। ଫସଲ ଠିକ୍‌ଭାବେ ବଢ଼ି ଚାଲିଥିବାବେଳେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ତାକୁ ପ୍ରତିହତ କରିବା ପାଇଁ ଚାଷୀମାନେ ବିଭିନ୍ନ କୀଟନାଶକ ପ୍ରୟୋଗ କରୁଛନ୍ତି। ହେଲେ କିଛି ସୁଫଳ ମିଳୁନାହିଁ। ଅନ୍ୟପଟେ ରୋଗପୋକ ବ୍ୟାପିବାରେ ଲାଗିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଗାଇସୀମା ଗ୍ରାମର ଚାଷୀ କାର୍ତ୍ତିକ ସାହୁ କହିଛନ୍ତି, ତାଙ୍କର ପ୍ରାୟ ୩ଏକର ଜମିରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ଗତ ଫେବୃୟାରୀ ୩ତାରିଖରେ ଧାନ ପହ୍ଲା ରୋଇଥିଲେ। ଫସଲ ବି ଠିକ୍ ଭାବେ ବଢ଼ି ଚାଲିଥିଲା। କିନ୍ତୁ ଗତ କିଛିଦିନ ହେଲା କାଣ୍ଡବିନ୍ଧା ପୋକ ବ୍ୟାପୀବାରୁ ତାହା ଉଜୁଡ଼ିବାରେ ଲାଗିଛି। ୨ଦିନ ତଳେ କୀଟନାଶକ ପ୍ରୟୋଗ କରିଛନ୍ତି। ମାତ୍ର ତାହା ଏପର୍ଯ୍ୟନ୍ତ ସେତେ ପ୍ରଭାବ ପକାଇପାରିନାହିଁ। ରୋଗପୋକକୁ ସେହି କୀଟନାଶକ କିଭଳି ଦମନ କରିବ ଆଗକୁ ଜଣାପଡ଼ିବ ବୋଲି ସେ କହିଥିଲେ। ସେହିପରି ଚାଷୀନେତା ସୁରେଶ ନେକାଣ୍ଡି କହିଛନ୍ତି, ପାଗ ପରିବର୍ତ୍ତନ ଯୋଗୁ ମୁଖ୍ୟତଃ ଧାନ ଫସଲରେ କାଣ୍ଡବିନ୍ଧା ପୋକ ବ୍ୟାପିବାରେ ଲାଗିଛି। ଚାଷୀମାନେ କୀଟନାଶକ ଫସଲରେ ପ୍ରୟୋଗ କରୁଛନ୍ତି। ଏହାସତ୍ତ୍ୱେ ତାହା ଦମନ ହେଉନାହିଁ। ଏଭଳି ସ୍ଥିତିରେ କୃଷି ବିଭାଗର ଅଧିକାରୀମାନେ ସମ୍ପୃକ୍ତ କୀଟନାଶକ ଯାଞ୍ଚ କରିବା ସହିତ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଦରକାର। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ (ସିଡ଼ିଏଓ) ପ୍ରସନ୍ନ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରଭାବିତ ଫସଲ ପରିଦର୍ଶନ ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯିବ । ବୁଧବାର ସମ୍ପୃକ୍ତ ବିଭାଗୀୟ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିବା ସହିତ ଚାଷୀଙ୍କୁ ପରାମର୍ଶ ଦେବେ ଏବଂ ତାଙ୍କଠାରୁ ରିପୋର୍ଟ ପାଇବା ପରେ ଅନ୍ୟ କିଛି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଜାପାନ ଯିବେ ଛାତ୍ରୀ ଟିକେଶ୍ୱରୀ ଭୁଏ


ଭଟଲି ବିଧାୟକ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ସୋହେଲା,୪।୩(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଟିକେଶ୍ୱରୀ ଭୁଏ ଜାପାନ ଯିବା ପାଇଁ ମନୋନିତ ହୋଇଛନ୍ତି। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କର ଇନ୍‌ସ୍ପାୟାର ମାନକ ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତରରୁ ଜାତୀୟସ୍ତରକୁ ମନୋନୀତ ହୋଇଥିଲା। ବୁଣାକାରମାନଙ୍କ ଦ୍ୱାରା କରାଯାଉଥିବା କାମ ସହଜରେ ସୂତା ଗୁଡାଇବା ପାଇଁ ସେ 'ସ୍ମାର୍ଟ ଅରଟ ଯନ୍ତ୍ର' ପ୍ରସ୍ତୁତ କରିଛନ୍ତି। ବିଦ୍ୟୁତ୍ ଦ୍ୱାରା ଚାଲୁଥିବା ଏହି ଯନ୍ତ୍ରଟି ପ୍ରସ୍ତୁତ କରିବାରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହରି ବାରିକ ମାର୍ଗଦର୍ଶନ କରିଥିଲେ। ବିଗତଦିନରେ ସେ ରାଜ୍ୟର ୨୫ଜଣ କୁନି ବୈଜ୍ଞାନିକଙ୍କ ସହ ଜାତୀୟସ୍ତରରେ ଭାଗ ନେଇ ଉକ୍ତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଗତ ମାର୍ଚ୍ଚ ୧ ତାରିଖରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ଚିଠି ଅନୁସାରେ ସେ ଓଡିଶାର ୧୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାପାନ ଯିବାକୁ ମନୋନିତ ହୋଇଛନ୍ତି। ସେ ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ଜାପାନ-୨୦୨୫ରେ ଭାଗ ନେବେ। ଏହି ଖବର ଜଣାପଡିବା ପରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମଙ୍ଗଳବାର ସରକଣ୍ଡା ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରୀଙ୍କ ପିତା ଏବଂ ମାର୍ଗଦର୍ଶକ ଶିକ୍ଷକ ହରି ବାରିକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୋହେଲା ବିଇଓ ଅମୃତା ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ବରଗଡ ଡିଇଓ ବିଶ୍ୱନାଥ ସାହୁ, ଏଡିଇଓ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଧୀରଜ ପଟ୍ଟନାୟକ, ଏବିଇଓ ମନୋହର ଉଟୀ, ମୋତିଲାଲ ନନ୍ଦଙ୍କ ସମେତ ସମସ୍ତ ସିଆର୍‌ସିସି, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଜ୍ଞାନ ପ୍ରେମୀ ଅଭିଭାବିକା ଅଭିଭାବକ ଶୁଭେଚ୍ଛା ଜଣାଇଛନ୍ତି।

# ଜନତା ହାଇସ୍କୁଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସ

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଅଧକ୍ଷତା କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ ଶିକ୍ଷକ ସଞ୍ଜୟ ଖମାରୀ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ବନ୍ୟପ୍ରାଣୀଙ୍କ ସ୍ଥିତି ଓ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସେମାନଙ୍କ ଭୂମିକା ଉପରେ ସେ ବକ୍ତବ୍ୟ କରିଥିଲେ। ଏହା ସହିତ ଜୀବଜଗତ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଶିକ୍ଷକ ଖମାରୀ ଆଲୋକପାତ କରିଥିଲେ। ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଜୀବଜନ୍ତୁ ଏବଂ ସେମାନଙ୍କ ପ୍ରାକୃତିକ ପରିସଂସ୍ଥା ଉପରେ ଧାରଣା ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ନାୟକ ଡାଇନୋସର ଭଳି ଜୀବଜନ୍ତୁଙ୍କ ବିଲୁପ୍ତିର କାରଣ ଉପରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତଙ୍କ ସମେତ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ହୋମିଭାବା ବିଜ୍ଞାନ କ୍ଲବ, ସାର୍ ସି.ଭି ରମଣ ବିଜ୍ଞାନ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମଶାଳାରେ ଶିଶୁ ସୁରକ୍ଷାକୁ ଗୁରୁତ୍ୱ


କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ସ୍ଥାନୀୟ ବୟନ ଶିଳ୍ପ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କିଶୋର ନ୍ୟାୟ ଅଧିନିୟମ ସମେତ ଶିଶୁ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ଯୋଜନା ଉପରେ ଆଲୋଚନା ସହିତ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଅତିଥି ପରିଚୟ ପ୍ରଦାନ ସହିତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଦିନେଶ ଅଗ୍ରୱାଲ ଶିଶୁ ଅଧିକାରରେ ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟା ରାଧା ଅଗ୍ରୱାଲ ମିଶନ ବାସଲ୍ୟ ଅନ୍ତର୍ଗତ ବିଭିନ୍ନ ଶିଶୁ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। କିଶୋର ନ୍ୟାୟ ବୋର୍ଡର ସଭ୍ୟା ନିର୍ଜନା ମାହାର ଏବଂ ପ୍ରୟାସ ଦାଶ ଆଇନ ସହ ଦ୍ୱନ୍ଦ୍ୱରେ ରହିଥିବା ପିଲାମାନଙ୍କର ଯତ୍ନ, ସୁରକ୍ଷା ତଥା ସେମାନଙ୍କ ଥଇଥାନ ଉପରେ ବକ୍ତବ୍ୟ ରଖିଥିଲେ। ଆନୁଷ୍ଠାନିକ ଯତ୍ନ ଏବଂ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତିପାଳନ ଯତ୍ନ ଉପରେ ବିବରଣୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ଦାଶ କିଶୋର ନ୍ୟାୟ ଆଇନ-୨୦୧୫ ଉପରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ବିକାଶ ପ୍ରଧାନ, ଜୟନ୍ତୀ ହିଆଲ, ଶୁଭେନ୍ଦୁ ପୃଷ୍ଟି, ଅଭିଷେକ ବିଶ୍ୱାଳ, ପ୍ରଭାତ କୁମାର ଚଲାନ, ଜିତେନ୍ଦ୍ର ଦାଶ, ମନିଷା ନାଗ, ବବିତା ରାଉତ୍ ଏବଂ ଚାଇଲ୍ଡ ହେଲ୍ପଲାଇନ୍‌ର କର୍ମଚାରୀ ଲଳିତ ମୋହନ ପ୍ରଧାନ, ଆକାଶ ପ୍ରଧାନ, ନୈମିଶ ପ୍ରଧାନ, ସୁନିଲ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଚାଇଲ୍ଡ ହେଲ୍ପଲାଇନର ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ ଶିଶୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

**ବରପାଲି,୪।୩(ଚିତ୍ତ ରଞ୍ଜନ ସାହୁ)**

ବରପାଲି ନିକଟସ୍ଥ କଦଳୀ ପାଲିର ଆଇଏସ୍‌ଟିଓ୍ୱାୟୀ ଶାଖା ପକ୍ଷରୁ ବାରଗୁଡ଼ାରେ ରାମକୃଷ୍ଣ ପରମହଂସଙ୍କ ୧୮୯ ତମ ଜୟନ୍ତୀ ପାଳିତ ହୋଇଛି। ପ୍ରାରମ୍ଭରେ ରାମକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯିବା ପରେ ଶିକ୍ଷକମାନଙ୍କ ପଦ ଧୌତ କରାଯାଇଥିଲା । ଆତ୍ମ ବିଶ୍ୱାସ ଓ ଗୁରୁ ଭକ୍ତି ଦାରା ହିଁ ଭଗବତ ପ୍ରାପ୍ତି ସମ୍ଭବ ବୋଲି ଶିକ୍ଷୟିତ୍ରୀ ପ୍ରକାଶ କରିଥିଲେ।ସାଧକ ବଳବନ୍ତ ଛତ୍ରିଆ, ଭଗବାନ ଭୁଏ, ମହେନ୍ଦ୍ର ମାହାନା ପ୍ରମୁଖ ରାମକୃଷ୍ଣଙ୍କ ଜୀବନାଦର୍ଷ ଉପରେ ଆଲୋକପାତ କରିଥିଲେ। ଶେଷରେ ସଞ୍ଜୟ ପ୍ରଧାନ, ଅଶୋକ ପ୍ରଧାନ, କୈଳାଶ କର୍ଣ୍ଣ, ମମତା ବିଶି, ବାସନ୍ତୀ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଧନପତି ବିଶି ସଂଯୋଜନା କରିଥିବା ବେଳେ ଅମୃତ ଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଆଶୁତୋଷ ବାବା ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ବରପାଲି, ୪।୩(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଶାନ୍ତିନଗର ୱାର୍ଡ ନଂ. ୨ ଠାରେ ଆଶୁତୋଷ ବାବା ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ୧୧ଟାରେ ମହିଳାମାନଙ୍କ ଏକ ଭବ୍ୟ ଶୋଭାଯାତ୍ରା ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଗହୀର ବନ୍ଧରେ କଳସ ପୂଜା କରି ପୂର୍ଣ୍ଣକଳସ ଅଣାଯାଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଶୈବଭକ୍ତ ଯୋଗଦେଇଥିଲେ। ଚାରିଦିନ ବ୍ୟାପୀ ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ କର୍ତ୍ତା ଭାବେ ପଦ୍ମଲୋଚନ ପଣ୍ଡା, ଜୟନ୍ତୀ ପଣ୍ଡା, ରାକେଶ ପରିଡ଼ା, କ୍ରୀଷ୍ଣା ପରିଡ଼ା, ସରୋଜ କୁମାର ସାହୁ, ସସ୍ମିତା ସାହୁ, ବେଲ ସାହୁ , ସରୋଜିନୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ପ୍ରତିଷ୍ଠା ମହୋତ୍ସବରେ ହେମନ୍ତ ମିଶ୍ର, ରଞ୍ଜନ କୁମାର ଗୁରୁ, ସୌରବ ଷଡ଼ଙ୍ଗୀ, ରତ୍ନା କର ଶତପଥୀ, କିଶୋର କୁମାର ମିଶ୍ର କାର୍ଯ୍ୟ ସମ୍ପାଦନା କରିଛନ୍ତି।


ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

- ଡ୍ରେନ୍ ସଫେଇ କରା ନ ଯିବା, ପାନୀୟଜଳ ସମସ୍ୟାର ପ୍ରତିବାଦ
- ଅଭିଯୋଗ କଲେ ଫଳ ଶୂନ

**ଅତାବିରା,୪।୩(ହୃଷୀକେଶ ଖମାରୀ)**

ଅତାବିରା ବ୍ଲକ କୁଲିତା ଝୁକୁରା ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ୟା ନେଇ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ଗ୍ରାମରେ ଡ୍ରେନ ସଫେଇ କରା ନଯିବା ଏବଂ ପାନୀୟଜଳ ସମସ୍ୟା ପ୍ରତିବାଦରେ ଗ୍ରାମବାସୀ ଏଭଳି ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ମିନିଟ୍‌ରୁ ଅପରାହ୍ନ ୧ଟା ୩୦ମିନିଟ୍ ଯାଏ ଦୀର୍ଘ ୩ଘଣ୍ଟା ଧରି ପଞ୍ଚାୟତ କାର୍ଯ୍ୟାଳୟର କାର୍ଯ୍ୟ ଠପ୍ ପଡ଼ି ଯାଇଥିଲା।


ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, କୁଲିତା ଝୁକୁରା ଗ୍ରାମରେ ଦୀର୍ଘଦିନ ହେଲା ଡ୍ରେନ୍ ସଫେଇ କରାଯାଉ ନାହିଁ। ସେହିପରି ପାନୀୟଜଳ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଏ ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିବା କହିଛନ୍ତି। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ହେଉଥିବା ଯୋଗୁ ହିତାଧିକାରୀମାନେ ତାହା ନେବାକୁ ଆସିଥିଲେ। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପଡ଼ିଥିବା ଯୋଗୁ ସେମାନଙ୍କୁ ମଧ୍ୟ ହଟହଟା ହେବାକୁ ପଡ଼ିଥିଲା। ଗୋଡ଼ଭଗା ଫାଣ୍ଡି ଅଧିକାରୀ ଗଣେଶ ବାରିକ, ଗ୍ରାମ ରୋଜଗାର ସେବକ ରବିନ୍ଦ୍ର କଲତା ଏବଂ ବ୍ଲକ କର୍ମଚାରୀମାନେ ଆନ୍ଦୋଳନସ୍ଥଳକୁ ପହଞ୍ଚି ଗ୍ରାମବାସୀଙ୍କ ଦାବି ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଆଶାକର୍ମୀଙ୍କ ସେବା ପ୍ରଶଂସନୀୟ: ଜିଲାପାଳ


ବରଗଡ଼ ଜିଲାପାଳ ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରୁଛନ୍ତି।

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳବାର ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ସଭାପତିତ୍ୱ କରିଥିଲେ। ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଆଶାକର୍ମୀଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ପ୍ରଣୟନ କରାଯାଇଥିବା ମାନଦଣ୍ଡ ଅନୁଯାୟୀ, ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ୧୨ଗାଁ କଲ୍ୟାଣ ସମିତି, ୫ଆଶାକର୍ମୀ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରେ ୧୦ଜନ ଆରୋଗ୍ୟ ସମିତି, ସହରାଞ୍ଚଳ ସ୍ତରରେ ୩୦ମହିଳା ଆରୋଗ୍ୟ ସମିତିଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଜିଲା ପ୍ରକଳ୍ପ ପ୍ରବନ୍ଧକ ଗିରିଜା ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ପରିବାର କଲ୍ୟାଣ ଅଧିକାରୀ ଡା. ସୁବାସ ଚନ୍ଦ୍ର ଅଗ୍ରୱାଲା, ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ବିନୟ କୁମାର ବେହେରା, ପ୍ରଶାସନିକ ଅଧିକାରୀ ଆରତୀ ଭୋଇ, ଜିଲା ବିତ୍ତ ପରିଚାଳକ ରାଜକୁମାର ଗୁପ୍ତା ପ୍ରମୁଖ ବକ୍ତବ୍ୟ ରଖି ଉପସ୍ଥିତ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମିଳନୀରେ ବରଗଡ଼ ଜିଲାର ସମସ୍ତ ବ୍ଲକର ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଗାଁ କଲ୍ୟାଣ ସମିତିର ସଦସ୍ୟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଶାକର୍ମୀ ଏବଂ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦିପାଞ୍ଜଳି ପ୍ରଧାନ ସଭା ପରିଚାଳନା କରିଥିବାବେଳେ ସୌଭାଗ୍ୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗଦଲପୁର କୁମିର ଘାଟରୁ ଜଙ୍ଗଲ କାଟି ରାସ୍ତା ନିର୍ମାଣ

**ପଦ୍ମପୁର, ୪।୩ (ପ୍ରଦୀପ୍ତ ଦାଶ)**


କୁମିର ଘାଟରୁ ବାଲି ଚାଲାଣ କରାଯାଉଛି।

ପଦ୍ମପୁର ଅନ୍ତର୍ଗତ ଜଗଦଲପୁର ଥାନା କୁମିର ନିକଟସ୍ଥ ଅଙ୍ଗନଦୀରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଛତିଶଗଡ଼କୁ ଚାଲାଣ ହେଉଛି । କୁମିର ସଂରକ୍ଷିତ ଜଙ୍ଗଲ ଭିତରେ ମୂଲ୍ୟବାନ ଗଛ କାଟି ବେଆଇନ ଭାବେ ରାସ୍ତା ନିର୍ମାଣ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିନ୍ତୁ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ଚୁପ୍ ବସିବା ଯୋଗୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ଜଗଦଲପୁର ଥାନା କୁମିର ଘାଟ ଅଙ୍ଗନଦୀରୁ ପ୍ରତିଦିନ ହାଇୱା ଓ ଟ୍ରାକ୍ଟରରେ ବେଆଇନ ଭାବରେ ବାଲି ଚାଲାଣ ହେଉଛି। ଏହି ଅଞ୍ଚଳ ଛତିଶଗଡ଼ ସୀମାକୁ ଲାଗିଥିବାରୁ ବାଲି ମାଫିଆମାନେ ଲିଜ ଏରିଆ ବାହାରୁ ବାଲି ଉତ୍ତୋଳନ କରୁଛନ୍ତି। ଏପରି କି ସଂରକ୍ଷିତ ଜଙ୍ଗଲ ଭିତରେ ଗଛ କାଟି ରାସ୍ତା ନିର୍ମାଣ କରିଛନ୍ତି। ଫଳରେ ଏହି ସଂରକ୍ଷିତ ଜଙ୍ଗଲରୁ ଅନେକ ମୂଲ୍ୟବାନ ଗଛ ସଫା ହୋଇଗଲାଣି। ଅଙ୍ଗନଦୀ ଶଯ୍ୟା ମଧ୍ୟ ଦିନକୁ ଦିନ ବିପଦକୁ ଟାଣି ହେଉଛି। ସେମାନେ ରାଜସ୍ୱ ଫାଙ୍କିବା ସହିତ ପରିବେଶ ଆଇନକୁ ଉଲ୍ଲଂଘନ କରରାଯାଉଛି। ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଥାନା ଆଗରେ ମୃତଦେହ ରଖି ଧାରଣା

**ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)**


ଭେଡ଼େନ ଥାନା ଆଗରେ ଚାଲିଥିବା ଧାରଣା।

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ମିରଗିନ ଟିକ୍ରା ହନୁମାନ ମନ୍ଦିର ନିକଟରେ ଟ୍ରାକ୍ଟର ଧକ୍କାରେ ଆହତ ହୋଇଥିବା ଖବରକାଗଜ ବିତରକ ଶୁକ୍ରୁ ଭୁଏ(୩୮)ଙ୍କ ମଙ୍ଗଳବାର ସକାଳ ୯ଟାରେ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଖବରକାଗଜ ବିତରକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ସହିତ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଏବଂ ଡ୍ରାଇଭରଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ଅପରାହ୍ନ ୩ଟାରୁ ଭେଡ଼େନ ଥାନା ଆଗରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଧାରଣାରେ ପରିବାର ଲୋକେ ସାମିଲ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା (ରାତି ୭ଟା ୩୦) ଧାରଣା ଜାରି ରହିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ମାସ ୪ତାରିଖରେ ଶୁକ୍ରୁ ଏବଂ ଭେଜିପାଲି ଗ୍ରାମର ହରିଚନ୍ଦ୍ର ବାରିକ(୩୫) ଏକ ବାଇକ୍‌ରେ ଯାଉଥିବାବେଳେ ମିରଗିନଟିକ୍ରା ହନୁମାନ ମନ୍ଦିର ନିକଟରେ ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଅଣାଯାଇଥିଲା। କିଛିଦିନର ଚିକିତ୍ସା ପରେ ହରିଚନ୍ଦ୍ର ଆରୋଗ୍ୟ ହୋଇ ଘରକୁ ଫେରିଥିଲେ। ଅନ୍ୟପଟେ ଶୁକ୍ରୁଙ୍କ ଅବସ୍ଥା ଗୁରୁତର ରହିଥିଲା। ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଅର୍ଥ ବାଧକ ହେବାରୁ ସେତେବେଳେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମୃତ ଶୁକ୍ରୁଙ୍କ ପରିବାର ଲୋକେ ଗରିବ ହୋଇଥିବା ଯୋଗୁ ବିଭିନ୍ନ ସଙ୍ଗଠନ ଏବଂ ବଦାନ୍ୟ ଲୋକେ ତାଙ୍କ ଚିକିତ୍ସାରେ ସହାୟତା ପ୍ରଦାନ କରିଥିଲେ।

**ଦୁର୍ଘଟଣାରେ ଖବରକାଗଜ ବିତରକଙ୍କ ମୃତ୍ୟୁ ଘଟଣା**

# ଶିକ୍ଷକ କର୍ମଚାରୀ ମଞ୍ଚର ଜିଲା ସମ୍ମିଳନୀ

ରାଉରକେଲା,୪।୩(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧ସ୍ଥିତ ଡିଭାଇନ୍ ଲାଇଫ୍ ଏକାଡେମୀ ପରିସରରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଜିଲା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଲ୍‌ଓଷ୍ଟାର ପୂର୍ବତନ ସଭାପତି କୁଞ୍ଜ ବିହାରୀ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ଜିଲା ଓଷ୍ଟା ଉପଦେଷ୍ଟା ବ୍ରଜେନ୍ଦ୍ର ଦାଶ, ଅରୁଣ କୁମାର ସ୍ୱାଇଁ, ରମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ୧୦ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଅହୋରାତ୍ର ଗଣଧାରଣାକୁ ସଫଳ କରାଇବା ସହିତ ସରକାରଙ୍କ ଶିକ୍ଷକ ମାରଣାନୀତିର ଦୃଢ଼ ପ୍ରତିବାଦ କରିଥିଲେ। ଏହି ସଭାରେ ବିଭିନ୍ନ ସ୍କୁଲ କଲେଜରେ ଶିକ୍ଷକ କର୍ମଚାରୀ ଶିଶିର କୁମାର ପାଣି, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜଗନ୍ନାଥ ମହନ୍ତ, ସୁଦର୍ଶନ ଦାସ, ଅମୂଲ୍ୟ ସାମଲ, ମୀନକେତନ ମହାପାତ୍ର, ରଞ୍ଜନ ସାମଲ, ଦଇତାରୀ ଠାକୁର, ସରୋଜ ସାହୁ, ବିନୋଦ ସାହୁ, ବିଜୟ ରଥ ପ୍ରମୁଖ ଯୋଗ ଦେଇଥିଲେ।

# ବିଳମ୍ବରେ ଚାଲୁଛି ଏକାଧିକ ଟ୍ରେନ୍, ଯାତ୍ରୀ ଅସନ୍ତୁଷ୍ଟ

ରାଉରକେଲା,୪।୩(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲାରୁ ଝାରସୁଗୁଡ଼ା ସେକ୍ସନରେ ବର୍ତ୍ତମାନ ଅଧିକାଂଶ ସମୟ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ବିଳମ୍ବରେ ଯାତ୍ରା କରୁଥିବା ଅଭିଯୋଗ ହୋଇଛି। ଫଳରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଷ୍ଟେଶନରେ ଅପେକ୍ଷା କରି ରହୁଛନ୍ତି। ଏପରିକି ମୋବାଇଲ ଆପ୍‌ରେ ବାରମ୍ବାର ଟ୍ରେନ୍‌ର ସମୟ ପରିବର୍ତ୍ତନ ହେଉଥିବା ଯୋଗୁ ଯାତ୍ରୀ ହଟହଟା ହେଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷେ ଟ୍ରେନଗୁଡ଼ିକ ଗନ୍ତବ୍ୟସ୍ଥଳରୁ ବିଳମ୍ବରେ ଚାଲୁଥିବା ଯୋଗୁ ଏପରି ସମସ୍ୟା ହେଉଛି ବୋଲି ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗ କୋଲକାତା ଅଭିମୁଖେ ଯାତ୍ରା କରୁଥିବା ଇସ୍ପାତ ଏକ୍ସପ୍ରେସ, ସମଲେଶ୍ୱରୀ ଏକ୍ସପ୍ରେସ, ହାୱଡା ଗୀତାଞ୍ଜଳି ଏକ୍ସପ୍ରେସ, ପୁରୀ ଉତ୍ତରାଞ୍ଚଳ ଏକ୍ସପ୍ରେସ, ପୁରୀ ତପସ୍ୱିନୀ ଏକ୍ସପ୍ରେସ, ହାୱଡ଼ା ସିରିଡି ସାଇ ଏକ୍ସପ୍ରେସ, ପୂର୍ବଭାରତ ସାଲିମାର ଏକ୍ସପ୍ରେସ, ଆଜାଦ୍ ହିନ୍ଦ୍ ସୁପରଫାଷ୍ଟ, ସାଲିମାର ଏଲଟିଇ, ସମରସତ୍ତା ଏକ୍ସପ୍ରେସ, ମୁମ୍ବାଇ ହାୱଡ଼ା ଏକ୍ସପ୍ରେସ, ଜ୍ଞାନେଶ୍ୱରୀ, ରାଜଧାନୀ, ସାଉଥ୍ ବିହାର ଭଳି ୨୦ରୁ ଊର୍ଦ୍ଧ୍ୱ ଟ୍ରେନ ନିର୍ଦ୍ଧାରିତ ସମୟର ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। କୋଲକାତା ମୁମ୍ବାଇ ସାଉଥ ଇଷ୍ଟର୍ନ ରୁଟ୍‌ରେ ଅବସ୍ଥିତ ରାଉରକେଲା ଷ୍ଟେଶନ ଦେଶର ପ୍ରମୁଖ ନଗର ଓ ମହାନଗରକୁ ଯୋଡୁଛି। ଏହି ମାର୍ଗ ଦେଇ ମୁମ୍ବାଇ, ଦିଲ୍ଲୀ, କୋଲକୋତା, ଆସାନ୍‌ସୋଲ୍, ଧାନବାଦ, ରାଞ୍ଚି, ବାଙ୍ଗାଲୋର, ଚେନ୍ନାଇ, ପୁଣେ, ଅହମଦାବାଦ, ଭୁବନେଶ୍ୱର, ନାଗପୁର, ପାଟନା, ବିଶାଖାପାଟଣା, ଜାମସେଦପୁର, ରାୟପୁର କଟ୍, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ଜମ୍ମୁ ଓ କଶ୍ମୀର ଆଦିକୁ ରେଳ ସଂଯୋଗ କରୁଛି। ଦେଶର ପ୍ରମୁଖ ଶହେ ଷ୍ଟେଶନ ମଧ୍ୟରୁ ଅନ୍ୟତମ ରାଉରକେଲା ଷ୍ଟେଶନ ଉପରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯାଆସ ପାଇଁ ଅଧିକ ନିର୍ଭର କରୁଛନ୍ତି। ମୁଖ୍ୟତଃ ୧୧ଟି, ଦୈନିକ ଓ ସାପ୍ତାହିକ ସମେତ ୧୧୧ଟି ଟ୍ରେନ ଏହି ରୁଟ୍‌ରେ ଯାଆସ କରୁଛି। ରବିବାର ରାତିରେ ଜ୍ଞାନେଶ୍ୱରୀରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କ କହିବା ଅନୁସାରେ, ଏହି ଟ୍ରେନକୁ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅପେକ୍ଷା କରିବାକୁ ପଡିଛି। ସକାଳୁ ଏହା ରେଳବାଇ ଆପ୍‌ରେ ବିଳମ୍ବରେ ଚାଲୁଥିବା ଦର୍ଶାଇଥିଲା। ସନ୍ଧ୍ୟାରେ ଏହା ପୁନଃ ଠିକ୍ ସମୟ ଦର୍ଶାଇଥିଲା। ତଥାପି ରାଉରକେଲା ଷ୍ଟେଶନରେ ଠିକ୍ ସମୟରେ ପହଞ୍ଚି ନ ଥିଲା। ଟାଉନ୍ ବାହାର ଆଉଟ୍‌ପୋଷ୍ଟରେ ଟ୍ରେନଗୁଡ଼ିକୁ ବହୁ ସମୟ ଧରି ଛିଡା କରିଦିଆଯାଉଛି। ଏହି ରୁଟ୍‌ରେ ଅଧିକ ମାଲବାହୀ ଟ୍ରେନ୍ ଚଳାଚଳ କରୁଥିବା ଯୋଗୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ ବିଳମ୍ବ ହେଉଛି। ରାଉରକେଲା, ନୂଆଗାଁ, ବିରମିତ୍ରପୁର ସମେତ ଅନ୍ୟ ଅଞ୍ଚଳର ଯାତ୍ରୀମାନେ ହଇରାଣ ହେଉଛନ୍ତି ବୋଲି ଯାତ୍ରୀ ଜଣଙ୍କ କହିଥିଲେ।

ଏ ସମ୍ପର୍କରେ ଦକ୍ଷିଣ ପୂର୍ବ ରେଳବାଇ ଏରିଆ ମ୍ୟାନେଜର ଶିବ ସୌରଭଙ୍କୁ ପଚରାଯିବାରୁ ସେ କହିଲେ, ବାହାରୁ ଯାତ୍ରା କରୁଥିବା ଟ୍ରେନଗୁଡ଼ିକ ସେଠାରୁ ବିଳମ୍ବରେ ଗତି କରୁଛି। ମୁଖ୍ୟତଃ ଏଠାରେ କୌଣସି ସ୍ଥାନୀୟ ସମସ୍ୟା ନାହିଁ। ୨ଟି ମୁଖ୍ୟ ଲାଇନ୍‌ରେ ଟ୍ରେନ ଆସୁଥିଲେ ମଧ୍ୟ ଗୋଟିଏ ଟ୍ରେନକୁ ଚଳାଚଳ ପାଇଁ କ୍ଲିଅରାନ୍ସ ଦିଆଯାଉଛି। କିଛିଦିନ ପୂର୍ବରୁ ରେଳ ଲାଇନ୍ ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଥିଲା। ଯେଉଁଥିପାଇଁ ପୂର୍ବରୁ ସର୍ବସାଧାରଣଙ୍କୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ତେବେ ଆଗାମୀ ଦିନରେ ଟ୍ରେନକୁ ଠିକ୍ ସମୟରେ ପରିଚାଳନା ପାଇଁ ଦୃଷ୍ଟି ଦିଆଯିବ ବୋଲି ଏଆର୍‌ଏମ୍ ସୌରଭ କହିଛନ୍ତି।



ରାଉରକେଲା ଷ୍ଟେଶନରେ ଯାତ୍ରୀମାନେ ଟ୍ରେନକୁ ଅପେକ୍ଷା କରିଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ



ପ୍ଲାଣ୍ଟସାଇଟ୍ ଥାନାରେ ଗିରଫ ଅଭିଯୁକ୍ତ।

ରାଉରକେଲା,୪।୩(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲୀ ବଡପାର୍କ ନିକଟରେ ସୋମବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ରେଳବାଇ କଲୋନିରୁ ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୋଲିସ ପାଟ୍ରୋଲିଂ ଟିମ୍ ଚଡାଉ କରି ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାଠିକଟା ଥାନା ନୂଆଗାଁର ସୋନା ଅଂସାରୀ(୨୯), ଗୋପବନ୍ଧୁପାଲୀର ଆଲୋକ ଗଡିଆ(୧୯), କୁଆଁରମୁଣ୍ଡାର ଦୀପକ ସୋନୀ(୩୫) ଏବଂ ନୂଆଗାଁର ଏମ୍‌ଡ଼ି କୌସର(୨୩)। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଖଣ୍ଡା, କୃପାଣ ଓ ଖେଳଣା ବନ୍ଧୁକ ଜବତ ହୋଇଛି। ଚଡାଉ ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୮/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ରହିଛି। ଏମ୍‌ଡ଼ି କୌସରଙ୍କ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ୩ଟି ମାମଲା ଥିବାବେଳେ ଆଲୋକ ଗଡିଆଙ୍କ ୪ଟି, ସୋନା ଅଂସାରୀଙ୍କ ଚାନ୍ଦିପୋଷ, ଲାଠିକଟା ଝିରପାଣି, ଟାଙ୍ଗରପାଲି ଥାନାରେ ୯ଟି ଏବଂ ଦୀପକ ସୋନୀଙ୍କ ନାଁରେ ରାଉରକେଲା ଜିଆର୍‌ପି ଏବଂ ଉଦିତନଗର ଥାନାରେ ମୋଟ ୬ଟି ମାମଲା ରହିଛି। ସୂଚନାଯୋଗ୍ୟ, ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ପୋଲିସ ଅଧିକାରୀ ଡି. କେ. ଦଲାଇ ଓ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗୁପ୍ତ ସୂଚନା ପାଇ ଉକ୍ତ ପାର୍କରେ ଚଢ଼ାଉ କରି ଦୁର୍ବୃତ୍ତମାନଙ୍କୁ ଗିରଫ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଷ୍ଟାର ଷ୍ଟିଲ୍‌ସିଟି ବିଜୟୀ

ରାଉରକେଲା,୪।୩(ସଙ୍ଗୀତା ଜେନା)

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଦିବଂଗତ ପତ୍ନୀ ଝିଙ୍ଗିଆ ଓରାମଙ୍କ ସ୍ମୃତିରେ ମଙ୍ଗଳବାର ଅପରାହ୍ନ ୨ଟାରେ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍‌ରେ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କେ. ବି. ସିଂଦେଓ ମୁଖ୍ୟଅତିଥି, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୬ଟି ଟିମ୍ ସାମିଲ ହୋଇଥିବା ବେଳେ ଷ୍ଟାର ଷ୍ଟିଲ୍‌ସିଟି ଦଳ ବିଜୟୀ ଏବଂ କଳିଙ୍ଗ ଫେଡେରେଶନ ଦଳ ଉପବିଜେତା ହୋଇଥିଲେ।



କର୍ମଚାରୀଭିତ୍ତିକ ସହାୟତା କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି କର୍ମଚାରୀ।

# ନୂତନ ଆଇସିୟୁ ଉଦ୍‌ଘାଟିତ

ରାଉରକେଲା, ୪।୩(ଦିନେଶ ମିଶ୍ର)

ରାଉରକେଲାସ୍ଥିତ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଆସିଇୟୁ ନୂତନ ଜ୍ଞାନ କୌଶଳ ବିଶିଷ୍ଟ ୬ଟି ଅସ୍ତ୍ରୋପଚାର ଓ ୨୪ଟି ବର୍ହିବିଭାଗ କକ୍ଷ ସୋମବାର ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହାଇଟେକ୍ ମେଡିକାଲର ଚେୟାରମ୍ୟାନ ଡାକ୍ତର ତିରୁପତି ପାଣିଗ୍ରାହୀ, ନିର୍ଦ୍ଦେଶକ ରାକେଶ ପାଣିଗ୍ରାହୀ, ସିଇଓ ଡ. ଶୁଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଏହା ଆଉ ଏକ ସୋପାନ ଓ ଉଦାହରଣ। ଏହାଦ୍ୱାରା ପଶ୍ଚିମ ଓଡିଶା ତଥା ଓଡିଶା ବାହାର ଅନେକ ରୋଗୀ ଉପକୃତ ହୋଇପାରିବେ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଓରାମ କହିଥିଲେ।

# ସୀମାନ୍ତରୁ ମାଓବାଦୀ କ୍ୟାମ୍ପ ଠାବ



ସୀମାନ୍ତ ଜଙ୍ଗଲରୁ ଧରାପଡ଼ିଥିବା ମାଓବାଦୀ ସାମଗ୍ରୀ।

ରାଉରକେଲା, ୪।୩(ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡଖଣ୍ଡ ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ୨୦୨୨ରୁ କ୍ରମାଗତ ଭାବେ ସିଆର୍‌ପିଏଫ୍, କୋବ୍ରା ଓ ସୁରକ୍ଷାବଳ ତଥା ସ୍ଥାନୀୟ ପୋଲିସ ଦ୍ୱାରା ମାଓବାଦୀ ଦମନ ଅଭିଯାନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ସକାଳ ୬ଟାରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀ କ୍ୟାମ୍ପ ଠାବ କରାଯାଇ ବିପୁଳ ବିସ୍ଫୋରକ ଏବଂ ହତିଆର ଜବତ ହୋଇଛି। ଏ ନେଇ ସିଆର୍‌ପିଏଫ୍ ସୂଚନା ପ୍ରଦାନ କରିଛି। ସୂଚନା ଅନୁଯାୟୀ, ମାଓବାଦୀମାନେ ଟୋଣ୍ଟୋ ଥାନା ଅନ୍ତର୍ଗତ ଜଙ୍ଗଲରେ ବିପୁଳ ବିସ୍ଫୋରକ ଲୁଚାଇ ରଖିଥିବା ସୂଚନା ପାଇ ସୁରକ୍ଷାବଳ ବନଗ୍ରାମ କ୍ଷେତ୍ରରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ବନଗ୍ରାମ ହୁସିପି ନିକଟ ଜଙ୍ଗଲରେ ସୁରକ୍ଷାବଳ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ଯାଞ୍ଚ ବେଳେ ଦେଶୀ ପିସ୍ତଲ, କାର୍ବାଇନ, ବଲ୍ଟ ଏକ୍ସନ ରାଇଫଲ୍, ୧୩ଟି ଗୁଳି, ଏମ୍‌ଏମ୍ ୭.୬୨ ରାଉଣ୍ଡ, ୧୦କେଜି ଆଇଇଡ଼ି, ଡିଟୋନେଟର ଟ୍ୟୁବ୍, କାର୍ଡାକ୍ସ ତାର, ୱାକିଟକି ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିଲା।

# କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଇଏପି ଆରମ୍ଭ

ରାଉରକେଲା,୪।୩(ବିପ୍ଳବ ରଞ୍ଜନ ଦାଶ)

ଗ୍ରେଟ୍ ପ୍ଲେସ ଟୁ ୱାର୍କ ମାନ୍ୟତାପ୍ରାପ୍ତ ମହାରତ୍ନ କମ୍ପାନୀ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍)ର ଅନ୍ୟତମ ୟୁନିଟ ଆରଏସ୍‌ପି କର୍ମଚାରୀମାନଙ୍କୁ ମାନସିକ ପରାମର୍ଶ ସହ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାର ସମାଧାନରେ ସାହାଯ୍ୟ କରିବା ଲକ୍ଷ୍ୟରେ କର୍ମଚାରୀଭିତ୍ତିକ ସହାୟତା କାର୍ଯ୍ୟକ୍ରମ(ଇଏପି) ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। କାରଖାନାର ସମସ୍ତ ସିଜିଏମ, ବହୁ ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରୁଥିବା ବୃତ୍ତିଗତ ସଂସ୍ଥା ମେସର୍ସ ଇଏପି ପ୍ରାଇଭେଟ ଲିମିଟେଡର ପ୍ରତିନିଧି ଉପସ୍ଥିତ ଥିଲେ। ଏଚ୍‌ଆର ବିଭାଗର ସିଜିଏମ ଏସ୍. ଏନ୍. ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ମେସର୍ସ ଇଏପି ପ୍ରାଇଭେଟ ଲିମିଟେଡ୍‌ର ପ୍ରତିନିଧି ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆରଏସ୍‌ପି ଓ ଓଡିଶା ଗ୍ରୁପ୍ ଏବଂ ମାଇନ୍ସ ସମୂହଙ୍କ ସହ ମତ ବିନିମୟ କରିଥିଲେ। ଏ ନେଇ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ମିଶ୍ର ନିଜର ଅଭିଭାଷଣରେ ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ଶ୍ରମଶକ୍ତିର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସେଲ୍ ଦ୍ୱାରା ପ୍ରଚଳିତ ଏଭଳି ଅନନ୍ୟ ସୁଯୋଗର ପୂର୍ଣ୍ଣ ଲାଭ ଉଠାଇବା ପାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନ ଆଇଜିଏଚ୍‌ର ନୂତନ ସମ୍ମିଳନୀ ହଲଠାରେ ଅପରାହ୍ନରେ ଏକ ସଂକ୍ଷିପ୍ତ ଆଲୋଚନା ଏବଂ ମତବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମିଶ୍ର ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ହସ୍ପିଟାଲର ସମସ୍ତ ଡାକ୍ତର ଯୋଗ ଦେଇଥିଲେ। ପରେ ଗୋପବନ୍ଧୁ ଅଡିଟୋରିୟମରେ ମଧ୍ୟ ଅନୁରୂପ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ୨ଶହରୁ ଅଧିକ କର୍ମଚାରୀଙ୍କୁ ଏଚ୍‌ଆର ପଦକ୍ଷେପ ବିଷୟରେ ସୂଚନା ଦିଆଯାଇଥିଲା। ଏହାପରେ ସମାଧାନ ସମ୍ମିଳନୀ ହଲରେ ଏଚଆର ଅଧିକାରୀଙ୍କ ପାଇଁ ଆଉ ଏକ ଅଧିବେଶନ ହୋଇଥିଲା। ଏସ୍. ଏନ୍. ପଣ୍ଡା ଉପସ୍ଥିତ ରହିଥିଲେ।

ଉଲ୍ଲେଖନୀୟ, ସମ୍ପ୍ରତି ସେଲ୍ ସମସ୍ତ କର୍ମଚାରୀ ଏବଂ ନିର୍ଭରଶୀଳ ତିନିଜଣ ପରିବାରର ସଦସ୍ୟଙ୍କ ପାଇଁ ଏହି ପରାମର୍ଶ ସେବା ଆରମ୍ଭ କରିଛି। ଏହି କାର୍ଯ୍ୟ ସମ୍ପାଦନ ପାଇଁ ମେସର୍ସ ଇଏପି ପ୍ରାଇଭେଟ ଲିମିଟେଡ୍‌କୁ ଏହି ସେବା ପ୍ରଦାନକାରୀ ସଂସ୍ଥା ଭାବେ ମନୋନୀତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଗୋପନୀୟ ରହିବ ଏବଂ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରର ସଦସ୍ୟଙ୍କ ପାଇଁ ବିଶେଷଜ୍ଞ ସହାୟତା ଉପଲବ୍ଧ କରାଯିବ। ଏହି ପ୍ରୟାସ ଅଧୀନରେ ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣତା ଚାପର ପରିଚାଳନା, ଆର୍ଥିକ ଏବଂ ଆଇନଗତ ଚିନ୍ତା, କାର୍ଯ୍ୟ ଜୀବନ ସନ୍ତୁଳନତା ଏବଂ ପରିବାର ଓ ସମ୍ପର୍କ ସମସ୍ୟା ସମେତ ବିଭିନ୍ନ ବ୍ୟକ୍ତିଗତ କାର୍ଯ୍ୟ ପ୍ରସଙ୍ଗ ଉପରେ ଅଭିଜ୍ଞ ବ୍ୟକ୍ତିମାନେ ମାର୍ଗଦର୍ଶନ ଓ ପରାମର୍ଶ ପ୍ରଦାନ କରିବେ।

# ୧୬ରୁ ବିକଶିତ ଭାରତ ଯୁବ ସାଂସଦ ପ୍ରତିଭା ଚୟନ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅଧିକାରୀ।

ରାଉରକେଲା,୪।୩(ବିପ୍ଳବ ରଞ୍ଜନ ଦାଶ)

ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିକଶିତ ଭାରତ ଶୀର୍ଷକ ଆଲୋଚନା ଓ ଯୁବକମାନଙ୍କ ମଧ୍ୟରେ ବ୍ୟକ୍ତିତ୍ୱ ବିକାଶ ପାଇଁ ଅଖିଳ ଜାତୀୟ ସ୍ତରରେ ଯୋଜନା କରାଯାଇଛି। ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାର ସମସ୍ତ ମହାବିଦ୍ୟାଳୟର ଯୁବ ପ୍ରତିଭାଙ୍କୁ ଚୟନ କରିବା ପାଇଁ ଯୁବ ବ୍ୟାପାର ମନ୍ତ୍ରଣାଳୟ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଦାୟିତ୍ୱ ଦେଇଛି। ଉଭୟ ଜିଲାର ମହାବିଦ୍ୟାଳୟରୁ ପ୍ରାୟ ୫ହଜାର ବିଦ୍ୟାର୍ଥୀ ମୋ ଭାରତ ପୋର୍ଟାଲ ମାଧ୍ୟମରେ ଭିଡ଼ିଓ ଅପ୍‌ଲୋଡ୍ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ସେଥିରୁ ଚୟନ ହୋଇଥିବା ୧୫୦ ପ୍ରତିଯୋଗୀ ଆସନ୍ତା ୧୬ ଓ ୧୭ ତାରିଖରେ ମ୍ୟୁନିସିପାଲ ମହାବିଦ୍ୟାଳୟଠାରେ ହେବାକୁ ଥିବା ଜିଲାସ୍ତରୀୟ ଚୟନ କାର୍ଯ୍ୟକ୍ରମରେ ଭାଗ ନେବେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମଙ୍ଗଳବାରଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଜିଲା ଅଧିକାରୀ ମାରିଆନୁଷ ବିଲୁଙ୍ଗ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସମିତି ସଦସ୍ୟ ବିଜୟ କୁମାର ପାଢ଼ୀ, ଡ. ଦିବ୍ୟକାନ୍ତି ବିଲୁଙ୍ଗ, ଆକାଶ ଚନ୍ଦ୍ର ଦାସ, ହେମନ୍ତ ପୁହାଣ, ଦୀପ୍ତି ରଞ୍ଜନ ମହାନ୍ତି ଏବଂ ଆଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥପତିଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ରାଉରକେଲା,୪।୩(ବିପ୍ଳବ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର (ଭାରତ)ର ରାଉରକେଲା ଶାଖା ଓ ଏନ୍‌ଆଇଟିର ମିଳିତ ଆନୁକୂଲ୍ୟରେ ଏ. ଏନ୍. ପଟେଲ ମେମୋରିଆଲ ହଲ୍‌ରେ ସୋମବାର ସ୍ଥପତିମାନଙ୍କର ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ 'ଟ୍ରେଣ୍ଡ୍‌ସ ଇନ୍ ଆଡଭାନ୍ସ ବିଲ୍‌ଡିଂ କନଷ୍ଟ୍ରକଶନ ଆଣ୍ଡ ଇନୋଭେଟିଭ ବିଲ୍‌ଡିଂ ମେଟେରିଆଲ' ଶୀର୍ଷକ ଆଲୋଚନାଚକ୍ର ଓ ସନ୍ଦର୍ଭ ପାଠ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଏସ୍. କେ. ପୋଲାକି ଅଧ୍ୟକ୍ଷତା କରିଥିଲେ। ଆବାହକ ସ୍ଥପତି ଅଭିଷେକ ଦାସ ଓ ସାଧାରଣ ସମ୍ପାଦକ ପ୍ରଫେସର ଡ଼ ଅଜିତ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଆର୍‌ଏସ୍‌ପି ଟାଉନ ବିଭାଗର ସିଜିଏମ୍ ବିଜୟ କୁମାର ଯୋଯୋ, କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ଏନ୍‌ଆଇଟି ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ପ୍ରଫେସର ପ୍ରଦୀପ ସରକାର ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅଙ୍କୁର ବାଘେଲ ଓ ପ୍ରଫେସର ବିନିତ କୁମାର ଅନ୍ୟତମ ଆବାହକ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଟେକ୍ନିକାଲ ସେସନରେ ପ୍ରଫେସର ନୂଆମାନ ନିଜାମୁଦ୍ଦିନ, ସ୍ଥପତି ଗୌତମ ଅଗ୍ରୱାଲ, ଯୋଗେଶ ଛତ୍ରିଆ, ସାରଙ୍ଗ ଶୋଭନ ପଟେଲ, ଗୌରବ କୁମାର ସିହ୍ନା, ସରୋଜ ବିନ୍ଧୁ ମହନ୍ତ, ପ୍ରଫେସର ଅଙ୍କୁର ବାଘେଲ, ପ୍ରଫେସର ସୀମନ୍ତନୀ ବେହେରା, ସୁମିତ ଚାନ୍ଦୁକା, ପ୍ରଫେସର ବିନିତ କୁମାର ଓ ଅଭିଷେକ ଦାସ ପ୍ରମୁଖ ବିଷୟ ଭିତ୍ତିକ ରିସର୍ଚ୍ଚ ପେପର୍ ଉପସ୍ଥାପନା କରିଥିଲେ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଇଆଇଏର ଓଡ଼ିଶା ଚାପ୍ଟର ଅଧ୍ୟକ୍ଷ ସ୍ୱପ୍ନାଦତ୍ତ ମହାନ୍ତି ମୁଖ୍ୟଅତିଥି ଓ ଆର୍‌ଡିଏର ପ୍ରାକ୍ତନ ପ୍ଲାନିଂ ମେମ୍ବର ରାମମୋହନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ପିତା ସାହୁ ଦ୍ୱିଦିବସୀୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳଯାତ୍ରୀଙ୍କୁ ମିଳୁନି ଗୁଣବତ୍ତାଯୁକ୍ତ ଖାଦ୍ୟ

## ଯାଞ୍ଚକଲେ ଷ୍ଟେଶନ ଖାଦ୍ୟ ପରିଦର୍ଶକ

ରାଉରକେଲା,୪।୩(ବିପ୍ଳବ ରଞ୍ଜନ ଦାଶ)



ଷ୍ଟେଶନ ଖାଦ୍ୟ ପରିଦର୍ଶକ ରନ୍ଧାଖାଦ୍ୟ ଯାଞ୍ଚ କରୁଛନ୍ତି।

ବନ୍ଦେ ଭାରତ ଏକ୍ସପ୍ରେସର ଯାତ୍ରୀମାନଙ୍କୁ ଗୁଣବତ୍ତା ଯୁକ୍ତ ଖାଦ୍ୟ ବଦଳରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ବନ୍ଦେ ଭାରତ ଟ୍ରେନରେ ଉଚ୍ଚ ଗୁଣବତ୍ତା ଯୁକ୍ତ ଖାଦ୍ୟ ଯୋଗାଣକୁ ବିଭାଗୀୟ ମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଉଥିଲେ ମଧ୍ୟ ଏଥିରେ ଖିଲାପ ହେଉଛି। ଉକ୍ତ ରେଳଯାତ୍ରୀମାନଙ୍କୁ ନିମ୍ନ ଗୁଣବତ୍ତା ଯୁକ୍ତ ଖାଦ୍ୟ ଯୋଗାଣ ହେଉଥିବା ଜଣାପଡିଛି। ସୋମବାର ରେଳଯାତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ଷ୍ଟେଶନର ଖାଦ୍ୟ ପରିଦର୍ଶକ ରାଜୀବ କୁମାର ଯାତ୍ରୀଙ୍କ ପାଇଁ ପ୍ରସ୍ତୁତ ହେଉଥିବା ରନ୍ଧାଖାଦ୍ୟସ୍ଥଳ ପରିଦର୍ଶନ କରିଥିଲେ। ସେ ରନ୍ଧାଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ବନ୍ଦେ ଭାରତ ଏକ୍ସପ୍ରେସରେ ଯୋଗାଣ ହେଉଥିବା ଖାଦ୍ୟ ପ୍ୟାକେଟଗୁଡିକର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ରନ୍ଧାଖାଦ୍ୟ ପ୍ରସ୍ତୁତି ଗୁଣବତ୍ତା ସନ୍ତୋଷଜନକ ନ ଥିବା ଜଣାପଡିଥିବା ବେଳେ ଆମିଷ ଓ ନିରାମିଷ ଖାଦ୍ୟ ଚିହ୍ନଟୀକରଣ ପାଇଁ ଉଦ୍ଦିଷ୍ଟ ଷ୍ଟିକର ଏବଂ ପ୍ୟାକେଟରେ ଥିବା ରନ୍ଧାଖାଦ୍ୟ ସମ୍ପର୍କରେ ଜାଣିବା ପାଇଁ କ୍ୟୁଆର୍ କୋଡ୍ ଲଗାଯାଇ ନ ଥିବା ଜଣାପଡିଥିଲା। ଏଥିସହ ଟ୍ରେନ ଭିତରେ ଅଧିକାଂଶ ସମୟରେ ତାଲିକା ବାହାରେ ଲଘୁ ଖାଦ୍ୟ ପ୍ରଦାନ କରାଯାଉଥିବା ଜଣାପଡିଥିଲା। ପରିଦର୍ଶନ ପରେ ରନ୍ଧାଖାଦ୍ୟ ପ୍ରସ୍ତୁତିକାରୀ ସଂସ୍ଥାକୁ ତାଗିଦ କରିବା ସହ ସମସ୍ତ ମାନଦଣ୍ଡ ପୂରଣ ପୂର୍ବକ ରନ୍ଧାଖାଦ୍ୟ ପ୍ରସ୍ତୁତି କରିବା ପାଇଁ ତାଗିଦ କରାଯାଇଥିଲା। ଏ ସମ୍ପର୍କରେ ରାଉରକେଲା ରେଳ ଷ୍ଟେଶନର ଖାଦ୍ୟ ପରିଦର୍ଶକ କୁମାରଙ୍କୁ ପଚାରିବାରୁ ସେ କହିଲେ, ବନ୍ଦେ ଭାରତ ଏକ୍ସପ୍ରେସ ରେଳଯାତ୍ରୀମାନଙ୍କୁ ଉଚ୍ଚ ଗୁଣାତ୍ମକ ରନ୍ଧାଖାଦ୍ୟ ପ୍ରଦାନ କରିବା ପାଇଁ ଏକ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ଦାୟିତ୍ୱ ଦିଆଯାଇଛି। ମାତ୍ର ଉକ୍ତ ସଂସ୍ଥା ଆଭରେଜ ହିସାବରେ ଖାଦ୍ୟ ପ୍ରସ୍ତୁତ କରୁଛି। ଏଥିସହ ରନ୍ଧାଖାଦ୍ୟ ପ୍ୟାକେଟରେ ଷ୍ଟିକର କି କ୍ୟୁଆର୍ କୋର୍ଡ ଲଗାଯାଉନାହିଁ। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଚିଠି ଲେଖାଯିବ। ସେହିପରି ଉଚ୍ଚ ଗୁଣାତ୍ମକ ରନ୍ଧାଖାଦ୍ୟ ପ୍ରସ୍ତୁତି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁମାର କହିଥିଲେ।

# ଓଡ଼ିଶାରେ ସମ୍ପୂର୍ଣ୍ଣ ଓବିସି ସଂରକ୍ଷଣ ଜରୁରୀ

**ସମ୍ବଲପୁର,୪।୩(ବି.ଶଙ୍କର)**

ସାମାଜିକ ଓ ଶିକ୍ଷାଗତ ଅସମାନତା ଭାରତୀୟ ସମାଜକୁ ଅନେକ ପଛରେ ରଖିଛି । ଏହି ସାମାଜିକ ଓ ଶିକ୍ଷାଗତ ଅସମାନତାର ଅଭିହିତ ଥିବା ଶ୍ରେଣୀକୁ ୧୯୯୦ଦଶକରେ ମଣ୍ଡଳ କମିଶନ ଦ୍ୱାରା ପଛୁଆ ବର୍ଗ(ଓବିସି) ଭାବରେ ପରିଗଣିତ କରାଯାଇଥିଲା । ଆଉ ଏହି ବର୍ଗକୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଆଗକୁ ଆଣିବାର ସୁଯୋଗ ଦିଆଯିବା ପାଇଁ ଏକ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା। ଏହି ସଂରକ୍ଷଣ ବ୍ୟବସ୍ଥା ଅନୁଯାୟୀ ଭାରତ ବର୍ଷରେ ଓବିସି ଶ୍ରେଣୀର ଲୋକଙ୍କ ପାଇଁ ୨୭ଭାଗ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆନୁମାନିକ ଭାବେ ଓଡ଼ିଶାରେ ୫୦ପ୍ରତିଶତରୁ ଉର୍ଦ୍ଧ୍ୱ ଓବିସି ଲୋକସଂଖ୍ୟା ଥିବା ସତ୍ତ୍ୱେ ମଧ୍ୟ ଏହା ଚାକିରି କ୍ଷେତ୍ରରେ ମାତ୍ର ୧୧ପ୍ରତିଶତ ଲାଗୁ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ




ଖବରଦାତା ସମ୍ମିଳନୀରେ ଓଡ଼ିଶା ଓବିସି ଛାତ୍ର ଯୁବ ଜାଗରଣ ବିଚାର ମଞ୍ଚ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଆଦୌ ଲାଗୁ ହେଉନାହିଁ। ତେଣୁ ଓଡ଼ିଶାରେ ସମ୍ପୂର୍ଣ୍ଣ ଓବିସି ସଂରକ୍ଷଣ ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସ ମଞ୍ଚ ଆୟୋଜନରେ ବିଶାଳ ରାଲି ହେବ । ଏହି ରାଲିରେ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିନିଧିମାନେ ସାମିଲ ହୋଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କୁ ଦାବିପତ୍ର ଦେବା କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ସମ୍ବଲପୁର ସହରସ୍ଥିତ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ଓବିସି ଛାତ୍ର ଯୁବ ଜାଗରଣ ବିଚାର ମଞ୍ଚ ଆବାହକ ମହେଶ ସାୟତା କହିଛନ୍ତି । ରାଜ୍ୟରେ ଚାକିରି କ୍ଷେତ୍ରରେ ୧୧ ପ୍ରତିଶତ ସଂରକ୍ଷଣକୁ ୨୭ପ୍ରତିଶତକୁ ବୃଦ୍ଧି କରିବା ସଙ୍ଗେସଙ୍ଗେ ଶିକ୍ଷାନୁଷ୍ଠାନ ଗୁଡିକରେ ପ୍ରବେଶିକା ପରୀକ୍ଷା, ନାମଲେଖାରେ ମଧ୍ୟ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ଆବଶ୍ୟକତା ରହିଛି ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ଗଣେଶ ଗାଇଗୌରିଆ କହିଥିଲେ। ଓଡ଼ିଶାରେ ସମ୍ପୂର୍ଣ୍ଣ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଓବିସି ବର୍ଗର ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ସୁପ୍ରିମ କୋର୍ଟର ଯୁବ ଆଇନଜୀବୀ ଜ୍ଞାନଦତ୍ତ ଚୌହାନ ସୂଚିତ କରିଥିଲେ। ବିଶେଷତଃ ଓବିସି ବର୍ଗର ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ସଂରକ୍ଷଣ ବ୍ୟବସ୍ଥା ପ୍ରତି ରାଜନୈତିକ ସଚେତନତାର ଅଭାବ ରହିଛି । ଯଦ୍ୱାରା ଓବିସିମାନେ ନିଜର ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ଯୁବ ନେତା ଶ୍ରୀନିବାସ ଖମାରୀ କହିଥିଲେ। ଓବିସିଙ୍କ ସମ୍ପୂର୍ଣ୍ଣ ସଂରକ୍ଷଣକୁ ନେଇ ସାରା ରାଜ୍ୟରେ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଯୁବ ଓ ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ସାମାଜିକ ଆନ୍ଦୋଳନରେ ରୂପନେବ ବୋଲି ପପୁନ ସାହୁ, ଅନିଲ ଯାଦବ କହିଛନ୍ତି ।

## ସଂକ୍ଷେପରେ

### କଫ୍ ସିରପ, ମଦ ପାଉଚ୍ ସହ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୪।୩(ପ୍ରମୋଦ ବହିଦାର)**

ବୁର୍ଲା ଥାନା ପାଟ୍ରୋଲିଂ ଦଳ ବେଆଇନ ଭାବେ ବିକ୍ରି କରୁଥିବା ବେଳେ ନିଷିଦ୍ଧ ନିଶା କଫ୍ ସିରପ୍, ଦେଶୀ ମଦ ପାଉଚ ଓ ନିଶା ବଟିକାକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁର୍ଲା ଥାନା ଗୋଲକୁଣ୍ଡା ଗ୍ରାମର ରୋହିତ ଯାଦବ(୨୦)। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବୁର୍ଲା ଥାନା ଗୋଲଗୁଣ୍ଡା–ହୀରାକୁଦ ରେଳ ଷ୍ଟେଶନ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଭିଯୁକ୍ତ ରୋହିତ ଦେଶୀ ମଦ ମିଶା କଫ୍ ସିରପ ବିକ୍ରୟ କରୁଥିବା ସମ୍ପର୍କରେ ବୁର୍ଲା ଥାନା ପାଟ୍ରୋଲିଂ ଦଳକୁ ଖବର ମିଳିଥିବା। ପୋଲିସ ଏସ୍‌ଆଇ ଦେବାଶିଷ ଖିଲାର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ରୋହିତଙ୍କୁ ଗିରଫ କରିଥିଲେ। ଏହାସହ ତାଙ୍କ ନିଟରୁ ସିଲ ଓ ଖୋଲା କଫ୍‌ସିରପ୍, ଦେଶୀ ମଦ ପାଉଚ ଓ ନିଶା ବଟିକା ଜବତ କରିଥିଲେ। ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟିକସ ପୈଠ ହୋଇ ନ ଥିବା ୪୨ ଗାଡି ଜବତ

**ସମ୍ବଲପୁର,୪।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରରେ ଟିକସ ପଇଠ ନକରି ଅନେକ ଭାରିଯାନ ଚାଚଳ କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ଏହାକୁ ନେଇ ମଙ୍ଗଳବାର ଆରଟିଓ ଏବଂ ଟ୍ରାଫିକ ଥାନା ପକ୍ଷରୁ ମିଳିତ ଚଢାଉ କରାଯାଇ ୪୨ ଟି ଭାରିଯାନ ଏବଂ ବସ୍ ଜବତ କରାଯାଇଛି । ଗାଡି ଗୁଡିକର ମାଲିକମାନେ ନିର୍ଦ୍ଧାରିତ ଟିକସ ନଦେଇ ବେଆଇନ ଭାବେ ସାମଗ୍ରୀ ଏବଂ ଯାତ୍ରୀ ପରିବହନ କରିଆସୁଥିଲେ। ଟିକସ ପୈଠ କରି ନ ଥିବା ୪୨ଟି ଯାକ ଯାନବାହନ ଜବତ କରାଯିବା ପରେ ସେଗୁଡ଼ିକୁ ସିନ୍ଦୁରପଙ୍କ ସ୍ଥିତ ପୁଷ୍ପନାଥ ଷ୍ଟକ୍ ୟାର୍ଡରେ ରଖାଯାଇଥିବା ଟ୍ରାଫିକ ଇନ୍ସପେକ୍ଟର ଏସ୍.ପାଢ଼ୀ ସୂଚନା ଦେଇଛନ୍ତି। ଚଡାଉ ସମୟରେ ଅତିରିକ୍ତ ଆରଟିଓ କେ.ସି. ବାନା ଓ ଟ୍ରାଫିକ ଇନ୍ସପେକ୍ଟର ପାଢ଼ୀଙ୍କ ସମେତ ଅନ୍ୟ ଟ୍ରାଫିକ କର୍ମଚାରୀ ଉପସ୍ଥିତ ଥିଲେ ।

### ବନ୍ଧରୁ ଉଲଗ୍ନ ମୃତଦେହ ଜବତ

**ପଡିଆବାହାଲ,୪।୩(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ସଦର ଥାନା ବାହାମ ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ହରିଜନପଡା ଗାମୁଣ୍ଡ ଚାଷ ଜମିରେ ଥିବା ଏକ ବନ୍ଧରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ଉଲଗ୍ନ ମୃତଦେହ ପୋଲିସ ଜବତ କରିଛି। ମୁହଁ ମାଡି ପାଣିରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ପୋଲିସ ସାଇଣ୍ଟିଫିକ ଦଳ ଓ ଦମକଳ ବାହିନୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକ ପରିଚୟ ମିଳି ପାରିନାହିଁ। ତେବେ ବ୍ୟକ୍ତିଙ୍କ ମୃତଦେହ ପାଣିକୁ କିପରି ଆସିଲା ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିୟୁଟି ଏକ୍ସପୋ ବିଜେତାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୪।୩(ପ୍ରମୋଦ ବହିଦାର)**

ଭୁବନେଶ୍ୱରଠାରେ ଅନୁଷ୍ଠିତ ବିୟୁଟି ଏକ୍ସପୋ–୨୦୨୫ ସିଜନ୍ ୯ ପ୍ରତିଯୋଗିତାର ବିଜୟିନୀ ସମ୍ବଲପୁର ଜିଲା ବୁର୍ଲା ସହରର ପ୍ରିୟା ଧିମାନଙ୍କୁ ସ୍ୱେଚ୍ଛସେବୀ ଅନୁଷ୍ଠାନ ସେବା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିୟୁଟି ଏକ୍ସପୋ ମଡେଲିଂ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତଙ୍କୁ ପଛରେ ପକାଇ ପ୍ରିୟା ଏହି ପ୍ରତିଯୋଗିତାର ବିଜୟିନୀ ହୋଇଛନ୍ତି। ବୁର୍ଲା ସହରର ସ୍ୱର୍ଗତ କିଶୋର ଧିମାନ ଓ ପୂଜା ଧିମାନଙ୍କ ଝିଅ ପ୍ରିୟା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ମୁକୁଟ୍ ପିନ୍ଧି ମଙ୍ଗଳବାର ସମ୍ବଲପୁର ଫେରିଥିଲେ। ଏହି ଅବସରରେ ସେବା ସଙ୍ଗଠନର ଦୁର୍ଗାପାଲିସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ ସଭାପତି ଡ. ଦୀପକ ପାଣ୍ଡେଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ, ମହମ୍ମଦ ମୁସ୍ତିକିମ, ଆର୍ତ୍ତବନ୍ଧୁ ଚାନ୍ଦ, ବବଲୁ ଚାଆଁର, ନରୋତ୍ତମ ବେହେରା, ସାବିତ୍ରୀ ମେହେର, ସନ୍ତୋସିନୀ ପାତ୍ର, ବିନୋଦିନୀ ପାତ୍ର ଉପସ୍ଥିତ ଥିଲେ।

# କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ଅତିଥିଙ୍କ ସହ ଜେଏସଡବ୍ଲ୍ୟୁ–ବିପିସିଏଲର କର୍ମଚାରୀ।

**ସମ୍ବଲପୁର,୪।୩(ଭବାନୀ ଶଙ୍କର ଭୋଇ)**

### ଜେଏସଡବ୍ଲ୍ୟୁ-ବିପିସିଏଲରେ ଜାତୀୟ ସୁରକ୍ଷା ଦିବସ

ଠୋଲକୋଲୋଇସ୍ଥିତ ଜେଏସ୍‌ଡବ୍ଲ୍ୟୁ–ବିପିସିଏଲ ପକ୍ଷରୁ ମଙ୍ଗଳବାର ୫୪ତମ ଜାତୀୟ ସୁରକ୍ଷା ଦିବସ ପାଳନ କରାଯାଇଛି। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ–ବିପିସିଏଲର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଅନୀଲ କୁମାର ସିଂହ ପ୍ଲାଣ୍ଟର କାର୍ଯ୍ୟଦକ୍ଷତା ଏବଂ ଉନ୍ନତି ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ବିଗତ ୫ ନିୟୁତ ଘଣ୍ଟା ମଧ୍ୟରେ ଶୂନ୍ୟ ଆହତ ଭଳି କାର୍ଯ୍ୟଦକ୍ଷତା ହାସଲ କରିଥିବା ଉପରେ ଆଲୋଚନା କରିଥିଲେ। ସିଂହ ପ୍ଲାଣ୍ଟର ବରିଷ୍ଠ ପଦାଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ସୁରକ୍ଷା ଉପରେ କମ୍ପାନୀ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ସେ କମ୍ପାନୀରେ ନିରାପତ୍ତା ଏବଂ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିଥିବା ଯୋଗୁଁ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ, କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ସୁରକ୍ଷା ଆଲୋଚନାରେ ଯୋଗଦେଇଥିଲେ। ଏହି ଉତ୍ସବରେ ଅଣତିରିଶଟି ବିତରଣ ସଂସ୍ଥାର ସୁରକ୍ଷା ଉତ୍ପାଦ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ କର୍ମଚାରୀଙ୍କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସମ୍ବନ୍ଧିତ ଆୟୋଜିତ ବିବିଧ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ମହାପ୍ରବନ୍ଧକ ଅଶୋକ ବିଶ୍ୱାଲ ଜାତୀୟ ସୁରକ୍ଷା ଦିବସ ଅବସରରେ ଅତିଥିଙ୍କୁ ସ୍ୱାଗତ କରିଥିଲେ।

# ଧାଡ଼ି ଦର୍ଶନ ବେଳେ ସୁବାସିତ ଜଳ ସିଞ୍ଚନ ବ୍ୟବସ୍ଥା

### ସମଲେଶ୍ୱରୀ ମନ୍ଦିର

**ସମ୍ବଲପୁର,୪।୩(ଭବାନୀ ଶଙ୍କର ଭୋଇ)**

ମା' ସମଲେଶ୍ୱରୀଙ୍କ ପୀଠରେ ପ୍ରତ୍ୟହ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନେ ମା'ଙ୍କୁ ଧାଡିରେ ଛିଡା ହୋଇ ଦର୍ଶନ କରଥାନ୍ତି। ଏଠାରେ ଛାଉଣୀ ଏବଂ ପଙ୍ଖା ଆଦିର ବ୍ୟବସ୍ଥା ରହିଥିଲେ ହେଁ ମନ୍ଦିର ମୁଖଶାଳାରୁ ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଖୋଲା ରହିଛି। ଯାଦ୍ୱାରା ପ୍ରବଳ ଖରାରେ ମଧ ଭକ୍ତଙ୍କୁ ମୁକ୍ତାକାଶ ତଳେ ଧାଡିରେ ଛିଡା ହେବାକୁ ପଡିଥାଏ। ଫଳରେ ଟାଣ ଖରା ଭକ୍ତଙ୍କ ପାଇଁ ବ୍ୟାପକ ଅସୁବିଧା ସୃଷ୍ଟି କରିଥାଏ। ଦିନକୁ ଦିନ ଖରା ବଢିବାରେ ଲାଗିଛି। ତେଣୁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଏହି ଧାଡି ଦର୍ଶନରେ ମୁକ୍ତାକାଶରେ ଛିଡା ହେଉଥିବା ଭକ୍ତଙ୍କ ଉପରେ ସୁବାଷିତ ଜଳ ସିଞ୍ଚନର ବ୍ୟବସ୍ଥା କରାଯାଇଛି। ଖରାକୁ ଦୃଷ୍ଟିରେ ରଖି ଧାଡି ଦର୍ଶନ ବେଳେ ଭକ୍ତଙ୍କ



ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଧାଡି ଦର୍ଶନ କରୁଥିବା ଭକ୍ତଙ୍କ ପାଇଁ ସୁଗନ୍ଧିତ ଜଳସିଞ୍ଚନ ବ୍ୟବସ୍ଥା।

ଉପରେ ଶୀତଳ ଓ ସୁବାଷିତ ଜଳ ସିଞ୍ଚନ କରିବା ପାଇଁ ୧୫ ଟିସ୍ଥାନରେ ଫୁଆରା ଖଞ୍ଜା ଯାଇଛି । ସ୍ୱତନ୍ତ୍ର ମୋଟର ଏବଂ କମ୍ପ୍ରେସର ମେସିନ ଲଗାଯାଇ ଭକ୍ତମାନଙ୍କ ଉପରେ ଜଳ ସିଞ୍ଚନ କରାଯାଉଛି। ମଙ୍ଗଳବାରଠାରୁ ଅନୌପଚାରିକଭାବେ ଏହା ଆରମ୍ଭ କରାଯାଇଥିବା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି।

### ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ସମ୍ବଲପୁର,୪।୩(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବଡବଜାର ବଙ୍ଗାଳିପଡା ସ୍ଥିତ ବୀଣାପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଆରସିସି ବିଜୟନ୍ତି ପଣ୍ଡା ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଦେବତା ଓ ଶିକ୍ଷୟିତ୍ରୀ ଜୟା କୁମାରୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ସେହିପର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକେ, ନୃତ୍ୟ ଓ ହସ୍ତ ନିର୍ମାଣ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

### ମେଗା ରକ୍ତଦାନ ଶିବିର

**କୁଚିଣ୍ଡା,୪।୩(ବିରଞ୍ଚି ଦର୍କା)**

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ବି.ଜମନକିରାଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଡସ ପାୱାର ଓ ବ୍ଲେସିଂ ମିନିଷ୍ଟ୍ରି ପକ୍ଷରୁ ମଙ୍ଗଳବାର ଏକ ମେଗା ରକ୍ତଦାନ ଶିବିର ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରମୋଦ ରୋହିଦାସଙ୍କ ସଭାପତିତ୍ୱରେ ହୋଇଥିବା ସଚେତନତା ସଭାରେ କୁଚିଣ୍ଡା ଏସ୍‌ଡିଏମଓ ଡ଼ା. ସୁବୋଧ କୁମାର ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସାମ୍ବାଦିକ ପ୍ରଭାତ ବେହେରା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ସରସ୍ୱତୀ ଠାକୁର, ସଞ୍ଜୟ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିମଳ ମେହେର ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓକିଲ ଶାନ୍ତନୁ କାଲୋ, ରମେଶ ମେହେର, ନାଏବ ସରପଞ୍ଚ ଉଷା ବାହାଲା ଓ ୱାର୍ଡସଭ୍ୟା ଖତି ମେହେର ଏଥିରେ ସହଯୋଗ କରିଥିଲେ। କୁଚିଣ୍ଡା ମେଡିକାଲ ରକ୍ତ ଭଣ୍ଡାରର ପ୍ରମୋଦ ପଟେଲଙ୍କ ସମେତ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ୫୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# କାର ଲୁଟି ଅଟୋ ଚାଳକ ଗିରଫ




ଲୁଟ୍ କାର ସହିତ ଗିରଫ ଲୁଟେରା ଅଟୋ ଚାଳକ।

**ସମ୍ବଲପୁର, ୪।୩(ପ୍ରମୋଦ ବହିଦାର)**

### ଲୁଟ୍ କାର ଉଦ୍ଧାର, ଅଟୋ ଜବତ

ଚାଳକଙ୍କୁ ମାଡ଼ମାରି ସମ୍ବଲପୁର ରେଳଷ୍ଟେଶନରୁ ଏକ କାରକୁ ଲୁଟି ନେଇଥିବା ଅଟୋ ଚାଳକଙ୍କୁ ଗିରଫ କରିଛି ପୋଲିସ। ସେ ହେଉଛନ୍ତି ଅଇଁଠାପାଲି ଥାନା କଟରଧୁଆ ଗୁଆଲାପଡ଼ାର ବିଶାଲ ଯାଦବ(୨୫)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୨ ତାରିଖରେ ରାତି ୧୨ଟାରେ ଯୁଯୋମୁରାର ଅଶୋକ ଭଏଁସାଙ୍କ କାର(ଓଡି–୦୪–ଏଲ୍–୭୪୮୬)ରେ ଚାଳକ ଯୁଯୋମୁରାରୁ ସମ୍ବଲପୁର ଜଙ୍କସନ ରେଳ ଷ୍ଟେଶନକୁ ଭଡ଼ାରେ କେତେକ ଯାତ୍ରୀଙ୍କୁ ନେଇ ଆସିଥିଲେ। ଏଠାରେ ଯାତ୍ରୀମାନଙ୍କୁ ଛାଡ଼ିଲା ପରେ କାର ଚାଳକଙ୍କୁ ଏକାକି ଦେଖି ଜଣେ ଅଟୋ ଚାଳକ ମାଡ଼ ମାରି କାରକୁ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏହାସହ ଅଟୋ ଚାଳକ ଜଣକ ତାଙ୍କ ଅଟୋ(ଓଡି–୧୫–ଏକ୍ସ–୩୮୫୧)କୁ ଷ୍ଟେଶନରେ ଛାଡ଼ି ଦେଇଥିଲେ। ଖବର ପାଇ କାର ମାଲିକ ଭଏଁସା ସମ୍ବଲପୁର ଆସି ସୋମବାର ସକାଳେ କ୍ଷେତରାଜପୁର ଥାନାରେ ଏନେଇ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଷ୍ଟେଶନରେ ଛାଡ଼ି ଯାଇଥିବା ଅଟୋର ପଞ୍ଜିକୃତ ନମ୍ବରରୁ ଅଭିଯୁକ୍ତ ଅଟୋ ଚାଳକଙ୍କ ନକଟରେ ପହଞ୍ଚି ପୋଲିସ ମଙ୍ଗଳବାର ଗୁଆଲାପଡ଼ାସ୍ଥିତ ଘରୁ ବିଶାଲଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଲୁଟ୍ କାରକୁ ଉଦ୍ଧାର କରିଥିବା ବେଳେ ତାଙ୍କ ଅଟୋକୁ ପୋଲିସ ଜବତ କରିଛି। ଏହା ସହ ଗିରଫ ଅଟୋ ଚାଳକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ଲୁଟ୍ କାରକୁ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ପ୍ରତିଭା ବିକାଶ ପାଇଁ ସୁଯୋଗ ଦରକାର

**ସମ୍ବଲପୁର,୪।୩(ଭବାନୀ ଶଙ୍କର ଭୋଇ)**

ମାନେଶ୍ୱର ବ୍ଲକ ତବଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟା ସରୋଜିନୀ ସେଠ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଡିଓ ରମେଶ ଚନ୍ଦ୍ର ନାୟକ, ସମିତି ସଭ୍ୟ ଉଗ୍ରସେନ ସାହୁ ସମ୍ମାନୀତ ଅତିଥିଭାବେ ସାମିଲ ହୋଇଥିଲେ। ଲୁବରୁ ବାରିକ, ସନତ ବାବୁ, ସୁରେନ୍ଦ୍ର ମେହେର, ଶୁଶିଲ ପ୍ରଧାନ, ଦିଲୀପ ପ୍ରଧାନ ମଞ୍ଚାସୀନ ଥିଲେ। ତବଲା ଗ୍ରାମର ବୟୋଜ୍ୟେଷ୍ଠଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଧାନଶିକ୍ଷକ ଲିଙ୍ଗରାଜ ପ୍ରଧାନ ସଭା ପରିଚାଳନା କରିଥିଲେ। ଉତ୍ସବରେ ବିଡିଓ ନାୟକ କହିଥିଲେ, ଗ୍ରାମାଞ୍ଚଳରେ ପ୍ରତିଭା ରହିଛି, କେବଳ ସେମାନଙ୍କୁ ଉଚିତ ସୁଯୋଗ ଦରକାର।




ବାର୍ଷିକ ଉତ୍ସବରେ ଗ୍ରାମର ଜଣେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ତବଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୁଖ୍ୟ ଅତିଥି ସେଠ ଛାତ୍ରୀଛାତ୍ରମାନଙ୍କୁ ପାଠପଢା ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ତନୁଜା ମହାନ୍ତିଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବାର୍ଷିକ ଉତ୍ସବରେ ତବଲା ଗ୍ରାମର ଜୟପ୍ରକାଶ ମେହେର, ଦେବେନ୍ଦ୍ର ପ୍ରଧାନ, ସ୍ୱୟଂପ୍ରକାଶ ସାହୁ, ପ୍ରଶାନ୍ତ ପ୍ରଧାନ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ କମଳିନୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବିକା ମିଶନ, ସଖୀ ଆୟୋଜନରେ କର୍ମଶାଳା




ମଙ୍ଗଳବାର ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ବକ୍ତାମାନେ।

**ସମ୍ବଲପୁର,୪।୩(ବି.ଶଙ୍କର)**

ଓଡ଼ିଶା ଜୀବିକା ମିଶନ ପିସିଆଇ ଇଣ୍ଡିଆ ଏବଂ ୱାନ ଷ୍ଟେପ୍ ସେଣ୍ଟର (ସଖୀ) ପକ୍ଷରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରିଜିଓନାଲ ଟ୍ରେନିଂ ଏବଂ ରିସୋର୍ସ ସେଣ୍ଟରରେ ମଙ୍ଗଳବାର କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ସଖି ପରିଚାଳିକା ମୌସୁମୀ ଦୋରା କର୍ମଶାଳା ସଂଯୋଜନା କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଲେଖ ମହାପାତ୍ର, ଜେଜେବି ସଦସ୍ୟା ବାଣୀ ମହାପାତ୍ର, ଶିଶୁ ମଙ୍ଗଳକାରୀ କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟଉପରେ ଆଲୋଚନା କରିଥିଲେ। ଏଥିରେ ସମ୍ବଲପୁରର ବିଭିନ୍ନ ବ୍ଲକରୁ ଆସିଥୁବା ଜିସିଆରପିମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପିସିଆଇ ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଜିସିଆରପିଙ୍କୁ ଘରୋଇ ହିଂସା, ବାଲ୍ୟ ବିବାହ, କର୍ମ କ୍ଷେତ୍ରରେ ଯୌନ ଗତ ହିଂସା ଓ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଓଡ଼ିଶା ଜୀବିକା ମିଶନର ପ୍ରିୟଙ୍କା ସିଂ ଧନ୍ୟବାଦ ଦେଇଥିଲେ। ସଖୀକେନ୍ଦ୍ର କର୍ମଚାରୀ ମିକି ବାରିକ, ଇତି ନାଏକ, ମିତାଲି ପଣ୍ଡା, ସୁନିମା ପଟେଲ, ଭାରତୀ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଛାତ୍ରୀଛାତ୍ରଙ୍କ ସାଧନାର କେନ୍ଦ୍ରସ୍ଥଳ ବିଦ୍ୟାଳୟ

**ନାକଟିଦେଉଳ,୪।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ କ୍ଷମାନିଧି ଭୋଇ, ମୁଖ୍ୟବକ୍ତା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ଡ଼. ପୁଷ୍ପାଞ୍ଜଳି ରବଣା, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାଶ, ସ୍ଥାନୀୟ ସିଆରସିସି ସୌମିତ୍ରୀ କୁମାର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଦାଶ ଯୋଗଦେଇଥିଲେ। ବିଦ୍ୟାଳୟ ହେଉଛି ଛାତ୍ରୀଛାତ୍ରଙ୍କ ସାଧନାର କେନ୍ଦ୍ରସ୍ଥଳୀ। ତେଣୁ ପ୍ରାଥମିକ ଶିକ୍ଷର ଗୁରୁତ୍ୱକୁ ଉପଲବ୍ଧି କରି ଅଭିଭାବକମାନେ



ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

### ନାକଟୀଦେଉଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ସେମାନଙ୍କ ପିଲାମାନଙ୍କ ନାମ ସରକାରୀ ବିଦ୍ୟାଳୟରେ ଲେଖାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏଥି ସହିତ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଉତ୍ତମ ମାନବିକତା ଗୁଣ ସମ୍ପନ୍ନବ୍ୟକ୍ତି ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଜଣାଇଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ‘ମହିଳାମାନଙ୍କ ଦକ୍ଷତା ବୃଦ୍ଧି ମୂଳ ଲକ୍ଷ୍ୟ’

ବଲାଙ୍ଗୀର,୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ମହିଳା। ସେମାନଙ୍କ ବିକାଶ ନ ହେଲେ ରାଜ୍ୟ ବିକଶିତ ହୋଇପାରିବ ନାହିଁ। ଏଣୁ ମହିଳାମାନଙ୍କ ବିକାଶ ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ମହିଳାମାନେ ସ୍ୱାବଲମ୍ବୀ ହେଲେ ସମାଜ ସଶକ୍ତ ହେବ। ଏହି ଲକ୍ଷ୍ୟ ନେଇ ସରକାର ଓ ପ୍ରଶାସନ ଆଗେଇ ଚାଲିଛନ୍ତି। ପୂର୍ବ ସରକାର ମହିଳାଙ୍କ ବିକାଶ ପାଇଁ ଉଦ୍ୟମ କରିଥିଲେ। ସରକାର ପରିବର୍ତ୍ତନ ପରେ ଏବେକାର ସରକାର ମଧ୍ୟ ମହିଳାଙ୍କ ବିକାଶ ଏବଂ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିବା ଚତୁର୍ଥ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି କହିଛନ୍ତି । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଏପିଡି ତରଣୀ ସୁନା, ପୁଇଁତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ ଏବଂ ଦେଓଗାଁ ବିଡିଓ ପ୍ରିୟରଞ୍ଜନ କୁମ୍ଭାର ମଞ୍ଚାସୀନ ଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ସରକାର ମହିଳାମାନଙ୍କ ଦକ୍ଷତା ବୃଦ୍ଧି, ସର୍ବାଙ୍ଗୀନ ବିକାଶ ଏବଂ ସ୍ୱାବଲମ୍ବନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସୁଭଦ୍ରା ଶକ୍ତି ମେଳା ଜରିଆରେ ମହିଳାମାନେ ସେମାନଙ୍କ ହାତ ତିଆରି ଜିନିଷ ଆଣି ଏଠାରେ ବିକ୍ରି କରି ଅର୍ଥ ଉପାର୍ଜନ କରିପାରୁଛନ୍ତି। କୃଷି ଠାରୁ ଆରମ୍ଭ କରି ହସ୍ତଶିଳ୍ପ, କୁଟୀର ଶିଳ୍ପ ଏବଂ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କୁ ଆହୁରି ଦକ୍ଷ ଏବଂ ସ୍ୱାବଲମ୍ବୀ କରିବା ପାଇଁ ସରକାର ଦୃଢ଼ ନିଶ୍ଚିତ । ଏବେ ପ୍ରଶାସନ ମଧ୍ୟ ବଦ୍ଧପରିକର ବୋଲି ମହାପାତ୍ର କହିଥିଲେ। ସଭାକୁ ସୁଶୋଭିତା ଗୁରୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବଲାଙ୍ଗୀରର ଯୁବଶକ୍ତିଙ୍କ ପ୍ରତୀକ ଏବଂ ଲୋକପ୍ରିୟ ବନ୍ଦିସ୍ ରକ୍ ବ୍ୟାଣ୍ଡର କଳାକାରମାନେ ସୁମଧୁର ଗୀତ ଏବଂ ସଙ୍ଗୀତରେ ଦର୍ଶକଙ୍କୁ ମତୁଆଲା କରିଦେଇଥିଲେ। ସମ୍ବିତ କୁମାର ଏବଂ ତାଙ୍କ ସାଥୀମାନେ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ସଭା ପରେ ମାଲକାନ୍‌ଗିରିରୁ ଆସିଥିବା କଳାକାରମାନେ ଢ଼େମ୍‌ସା ନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ମଞ୍ଚାସୀନ ଥିଲେ ।


ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

### ସୁଭଦ୍ରା ଶକ୍ତି ମେଳା

# ବଲାଙ୍ଗୀରରେ ଯୋଗ ଦେଲେ ନୂଆ ଏସ୍‌ପି ଅଭିଲାଷ ଜି.

ବଲାଙ୍ଗୀର,୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ନୂଆ ଏସ୍‌ପି ଭାବେ ଆଇପିଏସ୍ ଅଫିସର ଅଭିଲାଷ ଜି. ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ବଲାଙ୍ଗୀରର ବିଦାୟୀ ଏସ୍‌ପି ଋଷିକେଶ ଡାନ୍‌ଦେଓ ଖିଲାରିଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନୂଆ ଏସ୍‌ପି ଅଭିଲାଷ କହିଥିଲେ, ବଲାଙ୍ଗୀର ଜିଲାର ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣକୁ ସେ ଜୋର ଦେବେ। ବିଶେଷ କରି ଶିଶୁ ଓ ମହିଳାଙ୍କ ପ୍ରତି ସବୁବେଳେ ପ୍ରାଥମିକତା ରହିବ ବୋଲି ସେ କହିଥିଲେ। ଏହାସହିତ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବ। ଜିଲାର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ସେ କହିଥିଲେ। ନିଶା, ମଦ ଏବଂ ଡ୍ରଗ୍ସ କାରବାରକୁ କିଭଳି ରୋକିବେ ବୋଲି ନୂଆ ଏସପିଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡକୁ ସକ୍ରିୟ କରାଯିବ ବୋଲି ସେ କହିଥିଲେ। ଏହାସହିତ ମାଓବାଦୀ ମୁକାବିଲା ଉପରେ ମଧ୍ୟ ଜୋର ଦିଆଯିବ ବୋଲି ସେ କହିଥିଲେ। ବଲାଙ୍ଗୀର ଏସ୍‌ପି ଭାବେ ଯୋଗଦେବା ପୂର୍ବରୁ ସେ କଳାହାଣ୍ଡି ଜିଲା ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି ଏବଂ ବଲାଙ୍ଗୀର ଜିଲାର ମାଓବାଦୀ ସମସ୍ୟା ଉପରେ ଅବଗତ ଅଛନ୍ତି ବୋଲି ସେ କହିଥିଲେ। ବିଦାୟୀ ଏସ୍‌ପି ଖିଲାରିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ନୂଆ ଏସ୍‌ପି ଅଭିଲାଷ ଜିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।


ବଲାଙ୍ଗୀର ଜିଲାର ନୂଆ ଏସ୍‌ପି ଅଭିଲାଷ ଜି.।

### ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା

ଟିଟିଲାଗଡ,୪।୩(ଶରତ ମିଶ୍ର)

ମଙ୍ଗଳବାର ଦିନ ବିଜେପୁର ପ୍ରାଥମିକ ବିଦ୍ୟାଳୟରେ ଟିଟିଲାଗଡ଼ ବ୍ଲକ ଅଧୀନସ୍ଥ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପାଳ ସିଂ ସୁନାଙ୍କ ଦ୍ୱାରା କ୍ଲଷ୍ଟରସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଦୁଇଟି ପର୍ଯ୍ୟାୟରେ ହେଇଥିଲା। ଟିଟିଲାଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅଭିରାମ ମାଝୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡ ଧର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିବା ପାଇଁ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଜେପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୋଲା ହୋରୋଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଜୈବିକ ପଦ୍ଧତିରେ ଚାଷ କରିବାକୁ ଆହ୍ୱାନ

#### ଜୈବିକ ଖତ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

ଖପ୍ରାଖୋଲ,୪।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଚଚରାଭଟା ଗାଁରେ କୃଷି ବିଭାଗ, ଶ୍ରୀ ଅନ୍ନ ଅଭିଯାନର ମିଳିତ ଉଦ୍ୟମରେ ମା’ ଭବାନୀ ଆଦିବାସୀ ସଂଘ ପାଇଁ ଜୈବିକ ଖତ ଉତ୍ପାଦନ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଶ୍ରୀ ଅନ୍ନ ଅଭିଯାନର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମାଟିର ସ୍ୱାସ୍ଥ୍ୟ ଓ ବିଷ ମୁକ୍ତ ଖାଦ୍ୟ ପାଇଁ ଜୈବିକ ଖତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଗୋବର, ଗୋ ମୂତ୍ର, ମିଶ୍ରିତ ପତ୍ର ଅର୍କ ଆଦି ପ୍ରସ୍ତୁତ କରି ବିକିଲେ ମହିଳାମାନେ ଲାଭବାନ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଜୈବିକ ଖତ, ରୋଗ ପୋକ ନିୟନ୍ତ୍ରକ ପ୍ରସ୍ତୁତି ତାଲିମ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀ ଇପ୍ସିତା ବାରିକ, ଗଣେଶ ବନଛୋର, ଫକୀର ସାହୁ ପ୍ରମୁଖ ସହାୟତା କରିଥିଲେ । ମା’ ଭବାନୀ ଆଦିବାସୀ ମହିଳା ସଂଘର ସଦସ୍ୟା ଓ ଅନ୍ୟ ସଂଘର ମହିଳାମାନେ ଉପସ୍ଥିତ ଥିଲେ।

### ଜଙ୍ଗଲରେ ନିଆଁ, ସଚେତନତା ଅଭାବ

ଲୋଇସିଂହା,୪।୩(ସୁଶାନ୍ତ ବାରିକ)

ଖରା ତାତି ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗିବା ଦିନକୁ ଦିନ ବଢି ଚାଲିଛି । ମଙ୍ଗଳବାର ମଧ୍ୟାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ କୁଶମେଲ ପଞ୍ଚାୟତ କଟାଁପାଲି ଗୋଚର ଜମିରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ଯୋଗୁ ଗୋଚର ଜମିରେ ଥିବା କେତେକ ବଡ ଗଛ ପୋଡି ନଷ୍ଟ ହୋଇଛି । ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ କରିଥିଲେ। ତେବେ ପବନ ବହୁଥିବାରୁ ନିଆଁ ଅଣାୟତ୍ତ ହୋଇ ପଡିଥିଲା । ଏଥିପାଇଁ ଦମକଳ ବାହିନୀକୁ ନାକେଦମ ହେବାକୁ ପଡିଥିଲା । ଦୁଇଦିନ ପୂର୍ବରୁ ରୁଗୁଡିଖାଲ ଛକ ନେଗିପାଲି ରାସ୍ତାରେ ଥିବା ଶିଶୁ ମନ୍ଦିର ନିକଟସ୍ଥ ଶାଗୁଆନ ବଣରେ ନିଆଁ ଲାଗିଥିଲା । ସ୍ଥାନୀୟ ବ୍ୟବସାୟୀମାନେ ଏହାକୁ ଲିଭାଇଥିଲେ। କେନ୍ଦୁପତ୍ର, ମହୁଲ ଆଦି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଲୋକେ ନିଆଁ ଲଗାଇ ଦେଉଥିବାରୁ ଏପରି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହେଉଛି। ସରଗାଡ ଫରେଷ୍ଟର ସମିର ମହାପାତ୍ର କହିଛନ୍ତି, ଅଦ୍ୟାବଧି ସରଗାଡ ବିଟ ଅଧୀନ ୪ଟି ସ୍ଥାନରେ ନିଆଁ ଲାଗିଥିବାରୁ ତାକୁ ଲିଭାଇ ଦିଆଯାଇଛି। ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗାଁରେ ଲୋକଙ୍କୁ ସଚେତନ କରାଯାଇଛି ବୋଲି ସେ କହିଥିଲେ । ତେବେ ଜଙ୍ଗଲରେ ଯେମିତି ନିଆଁ ନ ଲାଗିବ ସେ ଦିଗରେ ଆହୁରି ଜନସଚେତନତାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

# ‘କୋଶଳ କଳା ମଣ୍ଡଳର ସୁରକ୍ଷା ଲୋଡ଼ା’

ବଲାଙ୍ଗୀର,୪।୩(ବୀରେନ୍ଦ୍ର କୁମାର ଝାଙ୍କର)

୧୭ତମ ବଲାଙ୍ଗୀର ବହିହାଟର ଷଷ୍ଠ ସନ୍ଧ୍ୟାରେ ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଲେଖକ ପରିଷଦ ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆଠାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଗୁରୁଶ୍ରୀ ଘାସିରାମ ମିଶ୍ର, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଓ ସଙ୍ଗଠିକା ସରସ୍ୱତୀ ନନ୍ଦ ଆଲୋଚକ ଭାବେ ଯୋଗଦାନ କରିଥିଲେ। କୋଶଳ କଳାମଣ୍ଡଳ ହେଉଛି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମୁକସାକ୍ଷୀ। କୋଶଳ କଳା ମଣ୍ଡଳ ଇତିହାସର ମୁକସାକ୍ଷୀ। ବଲାଙ୍ଗୀରର କଳା, ସଂସ୍କୃତିର ବିକାଶ ପାଇଁ ତତ୍କାଳୀନ ପାଟନା ମହାରାଜ ବଲାଙ୍ଗୀରବାସୀଙ୍କ ଉଦ୍ଦେଶ୍ୟରେ ଏହା ନିର୍ମାଣ କରିଥିଲେ। ଅତୀତରେ ଏହି କଳା ମଣ୍ଡଳ ପଡିଆ ଅନେକ ସ୍ୱନାମଧନ୍ୟ କଳାକାର ସୃଷ୍ଟି କରିଛି। ବର୍ତ୍ତମାନ କିନ୍ତୁ ଅତୀତର ସେ ଗୌରବ ଦେଖାଯାଉନାହିଁ। କଳାକାରଙ୍କ ପାଇଁ ଏହି କଳା ମଣ୍ଡଳ ଅଲୋଡା ହୋଇପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ବକ୍ତାମାନେ କହିଥିଲେ। ଏହାର ସୁରକ୍ଷା ନହେଲେ ଏହି କଳାମଣ୍ଡଳ ଅତୀତ ହୋଇଯିବ ବୋଲି କହିଥିଲେ। ଲେଖକ ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଷଦ ସହସମ୍ପାଦକ ରଘୁନନ୍ଦନ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ମହେନ୍ଦ୍ର ଦର୍ଜି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲା ଲେଖକ ପରିଷଦର ଧୀରେନ୍ଦ୍ର ନାରାୟଣ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ।


ବହିହାଟରେ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ବଲାଙ୍ଗୀର ବହିହାଟ

# ବୋଲେରୋ ଧକ୍କାରେ ଯୁବକ ଗୁରୁତର

ଲୋଇସିଂହା,୪।୩(ସୁଶାନ୍ତ ବାରିକ)

ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକଠାରେ ଏକ ବୋଲେରୋ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ସ୍ଥାନୀୟ ବ୍ଲକ ଛକ ନିବାସୀ ସୁକାନ୍ତ ନାଗ (୪୨)। ସ୍ଥାନୀୟ ପୋଲିସ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଲୋଇସିଂହା ଡ଼ାକ୍ତରଖାନା ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ସୁକାନ୍ତ ଚାଲି କି ହସ୍ପିଟାଲ ପଟକୁ ଆସୁଥିବା ବେଳେ ବଲାଙ୍ଗୀର ପଟରୁ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା।

# ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ପାଳିତ


ବାର୍ଷିକ ଉତ୍ସବ ଅବସରରେ କୃତୀ ପ୍ରତିଯୋଗୀ।

ଲୋଇସିଂହା,୪।୩(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୌନାବତୀ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ସା, ଶିକ୍ଷାବିତ ନାରାୟଣ ସାହୁ, ଖବରଦାତା ସୁଶାନ୍ତ ବାରିକ , ସ୍କୁଲ କମିଟି ସଭ୍ୟ ଗୋପବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ସା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେବା ସହିତ ବିଦ୍ୟାଳୟରେ ପିଇବା ପାଣି ସୁବିଧା, ପାଚେରି ଓ ରାସ୍ତା ନିର୍ମାଣ ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ । ଶିକ୍ଷାବିତ୍ ସାହୁ କହିଥିଲେ, ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ପାଇଁ ଖୁସିର ମୁହୂର୍ତ୍ତ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥାନ୍ତି। ଯାହାକି ଅଭିଭାବକଙ୍କୁ ଖୁସି ଆଣି ଦେଇଥାଏ । କିନ୍ତୁ ଏଭଳି କାର୍ଯ୍ୟକ୍ରମରେ ଅଧିକାଂଶ ଅଭିଭାବକଙ୍କ ସମ୍ପୃକ୍ତି ରହୁ ନ ଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ । ଖବରଦାତା ସୁଶାନ୍ତ ବାରିକ କହିଥିଲେ,ଶିକ୍ଷୟିତ୍ରୀ ଶିକ୍ଷକମାନେ ସମୟାନୁବର୍ତ୍ତିତ ହୋଇ ନିଷ୍ଠା ଓ ଆନ୍ତରିକତା ସହିତ ଶିକ୍ଷାଦାନ କଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଗୌରବ ଆଣିବେ ବୋଲି ମତବ୍ୟକ୍ତ କରିଥିଲେ । ବାର୍ଷିକ କ୍ରୀଡା ସହିତ ଆର୍ଟ ଏବଂ କ୍ରାଫ୍ଟ କ୍ଷେତ୍ରରେ ମୋଟ ୨୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୯୦ ଜଣ କୃତୀ ଛାତୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା । ସଭା କାର୍ଯ୍ୟକୁ ଶିକ୍ଷକ ବାବୁଲୁ ନାୟକ ପରିଚାଳନା କରିଥିଲେ । ସୌଦାମିନୀ ସାହୁ, ରାଣେଶ୍ୱରୀ ସାହୁ, ସଂଯୁକ୍ତା ପାତ୍ର, ଅଙ୍କିତା ରଥ, ପ୍ରକାଶ କୁମାର ସାହୁ, ସନ୍ତୋଷ ପରୁଆଙ୍କ ସମେତ ୨ ଜଣ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ପ୍ରଥମରୁ ଅଷ୍ଟମ ୯୦ କୃତୀ ଛାତ୍ରୀଛାତ୍ର ପୁରସ୍କୃତ

# ଚାଷୀ ଧାନ ବିକିବାରୁ ବଞ୍ଚିତ

ଟିଟିଲାଗଡ଼,୪।୩(ଶରତ ମିଶ୍ର )

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡରେ ଚଳିତବର୍ଷ ସରକାରଙ୍କ ପକ୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । ମଣ୍ଡିରେ ବ୍ୟାପକ କଟ୍‌ନି ଛଟ୍‌ନି ହୋଇଛି। ଧାନ ବିକିବା ପାଇଁ ହଟହଟା ହେବାକୁ ପଡୁଛି । ଏପରି କି ଧାନ କ୍ରୟ କରା ନ ଯିବାରୁ ଅଧିକାଂଶ ଚାଷୀ ବେପାରୀଙ୍କୁ କମ୍ ଦରରେ ଦେବାକୁ ବାଧ୍ୟ ହେଉଛନ୍ତି । ଧାନ ବିକ୍ରୟ କରିବାରେ ନିରାଶ ହୋଇ ପୀତାମ୍ବର ବେହେରା ନାମକ ଜଣେ ଚାଷୀ ନିକଟରେ ଟିଟିଲାଗଡ଼ ଉପଖଣ୍ଡ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ (ଏଆରସିଏସ )ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି । ବିଡମ୍ବନାର ବିଷୟ ଯେ ଚାଷୀ ପୀତାମ୍ବର ବ୍ଲକ, ଉପଖଣ୍ଡ, ଜିଲା ସ୍ତରରୁ ଆରମ୍ଭ କରି ରାଜ୍ୟର ଶ୍ରେଷ୍ଠ ଚାଷୀ ଭାବରେ ପୁରସ୍କୃତ ହୋଇଛନ୍ତି । ସେ ଚଳିତ ଖରିଫରେ ନିଜର ୨ ଏକର ୮୮ ଡେସିମିଲ ଚାଷ ଜମିରେ ଧାନ ଫସଲ ଅମଳ କରିଥିଲେ । ଏନେଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରିମାଣ ମୁତାବକ ଚାଷୀଙ୍କ ୩୮ କୁଇଣ୍ଟାଲ ୫୦ କିଲୋ ଧାନ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବାନ୍ଧୁପଲା ମଣ୍ଡିରେ ବିକ୍ରୟ କରିବା କଥା। ହେଲେ ପୀତାମ୍ବର ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି । ଏନେଇ ବାରମ୍ବାର ପାକ୍ସ ସଭାପତି, ସମ୍ପାଦକ, ଟିଟିଲାଗଡ଼ ଏଆରସିଏସ, ବଲାଙ୍ଗୀର ଜିଲା ସମବାୟ ସମିତି ସମୂହ ନିବନ୍ଧକଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଚାଷୀ ଅନ୍‌ଲାଇନରେ ଧାନ ବିକ୍ରୟ ନେଇ ବହୁ ପୂର୍ବରୁ ନିଜ ନାମ ମଣ୍ଡିରେ ପଞ୍ଜୀକୃତ କରିଥିବା ବେଳେ କିଭଳି ଧାନ କ୍ରୟ କରାଯାଉନି ତାହା ନା ନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଚାଷୀଙ୍କ ଧାନ କ୍ରୟ କରା ନ ଗଲେ ତୀବ୍ର ଆନ୍ଦୋଳନ ହେବ ବୋଲି ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଢ ଚେତାବନୀ ଦେଇଛନ୍ତି। ତେବେ ସୋମବାର ଦିନ ଚାଷୀ ପୀତାମ୍ବର ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀଙ୍କୁ ଭେଟି ନିଜ ଧାନ ବିକ୍ରୟ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଉପଜିଲାପାଳ ଖେତ୍ରୀ ତୁମ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଜମି ସେଟେଲମେଣ୍ଟ ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗୀର,୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଦୀର୍ଘ ବର୍ଷ ହେଲା ଜମି ସେଟେଲମେଣ୍ଟ ହୋଇନାହିଁ। ଏଣୁ ଜିଲାରେ ଶୀଘ୍ର ଜମି ସେଟେଲମେଣ୍ଟ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ଦିଆଯାଇଛି। ଯୁବ ସଙ୍ଗଠକ ବିଶ୍ୱମୟ ପୂଜାରୀଙ୍କ ନେତୃତ୍ୱରେ ରାଜ କିଶୋର ଦାଶ, ସଲିମ ଖାନ, ପ୍ରଭାସ ପାଣିଗ୍ରାହୀ, ନାଳଖଣ୍ଡିପଡା ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲଳିତ ପଣ୍ଡା ଓ ଅନ୍ୟମାନେ ମନ୍ତ୍ରୀ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦାବିପତ୍ର ଦେଇଥିଲେ। ଜିଲାରେ ଜମି ସେଟଲମେଣ୍ଟ ହେଲେ ଅନେକ ଜଟିଳ ଜମି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ପୂଜାରୀଙ୍କ ବଲାଙ୍ଗୀର ଗସ୍ତ ଅବସରରେ ଏହି ଦାବିପତ୍ର ଦିଆଯାଇଥିବା ସୂଚନା ଦିଆଯାଇଛି।

# ଦେଓଗାଁରେ ରୋଗୀ କଲ୍ୟାଣ ସମିତି ବୈଠକ



ରୋଗୀ କଲ୍ୟାଣ ସମିତି ବୈଠକ ଅବସରରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନିତ କରାଯାଉଛି।

ଦେଓଗାଁ,୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ରୋଗୀକଲ୍ୟାଣ ସମିତି ପାଣ୍ଠିର ସମୀକ୍ଷା କରିଥିଲେ। ବିପିଏମ ପରେଶ କୁମାର ସାହୁ ଚଳିତବର୍ଷର ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ କମିଟି ଉପ-ସଭାପତି ତଥା ଦେଓଗାଁ ବିଡିଓ ପ୍ରିୟରଞ୍ଜନ କୁମାର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ ଛକଠାରେ ଗେଟ ନିର୍ମାଣ, ମେଡିସିନ ୱେରହାଉସ ଛାତ ଉପରେ ସେଡ ନିର୍ମାଣ, ବ୍ଲକଛକ ଠାରୁ ଚିକିତ୍ସାଳୟ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ ଲଗାଇବା ଆଦି ପ୍ରସ୍ତାବ ଆଗତ କରାଯାଇଥିଲା। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଶାକର୍ମୀ ବଲ୍ଲଭି ମାଝୀ, ତପସ୍ୱିନୀ ଧରୁଆ, କୁଞ୍ଜଲତା ମେହେର, ରେବତୀ ପଟେଲ, ଜୟକୃଷ୍ଣ ମିଶ୍ର, ସମୀର ରଞ୍ଜନ ବରର୍ଡ଼ି, ଆୟୁଷ ଚିକିତ୍ସକ ଡା. ମମତାମୟୀ ଦାଶ, ରାମଚନ୍ଦ୍ରପୁର ପ୍ରାଥମିକ ଚିକିତ୍ସାଳୟର ଡା, ଲଳିତ କୁମାର ସାହୁ, ଦେଓଗାଁର ଡା. ସ୍ୱାଭିମାନ ସାହୁ ଓ ଡା. ଚିନ୍ଦ୍ରି ମଲ୍ଲିକଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ସେହିପରି ଜାତୀୟ ସ୍ତରରେ ମାନ୍ୟତାପ୍ରାପ୍ତ ଜରାସିଂହା ଓ କୁତୁର୍ଲା ଉପ-ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମିଶ୍ର, ଲିପା ବେହୁରା, ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ପଟେଲ ଓ ବିନ୍ଧ୍ୟାରାଣୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନରେନ୍ଦ୍ର ବିଶ୍ୱାଳ, ମନୋଜ ଦୀପଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଡା. ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା କାର୍ଯ୍ୟକ୍ରମରେ ଡ. ସୁଧାଂଶୁ ଭୂଷଣ ମେହେର, ଶୁଶିଳ କୁମାର ଚାନ୍ଦ, ଉମାଶଙ୍କର ସିଂ, ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ସିଂଦେଓ ଉଡାର ପଞ୍ଚାୟତ ନିକଟରେ ବନ୍ଧର ମାଟି ଉନ୍ନତି କରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | Union Bank of India | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ “ଯେଉଁଠାରେ ଯେପରି ଅଛି” “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢ଼େଙ୍କାନାଳ ସଦର (ନଂ. ୩), ଥାନା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଚଉପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢ଼େଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଚଉପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ଓ୍ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜବରଦଖଲ ଜମି ଚିହ୍ନଟ ହେଲା

ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)

ଜବରଦଖଲ ହେଉଛି ପୌରପରିଷଦ ଜମି, ସାମିଲ ଅଛନ୍ତି ରାଜନେତା ଶୀର୍ଷକ ଖବର ୪ ତାରିଖ ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏଥିରେ ବ୍ଲକ ଛକ ଅଞ୍ଚଳରେ ଜବରଦଖଲ ହୋଇଥିବା ସରକାରୀ ଜମିର ଫଟୋ ସହିତ ସବିଶେଷ ତଥ୍ୟ ରହିଥିଲା। ପ୍ରକାଶିତ ଖବରକୁ ନେଇ ସୁବର୍ଣ୍ଣପୁର ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ସହରର ବୁଦ୍ଧିଜୀବୀ ଓ ରାଜନୈତିକ ଦଳ ପକ୍ଷରୁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ପୌରପରିଷଦର ନିର୍ବାହୀ ଅଧିକାରୀ ରୁଷି ମାଝୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜବରଦଖଲ ହୋଇଥିବା ଜମି ଚିହ୍ନଟ ପାଇଁ ନିର୍ବାହୀ ଅଧିକାରୀ ମାଝୀ ସୋନପୁର ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ଅପରାହ୍ନରେ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ପୌର ନିର୍ବାହୀ ଅଧିକାରୀ ମାଝୀଙ୍କ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ଜମି ଚିହ୍ନଟ କରିଥିଲେ। ତାରବାଡ ଦିଆଯାଇଥିବା ପୌରପରିଷଦର ଉକ୍ତ ଜମିକୁ ନିକଟରେ ଜବରଦଖଲ କରାଯାଇଛି। ସେଠାରେ ଏକ ଅସ୍ଥାୟୀ ଘର ନିର୍ମାଣ ହୋଇଥିବା ବେଳେ ବୌଦ୍ଧ ଜିଲା ବାଉଁଶୁଣି ଥାନା ପାତଲିପଡା ଅଞ୍ଚଳର ଶଙ୍କର ମେହେରଙ୍କ କାର ପାର୍କିଂ ହୋଇଥିବା ଦେଖିବାକୁ ମିଳିଥିଲା। ଜମି ପୌରପରିଷଦର ହୋଇଥିବା ସ୍ପଷ୍ଟ ହେବା ପରେ ନିୟମ ଅନୁଯାୟୀ ଜ ବ ର ଦ ଖ ଲ କ । ର 1 ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ମାଝୀ କହିଛନ୍ତି। ସୁବର୍ଣ୍ଣପୁର ସହରରେ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଇଛି। ଦେବୋତ୍ତର ଜମି ଠାରୁ ଆରମ୍ଭ କରି ରାଜସ୍ୱ ଓ ପୌର ପରିଷଦର ମୂଲ୍ୟବାନ ଜମି ଜବରଦଖଲକାରୀଙ୍କ କବଜାକୁ ଚାଲିଯାଉଛି। ଏପରିକି ପୋଖରୀ ଆଡ଼ି, ଜଳାଶୟ ଓ ପ୍ରାକୃତିକ ପାଣି ନାଳ ଗୁଡିକ ବାଦ୍ ପଡୁନି। ଅପରିଚିତ ଲୋକମାନେ ବାହାର ଅଞ୍ଚଳରୁ ଆସି ସରକାରୀ ଜମିରେ ବସତି ସ୍ଥାପନ କରି ରହୁଛନ୍ତି। ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରୁନି। କିଛି ବର୍ଷ ପରେ ସେମାନଙ୍କୁ ଜମି ପଟ୍ଟା ମିଳିଯାଉଛି।


ସୋନପୁର ବ୍ଲକ ଛକରେ ଜବରଦଖଲ ହୋଇଥିବା ଜମିକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉଛି।

**ଧରିତ୍ରୀ ପ୍ରଭାବ**

### ପୌର ପ୍ରଶାସନର ନିଦ ଭାଙ୍ଗିଲା

ଦୀର୍ଘବର୍ଷ ଧରି ଜବରଦଖଲକାରୀଙ୍କ କବଜାରେ ଥିବା ସରକାରୀ ଜମିକୁ ରାଜ୍ୟ ସରକାର ଫେରାଇ ଆଣିବାକୁ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁବର୍ଣ୍ଣପୁର ପୌରାଞ୍ଚଳରେ ଏହାର ସାମାନ୍ୟ ପ୍ରଭାବ ପଡି ନଥିଲା। ପରିଷଦର ରାଜସ୍ୱ ନିରୀକ୍ଷକ ଦୃଷ୍ଟି ଦେଉ ନଥିବାରୁ ବରିଷ୍ଠ ରାଜନେତା ସରକାରୀ ଜମିକୁ ଦବରଦଖଲ କରୁଛନ୍ତି। ସୋନପୁର ବ୍ଲକ ଛକ ଭେଣ୍ଡିଂ ଜୋନ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ପୌରପରିଷଦର ମୂଲ୍ୟବାନ ଜମିକୁ ଏକ ସପ୍ତାହ ପୂର୍ବରୁ ଜଣେ ପ୍ରଭାବଶାଳୀ ରାଜନେତା କବ୍ଜା କରିଥିଲେ। ପ୍ରଶାସନର ତାରବାଡ ହଟାଇ ଜବରଦଖଲକାରୀ ଜମିର ରାସ୍ତାକୁ ଜେସିବି ଦ୍ୱାରା ସମତୁଲ କରିଥିଲେ। ପରେ ନିଅଁ ଖୋଳି ରାତାରାତି ସେଠାରେ ଏକ ଅସ୍ଥାୟୀ ଆଜବେଷ୍ଟସ ଘର କରିଛନ୍ତି। ଏଥିରେ ଜଣେ ବରିଷ୍ଠ ନେତାଙ୍କ ସମ୍ପୃକ୍ତ ଥିବାରୁ ପୌର ପ୍ରଶାସନ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଥିଲା।

# ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଭାଜପା କର୍ମୀ


ଭାଜପା ନେତା ମାନେ ପୌର ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି।

ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ସରକାରୀ ଜମି ଜବରଦଖଲକୁ ନେଇ ଭାଜପା ନେତା ଓ ସମର୍ଥକ ମାନେ ମଙ୍ଗଳବାର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଘେରିଥିଲେ। ନଗର ମଣ୍ଡଳ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ପୌର ନିର୍ବାହୀ ଅଧିକାରୀ ରୁଷି ମାଝୀଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ଆଲୋଚନା କରିଥିଲେ। ବ୍ଲକ ଛକ ଭେଣ୍ଡିଂ ଜୋନ ସମ୍ମୁଖରେ ଏକ ରାଜନୈତିକ ଦଳର ନେତା ତାରବାଡ ଦିଆ ଯାଇଥିବା ପୌରପରିଷଦର ଜମି ଜବରଦଖଲ କରିବାକୁ କେମିତି ସାହାସ କଲେ ବୋଲି ଭାଜପା ନେତାମାନେ ପ୍ରଶ୍ନ କରିଥିଲେ। ସେହିପରି ଜଳାଶୟଗୁଡିକୁ ପୁନଃରୁଦ୍ଧାର କରା ଯାଉ ନ ଥିବା ବେଳେ ତାହା ଜବରଦଖଲ ହେବାରେ ଲାଗିଛି। ଉନ୍ନୟନମୂଳକ କାମରେ ଅହେତୁକ ବିଳମ୍ବ ହେଉଛି। ଯେଉଁ ୱାର୍ଡରେ କାମ ଆବଶ୍ୟକ ସେଠାରେ କରାଯାଉନି। ନୂତନ ଟାଉନ ହଲ ପାର୍ଶ୍ୱରେ ଏକ ବେଆଇନ ନର୍ସରୀ ହୋଇଥିବା ଓ ଜଣେ ରାଜନେତା ଏହାକୁ ଭଡା ସୂତ୍ରରେ ଦେଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା।

### ଜବରଦଖଲକାରୀ ଉଚ୍ଛେଦ ପାଇଁ ୭ ଦିନ ସମୟ ଦେଲେ

ଆସନ୍ତା ୭ ଦିନ ଭିତରେ ସରକାରୀ ଜମି, ପ୍ରାକୃତିକ ନାଳ ଓ ଡ୍ରେନ୍‌ରୁ ଜବରଦଖଲ ଉଚ୍ଛେଦ ନହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶିବରାମ ସାହୁ, ଦୀପକ ମହାପାତ୍ର, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ କୁମାର ସାହୁ, ଯୁବ ମୋର୍ଚ୍ଚା ଜିଲା ସଭାପତି ସ୍ୱରୂପ ପାତ୍ର, ପ୍ରାକ୍ତନ କାଉନସିଲର ତ୍ରିଲୋଚନ ତରିଆ, ନରସିଂହ ପୃଷ୍ଟି, ବିବେକାନନ୍ଦ ମିଶ୍ର, ବିକ୍ରାନ୍ତ କେଶରୀ ମିଶ୍ର, ରାଜେଶ ସାହୁ, କିଶୋର ମିଶ୍ର, ଅନନ୍ତ ମିଶ୍ର, ଦେବାଶିଷ ପୂଜାହାରୀ, ସୁରୁବାବୁ ସାହୁ, ବିକି ଅଗ୍ରୱାଲ, ଶ୍ରୀକାନ୍ତ ପାଣିଗ୍ରାହୀ ଓ ବାବୁଲୁ ଭୋରାସାଗର ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବାଲ୍ୟ ବିବାହ ରୋକିଲା ପ୍ରଶାସନ

ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)

ଅତାବିରା ବ୍ଲକ ଅନ୍ତର୍ଗତ ସିଲେଟ୍ ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଆସନ୍ତା ୭ତାରିଖ ଗ୍ରାମରେ ଉକ୍ତ ବାଲ ବିବାହ ଅନୁଷ୍ଠିତ ହେବାର ଥିଲା। ଏ ସମ୍ପର୍କରେ ଚାଇଲ୍ଡ ହେଲ୍ପଲାଇନର ଟୋଲ ଫ୍ରି ନମ୍ବର-୧୦୯୮କୁ ଫୋନ କଲ୍ ଅସିଥିଲା। ଏହାପରେ ଅତାବିରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ସମେତ ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ବବିତା ରାଉତ୍, ଚାଇଲ୍ଡ ହେଲ୍ପଲାଇନର ଜିଲା ସଂଯୋଜକ ସଞ୍ଜୟ ଶତପଥୀ, କାଉନସେଲର ଲଳିତ ପ୍ରଧାନ, ସୁପରଭାଇଜର ଆକାଶ ପ୍ରଧାନ ପ୍ରମୁଖ ଉକ୍ତ ଗ୍ରାମକୁ ପହଞ୍ଚିଥ ବାଲ୍ୟ ବିବାହକୁ ବନ୍ଦ କରିଥିଲେ।

### ଶେରଗଡ଼ ତହସିଲଦାରଙ୍କୁ ୨୫ ହଜାର ଜରିମାନା

**ସୂଚନା ପ୍ରଦାନ ନ କରିବା ମାମଲା**

ଭୁବନେଶ୍ୱର,୪।୧(ସତ୍ୟଜିତ୍ ରାଉତ)

ନିର୍ଦ୍ଧାରିତ ସମୟରେ ସୂଚନା ପ୍ରଦାନ କରି ନ ଥିବାରୁ ଗଞ୍ଜାମ ଜିଲା ଶେରଗଡ଼ ତହସିଲଦାର ତ୍ରିଦେବ ରଥଙ୍କୁ ରାଜ୍ୟ ସୂଚନା କମିଶନ (ଓଆଇସି) ୨୫ ହଜାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏକ ମାସ ମଧ୍ୟରେ ସରକାରୀ ତହବିଲରେ ଏହି ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟଥା ଏହି ଅର୍ଥ ତାଙ୍କ ଦରମାରୁ କାଟିବାକୁ ଗଞ୍ଜାମ ଜିଲାପାଳଙ୍କୁ କମିଶନ ସୁଶାନ୍ତ କୁମାର ମହାନ୍ତି ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧର ଝୁନୁରାମ ଅଗ୍ରୱାଲ ସୂଚନା ଅଧିକାର ଆଇନ ବଳରେ କେତେକ ତଥ୍ୟ ୨୦୧୭ରେ ବୌଦ୍ଧ ତହସିଲକୁ ମାଗିଥିଲେ। ନିର୍ଦ୍ଧାରିତ ସମୟରେ ସୂଚନା ନ ମିଳିବାରୁ ଅଗ୍ରୱାଲ ପ୍ରଥମ ଅପିଲ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ଆୟୁକ୍ତଙ୍କ ହସ୍ତକ୍ଷେପ ଫଳରେ ଉକ୍ତ ତହସିଲ ପକ୍ଷରୁ ଆବେଦନକାରୀଙ୍କୁ ୪ବର୍ଷ ପରେ ପ୍ରଦାନ କରାଯାଇଥିଲା। ଶେରଗଡ଼ର ବର୍ତ୍ତମାନ ତହସଲିଦାର ଥିବା ତ୍ରିଦେବ ସେତେବେଳେ ବୌଦ୍ଧ ତହସିଲରେ ସୂଚନା ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଭାବେ କାମ କରୁଥିଲେ। ଏହି କ୍ରମରେ ତ୍ରିଦେବ ରଥଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ତ୍ରିଦେବ ଡିସେମ୍ବର ୨୪ରେ ନିଜ ଉତ୍ତରରେ ଜଣାଇଥିଲେ ଯେ, ତାଙ୍କ ନିକଟରେ କୌଣସି ରେକର୍ଡ ନାହିଁ, ତେଣୁ ତାଙ୍କୁ ରେକର୍ଡ ଯୋଗାଇ ଦିଆଯାଉ। ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଜାନୁଆରୀ ୨୯ରେ ବୌଦ୍ଧ ତହସିଲ ସୂଚନା ଅଧିକାରୀ ସମସ୍ତ ରେକର୍ଡ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ତ୍ରିଦେବ ଶୁଣାଣି ବେଳେ ଉପସ୍ଥିତ ହୋଇ ନ ଥିଲେ କିମ୍ବା କୌଣସି ଉତ୍ତର ରଖି ନ ଥିଲେ। ଏହି ମାମଲାର କମିଶନ ବିଚାର କରି ତଥ୍ୟ ପ୍ରଦାନ କରି ନ ଥିବା ଏବଂ ଆୟୁକ୍ତଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ତ୍ରିଦେବଙ୍କୁ ଦଣ୍ଡିତ କରିଛନ୍ତି।

# ଗେଟ୍ ୱେ ଅଫ୍ ଲର୍ନିଂ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକର ଲୋକାର୍ପଣ କରୁଛନ୍ତି।

ସୋନପୁର,୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାର ସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମଠାରେ ଡ଼କ୍ଟର ସନ୍ତୋଷ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ଉତ୍ସବରେ ଗୋରେଖନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଡ଼ ଦଧିବାମନ ମିଶ୍ର, ସମ୍ମାନିତ ଅତିଥି ଡ଼ ଗୋବର୍ଦ୍ଧନ ନାୟକ, କହ୍ନେୟାଲାଲ ଜୀ ଓ ରତନ ଲାଲ ଜୀ ଯୋଗଦାନ କରିଥିଲେ। ଏହି ଅବସରରେ ଗ୍ରନ୍ଥକାର ଯୋଗୀନ୍ଦ୍ର ପ୍ରସାଦ ପଣ୍ଡାଙ୍କର ବହୁ ଚର୍ଚ୍ଚିତ ଇଂଲିଶ ପୁସ୍ତକ ଗେଟ ୱେ ଅଫ ଲର୍ନିଂକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପଣ୍ଡା, ପୁସ୍ତକ ରଚନାର ପୃଷ୍ଠଭୂମି, ଉଦ୍ଦେଶ୍ୟ, ଅଭିଜ୍ଞତା ଓ ଆଭିମୁଖ୍ୟ ପ୍ରକାଶ କରି ପାଠକଙ୍କ ଦାରା ଏହା ଆଦୃତ ହେବ ବୋଲି କହିଥିଲେ। ପ୍ରାଧ୍ୟାପକ ଡ଼କ୍ଟର ଜ୍ୟୋତି ରଞ୍ଜନ ବହିଦାର ପୁସ୍ତକର ସମୀକ୍ଷା କରିଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ପୁରୋହିତ ସଭାକୁ ସଂଯୋଜନା କରିଥିଲେ। ଡ ଆର୍ତ୍ତତ୍ରାଣ ବାବୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବରେ ବାସୁଦେବ ମିଶ୍ର, ହରିହର ଶତପଥୀ, ଜ୍ୟୋତି ରଞ୍ଜନ ପଟ୍ଟନାୟକ,ଡଃ ସୁଦାମ ନାଏକ, ବ୍ରଜ ମୋହନ ଦାନୀ, ମୃତ୍ୟୁଞ୍ଜୟ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଶ୍ରୀଧର ବାଗ, ବେଣୁଧର ପ୍ରଧାନ, ପ୍ରଶାନ୍ତ ସାହୁ, ଦୟାନିଧି ସେଠୀ, କଳାକାହ୍ନୁ ଦାଶ, ଅମୂଲ୍ୟ ପାତ୍ର ଚିତ୍ତରଞ୍ଜନ ନାୟକ, ଅହଲ୍ୟା ପଣ୍ଡା, ମୀନା ମହାରଣା ଓ ଝିଲି ପାତ୍ର ଯୋଗଦାନ କରିଥିଲେ।

# ନଦୀର ସୁରକ୍ଷା ସଭିଁଙ୍କ କର୍ତ୍ତବ୍ୟ

ବରଗଡ଼,୪।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲର ୟୁଥ୍ ଆଣ୍ଡ ଇକୋ କ୍ଲବ ଆନୁକୂଲ୍ୟରେ ଆମ ନଦୀ, ଆମ ଜୀବନ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଏବଂ ୟୁଥ୍ ଆଣ୍ଡ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରକୃତିବନ୍ଧ ଡା. ଡୋଲାମଣି ଶତପଥି ମୁଖ୍ୟ ଆଲୋଚକଭାବେ ଯୋଗଦାନ କରିଥିଲେ। ନଦୀ ଗୁଡ଼ିକର ସୁରକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହେବା ବାଞ୍ଛନୀୟ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବରଗଡ଼ ସହର ଉପକଣ୍ଠରେ ବହି ଯାଇଥିବା ଜୀରାନଦୀ ଏବଂ ଦନ୍ତାନଦୀକୁ ପ୍ରଦୂଷଣମୁକ୍ତ କରିବା ଏବଂ ଏହି ନଦୀ ଗୁଡ଼ିକର ସୁରକ୍ଷା ପାଇଁ ମୁଖ୍ୟ ଅତିଥି ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶପଥ ପାଠ କରାଇଥିଲେ। ଛାତ୍ରୀ ସାଲିନୀ ସା, ଶିକ୍ଷୟିତ୍ରୀ ବବିତା ନାଏକ, ଭାରତୀ ସେଟ୍, ସୁନୀତା ମିଶ୍ର, ସୀମା ଭୋଇ, ଜ୍ୟୋତି ବେହେରା, ଦିପିକା କୁଲୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନଦୀକୁ ଜନନୀ ବୋଲି ଅଭିହିତ କରି ଏହାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ସେମାନେ ମତପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଛରେ ପିଟିହେଲା ବାଇକ୍: ଯୁବକଙ୍କ ମୃତ୍ୟୁ

ଡୁଙ୍ଗୁରିପାଲ, ୪।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସହଳା ଗ୍ରାମପଞ୍ଚାୟତ ଗଣ୍ଡପାଲି ଗ୍ରାମର ଦୟାନିଧି ଖମ୍ବାରୀ (୩୦)। ସୂଚନା ଅନୁଯାୟୀ ସୋମବାର ରାତିରେ ଦୟାନିଧି କୌଣସି କାମରେ ଯାଇ କପାସିରା ପଟରୁ ଡୁଙ୍ଗୁରିପାଲି ଫେରୁଥିଲେ। ଗଧାପାଲି ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟିହେବାରୁ ସେ ଛିଟିକି ପଡ଼ିଥିଲେ। ରାତିସାରା ସେ ସେଠାରେ ପଡ଼ିରହିଥିବାବେଳେ ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ସଦସ୍ୟ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ବାପା ଦେବରାଜ ଖମାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୮/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୟାନିଧି ଦୀର୍ଘବର୍ଷ ହେବ ଡୁଙ୍ଗୁରିପାଲି ବସ୍ତି ରାସ୍ତାରେ ଏକ କମ୍ପ୍ୟୁଟର, ଜେରକ୍ସ ଦୋକାନ ଦେଇ ପରିବାର ପ୍ରତିପୋଷଣ କରିଆସୁଥିଲେ। ତାଙ୍କ ମୃତ୍ୟୁରେ ଡୁଙ୍ଗୁରିପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ



ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଅମରପାଲି,୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୧ ଜଣ ଛାତ୍ରୀଛାତ୍ର ସୁନ୍ଦର ଖେଳନା ପ୍ରସ୍ତୁତ କରି ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ କଳା ଶିକ୍ଷକ ବାବୁଲାଲ ମେହେରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଖେଳଣା ପ୍ରସ୍ତୁତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଦାସ ନିଜ ବକ୍ତବ୍ୟରେ ଖେଳଣା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବର୍ଗରେ କାହ୍ନା ମେହେର ପ୍ରଥମ, ବିଦୁଶ ମେହେର ଦ୍ୱିତୀୟ ଓ ପ୍ରିତମ ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କନିଷ୍ଠ ବର୍ଗରେ ରୋହନ ମେହେର ପ୍ରଥମ, ବୀଣାପାଣି ମେହେର ଦ୍ୱିତୀୟ ଓ ଦେବାନନ୍ଦ ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସିତାଂଶୁ ଶେଖର ଖମାରୀ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରି ଅର୍ପିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକ ଦିବ୍ୟରଞ୍ଜନ ସାହୁ, ଜିତେଶ୍ୱରି ମେହେର, ରଶ୍ମିତା ମେହେର, ଶିବାନୀ ସାହା, ଅମରେଶ ତ୍ରିପାଠୀ ଓ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରୋଇ ହିଂସା ରୋକିବାକୁ ସଚେତନତା ଲୋଡ଼ା

ବରଗଡ଼,୪।୩ (ପ୍ରେମାନନ୍ଦ ଖମାରୀ)

କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁଓ) ଏବଂ ନେଦରଲାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୂଲ୍ୟରେ ତଥା ବରଗଡ଼ ଜିଲା ସମାଜ ମଙ୍ଗଳ ବିଭାଗ, ଚକରକେନ୍ଦସ୍ଥିତ ମାତୃଛାୟା ଶାନ୍ତି ସଦନ, ଶାନ୍ତି ତପୋବନ ଆଶ୍ରମ ଏବଂ ସଂଯୁକ୍ତ ଯୁବ ସଂଗଠନର ମିଳିତ ଆନୁକୂଲ୍ୟରେ ଘରୋଇ ହିଂସା ବିରୋଧରେ ଗୋଷ୍ଠୀ କେନ୍ଦ୍ରୀତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ। ତୃଛାୟା ଶାନ୍ତି ସଦନ, ଶାନ୍ତି ତପୋବନ ଆଶ୍ରମ ଏବଂ ସଂଯୁକ୍ତ ଯୁବ ସଂଗଠନର ପରିଚାଳକ ଦେବଦତ୍ତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ନାରୀ ନିର୍ଯାତନା, ଘରୋଇ ହିଂସା, ନାରୀମାନଙ୍କ ଅଧିକାର, ସୁରକ୍ଷା ପାଇଁ ଆଇନଗତ ସୁବିଧା ନିମନ୍ତେ ଗୋଷ୍ଠି କେନ୍ଦ୍ରୀତ ଆଲୋଚନା ହୋଇଥିଲା। ଏନ.ଏଲ.ୟୁ.ଓର ସହଯୋଗୀ ପ୍ରଫେସର ସୁମନ ଦାଶ ଭଟ୍ଟମିଶ୍ର ମୁଖ୍ୟଅତିଥି, ସଂଯୁକ୍ତ ଯୁବ ସଂଗଠନର ସଭାପତି ସୁରେନ୍ଦ୍ର ମେହେର, ଉପସଭାପତି ଅରୁଣ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାରିବାରିକ ହିଂସା ଏବଂ ଏଥିପାଇଁ ରହିଥିବା ଆଇନ ଉପରେ ଆଲୋଚନା କରିବା ସହିତ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ ଯେଭଳି କୌଣସି ହିଂସାର ଶିକାର ନ ହୁଅନ୍ତି, ସେଥିପ୍ରତି ସଚେତନ ହେବା ଏବଂ ଏଭଳି ସଚେତନତା ପରିବାରରୁ ହିଁ ଆରମ୍ଭ ହେବା ଉଚିତ୍ ବୋଲି ଅତିଥିବୃନ୍ଦ କହିଥିଲେ। ମହିଳା ମାନଙ୍କ ଉପରେ ହେଉଥିବା ବିଭିନ୍ନ ହିଂସା ରୋକିବା ନିମନ୍ତେ ମହିଳାଙ୍କ ପାଇଁ ରହିଥିବା ଆଇନଗତ ଅଧିକାର, ବିଭିନ୍ନ ପ୍ରକାର ଆଇନ, ସେମାନଙ୍କ ପାଇଁ ପ୍ରଣୟନ ହେଉଥିବା ଯୋଜନା, କାର୍ଯ୍ୟକ୍ରମ ଉପରେ ସେମାନେ ଅବଗତ କରାଇଥିଲେ। ମହିଳା ହିଂସାକୁ ରୋକିବାକୁ ହେଲେ ପରିବାର, ଗ୍ରାମ, ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ତୃଣମୂଳ ସ୍ତରରୁ ସଚେତନତା ସୃଷ୍ଟି କରିବା, ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପୀଡ଼ିତାମାନଙ୍କ ସହିତ ମଧ୍ୟ ଆଲୋଚନା ହୋଇଥିଲା। ମାତୃଛାୟା ଶକ୍ତି ସଦନର ଲବଙ୍ଗ ସାହୁ, ଏନଏଲୟୁଓର ପ୍ରକଳ୍ପ ପ୍ରବନ୍ଧକ ଅମ୍ଳାନ ଜ୍ୟୋତି ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏଲୟୁଓ, କଟକ ହିଂସା ବିରୁଦ୍ଧ ପ୍ରକଳ୍ପର ପ୍ରକଳ୍ପ ପ୍ରବନ୍ଧକ ତନ୍ମୟା ଦାସ, ରାଜକିଶୋର ପଣ୍ଡା, ସୁଧାଂଶୁ ଭୂଷଣ ମହାରଣା, ଗବେଷିକା ଅରୋଷୀକା ମହାନ୍ତି, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | Union Bank of India | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ଼, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- |
| ୧. | **ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨** ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | **୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା,** ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢ଼େଙ୍କାନାଳ ସଦର (ନଂ. ୩), ଥାନା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘେରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | **୨) ଶ୍ରୀ ବିମଳ କୁମାର ଶର୍ମା,** ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢ଼େଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ଏହାର ଘେରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ / ମ୍ୟାପ୍ ହେବା ଆବଶ୍ୟକ।

**ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**

**ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ**

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଭୁଜାଲି ଦେଖାଇ ଟଙ୍କା ଲୁଟ୍: ୩ ଗିରଫ

ସୁନ୍ଦରଗଡ଼,୪।୩(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଟାଉନଥାନା ଅନ୍ତର୍ଗତ ଅମଲିପାଲି ବାଏପାସ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ଜଣେ ଗାଡି ଚାଳକଙ୍କୁ ଅଟକାଇ ଭୁଜାଲି ଦେଖାଇ ୨୦ହଜାର ଟଙ୍କା ଲୁଟ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଲେଫ୍ରିପଡା ଥାନା ଫୁଲଧୂଡି ଗ୍ରାମର ଦଶରଥ ମହାନନ୍ଦିଆ ଓଡି୧୬ ଏନ ୨୪୩୯ନମ୍ବର ବିଶିଷ୍ଟ ପିକ୍‌ଅପ୍ ଭ୍ୟାନରେ ସୁନ୍ଦରଗଡ ଆସୁଥିଲେ। ଏହି ସମୟରେ ଅମଲିପାଲି ପେଟ୍ରୋଲ ପମ୍ପ ନିକଟରେ ଓଡି ୧୬ଏଲ-୦୮୪୨ନମ୍ବର ବିଶିଷ୍ଟ ବାଇକରେ ୩ଜଣ ଅଜଣା ଯୁବକ ଆସି ତାଙ୍କ ଗାଡିକୁ ଅଟକାଇ ଲୁଟ୍ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତି କିଞ୍ଜିରିକେଲା ଥାନା ଧାଙ୍ଗେରଗୁଡ ଗ୍ରାମର ଅରବିନ୍ଦ ଏକ୍କାଙ୍କୁ ମଧ୍ୟ ଅଟକାଇ ତାଙ୍କ ମୋବାଇଲ ଫୋନ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଏହାପରେ ଟାଉନଥାନାରେ ଦଶରଥଙ୍କ ରିପୋର୍ଟ ଆଧାରରେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୯/୨୦୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ଗିରଫ ଲୁଟିଆମାନେ ହେଲେ ଟାଉନଥାନା ଅନ୍ତର୍ଗତ ମହନ୍ତିଆ ପଡାର ସାହିର ସୂନାଯୋରୀ(୨୨), ରାଜଗାଙ୍ଗପୁର ବଗିଚାପଡାର ଶଶୀ ସିଂହ(୨୮)ଓ ରିଜେଣ୍ଟ ମାର୍କେଟର ମଜିତ ମାଲିକ (୩୦)। ପୋଲିସ ଏମାନଙ୍କ ନିକଟରୁ ଲୁଟ ହୋଇଥିବା ନଗଦ ୨୦ ହଜାର ଟଙ୍କା, ଗୋଟିଏ ମନିପର୍ସ, ଗୋଟିଏ ଫୋନ, ଲୁଟବେଳେ ବ୍ୟବହୃତ ବାଇକକୁ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

### ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

ବଡ଼ଗାଁ, ୪।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆ, ଜିଲା ନିଯୁକ୍ତି ମିଶନର ଅଧିକାରୀ ଦିପକ ଜ୍ୟୋତି ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବଡ଼ଗାଁ ବ୍ଲକର ବିଭିନ୍ନ ସ୍କୁଲ, କଲେଜ, ଆଇଟିଆଇର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇବା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନିଯୁକ୍ତି ସୃଷ୍ଟିକାରୀ ସଂସ୍ଥାର ଅଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲା ନିଯୁକ୍ତି ବିଭାଗର ଅଧିକାରୀମାନେ ରାଜ୍ୟ ବାହାରେ ରହିଥିବା ନିଯୁକ୍ତି ସୁଯୋଗ ବିଷୟରେ ପରାମର୍ଶ ଦେଇଥିଲେ।

# ଜିରୋ ପାୱାରକଟ୍ ପାଇଁ ପ୍ରୟାସ: ଉପମୁଖ୍ୟମନ୍ତ୍ରୀ

ରାଉରକେଲା,୪।୩(ସଙ୍ଗୀତା ଜେନା)

ଚଳିତବର୍ଷ ରାଜ୍ୟରେ ଜିରୋ ପାୱାରକଟ୍ ପାଇଁ ସରକାର ପ୍ରୟାସ କରୁଛନ୍ତି। ରାଜ୍ୟରେ ସୂର୍ଯ୍ୟଧନ ଯୋଜନା ଅନୁଯାୟୀ ହିତାଧିକାରୀ ୩ଶହ ୟୁନିଟ୍ ବିଦ୍ୟୁତ୍ ନିଃଶୁଳ୍କ ପାଇପାରିବେ। ବିଧାନସଭାରେ ଏ ନେଇ ରିଭ୍ୟୁ ବୈଠକ ହୋଇଛି। ଏଥିରେ ବିଦ୍ୟୁତ୍ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଷଷ୍ଠତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଉର୍ଜ୍ଜା ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏପରି ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ମେ ଫେୟାର ହକି ଭିଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ମହାସଂଘ ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ମହାସଂଘ



ମେଫେୟାର କହି ଭିଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ଓପିଟିସିଏଲ୍ ସିଏମ୍‌ଡ଼ି ଏମ୍. ଭାସ୍କର ରାଓ, ଇଟିଏସ୍ ସଭାପତି ଶିଶିର ନାୟକ, ଟିପିଡବ୍ଲ୍ୟୁଓଡିଏଲ୍ ଲୋକ ସମ୍ପର୍କ ଅଧିକାରୀ ଡି. କସମସ୍ ଲାକ୍ରା, ଓପିଟିସିଏଲ୍ ଡିଜିଏମ୍ ସୁନୀତା କିରୋ, ମହାସଂଘର ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂହ, ପଶ୍ଚିମ ଓଡ଼ିଶା ଜୋନ୍ ସମ୍ପାଦକ ତାପସ ରଞ୍ଜନ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ମହାସଂଘର ସାଧାରଣ ସମ୍ପାଦକ ସିଂହ ସ୍ୱାଗତ ଭାଷଣ ଦେଇ କହିଥିଲେ, ଡିସ୍‌କମ ଭାରତ ବର୍ଷରେ ଏକ ନମ୍ବର ହୋଇ ପୁରସ୍କାର ପାଉଛି। କିନ୍ତୁ ତଳସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କୁ ଉଚିତ୍ କ୍ଷତିପୂରଣ ମିଳୁନାହିଁ। ବିଦ୍ୟୁତ ଭଳି ଜରୁରୀକାଳୀନ

**ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ**

ସେବା ପ୍ରଦାନ କରି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନଙ୍କର ନିଯୁକ୍ତି ପ୍ରକ୍ରିୟା ଆଜି ଶୂନରେ ପହଞ୍ଚିଛି। ସ୍ଥାୟୀ କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତ ହେଉନାହିଁ। ସମ୍ପ୍ରତି ୮୦ ପ୍ରତିଶତ କାର୍ଯ୍ୟ ଠିକାରେ ଚାଲୁଥିବା ବେଳେ ୨୦ ପ୍ରତିଶତ ସ୍ଥାୟୀ କର୍ମଚାରୀ କରୁଛନ୍ତି। ଆଗାମୀ ୫ବର୍ଷରେ ଏମାନଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ଏହା ସମ୍ପୂର୍ଣ୍ଣ ଠିକାରେ ଚାଲିବ ବୋଲି ଆଶଙ୍କା ରହିଛି ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ଦାବିଗୁଡ଼ିକୁ ପରୀକ୍ଷଣ କରାଯିବ। ଏ ସମ୍ପର୍କରେ ବିସ୍ତୃତ ଆଲୋଚନାର ଆବଶ୍ୟକତା ରହିଛି। ସମ୍ପ୍ରତି ବିଧାନସଭା ଚାଲିଛି। ଏ ସମ୍ପର୍କରେ ବାହାରେ ଆଲୋଚନା କରିବା ଠିକ୍ ହେବ ନାହିଁ ବୋଲି ସିଂଦେଓ କହିଥିଲେ।

# ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**କୁଆଁରୀ ଭୂତ ରଖିଥିବା କହି ମହିଳାଙ୍କୁ ଚାବୁକ ମାଡ଼ ଘଟଣା**

ବଡ଼ଗାଁ, ୪।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଲିଟିପଡାର ଜଣେ ମହିଳାଙ୍କ ଘରକୁ ଶୁକ୍ରବାର ସନ୍ଧ୍ୟାରେ ତନ୍ତ୍ର ପୂଜା କରିବାକୁ ଆସିଥିବା ଗୁଣିଆମାନେ ଜଣେ ମହିଳାଙ୍କୁ ଚାବୁକରେ ରାତି ୮ ଟାରୁ ୧୨ ପର୍ଯ୍ୟନ୍ତ କିଛି ସମୟ ବ୍ୟବଧାନରେ ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କ ଘର ଭିତରେ ପଶି ପୂଜା କୋଠରୀରୁ ଦେବୀଦେବତାଙ୍କ ଫଟୋ ଓ ମୂର୍ତ୍ତି ଗୁଡ଼ିକୁ ଗୋଇଠା ମାରି ଭାଙ୍ଗି ବାହାରକୁ ଫିଙ୍ଗି ଦେବା ଘଟଣାକୁ ନେଇ ସୋମବାର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲେ। ମଙ୍ଗଳବାର ଏହି ଘଟଣାରେ ଗୁଣିଆ ମଚାମରା ଗ୍ରାମର ମଙ୍ଗଲୁ ଟପୋ, ବିମଳା ଟପୋ, ଅନିତା ବାରା, କିଞ୍ଜିରକେଲା ଗ୍ରାମର ବୁଧୁ ମୁଣ୍ଡା ଓ ତନ୍ତ୍ରପୂଜା କରିବାକୁ ଡକାଇଥିବା ଆଶା ବାଗେଙ୍କୁ ପୋଲିସ ଗିରଫ କରିବା ସହ ଚାବୁକ ଜବତ କରି କୋର୍ଟ ଚାଲାଣ କରିଛି। ଘଟଣା ଅନୁଯାୟୀ ବଡ଼ଗାଁ ଲିଟିପଡାର ଆଶା ବାଗେଙ୍କ ଘରକୁ ଗୁଣିଆମାନେ ତନ୍ତ୍ରପୂଜା କରିବାକୁ ଆସିଥିଲେ। ସେଠାକୁ ପଡାର ସଙ୍ଗୀତା ବାଗେ ଫୁଲ, ଗାମୁଛା ଓ ନଡ଼ିଆ ନେଇ



ଗିରଫ ଅଭିଯୁକ୍ତମାନେ।

ଯାଇଥିଲେ। ପୂଜା ଆରମ୍ଭ ହେବାର କିଛି ସମୟ ପରେ ଗୁଣିଆମାନେ ସଙ୍ଗୀତା ବାଗେଙ୍କୁ ଚାବୁକରେ ପିଟିବା ଆରମ୍ଭ କରିଥିଲେ। ତାଙ୍କୁ କୁଆଁରୀ ଭୂତ କେଉଁଠି ରଖିଛୁ କହ ନ ହେଲେ ଆହୁରି ପିଟିବୁ କହି ତୁହାକୁତୁହା ଚାବୁକ ପ୍ରହାର କରିଥିଲେ। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ



ଆମ ସଂସ୍କୃତି,ଆମ ଖେଳନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିଦ୍ୟାର୍ଥୀମାନେ।

କୁଆଁରମୁଣ୍ଡା, ୪।୩
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧୀନ କଚାରୁ ହାଇସ୍କୁଲରେ ମଙ୍ଗଳବାର ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ ଓ ଗଣିତ କ୍ଲବ ପ୍ରଦର୍ଶନୀ ଓ ଖାଦ୍ୟ ମେଳା ଉପସ୍ଥିତ ଅତିଥିମାନଙ୍କ ମନକୁ ବେଶ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଚାରୁ ସରପଞ୍ଚ ଝୁବା ଟପ୍ପୋ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଠୁର୍କା ସିଂ, ପରିଚାଳନା ସମିତି ସଭାନେତ୍ରୀ କାମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୩୨ଟି ମଡେଲ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ଭେଙ୍ଗ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

### ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ବଡ଼ଗାଁ, ୪।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର୍‌ରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣିରେ ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ବିଭିନ୍ନ ସମସ୍ୟା ଶୁଣିବା ସହ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଜିପିଓ ଆଶୁତୋଷ ମିଶ୍ରଙ୍କ ସହିତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ଯୋଗେନ୍ଦ୍ର କିଷାନ ପରିଚାଳନା କରିଥିଲାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ବୈଶାଳି ପାଣିଗ୍ରାହୀ ସହଯୋଗ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ଫୁଲବାରୀ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଲକ୍ଷ୍ମୀ ବସ ଯାତାୟାତ କରୁ ନ ଥିବା, ପାର୍ବତୀ ଗିରି ମେଗା ଜଳସେଚନ ବ୍ୟବସ୍ଥା ଉପଯୁକ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବା ଆଦି ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଫୁଲବାରୀ ପଞ୍ଚାୟତରର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ।

# କନ୍ଦାଧୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ପୁରସ୍କୃତ କରୁଛନ୍ତି।

ହେମଗିର,୪।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କନ୍ଦାଧୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ବାଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଇଓ କରୁଣା ସାଗର ପଟେଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପଧାନ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ପଧାନ, ହରିହର ପଟେଲ,ବିଦ୍ୟାଳୟର ପୂର୍ବତନ ସଭାପତି ବଲ୍ଲବ ପଧାନ, ଟପରିଆ ସରପଞ୍ଚ ସୋନିଆ ବୈଗା, ସ୍କୁଲ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ତେଲି, ସିଆରସିସି ରାମଲାଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରେଶ ସା, ଅରବିନ୍ଦ ପଟେଲ, ସୁବଳ ପଧାନ, ରମେଶ ପଧାନ ଓ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସୁକାନ୍ତ ପଟେଲ ମଞ୍ଚ ପରିଚାଳନା କରିଥିଲେ।

# ମୁଣ୍ଡରକ୍ଷେତରେ ଜିଏମ୍‌ଡିସି କମ୍ପାନୀର ଗ୍ରାମସଭା

ସୁନ୍ଦରଗଡ଼/ହେମଗିର,୪।୩ (ଜୟନାରାୟଣ ମେଣ୍ଡୁଲି/ ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ମୁଣ୍ଡରକ୍ଷେତ ଗ୍ରାମ ପଞ୍ଚାୟତ ଅଫିସଠାରେ ଗୁଜୁରାଟ ମିନେରାଲ ଡେଭେଲପମେଣ୍ଟ କର୍ପୋରେସନ (ଜିଏମ୍‌ଡିସି) ଦ୍ୱାରା ବୁଢ଼ାପାହାଡ଼ କୋଇଲା ଖଣି ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିସ୍ଥାପିତ ଗ୍ରାମବାସୀଙ୍କ ପକ୍ଷରୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିଗୁଡ଼ିକ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ।

ଅବସରରେ ହେମଗିର ବିଡ଼ିଓ ରିନା ନାଏକ, ସରପଞ୍ଚ ସନ୍ୟାସୀ ବାଗ, ସମିତି ସଭ୍ୟ ମାଧବ ବାରିକ,ଏବିଡିଓ ଜିତେନ୍ଦ୍ରିୟ ମୁଣ୍ଡା, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଗଗନବିହାରୀ ତାଜନ, କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ। ପରେ ଏହି ଗ୍ରାମ ସଭା ସଫଳ ହୋଇଥିବା ସରପଞ୍ଚ ବାଗ କହିଥିଲେ।

### ଜୁଆ ଚଢ଼ାଉ, ୩ ଗିରଫ

ରାଉରକେଲା, ୪।୩(ସଙ୍ଗୀତା ଜେନା)

ବନ୍ଧମୁଣ୍ଡା ଥାନା ପୋଲିସ ସୋମବାର ରାତି ପ୍ରାୟ ୧୨ଟାରେ ତିଲକାନଗର ଅଞ୍ଚଳର ଏକ ଜୁଆ ଆଡ୍ଡାରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକ୍ରମ ସାହୁ, ଆକାଶ ତନ୍ତୀ ଓ ଶ୍ୟାମନାରାୟଣ ମିଶ୍ର। ସେମାନଙ୍କ ନିକଟରୁ ନଗଦ ୧୯ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୪୯/୨୫) ରୁଜୁ ହୋଇଛି।

# ରାମଭଜନ ଏନ୍‌ଟିପିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ସୁନ୍ଦରଗଡ଼, ୪।୩(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ମାର୍ଚ୍ଚ ୩ରେ ରାମଭଜନ ମଲିକଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ପଦୋନ୍ନତି ଦିଆଯାଇଛି। ସେ ୧୯୮୮ରେ ଏନ୍‌ଟିପିସିରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ମଲିକ ଆଇଆଇଟି ରୁରକିରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏନ୍‌ଟିପିସିରେ ୩ଦଶନ୍ଧିରୁ ଅଧିକ ଅଭିଜ୍ଞତା ସହିତ ମଲିକଙ୍କ କ୍ୟାରିୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ତାଙ୍କର ଅବଦାନ ଦ୍ୱାରା ଭିନ୍ନ ହୋଇଛି। ସେ ୧୯୮୮



ରାମଭଜନ ମଲିକ।

ମସିହାରେ ଏନଟିପିସି ଲିମିଟେଡରେ ତାଙ୍କର କାର୍ଯ୍ୟକାଳ ଆରମ୍ଭ କରିଥିଲେ ଏବଂ ଫରକ୍କା, ଉଞ୍ଚାହାର, ଗଦରୱାରା ଏବଂ ଖାଭଡା ସମେତ ବିଭିନ୍ନ ଏନଟିପିସି ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ସେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ପ୍ରକଳ୍ପ ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

# ଏନ୍‌ଟିପିସିରେ ଜାତୀୟ ସୁରକ୍ଷା ଦିବସ

ସୁନ୍ଦରଗଡ଼,୪।୩(ଜୟନାରାୟଣ ମେଣ୍ଡୁଲି)

ବୀକ୍ଷିତ ଭାରତ ପାଇଁ ସୁରକ୍ଷା ଏବଂ କଲ୍ୟାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ" ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରି ସୁନ୍ଦରଗଡ଼ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିରେ ୫୪ତମ ଜାତୀୟ ସୁରକ୍ଷା ଦିବସ ମଙ୍ଗଳବାର ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରାମ ଭଜନ ମଲିକ, ବିୟୁଏଚ, ଏନଟିପିସି ଦର୍ଲିପାଲି ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପତାକା ଉତ୍ତୋଳନ କରିବା ସହିତ ସମାବେଶକୁ ସମ୍ବୋଧିତ କରି ମଲିକ ସମସ୍ତ ଠିକା କର୍ମଚାରୀ, ସହଯୋଗୀ ଏବଂ କର୍ମଚାରୀଙ୍କୁ ସତର୍କ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ସଂସ୍କୃତିକୁ ଉନ୍ନତ କରିବା ପାଇଁ ଆଚରଣ-ଭିତ୍ତିକ ସୁରକ୍ଷା ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ବ୍ୟବସାୟ ୟୁନିଟ ମୁଖ୍ୟ ଏହା ମଧ୍ୟ କହିଥିଲେ, ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲ କରିବା ପାଇଁ କର୍ମଚାରୀ ଏବଂ ଜନସାଧାରଣଙ୍କୁ ସୁରକ୍ଷିତ ଭାବରେ କାମ କରିବା ପାଇଁ ପ୍ରତିବଦ୍ଧତାକୁ ନବୀକରଣ କରିବା ହେଉଛି ଉଦ୍ଦେଶ୍ୟ।

ରାମ ଭଜନ ମଲିକ ତାଙ୍କ ଭାଷଣରେ ଗୁରୁତ୍ୱାରୋପ କରିଥିଲେ, ସୁରକ୍ଷା କେବଳ ଏକ ନୀତି ନୁହେଁ ବରଂ ଏକ ସାମୂହିକ ଦାୟିତ୍ୱ ଯାହାକୁ ସମସ୍ତ କର୍ମଚାରୀ ଗ୍ରହଣ କରିବା ଉଚିତ ଯାହା ଦ୍ୱାରା କମ୍ପାନୀ ଏବଂ ଦେଶର ଏକ ସ୍ଥାୟୀ ଏବଂ ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ।

ଏହି କାର୍ଯ୍ୟକ୍ରମ ସମୟରେ ହରେ ରାମ ସିଂହ, ଜିଏମ (ଓଆଣ୍ଡଏମ) 'ବିକଶିତ ଭାରତ'ର ବୃହତ୍ତର ଦୃଷ୍ଟିକୋଣ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟସ୍ଥଳରେ ନିରନ୍ତର ସୁରକ୍ଷା ଅଭ୍ୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ବିଭାଗର ଡିଜିଏମ ଅଚ୍ୟୁତାନନ୍ଦ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଜାତୀୟ ସୁରକ୍ଷା ଦିବସ ପାଳନରେ ଏନ୍‌ଟିପିସିର ଅଧିକାରୀ ଓ ଅନ୍ୟମାନେ।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | Union Bank of India | ଭାରତ ସରକାରଙ୍କ ଏକ ଉପକ୍ରମ | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୧୦୨** ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର (ନଂ. ୩), ଥାନା: ଢେଙ୍କାନାଳ, ଓଡ଼ିଶା, ଏହାର ଘରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢେଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଘରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଚାଇଲଡ କାର୍ଣ୍ଣିଭାଲ ପାଇଁ ପ୍ରସ୍ତୁତି ବୈଠକ

**ଝାରସୁଗୁଡ଼ା,୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ବେହେରାମାଲ ରାଧାମାଧବ ମନ୍ଦିରରେ ଇଗଲ ଗ୍ରୁପ ଦ୍ୱାରା ଚାଇଲଡ କାର୍ଣ୍ଣିଭାଲ ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଦୃଷ୍ଟିଶକ୍ତି ବାଧିତ, ଶ୍ରବଣ ତଥା ଭିନ୍ନକ୍ଷମ ପିଲାଙ୍କ ଅନ୍ତଃନିର୍ହିତ ପ୍ରତିଭା ପ୍ରଦର୍ଶନ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୨୩ରେ ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ନିଆଯାଇଛି। ଭିନ୍ନକ୍ଷମ ପିଲାମାନେ କିଭଳି ନିଜର ପ୍ରତିଭା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ଏହା ଚାଇଲଡ କାର୍ଣ୍ଣିଭାଲର ମୁଖ୍ୟ ଲକ୍ଷ୍ୟ ବୋଲି ଇଗଲ ଗ୍ରୁପ ମୁଖ୍ୟ ରାକେଶ କୁମାର ସାହୁ କହିଛନ୍ତି । କାର୍ଯ୍ୟକ୍ରମରେ ଇଗଲ ଗ୍ରୁପ କାର୍ଯ୍ୟକର୍ତ୍ତାଙ୍କ ସହିତ ତାପସ ରାୟ ଚୌଧୁରୀ, ହିମାଦ୍ରୀ ପ୍ରଧାନ, ଭାଗବତ ସ୍ୱାଇଁ, ବଳଭଦ୍ର ବରାଳ, ଜ୍ୟୋତିମୟ ମିଶ୍ର ତଥା ରାଧାମାଧବ ମନ୍ଦିର କମିଟି ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ।

### ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା,୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ଅର୍ଡ଼ା ଗ୍ରାମପଞ୍ଚାୟତଠାରେ ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଗ୍ରଣୀ ଜିଲା ପ୍ରବନ୍ଧକ ଶିରପାଣି ନାୟକ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା ବିଷୟରେ ବୁଝାଇଥିଲେ ଓ ବିଭିନ୍ନ ପ୍ରକାର ସୁରକ୍ଷିତ ସଞ୍ଚୟ ଉପରେ ଆଲୋଚନା କରିଥିଲେ।ଏହା ବ୍ୟତୀତ ଲୋକମାନେ ସ୍ୱାବଲମ୍ବୀ ହେବା ନିମନ୍ତେ ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ବସନ୍ତ କୁମାର ପଟେଲ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମିତ ପ୍ରମାଣିକ ଡିଜିଟାଲ କାରବାର ଓ ତଦଜନିତ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଇଥିଲେ। ଅର୍ଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଏଡିଇଓ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବଡ଼ମାଲ, ହିର୍ମା ପଞ୍ଚାୟତବାସୀ

- ଏସ୍ଏମ୍ସି କମ୍ପାନୀ ମନମୁଖି କାର୍ଯ୍ୟ କରିବା ଅଭିଯୋଗ
- ୧୫ ଦିନ ମଧ୍ୟରେ ସମାଧାନ ନ କଲେ ଆନ୍ଦୋଳନ

**ଝାରସୁଗୁଡ଼ା,୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଓ ହିର୍ମାଠାରେ ଥିବା ଏସ୍ଏମ୍ସି -୧ ଏବଂ ଏସ୍ଏମ୍ସି-୨ର ମନମୁଖି କାର୍ଯ୍ୟକଳାପ, ପଞ୍ଚାୟତ ପ୍ରତି ଅଣଦେଖା କରିବା ଓ ଉଡୁଥିବା ପାଉଁଶ ବନ୍ଦ କରିବାକୁ ହିର୍ମା ଓ ବଡ଼ମାଳର ବିଭିନ୍ନ ଜନପ୍ରତିନିଧିଙ୍କ ସହ ଶତାଧିକ ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ସେମାନେ ଲିଖିତ ଭାବେ ଜଣାଇଛନ୍ତି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ସହ ତଥା ସ୍ଥାନୀୟ ଠିକାଦାରଙ୍କୁ ଗୁରୁତ୍ୱ ଦିଆଯାଉ। ବଡ଼ମାଳ-ହିର୍ମା ରାସ୍ତାରେ ଏସ୍ଏମ୍ସି କମ୍ପାନୀ ପାଉଁଶ ନେବା ଆଣିବା


ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କରିବା ଦ୍ୱାରା ରାସ୍ତା ଅତ୍ୟନ୍ତ ଶୋଚନୀୟ ହେବା ସହିତ ପ୍ରତିଦିନ ଦୁର୍ଘଟଣା ମଧ ଘଟୁଛି। ବଡ଼ମାଲରୁ କୁକୁରଜଂଘା ଏବଂ ବଡ଼ମାଲରୁ ହିର୍ମା ରାସ୍ତା ସର୍ବସାଧାରଣ ରାସ୍ତା ହୋଇଥିବା ବେଳେ ଏସ୍ଏମ୍ସି କମ୍ପାନୀର ହଜାର ହଜାର ସଂଖ୍ୟାରେ ଯାନବାହନ ବ୍ୟବହାର ହେଉଥିବାରୁ କମ୍ପାନୀକୁ ଅନ୍ୟତ୍ର ରାସ୍ତା ବ୍ୟବସ୍ଥା କରାଯାଉ। ବଡ଼ମାଳରୁ କୁକୁରଜଘା ଓ ହିର୍ମା ପର୍ଯ୍ୟନ୍ତ ରାସ୍ତାରେ କମ୍ପାନୀ ଦ୍ୱାରା ଆଲୋକୀକରଣ କରାଯାଉ। ବଡ଼ମାଳସ୍ଥିତ ବିଜୁ ପଟ୍ଟନାୟକ ଛକର ଉନ୍ନତିକରଣ କରାଯାଉ। କମ୍ପାନୀରୁ ବାହାରୁଥିବା ବେଡ଼ ମେଟାରିଏଲ ସ୍ଥାନୀୟ ଆସ ବ୍ରିକ ପ୍ଲାଣ୍ଟକୁ ଦିଆଯାଉ। କମ୍ପାନୀ ଦ୍ୱାରା ହେଉଥିବା ପ୍ରଦୂଷଣତା ଉପରେ ରୋକ ଲଗାଯାଉ। କମ୍ପାନୀରେ ଜମି ହରା ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉ। ଏସ୍ଏମ୍ସି କମ୍ପାନୀ ବିରୋଧରେ ଏହି ସବୁ ଦାବି ରଖାଯାଇଛି। ଦାବିପତ୍ର ପ୍ରଦାନ ବେଳେ ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦି, ସମିତିସଭ୍ୟ ଦୀକ୍ଷିତ କଣ୍ଟା, ବଡ଼ମାଳ ପଞ୍ଚାୟତ ସରପଞ୍ଚ ଲବଙ୍ଗ ବାଗଙ୍କ ସହିତ ହିର୍ମା ପୂର୍ବତନ ସରପଞ୍ଚ ଦିଲୀପ ବଡେଇ, ମଧୁ କିଷାନ, ବଡ଼ମାଳ ପୂର୍ବତନ ସରପଞ୍ଚ ଭବାନୀ ସେଟ, ରାଜୀବ ଘୁଷୁରୀ, ତଥା ଦାମୋଦର ନାଥ, ଚୂଡ଼ାମଣି ବଢ଼େଇ, ଶିବୁ ପଟ୍ଟନାୟକ, ଶରତ ସା ତଥା ହିର୍ମା, ବଡ଼ମାଳ ପଞ୍ଚାୟତ ଶତାଧିକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ


ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଚାଲିଥିବା ଖେଳ।

**ଝାରସୁଗୁଡ଼ା,୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଙ୍ଗନୱାଡି କର୍ମୀ, ସହାୟିକା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୮ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଗତ ୨ ଓ ୩ ତାରିଖରେ ଅନୁଷ୍ଠିତ ହୋଇଛି। ୨ ତାରିଖରେ ଝାରସୁଗୁଡ଼ାର ୭ଟି ଶିଶୁବିକାଶ ପ୍ରକଳ୍ପ ଅଧୀନ ସମସ୍ତ ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକାଙ୍କ ମଧ୍ୟରେ ଖୋଖୋ, କବାଡ଼ି, ଝୋଟି, ଗୀତ ଓ ରଜ୍ଜୁ କର୍ଷଣ କସରତ ପ୍ରତିଯୋଗିତା ଓ ଏସ୍ଏପି ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ରମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ମହିଳା ସୁରକ୍ଷା ଅଧିକାରୀ ଓ ମହିଳା ବିକାଶ ଯୋଜନା ଅଧିକାରୀ ଭାବେ ଯାଜ୍ଞସେନୀ ମହାନନ୍ଦ, ମିନାକ୍ଷୀ ରାଜ ଓ କୃଷ୍ଣପ୍ରିୟା ପ୍ରଧାନଙ୍କ ସମେତ ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ। ୩ ତାରିଖରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟଠାରେ ଜିଲାର ସମସ୍ତ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର (କୁଇଜ୍) ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଖୋଖୋରେ ଲଖନପୁର ପ୍ରଥମ ଓ ଲଇକେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କବାଡ଼ିରେ କିର୍ମିରା ପ୍ରକଳ୍ପ ପ୍ରଥମ ଓ ଲଖନପୁର ଦ୍ୱିତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ରଜ୍ଜୁ କର୍ଷଣରେ ଝାରସୁଗୁଡ଼ା (ଗ୍ରାମାଞ୍ଚଳ) ପ୍ରଥମ ଓ ବ୍ରଜରାଜନଗର ସହରାଞ୍ଚଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୮ତାରିଖରେ ସ୍ଥାନୀୟ ଏମ୍ସିଏଲ୍ କମ୍ୟୁନିଟି ହଲଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣବତୀ ହେଲେନ ଖେସ୍ ସୂଚନା ଦେଇଛନ୍ତି।

# ମରାକୁଠା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ


ମରାକୁଠା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ଝାରସୁଗୁଡ଼ା,୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଠା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଝାରସୁଗୁଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରୀ ପଲ୍ଲୀଶ୍ରୀ ମିଶ୍ର ମୁଖ୍ୟଅତିଥି, ଗୋଷ୍ଠୀ ସାଧନ ସଂଯୋଜକ ପୁରୁଷୋତ୍ତମ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ଜଗଦିଶ ମୁଣ୍ଡା, ମରାକୁଟା ସରପଞ୍ଚ ଲୀଳା ତନ୍ତୀ, ସଭ୍ୟ ସୁଜାତା ମେହେର, ସାମାଜିକ କର୍ମୀ ଧରମ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପଲ୍ଲିଶ୍ରୀ ମିଶ୍ର ଛାତ୍ରୀଛାତ୍ରମାନେ ନିଜ ରୁଚି ହିସାବରେ ଶିକ୍ଷାଗ୍ରହଣ କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ତଥା ଗତ ଶିକ୍ଷାବର୍ଷରେ ଶ୍ରେଣୀରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ଶିକ୍ଷକ ନାଟ୍ୟର ସେଟ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଦିପ୍ତିମୟୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅଶ୍ୱିନୀ କୁମାର ସେନ, ବିସିକେଶନ ପଧାନ ଓ ଶିକ୍ଷୟିତ୍ରୀ ରାନୀ ମୁଣ୍ଡା, ନନ୍ଦିନୀ ଶେଉଳ ପ୍ରମୁଖ ସହଯୋଗ କରିଥିଲେ।

### ଦ୍ୱିତୀୟ ଦିବସରେ ଠିକାଦାର ସଂଘର ଧାରଣା ଜାରି

**ଅଧୀକ୍ଷଣ ଯନ୍ତ୍ରୀ, ଅନ୍ୟାନ୍ୟ ପଦବୀ ପୂରଣ ଦାବି**

**ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଖାଲି ପଡିଥିବା ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀ ନିଯୁକ୍ତି ଦାବିରେ ଜିଲା ଠିକାଦାର ସଂଘ ସୋମବାରଠାରୁ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦାବି ପୂରଣ ନେଇ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ଆନ୍ଦୋଳନ ଦ୍ୱିତୀୟ ଦିନରେ ମଧ ଜାରି ରହିଛି ଓ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୁଧବାର ବି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ମାସାଧିକ କାଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପଦବୀ କାଲି ପଡିଥିବାରୁ ଜିଲାର ବିକାଶ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ମୁଖ୍ୟତଃ ବିଭାଗ ପକ୍ଷରୁ ହେଉଥିବା ନିର୍ମାଣ କାର୍ଯ୍ୟରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି। ଦେବଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ ବଦଳି ପରେ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ବିଭୁପ୍ରସାଦ ଲେଙ୍କାଙ୍କୁ ଦେବଗଡ଼ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସେ ଦେବଗଡ଼ ଆସୁନାହାନ୍ତି ଏବଂ ଦେବଗଡ଼ର ଠିକାଦାର ସମ୍ବଲପୁର ଦେଖା କରିବାକୁ ଗଲେ ଦେଖା ଦେଉ ନ ଥିବା ଅଭିଯୋଗ ହୋଇଛି। ମାର୍ଚ୍ଚ ୨ ତାରିଖ ସୁଦ୍ଧା ଠିକାଦାର ସଂଘର ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଚେତାବନୀ ଦେଇଥିଲେ। ଦାବି ପୂରଣ ନ ହେବାରୁ ସୋମବାରଠାରୁ ଆନ୍ଦୋଳନ ଚାଲିଛି। ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ପୂର୍ତ୍ତ ବିଭାଜନ (ରାସ୍ତା ଓ ସୌଧ) କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପାକଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

# ରାଜା ବାସୁଦେବ ହାଇସ୍କୁଲରେ 'ଆମ ସଂସ୍କୃତି, ଆମ ଖେଳନା' କାର୍ଯ୍ୟକ୍ରମ


ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ସଦର ମହକୁମାରେ ଥିବା ଶତାୟୁ ତଥା ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର 'ଆମ ସଂସ୍କୃତି, ଆମ ଖେଳନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ବିଜ୍ଞାନ ଶିକ୍ଷକ ପଞ୍ଚାନନ ବ୍ରହ୍ମାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ, ବିଦ୍ୟାଳୟର ପଞ୍ଚଶଖା ଶିକ୍ଷାସେତୁର ସଭାପତି ସିଦ୍ଧାର୍ଥ ଗୁରୁ ଓ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ଯୋଗଦେଇ ଥିଲେ। ସରକାରଙ୍କ 'ଆମ ସଂସ୍କୃତି, ଆମ ଖେଳନା' ଉପରେ ଆଲୋକପାତ କରିବା ସହ ସରକାରଙ୍କ ଏହି ଯୋଜନା ସଂସ୍କୃତିର ସୁରକ୍ଷା ଏବଂ ପୁନରୁଦ୍ଧାର କ୍ଷେତ୍ରରେ ଏକ ସମୟୋପଯୋଗୀ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ନିର୍ମିତ ବହୁ ଖେଳନା ଓ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯିବା ସହ କୃତୀ ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା କୃତିତ୍ୱ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ସମ୍ବଲପୁରୀ ଏବଂ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଅନ୍ୟତମ ତିରିକ୍ତ ଜିଲା ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ ଏବଂ ସମ୍ମାନିତ ଅତିଥି ଭାବେ ପୌରାଞ୍ଚଳ ସିଆର୍‌ସିସି ଚୂଡ଼ାମଣି ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନଦା ମଞ୍ଜରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, ରାମକୃଷ୍ଣ ସାହୁ, ଶିକ୍ଷୟିତ୍ରୀ ଦୀପାନ୍ୱିତା ସାହୁ, ସ୍ମିତାରାଣୀ ପ୍ରଧାନ ଓ ଭାଗ୍ୟଶ୍ରୀ ଗିରିଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରୀୟ ସହଯୋଗ କରିଥିଲେ।

# ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା ବୈଠକ

**ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଆଦର୍ଶ ଥାନାରେ ସୋମବାର ସନ୍ଧ୍ୟାରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚି ଶତପଥିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଡିଆଇବି ଡିଏସ୍‌ପି ପବିତ୍ର କିଷାନ ଏବଂ ସବଇନ୍ସପେକ୍ଟର ରୁଦ୍ର ନାରାୟଣ ପ୍ରଧାନ ମଞ୍ଚାସୀନ ରହି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ବ୍ରିଟିସ ସମୟରୁ ଚାଲି ଆସିଥିବା ଆଇପିସିକୁ ପରିବର୍ତ୍ତନ କରାଯାଇ ବିଏନ୍ଏସ୍ ତଥା ଭାରତୀୟ ନ୍ୟାୟ ସଂହିତା କରାଯାଇଛି। ସେହିପରି କୋଡ ଅଫ କ୍ରିମିନାଲ ପ୍ରୋସିଜିଓର ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ବଦଳରେ ଭାରତୀୟ ସାକ୍ଷ ଅଧିନିୟମ ୨୦୨୪ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଆସୁଛି। ନୂତନ ଅପରାଧିକ ଆଇନ ବଳରେ ଜନସାଧାରଣ ଅଧିକ ସେବା ପାଇ ପାରିବା ସହିତ ଅଭିଯୁକ୍ତଙ୍କୁ ଦୋଷି ସାବ୍ୟସ୍ତ କରିବାରେ ଅଧିକ ସହାୟକ ହେବ ବୋଲି କୁହାଯାଇଥିଲା। କେବଳ ଅପରାଧ ଘଟିଥିବା ଥାନା ଅଞ୍ଚଳରେ ନୁହେଁ ବରଂ ଯେକୌଣସି ଥାନାରେ ଜଣେ ବ୍ୟକ୍ତି ନିଜର ଅଭିଯୋଗ କରିପାରିବ ବୋଲି କୁହାଯାଇଥିଲା। ଏଥିରେ ଦେବଗଡ଼ ଥାନା ଅଞ୍ଚଳର ବହୁ ଜନସାଧରଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଦେବଗଡ଼ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଶୈକ୍ଷିକ କ୍ଷେତ୍ର ପରିଦର୍ଶନ କଲେ ଜିଲାର ୧୦୨ ଛାତ୍ରୀଛାତ୍ର


ଶୈକ୍ଷିକ କ୍ଷେତ୍ର ପରିଦର୍ଶନରେ ସାମିଲ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ।

**ଦେବଗଡ଼,୪।୩(ଶଶାଙ୍କ ଶେଖର ଝାଙ୍କର)**

ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଜିଲାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶୈକ୍ଷିକ କ୍ଷେତ୍ର ପରିଦର୍ଶନ କରାଯାଇଛି। ଜିଲାର ୩ଟି ବ୍ଲକର ୩୬ଟି ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୨ଜଣ ଛାତ୍ରୀଛାତ୍ରଙ୍କ ସହିତ ୧୦ଜଣ ସହାୟକ ଶିକ୍ଷକ ଓ ଶିକ୍ଷୟିତ୍ରୀ ୨ଟି ବସ୍ ଯୋଗେ ଯାଇ ବରଗଡ଼ ନିକଟସ୍ଥ ଦୁଦୁକା ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଓ ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ସହାୟକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ବିଜ୍ଞାନ କେନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଗୋପୀନାଥ ସାହୁ ସ୍ୱାଗତ କରି ବିଜ୍ଞାନ କେନ୍ଦ୍ରର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପଯୋଗୀତା ସମ୍ପର୍କରେ ଆଲୋକପାତ କରାଇଥିଲେ। ବିଜ୍ଞାନ କେନ୍ଦ୍ର କର୍ମଚାରୀ ଲୋପାମୁଦ୍ରା ସାହୁଙ୍କ ଦ୍ୱାରା ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଉପରେ ପ୍ରଦର୍ଶିତ ପ୍ରମାଣ ଭିତ୍ତିକ ତଥ୍ୟ ବୁଲି ଦେଖିବା ସହ ବିଷୟ ବିଭିନ୍ନ ଜିଜ୍ଞାସା ପ୍ରଶ୍ନର ସମାଧାନ ପାଇଥିଲେ। ଭ୍ରମଣର ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ଗୋନ୍ଦରା କୁଜୁର, ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହାୟକ ଶିକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପ୍ରଧାନଶିକ୍ଷୟିତ୍ରୀ ତାପସ୍ୱିନୀ ବେହେରା, ଶିକ୍ଷକ ବିଶ୍ୱନାଥ କିଷାନ, ରାମକୃଷ୍ଣ ସାହୁ, ଶିକ୍ଷୟିତ୍ରୀ ଲୀନା ମିଶ୍ର, ରଞ୍ଜିତା ମିଶ୍ର, କବିତା ଅଡ଼ା, ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ଚୂଡ଼ାମଣି ସାହୁ, ଜିଲା ଶିକ୍ଷା କାର୍ଯ୍ୟାଳୟ ଗୌରହରି ସାହୁ, ଲମ୍ବୋଦର କିଷାନ, ହେମନ୍ତ କୁମାର ମହାକୁଳ ମୁଖ୍ୟ ଦାୟିତ୍ୱ ବହନ କରି କାର୍ଯ୍ୟ ନିର୍ବାହ କରିଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧

**ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ **ତା.୨୧.୦୩.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଓ ଠିକଣା/ ବକେୟା ରାଶ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଢେଙ୍କାନାଳ ମୁଖ୍ୟ ଶାଖା, ଫୋନ୍ ନଂ.: ୭୯୭୮୪୯୭୨୦୨ ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣପତି ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ବିମଳ କୁମାର ଶର୍ମା, ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ଜାମିନ୍‌ଦାର: ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୪୮୧୫, ଓ୍ୱାର୍ଡ ନଂ.: ୧୦, ଜସ୍ୱାହାର ନଗର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ ବକେୟା ରାଶି: ଟ.୧,୪୦,୪୩,୬୪୭.୭୨ ଯୁକ୍ତ ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧) ଶ୍ରୀମତୀ ଲକ୍ଷ୍ମୀ ଶର୍ମା, ସ୍ୱାମୀ: ଶ୍ରୀ ବିମଳ କୁମାର ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୧୨୩/୪୫୯୯ ଏବଂ ୧୧୨୪/୪୬୦୦, ରେଭିନ୍ୟୁ ଖାତା ନଂ.: ୭୩୮/୧୩୪୫, କ୍ଷେତ୍ର: ଏକର୦.୧୬୦ ଡିସିମିଲି (୬୯୬୯.୬ ବର୍ଗଫୁଟ), ମୌଜା: ବଡ଼ସାଠିଏବାଟିଆ, ତହସିଲ: ଢେଙ୍କାନାଳ ସଦର (ନଂ. ୩), ଥାନା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜ, ଦକ୍ଷିଣ: ନିଜ, ପୂର୍ବ: ପାର୍ଶ୍ୱ ରାସ୍ତା, ପଶ୍ଚିମ: ଦେବୀ ନନ୍ଦ | ଟ.୮୦,୪୭,୦୦୦/- / ଟ.୮,୦୪,୭୦୦/- / ଟ.୮୦,୪୭୦/- |
| | | ୨) ଶ୍ରୀ ବିମଳ କୁମାର ଶର୍ମା, ପିତା: ଶ୍ରୀ ହରିରାମ ଶର୍ମାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୪୭/୨୬୯, ଖାତା ନଂ.: ୨୯/୩୨, କ୍ଷେତ୍ର: ଏକର୦.୨୦୦ ଡିସିମିଲି (୮୭୧୨ ବର୍ଗଫୁଟ), ମୌଜା: ଥୋଡ଼ିଆପଡ଼ା, ତହସିଲ: ଢେଙ୍କାନାଳ ନଂ.: ୧୪୭, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପରମାନନ୍ଦ ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ପରମାନନ୍ଦ ଷଡ଼ଙ୍ଗୀ, ପଶ୍ଚିମ: ଗୋଲଖ ସାହୁ | ଟ.୯,୩୫,୦୦୦/- / ଟ.୯୩,୫୦୦/- / ଟ.୯,୩୫୦/- |

ଅମାନତ ରାଶି ଦାଖଲ କରିବା ପୂର୍ବରୁ ନିଲାମ ସମୟ ଅବଧି ଶେଷ ହେବା ପୂର୍ବରୁ ଅମାନତ ରାଶି ଜମା ହେବା ଉଚିତ୍ ଏବଂ ସମ୍ପତ୍ତି ଆଇଡ଼ି ସହ ଲିଙ୍କ୍ / ମ୍ୟାପ୍ ହେବା ଆବଶ୍ୟକ।

**ନିଲାମ ତାରିଖ ଏବଂ ସମୟ : ତା.୨୧.୦୩.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ**

**ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ**

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ଓ୍ୱେବସାଇଟ: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ତାରିଖ: ୦୪.୦୩.୨୦୨୫
ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପଞ୍ଚାୟତିରାଜ ଦିବସ: ଜୋର୍ ଧରିଲା ରାଜନୀତି

- ୬ ତାରିଖରେ ରାଜ୍ୟବ୍ୟାପୀ ପ୍ରତିବାଦ: ସଞ୍ଜୟ
- ଓଡିଆ ଅସ୍ମିତା ଭୁଲିଗଲା ଭାଜପା ସରକାର: ଭକ୍ତ
- ବିଜୁବାବୁ ବିଜେଡିର ନୁହେଁ ଜାତୀୟ ସମ୍ପତ୍ତି: ପୂଜାରୀ



ସରକାରଙ୍କ ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ପ୍ରତିବାଦ କରୁଛି।

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ବିଜୁବାବୁଙ୍କ ଜୟନ୍ତୀ ଅର୍ଥାତ୍ ମାର୍ଚ୍ଚ ୫କୁ ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଥିଲେ। ହେଲେ ରାଜ୍ୟରେ ପ୍ରଥମ ଥର ଲାଗି ଗତ ସାଧାରଣ ନିର୍ବାଚନରେ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଶାସନ ଗାଦିରୁ ହଟିଛି। ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ଶାସନ କ୍ଷମତାକୁ ଆସିବା ପରେ ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖରେ ପରିବର୍ତ୍ତନ କରିଛି। ରାଜ୍ୟ ସରକାର ସୋମବାର ଏକ ବିଜ୍ଞପ୍ତି ପ୍ରକାଶ କରି ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏପରିକି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫କୁ ଯେଉଁ ସରକାରୀ ଛୁଟିଦିନ ଭାବେ ଗଣାଯାଉଥିଲା ତାକୁ ମଧ୍ୟ ପରିବର୍ତ୍ତନ କରିଦିଆଯାଇଛି। ଭାଜପା ସରକାରଙ୍କ ଏଭଳି ପଦକ୍ଷେପ ବିରୋଧରେ ଉଭୟ ବିଜେଡି ଓ କଂଗ୍ରେସ ବର୍ଷିଛନ୍ତି।

ବିଜେଡି ପକ୍ଷରୁ ଭାଜପା ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ଏୟାରପୋର୍ଟ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରାଯାଇଛି। ବୁଧବାର ରାଜ୍ୟବ୍ୟାପୀ ବିଜେଡି ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରିଛି। ଏହାପରେ ସରକାରଙ୍କ ନିଷ୍ପତ୍ତି ବିରୋଧରେ ରାଜ୍ୟର ସବୁ ସଦର ମହକୁମାରେ ପ୍ରତିବାଦ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୬ରେ ରାଜ୍ୟସ୍ତରରେ ଦଳ ପକ୍ଷରୁ ପ୍ରତିବାଦ କରାଯିବ। ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ ଛୁଟି କଥା ଉଲ୍ଲେଖ ରହିଛି। ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନର ବିରୋଧ କରାଯିବ ବୋଲି ସଞ୍ଜୟ କହିଛନ୍ତି।

ଏହିପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ ଭାଜପା ସରକାରକୁ ଆସିଛି। ହେଲେ ଓଡ଼ିଆ ଅସ୍ମିତାକୁ ଯିଏ ସୁରକ୍ଷା ଦେଇଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଭଳି ଜଣେ ମହାପୁରୁଷଙ୍କ ଜୟନ୍ତୀରେ ତାଙ୍କୁ ଅସମ୍ମାନ କରିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜୁବାବୁ ସୁଦୃଢ଼ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ବିଜୁବାବୁଙ୍କୁ ଭାଜପା ସରକାର ସମ୍ମାନ ଦେଉନାହାନ୍ତି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ। ସେମାନେ ବିଜୁବାବୁଙ୍କୁ ଡରି ଭାଜପା ସରକାର ଏଭଳି ଚକ୍ରାନ୍ତ କରିଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ଏକ ନିନ୍ଦନୀୟ ବିଷୟ। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ଓଡ଼ିଆ ଅସ୍ମିତା ଭୁଲିଗଲେ। ବିଜୁବାବୁଙ୍କ ସହ ବାଜପେୟୀଙ୍କର ରହିଥିବା ସମ୍ପର୍କ କଥା ମଧ୍ୟ ଭୁଲିଗଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରୁଥିବା ଭକ୍ତ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜୁବାବୁ ଓଡ଼ିଶାର ଜଣେ ବରପୁତ୍ର ଥିଲେ ବୋଲି ଏଥିରେ କାହାରି ସନ୍ଦେହ ନାହିଁ। ଏଥିରେ ପକ୍ଷ ପ୍ରତିପକ୍ଷ କିଛି ନୁହେଁ। ବିଜୁବାବୁ କେବଳ ବିଜେଡିର ନୁହନ୍ତି, ସେ ଜାତୀୟ ସମ୍ପତ୍ତି ଥିଲେ। ତେଣୁ ତାଙ୍କ ପାଇଁ ଅସମ୍ମାନର ପ୍ରଶ୍ନ ନାହିଁ। ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଛି । ଓଡ଼ିଶାରେ ଆମେ କାହିଁକି ଭିନ୍ନ। ଜନତା ଦଳ ଥିବାବେଳେ ଏପ୍ରିଲ ୨୪ରେ ପଞ୍ଚାୟତ ଦିବସ ପାଳନ କରେ। ଆମେ ଯଦି କହିବା ସ୍ୱାଧୀନତା ଦିବସ ଆଉ ଦିନେ ପାଳନ କରିବା ଏହା କ'ଣ ସମ୍ଭବ। ଜାତୀୟ ସ୍ରୋତରେ ଓଡ଼ିଶା ଯୁଗେ ଯୁଗେ ରହିଛି। ବିଜୁବାବୁଙ୍କ ଜୟନ୍ତୀ ବା ତିରୋଧାନ ଦିବସ ବିଜେଡି ନୁହେଁ ରାଜ୍ୟବାସୀ ପାଳନ କରିବେ। ଘଣ୍ଟେ ୨ଘଣ୍ଟା ବିଜୁ ଜୟନ୍ତୀ ପାଳନ ପାଇଁ କାହିଁକି ଗୋଟିଏ ଦିନ ଛୁଟି ହେବ ବୋଲି ପୂଜାରୀ କହିଛନ୍ତି।

## ରାଜନୈତିକ ସ୍ୱାର୍ଥ ଲାଗି ବିଜେଡି ପଞ୍ଚାୟତିରାଜ ଦିବସକୁ ବିଭ୍ରାନ୍ତି କରିଥିଲା: ଭାଜପା

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଭାରତବର୍ଷର ଗଣତନ୍ତ୍ରରେ ଏପ୍ରିଲ ୨୪ ହେଉଛି ଏକ ଐତିହାସିକ ଦିନ। ଏହି ଦିନରେ ଦେଶରେ ସମ୍ବିଧାନର ୭୩ତମ ସଂଶୋଧନକୁ ଲାଗୁ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା। ଫଳରେ ବର୍ତ୍ତମାନ ଦେଶରେ ଲକ୍ଷ ଲକ୍ଷ ତୃଣମୂଳ ସ୍ତରର ପଞ୍ଚାୟତ ଜନପ୍ରତିନିଧିମାନେ ଗଣତନ୍ତ୍ରରେ ଭାଗନେବାର ସୁଯୋଗ ପାଉଛନ୍ତି ଏବଂ ନିଜ ଅଞ୍ଚଳର ଦାୟିତ୍ୱ ନିଜେ ନେଇପାରୁଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ ପଞ୍ଚାୟତିରାଜ ଦିବସକୁ ବିଜେଡି ବିଭ୍ରାନ୍ତି କରିଥିଲା ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀର ଅନିଲ କହିଛନ୍ତି,

ଯେତେବେଳେ ସାରା ଦେଶ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛି ଓଡ଼ିଶା ମଧ୍ୟ ଏହିଦିନକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ଯାଉଛି। ଆଶ୍ଚର୍ଯ୍ୟ ବିଜେଡିକୁ କାହିଁକି ଏହା ବାଧୁଛି, ସେମାନେ କାହିଁକି ଏହାର ସମାଲୋଚନା କରୁଛନ୍ତି ଜଣାପଡୁନାହିଁ। କେବଳ ନିଜର ରାଜନୈତିକ ସ୍ୱାର୍ଥରେ ବାଧା ଆସୁଥିବାରୁ ବିଜେଡି ବୋଧେ ଏପ୍ରିଲ ୨୪ ଭଳି ଐତିହାସିକ ଦିନକୁ ଭୁଲିଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ ମଧ୍ୟ କରିଛନ୍ତି। ତେଣୁ ଏ ନେଇ କୌଣସି ବିବାଦ ବିଜେଡି କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ଦିଶା ବୈଠକରୁ ଉଠି ଚାଲିଗଲେ ଏମ୍‌ପି ପ୍ରଦୀପ

ପାରଳାଖେମୁଣ୍ଡି,୪।୩(ଗିରିଧାରୀ ପରିଛା)




ପାରଳାଖେମୁଣ୍ଡି ଦିଶା ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜିଲା ବିକାଶ ସମନ୍ୱୟ ଓ ଉପଦେଷ୍ଟା କମିଟି (ଦିଶା) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ହେଲେ କେତେକ କାର୍ଯ୍ୟର ସ୍ଥାଣୁତା ନେଇ ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଏମ୍‌ପି ବୈଠକ ଅଧାରୁ ଉଠି ଚାଲିଯାଇଥିବା ଦେଖିବାକୁ ମିଳିଛି।

ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ, ଜିଲାପାଳ ବିଜୟ ଦାଶ, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ବିଡିଓମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଜିଲାପାଳ ଦିଶା ବୈଠକ ସମ୍ପର୍କରେ ସୂଚନା ଦେଇ ଉପସ୍ଥିତ ଜନ ପ୍ରତିନିଧିଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନର ଅଭିଯୋଗ ଉପରେ ଠିକ ମତ ରଖିବାକୁ ଜିଲା ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏମ୍‌ପି ପାଣିଗ୍ରାହୀ କେନ୍ଦ୍ରୀୟ ଅନୁଦାନ ଓ ଖର୍ଚ୍ଚ ଉପରେ ଆଲୋଚନା କରିବାକୁ କହିଥିଲେ। ବିଭିନ୍ନ ବିଭାଗର କାର୍ଯ୍ୟ ଖସଡ଼ା ଅନୁସାରେ ଆଲୋଚନା ହୋଇଥିଲା। ଜିଲାର ଅନୁନ୍ନତ ତଥା ଦୁର୍ଗମ ଅଞ୍ଚଳର ପାନୀୟ ଜଳ ସମସ୍ୟା ଉପରେ ଆଲୋକପାତ କରି ମୋହନା ବିଧାୟକ ଗମାଙ୍ଗ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ମେଗା ପ୍ରକଳ୍ପ କାର୍ଯ୍ୟ ଧିମା ଚାଲିଥିବା ଓ ସମୟ ଅବଧି ପରେ ମଧ୍ୟ କାର୍ଯ୍ୟ ସରି ନ ଥିବା ଜିଲା ପରିଷଦ ଅଧ୍ୟକ୍ଷ ରାଓ ଅଭିଯୋଗ କରିଥିଲେ। ଜିଲାପାଳ ଜିଲାର ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରିତାକୁ ନେଇ କ୍ଷୋଭ ପ୍ରକାଶ କରି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ଏବଂ ଡାକ୍ତର କର୍ମଚାରୀ ଅଭାବ ନେଇ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଏମ୍‌ପି କହିଥିଲେ, ଖୁବ୍ ଶୀଘ୍ର ମେଡିକାଲ କଲେଜ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ନିଜ ହାତ ପାଣ୍ଠିରୁ ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଗୋସାଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ସକାଶେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିକଟସ୍ଥ ବିଦ୍ୟାଳୟ କୋଠାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଗ୍ରୀଷ୍ମ ଋତୁ ପୂର୍ବରୁ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତ୍ୟେକ ବ୍ଲକକୁ ଗୋଟିଏ ଲେଖାଏ ନଳକୂପ ଖନନ ଲାଗି ଗାଡି ମହଜୁଦ ସକାଶେ ନିଷ୍ପତ୍ତି ହୋଇଛି। ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ କରି ସମସ୍ୟାର ସମାଧାନ ସକାଶେ ପଦକ୍ଷେପ ନିଆଯାଇଛି ବୋଲି ଏମ୍‌ପି ପାଣିଗ୍ରାହୀ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଏମ୍‌ପି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ତାଙ୍କୁ ସନ୍ତୁଷ୍ଟ ନ ଲାଗିବାରୁ ସେ ଅଧାରୁ ବୈଠକ ଛାଡି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା।

## ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନବୀନଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୩(ସୁନିତ୍ ମିଶ୍ର)

### ବିଜେଡି କହିଲା ହ୍ୱାଟସାପ୍ କାର୍ଡ ନିନ୍ଦନୀୟ

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମ ହେବାକୁ ଯାଉଛି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହକୁ ରାଜ୍ୟ ସରକାର ପାଳନ କରିବାକୁ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି। ଜୟଦେବ ଭବନଠାରେ ସନ୍ଧ୍ୟା ୭ଟା ସମୟରେ ଏହି କାର୍ଯ୍ୟକ୍ରମ ରାଜ୍ୟସ୍ତରୀୟ ଭାବେ ପାଳନ ହେବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବା ଲାଗି ନବୀନଙ୍କୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହାର ଶୋଭାବର୍ଦ୍ଧନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିମନ୍ତ୍ରଣ ପତ୍ରକୁ ନେଇ ରାଜନୀତି ଜୋର୍ ଧରିଛି। ହ୍ୱାଟ୍ସଆପ୍ ଜରିଆରେ ବିରୋଧୀ ଦଳ ନେତାଙ୍କୁ ଏଭଳି ନିମନ୍ତ୍ରଣ ଆସିବା କଥା କହି ବିଜେଡି ପାଲଟା ସରକାରଙ୍କ ଉପରେ ବର୍ଷିଛି। ବିଜୁ ବାବୁଙ୍କୁ ନେଇ ଭାଜପା ସରକାର ରାଜନୀତି କରୁଥିବା ବିଜେଡି ଅଭିଯୋଗ କରିଛି।

# Business

## ଏଆଇ ଯୁଗରେ ଦକ୍ଷ କର୍ମଚାରୀ ବଡ଼ କମ୍ପାନୀଙ୍କୁ ସମସ୍ୟା

ଭୁବନେଶ୍ୱର,୪।୩ (ଅନୁରାଧା ମହାରଣା)




ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଭାରତୀୟ କମ୍ପାନୀଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ମାତ୍ର ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ଫାଇଦା ନେବାକୁ ବଡ଼ କମ୍ପାନୀଗୁଡ଼ିକ ଠିକ୍ ଏଆଇ କୌଶଳ ଏବଂ ଆନୁଷଙ୍ଗିକ ଦକ୍ଷତାପୂର୍ଣ୍ଣ କର୍ମଚାରୀ ଖୋଜିବା କଷ୍ଟ ହୋଇପଡ଼ିଛି। ଏହା କମ୍ପାନୀଗୁଡିକ ପାଇଁ ଏକ ବଡ ସମସ୍ୟା ଭାବେ ଉଭାହୋଇଛି। ନିଯୁକ୍ତି ନେଟ୍‌ୱର୍କିଂ ସାଇଟ ଲିଙ୍କ୍‌ଡଇନ ରିପୋର୍ଟରେ ଏପରି ତଥ୍ୟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୫୪% ଏଚ୍‌ଆର୍ ପ୍ରଫେସନାଲ କହିଛନ୍ତି, ଚାକିରି ଆବେଦନକାରୀଙ୍କ ମଧ୍ୟରୁ କେବଳ ଅଧା ବା ତା'ଠାରୁ କମ୍ ଆବେଦନକାରୀ ସମସ୍ତ ଆବଶ୍ୟକ ଯୋଗ୍ୟତା ପୂରଣ କରିଥା'ନ୍ତି। ଠିକ୍ ବୈଷୟିକ ଦକ୍ଷତା (୬୧%) ଏବଂ ସଫ୍ଟ ସ୍କିଲ୍ (୫୭%) ସହିତ ପ୍ରାର୍ଥୀ ଖୋଜିବା ଏଚ୍‌ଆର୍ ପ୍ରଫେସନାଲମାନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଭାରତରେ ସବୁଠାରୁ କଷ୍ଟସାଧ୍ୟ କୌଶଳ ହେଉଛି ବୈଷୟିକ / ଆଇଟି ଦକ୍ଷତା ଯେପରିକି ସଫ୍ଟୱେର ବିକାଶ, ଇଞ୍ଜିନିୟରିଂ (୪୪%), ଏଆଇ କୌଶଳ (୩୪%) ଏବଂ ଯୋଗାଯୋଗ ଏବଂ ସମସ୍ୟା ସମାଧାନ (୩୩%)। ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଏହି ଅଭାବ କମ୍ପାନୀଗୁଡ଼ିକୁ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଅଧିକ ମନୋନୀତ ହେବାକୁ ବାଧ୍ୟ କରୁଛି। ରିପୋର୍ଟ ଅନୁଯାୟୀ, କମ୍ପାନୀଗୁଡିକ ମୁଖ୍ୟତଃ ୨୦୨୫ ମସିହାରେ 'ଚୟନକାରୀ ନିଯୁକ୍ତି' ପଦ୍ଧତି ଗ୍ରହଣ କରୁଛନ୍ତି। ଚୟନକାରୀ ନିଯୁକ୍ତି ହେଉଛି ସଂଗଠନର ଆବଶ୍ୟକତା ପାଇଁ ଉପଯୁକ୍ତ ଯୋଗ୍ୟତା ଥିବା ଠିକ୍ ଲୋକଙ୍କୁ ନିଯୁକ୍ତି ଏବଂ ଚୟନ କରିବାର ପ୍ରକ୍ରିୟା। ଏହି ରିପୋର୍ଟରେ କୁହାଯାଇଛି, ଭାରତରେ ଅର୍ଦ୍ଧେକ ଏଚ୍‌ଆର୍ ପ୍ରଫେସନାଲ (୫୫%) ଏବଂ ନିଯୁକ୍ତି (୫୪%) କେବଳ ସେହି ପ୍ରାର୍ଥୀଙ୍କ ପାଇଁ ବିଚାରକରିବେ ଯେଉଁମାନେ ଚାକିରି ପାଇଁ ଧାର୍ଯ୍ୟ ଯୋଗ୍ୟତାର ୮୦% କିମ୍ବା ତା'ଠାରୁ ଅଧିକ ପୂରଣ କରିବେ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୪।୩

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକିଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୬ (୯୬.୦୧) ପଏଣ୍ଟ ହ୍ରାସ ଘଟି ୭୨,୯୯୦ (୭୨,୯୮୯.୯୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୬.୬୫) ପଏଣ୍ଟ ହ୍ରାସ ଘଟି ୨୨,୦୮୩ (୨୨,୦୮୨.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ଡିଅନ୍ ରିଭର ଫ୍ରଣ୍ଟ ହାଉସିଂ ପ୍ରକଳ୍ପକୁ ପ୍ରମାଣପତ୍ର

ଭୁବନେଶ୍ୱର,୪।୩




ରାଜ୍ୟର ପ୍ରମୁଖ ଗୃହ ନିର୍ମାଣକାରୀ ସଂସ୍ଥା ତଥା ଡିଅନ୍ ଗ୍ରୁପ୍‌ର ଅଗ୍ରଣୀ ହାଉସିଂ ପ୍ରକଳ୍ପ 'ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨'କୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଏପରିକି କଟକ ବିକାଶରେ ଗୁରୁତ୍ୱ ବହନ କରୁଥିବା ଏବଂ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଡିଅନ୍ ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ହାଉସିଂ ପ୍ରକଳ୍ପକୁ ନିକଟରେ ପଞ୍ଜୀକରଣ ପ୍ରମାଣପତ୍ର ମିଳିଛି। ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ଅଧିନିୟମ ଅନୁଯାୟୀ ଡିଅନ୍ ଇନ୍‌ଫ୍ରାଟେକ୍‌କୁ ଆନୁଷ୍ଠାନିକ ଭାବେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ଏହି ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିଭଳି କମ୍ପାନୀର ଏହି ସଫଳତା କଟକର ରିଅଲ ଇଷ୍ଟେଟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ। ବିଶେଷକରି ସିଡିଏ ଦ୍ୱାରା ପଞ୍ଜୀକୃତ ଏହା ୫ମ ପ୍ରକଳ୍ପ ହୋଇଥିଲାବେଳେ ଏହି ସ୍ୱୀକୃତି ପାଇବାକୁ କମ୍ପାନୀର ଶେଷ ହୋଇଥିବା ପ୍ରକଳ୍ପ ମଧ୍ୟରେ ଦ୍ୱିତୀୟ ବୋଲି ଡିଅନ୍ ପକ୍ଷରୁ ସୂଚନା ଦିଆଯାଇଛି। ଡିଅନ୍ ଇନ୍‌ଫ୍ରାଟେକ୍‌ର ଏହି ସଫଳତା ପାଇଁ ୨୨୨ ଆବଣ୍ଟନକାରୀ ବାଣ ଫୁଟାଇବା ସହ କେକ୍ କାଟି ନିଜ ଖୁସି ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଡିଅନ୍ ଇନ୍‌ଫ୍ରା ଟେକ୍ନୋସାଇଟିର ସଭାପତି କହିଛନ୍ତି, ଆମ ଉଦ୍ଦେଶ୍ୟ ଏକ ସମାଜ ଗଢ଼ିବା, ଯେଉଁଠି ଏକତା, ଭାଇଚାରା ଏବଂ ସମାନତାର ମୂଲ୍ୟବୋଧ ରହିବ। ଆଗାମୀ ଦିନରେ ଆମେ ଏକ ଉନ୍ନତ ଏବଂ ସମୃଦ୍ଧ ସମାଜ ଗଢ଼ିବା ଦିଗରେ ନିଜ ଚେଷ୍ଟା ଜାରି ରଖିବୁ। ସେହିପରି ଡିଅନ୍ ଇନ୍‌ଫ୍ରାଟେକ୍‌ର ନିର୍ଦ୍ଦେଶକ ମନୋଜ ସାହୁ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ରିଭର ଫ୍ରଣ୍ଟ ଫେଜ୍-୧ ଏବଂ ଫେଜ୍-୨ ପ୍ରକଳ୍ପ ଓରେରା ଅଧିନିୟମ ଅନୁଯାୟୀ ପଞ୍ଜୀକୃତ ହେବା ଦ୍ୱାରା ଆବଣ୍ଟିତ ବ୍ୟକ୍ତିମାନେ ବର୍ତ୍ତମାନ ନିଜ ଫ୍ଲାଟ୍‌କୁ ନିଜ ନାମରେ ପଞ୍ଜୀକୃତ କରିପାରିବେ ବୋଲି ଅଭିବ୍ୟକ୍ତ କରିଛନ୍ତି।

## ପଶୁ ସଂରକ୍ଷଣ କେନ୍ଦ୍ର 'ବନ୍ତାରା' ଉଦ୍‌ଘାଟିତ



ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବନ୍ତାରା ବିଷୟରେ ଅନନ୍ତ ଅମ୍ବାନୀ ଅବଗତ କରାଉଛନ୍ତି।

ମୁମ୍ବାଇ,୪।୩

ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତ ଅମ୍ବାନୀଙ୍କ ଉଦ୍ୟମରେ ଏକ ପଶୁ ସଂରକ୍ଷଣ କେନ୍ଦ୍ର ଗୁଜରାଟର ଜାମ୍‌ନଗରଠାରେ 'ବନ୍ତାରା'ର ନିର୍ମାଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବନ୍ତାରା'କୁ ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ବେଶ୍ କିଛି ସମୟ ବିତାଇଥିଲେ ଏବଂ ପଶୁମାନଙ୍କ ପାଇଁ ସେଠାରେ ନିର୍ମିତ ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକର ନିରୀକ୍ଷଣ କରିଥିଲେ। ବନ୍ତାରା ହେଉଛି ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଏକ ଉତ୍ସର୍ଗୀକୃତ କେନ୍ଦ୍ର। ୩,୦୦୦ ଏକର ପରିମିତ ସ୍ଥାନରେ ବନ୍ତାରା ନିର୍ମିତ ହୋଇଛି। ଉଲ୍ଲେଖଯୋଗ୍ୟ, ବନ୍ତାରାରେ ପ୍ରତ୍ୟେକ ପଶୁକୁ ନିଜର ଆବଶ୍ୟକତା ହିସାବରେ ଘର ମିଳିଛି। ପ୍ରାଣୀମାନଙ୍କୁ ସିଂହ ରାଜ୍ୟ, ସରୀସୃପ ରାଜ୍ୟ, ସିଲ୍ ରାଜ୍ୟ, ଚିତା ପ୍ରଜନନ କେନ୍ଦ୍ର ଭଳି ଅନେକ କେନ୍ଦ୍ରରେ ସବୁ ବର୍ଗର ପ୍ରାଣୀଙ୍କୁ ରଖାଯାଇଛି। କିନ୍ତୁ ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ର ହେଉଛି ହାତୀମାନଙ୍କ ପାଇଁ ପ୍ରାୟ ୧ ହଜାର ଏକର ପରିସରରେ ନିର୍ମିତ ଗଜନଗରୀ। ଏଠାରେ ୨୪୦ରୁ ଅଧିକ ଉଦ୍ଧାର ହୋଇଥିବା କିମ୍ବା ଅସୁସ୍ଥ ହାତୀଙ୍କୁ ରଖାଯାଇଛି। ଅବହେଳା ଏବଂ ନିର୍ଯାତନାର ଶିକାର ହୋଇଥିବା ଏହି ହାତୀମାନଙ୍କୁ ବନ୍ତାରାରେ ବିଶ୍ୱସ୍ତରୀୟ ପଶୁଚିକିତ୍ସା ଏବଂ ଯତ୍ନ ମିଳୁଛି।

## ବଜାରରେ ବଜାଜ୍‌ର ଅଲ୍ ନ୍ୟୁ ବଜାଜ୍ ଗୋଗୋ

ମୁମ୍ବାଇ,୪।୩ (ଅଭୟ ଦାଶ)




ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ମଡେଲ ତଥା ବ୍ରାଣ୍ଡର ନୂତନ ଇଲେକ୍ଟ୍ରିକ୍ ଅଟୋ 'ଅଲ୍ ନ୍ୟୁ ବଜାଜ୍ ଗୋଗୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଅପରପକ୍ଷରେ 'ବଜାଜ୍ ଗୋଗୋ'ର ଶୁଭାରମ୍ଭ ସହ କମ୍ପାନୀ ଇଲେକ୍ଟ୍ରିକ୍ ୩ ଚକିଆ ସେଗ୍‌ମେଣ୍ଟରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଆଗାମୀ ମାସରେ ବଜାଜ୍ ଗୋଗୋ ମଧ୍ୟ ଏହାର ମାଲବାହୀ ଭାରିଆଣ୍ଟର ଶୁଭାରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବଜାଜ୍ ଗୋଗୋ ୩ଟି ଭାରିଆଣ୍ଟ 'ପି ୫୦୦୯, ପି ୫୦୧୨ ଏବଂ ପି ୭୦୧୨' ମଡେଲରେ ଉପଲବ୍ଧ ହେଉଛି। ଏପରିକି ଏହି ପ୍ରକାର ନାମକରଣରେ 'ପି' ଅର୍ଥାତ୍ ପାସେଞ୍ଜର ୫୦ ଓ ୭୦ ଆକାରର ସୂଚକ ହୋଇଥିବା ବେଳେ ୦୯ ଓ ୧୨ ଯଥାକ୍ରମେ ୯ କିଲୋୱାଟ୍ ଓ ୧୨ କିଲୋୱାଟ୍ ବ୍ୟାଟେରି କ୍ଷମତାକୁ ଦର୍ଶାଉଛି। ବଜାଜ୍ ଅଟୋ ବିଶ୍ୱସନୀୟ, ଗ୍ରାହକ ଅନୁକୂଳ ଗାଡ଼ି ଏବଂ ଏକ ବ୍ୟାପକ ଉପଲବ୍ଧତା ସହିତ ୨୦ରୁ ଅଧିକ ବର୍ଷ ଧରି ୩ ଚକିଆ ଶିଳ୍ପର ସ୍ୱଚ୍ଛ ଇନ୍ଧନ ବିପ୍ଳବର ନେତୃତ୍ୱ ନେଇଛି।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ଇଣ୍ଟ୍ରା ସିଟି ବିଜ୍‌ନେସ୍ ୟୁନିଟ୍‌ର ପ୍ରେସିଡେଣ୍ଟ ସମରଦୀପ ସୁବନ୍ଧ କହିଥିଲେ, ଆମେ ଆମର ନୂତନ ମଡେଲ ତଥା ତିନିଚକିଆ ଯାନର ଅଲ୍ ଇଲେକ୍ଟ୍ରିକ୍ ବଜାଜ ଗୋ ଗୋ ରେଞ୍ଜର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ସେଗ୍‌ମେଣ୍ଟ ପାଇଁ ଏହା ନୂଆ ମାନଦଣ୍ଡ ସ୍ଥାପନ କରିବ। ୨୫୧ କି.ମି. ପର୍ଯ୍ୟନ୍ତ ପ୍ରମାଣିତ ରେଞ୍ଜ ସହ ସେଣ୍ଟ ଫାଷ୍ଟ ବୈଶିଷ୍ଟ୍ୟ ଏବଂ ବିଶ୍ୱସ୍ତ ବଜାଜ ବିଶ୍ୱସନୀୟତା। ସେବା ବଜାଜ୍ ଗୋ ଗୋ ଅଧିକରୁ ଅଧିକ ରୋଜଗାର କରିବା ଏବଂ ଡାଉନ ଟାଇମ୍ ତଥା ରକ୍ଷଣା ବେକ୍ଷଣର ଅସୁବିଧାକୁ ହ୍ରାସ କରିବାପାଇଁ ଚାହୁଁଥିବା ଗ୍ରାହକମାନଙ୍କୁ ଏହା ଏକ ବ୍ୟାପକ ସମାଧାନ ପ୍ରଦାନ କରିବ। ତିନିଚକିଆ ଯାନ ପାଇଁ ୭୫ବର୍ଷରୁ ଅଧିକ ବର୍ଷର ବିଶ୍ୱାସ ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ବଜାଜ୍ ଗୋ ଗୋ ମାଲିକ ଯାତ୍ରୀଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦ ରହିଛି।

## ଓପନ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ମୁମ୍ବାଇ,୪।୩

ଟେଲିକମ୍ ଶିଳ୍ପରେ ନୂଆ ଧରଣର ସେବା ପ୍ରଦାନସହଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ନୂତନ ଓପନ ଟେଲିକମ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ଲାଟ୍‌ଫର୍ମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବିଶ୍ୱର ୪ଟି ବଡ଼ ଟେକ୍ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ୍), ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ଖୁବ୍‌ଶୀଘ୍ର ମିଳିତ ଭାବେ ଏହି ସେବା ଆରମ୍ଭ କରିବେ। ଉଲ୍ଲେଖଯୋଗ୍ୟ, ବାର୍ସିଲୋନାଠାରେ ଚାଲିଥିବା ମୋବାଇଲ୍ ୱାର୍ଲ୍ଡ କଂଗ୍ରେସ-୨୦୨୫ରେ ଜେପିଏଲ୍, ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ଏହି ସେବା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ନୂତନ ପ୍ଲାଟ୍‌ଫର୍ମଟି ଟେଲିକମ୍ ଅପରେଟରମାନଙ୍କୁ ଏଆଇ ସମାଧାନ ପ୍ରଦାନ କରିବା ପାଇଁ ଡିଜାଇନ କରାଯିବ। ନୂତନ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମ ନେଟ୍‌ୱର୍କର ସୁରକ୍ଷା, ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବା ସହ ଆୟର ନୂତନ ରାସ୍ତା ମଧ୍ୟ ଖୋଲିବ। ଏହି ମଲ୍ଟି-ଡୋମେନ୍ ଇଣ୍ଟେଲିଜେନ୍ସ ଫ୍ରେମ୍‌ୱାର୍କ ଏଣ୍ଡ-ଟୁ-ଏଣ୍ଡ ନେଟ୍‌ୱର୍କ ଇଣ୍ଟେଲିଜେନ୍ସ ପ୍ରଦାନ କରିବା ପାଇଁ ନେଟ୍‌ୱର୍କ ଅପରେଶନ ଏବଂ ଅଟୋମେଶନକୁ ଏକୀକୃତ କରିବ। ରିଲାଏନ୍ସ ଜିଓର ଗ୍ରୁପ୍ ସିଇଓ ମାଥ୍ୟୁ ଓମେନ୍ କହିଛନ୍ତି, ସମସ୍ତ ଟେଲିକମ୍ ଲେୟରରେ ଏଜେଟିକ୍ ଏଆଇ ବ୍ୟବହାରକରି ଆମେ ଏକ ମଲ୍ଟିମୋଡାଲ, ମଲ୍ଟିଡୋମେନ୍ ଅର୍କେଷ୍ଟ୍ରେଟେଡ୍ ୱାର୍କଫ୍ଲୋ ପ୍ଲାଟ୍‌ଫର୍ମ ନିର୍ମାଣ କରୁଛୁ,ଯାହା ଟେଲିକମ୍ ଶିଳ୍ପରେ ଦକ୍ଷତା, ବୁଦ୍ଧିମତ୍ତା (ଇଣ୍ଟେଲିଜେନ୍ସ) ଏବଂ ସୁରକ୍ଷାକୁ ପୁନଃ ପରିଭାଷିତ କରିବ।ସେହିଭଳି ଏଏମ୍‌ଡି, ସିସ୍କୋ ଏବଂ ନୋକିଆ ସହଯୋଗରେ ଜିଓ ଓପନ୍ ଟେଲିକମ୍ ଏଆଇ ପ୍ଲାଟ୍‌ଫର୍ମକୁ ଆଗକୁ ବଢ଼ାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକାର ନୁହେଁ, ମାନସିକ ଦୃଢ଼ତା ମାନେ ରଖେ

ଦୁବାଇ,୪।୩(ପି.ଟି.)

ମୋଟାପଣ କାରଣରୁ ସମାଲୋଚନାର ସମ୍ମୁଖୀନ ହୋଇଥିବା ଭାରତୀୟ ଦଳର କ୍ୟାପ୍ଟେନ ରୋହିତ ଶର୍ମାଙ୍କ ପ୍ରତି ସମର୍ଥନ କରିଛନ୍ତି କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର। ସେ ଏ ସମ୍ପର୍କରେ କହିଛନ୍ତି, ମଡେଲିଂ ପାଇଁ ପତଳା ବ୍ୟକ୍ତି ଦରକାର। କିନ୍ତୁ କ୍ରିକେଟରେ ଆକାର ନୁହେଁ, ବରଂ ମାନସିକ ଦୃଢ଼ତା ମାନେ ରଖେ।

ମୁଁ ସର୍ବଦା କହିଆସିଛି, ଯଦି ତୁମେ କେବଳ ପତଳା ବ୍ୟକ୍ତି ଚାହଁ, ତେବେ ତୁମକୁ ମଡେଲିଂ ପ୍ରତିଯୋଗିତାକୁ ଯାଇ ସମସ୍ତ ମଡେଲ୍‌ଙ୍କୁ ଚୟନ କରିବା ଉଚିତ। କିନ୍ତୁ କ୍ରିକେଟ୍‌ରେ ତୁମେ କେତେ ଭଲ ଖେଳିପାର, ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମେ ସର୍ଫରାଜ ଖାନ୍‌ଙ୍କ ସମ୍ପର୍କରେ ଚର୍ଚ୍ଚା କରିଥିଲୁ। ତାଙ୍କୁ ତାଙ୍କ ମୋଟାପଣ କାରଣରୁ ଦୀର୍ଘଦିନ ପର୍ଯ୍ୟନ୍ତ ଦଳରେ ସାମିଲ କରାଯାଇ ନ ଥିଲା। କିନ୍ତୁ ଯଦି ସେ ତାଙ୍କ ଓଜନ ସତ୍ତ୍ୱେ ଭାରତ ପାଇଁ ଟେଷ୍ଟ ମ୍ୟାଚ୍‌ରେ ୧୫୦ ରନ୍ କରିବା ପରେ ଦୁଇ-ତିନୋଟି ଅର୍ଦ୍ଧଶତକ କରିପାରୁଛନ୍ତି, ତେବେ ଅସୁବିଧା କ'ଣ। ମୋ ମତରେ କ୍ରିକେଟ ସହ ଆକାରର କିଛି ନେବାଦେବା ନାହିଁ। ଭଲ ବ୍ୟାଟିଂ, ଲମ୍ବା ବ୍ୟାଟିଂ ଓ ସ୍କୋର କରିବା ପାଇଁ ମାନସିକ ଦୃଢ଼ତା ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଗାଭାସ୍କର ଇଣ୍ଡିଆ ଟୁଡେକୁ କହିଛନ୍ତି।

# ସେମିଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୪।୩ (ତପନ ସ୍ୱାଇଁ)

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ଟାଉନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ ସେମିଫାଇନାଲରେ ପ୍ରବେଶ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ରାମେଶ୍ୱର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୩୧.୪ ଓଭରରେ ୧୭୪ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସାରାଂଶ କୁମାର ୬୭ ଓ ସମ୍ବିତ୍ ବରାଳ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ସାଇ ଶୁଭମ୍ ୪ ଓ ସ୍ୱୟମ୍ ରାଉତରାୟ ୨ଟି ଉଇକେଟ ନେଇଥିଲେ। ୧୭୫ ରନ୍‌ର ବିଜୟଲକ୍ଷ୍ୟକୁ ପାରାମାଉଣ୍ଟ ୩୪.୪ ଓଭରରେ ୮ ଉଇକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଂଶୁମାନ ସାହୁ ୬୦ ରନ୍‌କରି ଅପରାଜିତ ରହିଥିବାବେଳେ ସୁଦର୍ଶନ ସ୍ୱାଇଁ ୩୩ ରନ୍ କରିଥିଲେ। ରାମେଶ୍ୱର ପକ୍ଷରୁ ଆଶୁତୋଷ ନାୟକ ୩ଟି ଉଇକେଟ ନେଇଥିଲେ। ସାଇକ୍ରିଷ୍ଣା ହୋମ୍ସର ଏମ୍‌ଡି ଶଶୀ ଶେଖର ଗରାବଡୁ ଅତିଥିଭାବେ ଯୋଗଦେଇ ଅଂଶୁମାନ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଟାଉନ୍ କ୍ଲବ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।


ଅଂଶୁମାନ ସାହୁଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଭାରତୀୟ ମହିଳା ଡ୍ରାଗ୍‌ଫ୍ଲିକରଙ୍କ ସହ ନେଦରଲାଣ୍ଡ୍ସ କିମ୍ବଦନ୍ତୀ ତାଏକେମା କାର୍ଯ୍ୟ କରିବେ

ନୂଆଦିଲ୍ଲୀ,୪।୩(ପି.ଟି.)

ଭାରତୀୟ ମହିଳା ହକି ଦଳର ଡ୍ରାଗ୍‌ଫ୍ଲିକରଙ୍କ ସହିତ ନେଦରଲାଣ୍ଡ୍ସର କିମ୍ବଦନ୍ତୀ ତାଏକେମା ସାମୟିକ ଭାବେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପର୍ଯ୍ୟନ୍ତ କାମ କରିବେ। ଭୁବନେଶ୍ୱରରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ପୂର୍ବରୁ ତାଏକେମା ଫେବୃଆରୀ ୧୦ରୁ ୧୬ ପର୍ଯ୍ୟନ୍ତ ଭାରତୀୟ ମହିଳା ଦଳର ଖେଳାଳିଙ୍କ ସହ ଏକ ୭ ଦିନିଆ କ୍ୟାମ୍ପରେ ଯୋଗଦେଇଥିଲେ। ଏହି କ୍ୟାମ୍ପରେ ଦୀପିକା, ମନୀଷା ଚୌହ୍ୱାନ, ସୋନମ୍ ଓ ଅନୁଙ୍କ ସହିତ କିଛି ଜୁନିୟର ଖେଳାଳି ଯୋଗଦେଇଥିଲେ। ଏହି କ୍ୟାମ୍ପରେ ଖେଳାଳିଙ୍କ ଟେକ୍‌ନିକାଲ ଦକ୍ଷତା ବୃଦ୍ଧି କରିବା ସହ ଡ୍ରାଗ୍‌ଫ୍ଲିକ୍‌ରେ ସଠିକତା ଉପରେ ଧ୍ୟାନ ଦିଆଯାଇଥିଲା।

ଭାରତୀୟ ମହିଳା ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ସେହି କ୍ୟାମ୍ପରୁ ଖେଳାଳିଙ୍କୁ ଖୁବ୍ ଫାଇଦା ମିଳିଥିଲା। ତାଏକେମା ଖେଳାଳିଙ୍କ ସହ ସାମୟିକ ଭାବେ ଲସ୍ ଏଞ୍ଜେଲ୍ସ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ତାଏକେମା ଡ୍ରାଗ୍‌ଫ୍ଲିକିଂରେ ଅନ୍ୟତମ ମହାନ୍ କିମ୍ବଦନ୍ତୀ। ଏହି ବିଭାଗରେ ଖେଳାଳିଙ୍କର ଉନ୍ନତି କରିବାର ଆବଶ୍ୟକତା ଥିବାରୁ ମୁଁ ତାଏକେମାଙ୍କୁ ଆଣିବା ପାଇଁ ହକି ଇଣ୍ଡିଆକୁ ଅନୁରୋଧ କରିଥିଲି। ସେ ଖେଳାଳିଙ୍କ ଟେକ୍‌ନିକ୍‌ରେ ସୁଧାର ଆଣି ଡ୍ରାଗ୍‌ଫ୍ଲିକିଂକୁ ଅଧିକ ସହଜ କରିବା ଉପରେ କାମ କରୁଛନ୍ତି। ଡ୍ରାଗ୍‌ଫ୍ଲିକିଂ ଏକ ବିଶେଷ ଦକ୍ଷତା ଏବଂ ତାଏକେମା ଭବିଷ୍ୟତରେ ହେବାକୁଥିବା କ୍ୟାମ୍ପରେ ମଧ୍ୟ କାର୍ଯ୍ୟ କରିବା ଜାରି ରଖିବେ। ଗତ ପ୍ରୋ ଲିଗ୍ ମ୍ୟାଚ୍‌ରେ ଆମେ ଦୀପିକାଙ୍କ କ୍ଷେତ୍ରରେ ସୁଧାର ଆସିଥିବା ଦେଖିଥିଲୁ। ତେବେ ସଫଳତାର ସହିତ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ପାଇଁ ମୁଖ୍ୟତଃ ୩ ଉପାଦାନ ଯଥା ଇଞ୍ଜେକ୍ଟର, ଷ୍ଟପର ଓ ଡ୍ରାଗ୍‌ଫ୍ଲିକର ଜରୁରୀ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Handsome Brahmin boy 1981/ Government College Lecturer, only child Bhubaneswar. 7008967858. D-71081

38 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9776270725. D-3118

## GROOM WANTED

Beautiful Brahmin Girl 1993, 5'4", MA. Only daughter "SUNASANSAR". 9937512659. D-76245


REAL ESTATE
SALE

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Personal plot 60x80= 4800sqft. nearer to Phulanakhara, 11K.M. from Bhubaneswar @ 1500/- per sqft. with big compoundwall, beautiful road, touching to a building. 7809525452. D-76425

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


FOR RENT

To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

## AFFIDAVIT



By virtue of an affidavit sworn before the Executive Magistrate, Dharamgarh, I Hiralal Gopal, R/o- Village/ P.O.- Behera, P.S.- Koksara, Dist.- Kalahandi, Odisha, declare that my son's name has been mentioned as Shubhankar Nial instead of Subhankar Gopal in his Aadhaar Card bearing No.xxxx xxxx 0005. That both the names are one and same person. Henceforth, he shall be known as Subhankar Gopal for all future purposes. D-3149

By an Affidavit sworn before the Executive Magistrate, Bhapur, Nayagarh on February 18, 2025, I, Mrs. Urmila Rana, residing at Vill/P.O.-Baigunia, P.S.- Fategarh, Dist.-Nayagarh, Odisha 752077 have changed my name from Bilasini Rana to Urmila Rana. Henceforth, I shall be known as Urmila Rana for all purposes. D-3154

By virtue of an affidavit sworn before Executive Magistrate, Bhubaneswar, dated 21.01.2025, I, Saveri Swaraa Rout, Address: Mahadeipatana, Batipada, Kendrapada, 754218, declare that I have changed my name from Banyarani Sahoo to Saveri Swaraa Rout. Henceforth, I shall be known as Saveri Swaraa Rout for all purposes.
Saveri Swaraa Rout. D-3152

I, POOJA MISHRA, W/o- Kalyan Mishra, resident of N5/332, IRC Village, Bhubaneswar, P.O./P.S.- Nayapally, Dist.- Khurda, PIN-751015, Odisha declare by this affidavit No.-39, Dt. 03.02.2025. That now onwards I shall be known as Puja Mishra for all future purposes. D-3151

By virtue of an affidavit sworn before the Executive Magistrate, DARPAN, dated 25.02.2025, I, Solema Beggum, Address: Vill-Nalipur, P.O.- Charinangal, P.S.- Balichandrapur, Dist.- Jajpur, Odisha-754292 declare that I have changed my son's name from Mohammad Anas to Shaik Mohammad Anas. Henceforth, he shall be known as Shaik Mohammad Anas for all purposes. D-3147

By virtue of an affidavit sworn before the Executive Magistrate, Bari, dated 28.02.2025, I, Beenapani Behura, Address: At/P.O.- Routsahi, P.S.-Bari, Ramachandrapur, Dist.- Jajpur, Odisha-754214 declare that I have changed my name from Beenapani Samal to Beenapani Behura. Henceforth, I shall be known as Beenapani Behura for all purposes. D-3148

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bhubaneswar dated 4.3.25, I, Bulei Pagad, resident of Saripur, Khordha, Odisha-752102 declare that I have changed my name from Subas Chandra Pagad to Bulei Pagad. Henceforth, I shall be known as Bulei Pagad for all purposes.
(Bulei Pagad) D-75838

By virtue of an affidavit sworn before the Executive Magistrate, Dharmasala, dated-09.12.2024, I, Dangi Malik, Address: Vill.- Kurikana, P.O.- Batijoda, P.S.- Jenapur, Dist.- Jajpur, PIN- 755023, Odisha declare that I have changed my name from Mataji Malik to Dangi Malik. Henceforth, I shall be known as Dangi Malik for all future purposes.
(Dangi Malik) D-3153

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନୋକ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


## LEGAL NOTICE

ଅନ୍ୟାନ୍ୟ ଦାବିଦାରମାନଙ୍କ ପ୍ରତି ଉପସ୍ଥିତ ହେବାର କାରଣ ନୋଟିସ
ଦେୱାନୀ ବିଚାରପତି (ବରିଷ୍ଠ-ବିଭାଗ)ଙ୍କ ଅଦାଲତ, ପାଟଣାଗଡ଼
ଇଚ୍ଛାପତ୍ରହୀନ ମକଦ୍ଦମା (In-estate suit) ନଂ.-୧, ସ୍ନ ୨୦୨୨, ୧.ସେବକ ଓରଫ ସେଭକ ଗହିର, ବ୫୧ର୍ଷ, ପିତା- ⁄ମିନିକେତନ ଗହିର, ୨. ବେଲମତି ଓରଫ ବାଳମତି ଗହିର, ବ୫୦ର୍ଷ, ସ୍ୱାମୀ- ସେବକ ଓରଫ ସେଭକ ଗହିର ଉଭୟଙ୍କ ନିବାସୀ- ତେନ୍ତେଲମୁଣ୍ଡା, ପୋ:ଅ:- ଖଲିପଥର, ଥାନା- ବେଲପଡ଼ା, ଜିଲ୍ଲା- ବଲାଙ୍ଗୀର।
.... ଅର୍ଜିଦାରମାନେ

ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫ର ଧାରା ୩୭୨ରେ ଉପରୋକ୍ତ ବର୍ଣ୍ଣିତ ଆବେଦନକାରୀମାନେ ତାଙ୍କ ପୁଅ ମୃତବ୍ୟକ୍ତି ସିଦ୍ଧାନ୍ତ ଗହିରଙ୍କ ଉତ୍ତରାଧିକାରୀ ସାର୍ଟିଫିକେଟ ସହିତ ମୃତବ୍ୟକ୍ତିଙ୍କ ନାମରେ ଥିବା ଜୀବନ ବୀମା କମ୍ପାନୀର ବୀମା ପଲିସି ନଂ.-୫୯୪୯୫୬୬୩୩, ତା.୨୮.୧୨.୨୦୧୩ରେ ଥିବା ବୀମା ଟଙ୍କା ପାଇବା ପାଇଁ ପ୍ରାର୍ଥନାରେ ସ୍ନ ୨୦୨୨ ମସିହା ଜୁନ୍ ମାସ ୨୯ ତାରିଖରେ ଆବେଦନ କରିଛନ୍ତି। ଅତ୍ର ମୋକଦ୍ଦମା ବିଚାର ନିମନ୍ତେ ଆସନ୍ତା ତା. ୨୮।୦୩।୨୦୨୫ ଦିନ ସମୟ ୧୦.୩୦ ଧାର୍ଯ୍ୟ ହୋଇଅଛି। ଅତଏବ ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ବର୍ଣ୍ଣିତ ଆବେଦନକାରୀମାନଙ୍କ ପୁତ୍ର ମୃତ ବ୍ୟକ୍ତି ସିଦ୍ଧାନ୍ତ ଗହିରଙ୍କ ଯଦି ଅନ୍ୟ କେହି ଉତ୍ତରାଧିକାରୀ ବା ତାହାର ବ୍ୟକ୍ତି ସମ୍ପତ୍ତିର ଅଧିକାରୀ ଥିବେ କିମ୍ବା ଆବେଦନକାରୀମାନଙ୍କ ପ୍ରାର୍ଥନାର ବିରୁଦ୍ଧରେ କେହି ଆପତ୍ତି ଉପସ୍ଥିତ କରିବାକୁ ଇଚ୍ଛା କରନ୍ତି ତେବେ ଉପରୋକ୍ତ ନିର୍ଦ୍ଧାରିତ ଧାର୍ଯ୍ୟ ଦିବସରେ ସେ କିମ୍ବା ସେମାନେ ସ୍ୱୟଂ ଅଥବା ଓକିଲ ଦ୍ୱାରା ଉପସ୍ଥିତ ହୋଇ ଆପଣ ଆପଣାର ଆପତ୍ତିର କାରଣ ଦର୍ଶାଇବେ, ତତ୍‌ପଶ୍ଚାତ୍ ତା'ର ଯେ ଦଲିଲ ଓ ସାକ୍ଷୀ ଦେବାକୁ ଇଚ୍ଛା କରିବେ ତାହା ସେହି ଦିବସରେ ଉପସ୍ଥିତ କରିବା ପ୍ରସ୍ତୁତି ଥିବେ।
ସ୍ୱା./- ଦେୱାନୀ ବିଚାରପତି
(ବରିଷ୍ଠ-ବିଭାଗ), ପାଟଣାଗଡ଼
Dt.16.12.2024
ଧ-୩୧୫୦

Letter No.-2369/ Dt.26.12.2024
ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରଦୀପ୍ତ କୁମାର ନାୟକ, ବନ୍ଦୋବସ୍ତ, ଡିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୪୨୪/୨୦୨୨
ଶ୍ରୀମତୀ ବାସନ୍ତୀ ସାହୁ, ବୟସ ୪୧ ବର୍ଷ, ସ୍ୱାମୀ- ଆନନ୍ଦ ସାହୁ, ସା- ପ୍ଲଟ୍ ନଂ.-୧୧୩୪, ଭୀମଟାଙ୍ଗି, ପୋ- କପିଳପ୍ରସାଦ, ଥାନା- ଏୟାରଫିଲ୍ଡ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା, ଓଡ଼ିଶା
..... ବାଦୀ
ବନାମ
ପ୍ରବୋଧ କୁମାର ପଟ୍ଟନାୟକ, ପିତା- ⁄ବନବିହାରୀ ପଟ୍ଟନାୟକ, ସା- ଗ୍ରାମଡ଼ିହ, ପୋ- ଘଙ୍ଗାପାଟଣା, ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା ଓ ଅନ୍ୟମାନେ
.....ପ୍ରତିବାଦୀମାନେ
ନୋଟିସ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ
ପ୍ରାପ୍ତେଷୁ,
ପ୍ରବୋଧ କୁମାର ପଟ୍ଟନାୟକ, ପିତା- ⁄ବନବିହାରୀ ପଟ୍ଟନାୟକ, ସା- ଗ୍ରାମଡ଼ିହ, ପୋ- ଘଙ୍ଗାପାଟଣା, ଥାନା- ଚନ୍ଦକା, ଜି.- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା. ୧୦।୦୩।୨୦୨୫ରିଖ ଦିବା ଘ. ୧୧.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜି. ଖୋର୍ଦ୍ଧା, ତହସିଲ- ଜଟଣୀ, ମୌଜା-ଓଗାଳପଡ଼ା
ସାବକ
ସାବକ ଖାତା ନଂ.- ୧୪୬, ସାବକ ପ୍ଲଟ୍ ନଂ.- ୧୮୦, ରକବା- ଏ୫. ୬୩୦ଡି. ସ୍ମଧ ଏ୦.୦୫୫ଡି, ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ
ହାଲ୍
ହାଲ୍ ଖାତା ନଂ.- ୩୧୬, ହାଲ୍ ପ୍ଲଟ୍ ନଂ.- ୪୬୧, ରକବା- ଏ୦.୦୫୦ଡି., ସ୍ୱତ୍ୱ- ସ୍ଥିତିବାନ, କିସମ- ପତିତ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ତା: ୨୬।୧୨।୨୦୨୪, ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୧୫୮


Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**


# ପାକିସ୍ତାନ ଟି୨୦ ଦଳରୁ ବାଦ୍‌ପଡ଼ିଲେ ବାବର, ରିଜ୍‌ୱାନ

**ଲାହୋର, ୪।୩ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ପାଇଁ ମଙ୍ଗଳବାର ପାକିସ୍ତାନ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ଅଧିନାୟକ ମହମ୍ମଦ ରିଜ୍‌ୱାନ ଓ ବାବର ଆଜମଙ୍କୁ ସ୍ଥାନ ମିଳିନାହିଁ। ରିଜ୍‌ୱାନଙ୍କ ସ୍ଥାନରେ ସଲମନ ଅଲି ଆଘାଙ୍କୁ ଟି୨୦ ଅଧିନାୟକ କରାଯାଇଛି। ଅଲ୍‌ରାଉଣ୍ଡର ଶାଦାବ ଖାନ୍‌ଙ୍କୁ ଡକାଯିବା ସହ ତାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଦଳର ଖରାପ ପ୍ରଦର୍ଶନ ସତ୍ତ୍ୱେ ରିଜ୍‌ୱାନ ଦିନିକିଆ ଅଧିନାୟକ ପଦ ବଜାୟ ରଖିଛନ୍ତି। ଚଳିତ ଆଇସିସି ଇଭେଣ୍ଟରେ ଖରାପ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବାବର ମଧ୍ୟ ଦିନିକିଆ ଦଳରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ସାଉଦ ଶକିଲ ଓ କମରାନ ଘୁଲାମ ଦଳରୁ ବାଦ୍ ପଡ଼ିଛନ୍ତି। ଚୟନକର୍ତ୍ତାମାନେ ଆହୁରି ମଧ୍ୟ ଦିନିକିଆ ଦଳରୁ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍‌ଙ୍କୁ ଦଳରୁ ବାଦ୍ ଦେଇଛନ୍ତି। ମାର୍ଚ୍ଚ ୧୬ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନ ୫ ଟି-୨୦ ବ୍ୟତୀତ ୩ଟି ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଓପ୍‌ନର ସଇମ ଆୟୁବ ଏପର୍ଯ୍ୟନ୍ତ ତାଙ୍କ ପାଦ ଇଞ୍ଜୁରିରୁ ମୁକ୍ତି ପାଇନାହାନ୍ତି। ଫଖର ଜମାନ ମଧ୍ୟ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ସେ ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଆଘାତପ୍ରାପ୍ତ ହୋଇଥିଲେ।

# ଶିବାଲକରଙ୍କୁ ଭାରତୀୟ ଦଳର ଶ୍ରଦ୍ଧାଞ୍ଜଳି

**ଦୁବାଇ,୪।୩(ପି.ଟି.):** ଘରୋଇ କ୍ରିକେଟ କିମ୍ବଦନ୍ତୀ ପଦ୍ମାକର ଶିବାଲକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ ମ୍ୟାଚରେ ଭାରତୀୟ ଦଳର ଖେଳାଳିମାନେ କଳାରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ସ୍ପିନ୍ କିମ୍ବଦନ୍ତୀ ବିଶନ ସିଂ ବେଦୀଙ୍କ ଯୁଗରେ ଦେଶ ପାଇଁ ଖେଳିପାରି ନ ଥିବା ଅନ୍ୟତମ ମହାନ୍ ସ୍ପିନର ଶିବାଲକରଙ୍କର ସୋମବାର ଦେହାନ୍ତ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା ଏବଂ ସେ ମୁମ୍ବାଇରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ବାମହାତୀ ସ୍ପିନର ମୁମ୍ବାଇ ପାଇଁ ୧୨୪ ଫାଷ୍ଟ କ୍ଲାସ୍ ମ୍ୟାଚ୍ ଖେଳି ୫୮୯ ଉଇକେଟ ନେଇଥିଲେ। ତାଙ୍କୁ ବିସିସିଆଇ ପକ୍ଷରୁ ସମ୍ମାନଜନକ ସିକେ ନାଇଡୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଭାରତରେ ହେବ ୨ୟ ଏସୀୟ ଯୋଗାସନ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୪।୩(ପି.ଟି.):** ଭାରତରେ ଦ୍ୱିତୀୟ ଏସୀୟ ଯୋଗାସନ ପ୍ରତିଯୋଗିତା ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ମାର୍ଚ୍ଚ ୨୯ରୁ ୩୧ ପର୍ଯ୍ୟନ୍ତ ହେବ। ଏଥିରେ ମୋଟ ୧୬ଟି ଦେଶ ଭାଗନେବେ। କ୍ରୀଡ଼ା ମନ୍ତ୍ରଣାଳୟ ଓ ଯୋଗାସନ ଭାରତର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ ହେବ। ଏହି ଇଭେଣ୍ଟ ପ୍ରତି ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ, ୱାର୍ଲ୍ଡ ଯୋଗାସନ, ଏସିଆନ ଯୋଗାସନ ଓ ଯୋଗାସନ ଇନ୍ଦ୍ରପ୍ରସ୍ଥର ସମର୍ଥନ ରହିଛି। ଏହି କାର୍ଯ୍ୟକ୍ରମକୁ ଅଲିମ୍ପିକ କରିକୁଲମରେ ଯେପରି ସାମିଲ କରାଯାଇପାରିବ ସେନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତି କ୍ଷେତ୍ରରେ ଏହି ଚାମ୍ପିୟନଶିପ୍ ସହାୟକ ହେବ।



## ସୂର୍ଯ୍ୟମୁଖୀର ଦାନା ଗଠନ

**ସୂ**ର୍ଯ୍ୟମୁଖୀର ଦାନା ଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ଆଳୁ ଅମଳ କରୁଥିଲେ...



**ବ**ର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ।

## ଚାଷୀଙ୍କ ପାଇଁ

➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ। ଜର୍ସି, ହୋଲଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ।

➤ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ଅକାଳ ମୃତ୍ୟୁ ମଧ୍ୟ ହୋଇ ନ ଥାଏ। ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶକରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ଦିଅନ୍ତୁ।

➤ ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତକରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ।



# ଡାଲୁଅ ଧାନରେ ରୋଗପୋକ ପରିଚାଳନା

**ଧା**ନଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧ରୁ୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଟିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୩୦ ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳକରି ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ।

**ଡାଲି ଜାତୀୟ ଫସଲ:** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ। ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନକଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ।



## ଏ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖିଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ଜଳସେଚନକରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍ଜାମ୍‌କୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରନ୍ତୁ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ। ବାଡ଼ି ବଗିଚା ଅଭାବରେ ଟେବୁଲ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ। ବିହନ ମଞ୍ଜି, କୋଳା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ।

**ଛତୁଚାଷ:** ଛତୁଚାଷ କରୁଥିଲେ ଛତୁଘର ବିଶୋଧନକରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

**ଫଳଚାଷ:** ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (୮୫% ସେଟିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇଦାଉରୁ ରକ୍ଷାକରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପଉନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର - ୩

### ଆଖୁ ଲଗାଇବା ସମୟରେ...

**ଆ**ଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ିଦିଅନ୍ତୁ। ଆକ୍ରାନ୍ତ କିଆରିରେ କାର୍ବେଣ୍ଡାଜିମ୍ ୩୭.୫% ଓ ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର



ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ।



## ନଳିତା ବୁଣିବା ପୂର୍ବରୁ...

**ଯେ**ଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତାନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତାନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କି.ଗ୍ରା. ଓ ଛଟାବୁଣା ପାଇଁ ୭.୫ କି.ଗ୍ରା. ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତାନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ।

## ପନିପରିବା ଚାଷ

**ଖ**ରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା - ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।



ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା କିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଟିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ୱାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।

## କୁକୁଡ଼ା ପାଳନ

**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ। ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।





ଜର୍ମାନୀରେ ମାର୍ଚ୍ଚ ୫ରୁ ୯ ପର୍ଯ୍ୟନ୍ତ ହେବାକୁଥିବା ୟେନେକ୍ସ ଜର୍ମାନ ଜୁନିୟର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଥିବା ଓଡ଼ିଶାର ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋ।

# ପ୍ଲେ-ଅଫ୍ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଜାମଶେଦପୁର, ୪।୩ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯିବାକୁ ଥିବା ଏକ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ଭେଟିବ ପ୍ଲେ-ଅଫ୍‌ରେ ସ୍ଥାନ ପାଇବା ଲକ୍ଷ୍ୟରେ ଥିବା ଓଡ଼ିଶା ଏଫ୍‌ସି। ଜାମସେଦପୁର ଏଫ୍‌ସି ପୂର୍ବରୁ ପ୍ଲେ-ଅଫ୍‌ରେ ଏ ହାର ସ୍ଥାନ ପକ୍କା କରିସାରିଛି। ଦଳ ୨୨ଟି ଗେମ୍ ଖେଳି ୧୨ ବିଜୟ ଓ ୨ ଡ୍ର' ସହ ୩୮ ପଏଣ୍ଟ ଅର୍ଜନ କରି ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶାର ଏଫ୍‌ସି ଏହାର ଫାଇନାଲ ଲିଗ୍ ମ୍ୟାଚ ପାଇଁ

**ଇଣ୍ଡିଆନ ସୁପର ଲିଗ୍**

ପ୍ରସ୍ତୁତ। ଦଳ ଇତିମଧ୍ୟରେ ୨୩ ମ୍ୟାଚ ଖେଳିସାରିଛି। ସେଥିରୁ ୩୦ ପଏଣ୍ଟ ଅର୍ଜନ କରିବା ସହ ଟେବୁଲରେ ୭ମ ସ୍ଥାନରେ ରହିଛି। ଜାମସେଦପୁର ବିପକ୍ଷରେ ବିଜୟ ହାସଲ କରିପାରିଲେ ଦଳର ପଏଣ୍ଟ ସଂଖ୍ୟା ୩୩ରେ ପହଞ୍ଚିଯିବ। ୬ଷ୍ଠ ସ୍ଥାନରେ ରହିଥିବା ମୁମ୍ବାଇ ସିଟି ଏଫ୍‌ସି ଯଦି ଏହାର ଅବଶିଷ୍ଟ ଦୁଇଟି ଗେମ୍‌ରେ ପରାଜୟ ବରଣ କରେ ତେବେ ୩୩ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିବ। ଏକ୍ଷେତ୍ରରେ ଗୋଲ୍ ବ୍ୟବଧାନ ଦେଖାଯିବ। ତେଣୁ ଓଡ଼ିଶା ଏଫ୍‌ସିକୁ ବୁଧବାର ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ପ୍ଲେ-ଅଫ୍‌ର କେବଳ ଆଉ ଗୋଟିଏ ସ୍ଥାନ ଖାଲି ପଡ଼ିଛି। ଓଡ଼ିଶା ଏଫ୍‌ସି ଗୋଲ୍ ବ୍ୟବଧାନ ବର୍ତ୍ତମାନ ମୁମ୍ବାଇ ସିଟି ତୁଳନାରେ ୬ ରହିଛି। ଖଲିଦ ଜମିଲଙ୍କଠାରୁ କୋଚିଂ ନେଉଥିବା ଜାମସେଦପୁର ଦଳ ଏହାର ଶେଷ ୫ଟି ଗେମ୍ ମଧ୍ୟରୁ ୨ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଅନ୍ୟ ଦୁଇଟି ଡ୍ର ରଖିବାରେ ସମର୍ଥ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ଏହାର ଗତ ଦୁଇଟି ଆଇଏସ୍‌ଏଲ ମ୍ୟାଚରେ ଗୋଟିଏ ହେଲେ ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇପାରି ନାହିଁ। କିନ୍ତୁ କୌତୂହଳର କଥା ଚଳିତ ସିଜନରେ ଦଳ ୪୧ ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋର କରିଥିବା ଦଳ ହିସାବରେ ୪ର୍ଥ ସ୍ଥାନରେ ରହିଛି।



ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଅଭ୍ୟାସ।

# ଭାରତ- ଅଷ୍ଟ୍ରେଲିଆ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ଟ୍ରାଭିସ ହେଡ୍-କ-ଶୁବମନ-ବୋ-ବରୁଣ-୩୯
କୁପର କୋନୋଲି-କ-ରାହୁଲ-ବୋ-ଶାମି-୦
ଷ୍ଟିଭେନ ସ୍ମିଥ୍-ବୋ-ଶାମି-୭୩
ମାର୍ନସ ଲାବୁସେନ୍-ଏଲବିଡବ୍ଲ୍ୟୁ-ଜାଡେଜା-୨୯
ଜେସ୍ ଇଂଲିଶ-କ-କୋହଲି-ବୋ-ଜାଡେଜା-୧୧
ଆଲେକ୍ସ କାରେ-ରନ୍‌ଆଉଟ-୬୧
ଗ୍ଲେନ ମାକ୍ସୱେଲ୍-ବୋ-ଅକ୍ଷର-୭
ବେନ୍ ଡ୍ୱାରସୁଇସ୍-କ-ଶ୍ରେୟସ ବୋ-ବରୁନ-୧୯
ଆଡାମ ଜାମ୍ପା-ବୋ-ହାର୍ଦ୍ଦିକ ପାଣ୍ଡ୍ୟା-୭
ନାଥାନ ଏଲିସ-କ-କୋହଲି-ବୋ-ଶାମି-୧୦
ତନ୍‌ଭିର ସାଂଘା-ନଟ ଆଉଟ-୧
ଅତିରିକ୍ତ-୭
**ମୋଟ:** (୪୯.୩ ଓଭର/ଅଲଆଉଟ) ୨୬୪।
**ଉଇକେଟ ପତନ:** ୧/୪, ୨/୫୪, ୩/୧୧୦, ୪/୧୪୪, ୫/୧୯୮, ୬/୨୦୫, ୭/୨୩୯, ୮/୨୪୯, ୯/୨୬୨, ୧୦/୨୬୪)।
**ବୋଲିଂ (ଭାରତ)**
ମହମ୍ମଦ ଶାମି ୧୦-୦-୪୮-୩
ହାର୍ଦ୍ଦିକ ପାଣ୍ଡ୍ୟା ୫.୩-୦-୪୦-୧
କୁଲଦୀପ ଯାଦବ ୮-୦-୪୪-୦
ବରୁଣ ଚକ୍ରବର୍ତ୍ତୀ ୧୦-୦-୪୯-୨
ଅକ୍ଷର ପଟେଲ ୮-୧-୪୩-୧
ରବୀନ୍ଦ୍ର ଜାଡେଜା ୮-୧-୪୦-୨।

**ଭାରତ ଇନିଂସ**
ରୋହିତ ଶର୍ମା-ଏଲବିଡବ୍ଲ୍ୟୁ-କୁପର କୋଲୋନି-୨୮
ଶୁବମନ ଗିଲ୍-ବୋ-ଡ୍ୱାରସୁଇସ୍-୮
ବିରାଟ କୋହଲି-କ-ଡ୍ୱାରସୁଇସ-ବୋ-ଜାମ୍ପା-୮୪
ଶ୍ରେୟସ ଆୟର-ବୋ-ଜାମ୍ପା-୪୫
ଅକ୍ଷର ପଟେଲ-ବୋ-ନାଥାନ ଏଲିସ-୨୭
କେ.ଏଲ୍ ରାହୁଲ-ନଟ୍ ଆଉଟ୍-୪୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ମାକ୍ସୱେଲ-ବୋ-ନାଥାନ ଏଲିସ-୨୮
ରବୀନ୍ଦ୍ର ଜାଡେଜା-ନଟ୍ ଆଉଟ୍-୨
ଅତିରିକ୍ତ: ୩
ମୋଟ: (୪୮.୧ ଓଭର, ୬ଉଇକେଟ)୨୬୭।
ଉଇକେଟ ପତନ: ୧/୩୦, ୨/୪୩, ୩/ ୧୩୪, ୪/୧୭୮, ୫/୨୨୫, ୬/୨୫୯।
**ବୋଲିଂ (ଅଷ୍ଟ୍ରେଲିଆ)**
ବେନ୍ ଡ୍ୱାରସୁଇସ ୭-୦-୩୯-୧
ନାଥାନ ଏଲିସ ୧୦-୦-୪୯-୨
କୁପର କୋନୋଲି ୮-୦-୩୭-୧
ଆଡାମ ଜାମ୍ପା ୧୦-୦-୬୦-୨
ତନଭୀର ସାଙ୍ଘା ୬-୦-୪୧-୦
ଗ୍ଲେନ୍ ମାକ୍ସୱେଲ୍ ୬.୧-୦-୩୫-୦
ଟ୍ରାଭିସ ହେଡ୍ ୧-୦-୬-୦।

# ୟୁଏସ୍ ସିନେଟ୍‌ରେ ଟ୍ରାନ୍ସଜେଣ୍ଡର ଆଥ୍‌ଲେଟ ବିଲ୍

**ୱାଶିଂଟନ,୪।୩(ଏପି)**

ଦେଶର ମହିଳା ଆଥ୍‌ଲେଟଙ୍କ ଲାଗି ଉଦ୍ଦିଷ୍ଟ ସ୍କୁଲ ଆଥ୍‌ଲେଟିକ ପ୍ରତିଯୋଗିତାରୁ ଟ୍ରାନ୍ସଜେଣ୍ଡରଙ୍କୁ ବାସନ୍ଦ କରିବା ଲାଗି ଆସିଥିବା ବିଲ୍ ଆମେରିକା ସିନେଟ୍‌ରେ ପାରିତ ହୋଇପାରିନାହିଁ। ଏହି ବିଲ୍ ବିରୋଧରେ ଡେମୋକ୍ରାଟ୍ସ ଏକତ୍ରିତ ହୋଇ ଛିଡ଼ା ହୋଇଥିଲା। ତେବେ ଗତ ସାଧାରଣ ନିର୍ବାଚନରେ ଏହି ପ୍ରସଙ୍ଗ ରିପବ୍ଲିକାନ ଦଳ ଉଠାଇଥିଲା। ଏହି ବିଲ୍ ଉପରେ ସୋମବାର ଏକ ଟେଷ୍ଟ ଭୋଟ୍ କରାଯାଇଥିଲା। ଏଥିରେ ବିଲ୍‌କୁ ଆଗକୁ ବଢ଼ାଇବା ପାଇଁ ୬୦ଟି ଭୋଟ୍ ଦରକାର ଥିଲା। କିନ୍ତୁ ସିନେଟରେ ବିଲ୍ ବିପକ୍ଷରେ ୫୧ ଭୋଟ ପଡ଼ିଥିବା ବେଳେ ସପକ୍ଷରେ ୪୫ଟି ଯାଇଥିଲା। ମହିଳା ଓ ବାଳିକା ଆଥ୍‌ଲେଟଙ୍କ କ୍ଷେତ୍ରରେ ନିରପେକ୍ଷତା ନିଶ୍ଚିତ କରିବା ଲାଗି ଏହି ବିଲ୍ ଅଣାଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମାସରେ ଏକ କାର୍ଯ୍ୟକାରୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ। ଶିକ୍ଷା ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମରେ ଲିଙ୍ଗଗତ ଆଧାରରେ ହେଉଥିବା ଭେଦଭାବରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ଲାଗି କଂଗ୍ରେସରେ ରିପବ୍ଲିକାନ୍ସ 'ଆଇଏକ୍ସ' ନାମକ ଆଇନରେ ସଂଶୋଧନ କରି ଉକ୍ତ ବିଲ୍‌କୁ ଆଇନରେ ପରିଣତ କରିବାକୁ ଚାହୁଁଛି। ଜନ୍ମରୁ ପୁରୁଷ ଥିବା ଅନେକ ଆଥ୍‌ଲେଟ ମହିଳାଙ୍କ ପ୍ରତିଯୋଗିତାରେ ଜିତୁଥିବା ପଦକଗୁଡ଼ିକ ଅସଲରେ ମହିଳାଙ୍କର। ପୂରା ଦେଶରେ ଏଭଳି ଅନେକ ଘଟଣା ଦେଖୁଛୁ। ଏହା ନ୍ୟାୟ ଓ ସମାନତାର ପ୍ରସଙ୍ଗ ବୋଲି ସିନେଟ୍‌ର ସଂଖ୍ୟାଲଘୁ ନେତା ଜନ୍ ଥୁନ୍ କହିଛନ୍ତି।

# ମାରକ୍ରାମଙ୍କ ସ୍ଥାନରେ ସାମିଲ ହୋଇପାରନ୍ତି ଲିଣ୍ଡେ

**କରାଚୀ, ୪।୩ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ୍ ମ୍ୟାଚ ପାଇଁ ଦକ୍ଷିଣ ଆଫ୍ରିକା ଆଘାତପ୍ରାପ୍ତ ଏଡେନ୍ ମାରକ୍ରାମଙ୍କ ବିକଳ୍ପ ଖେଳାଳିଭାବେ ବାମହାତୀ ସ୍ପିନ ବୋଲିଂ ଅଲରାଉଣ୍ଡର ଜର୍ଜ ଲିଣ୍ଡେଙ୍କୁ ଦଳରେ ସାମିଲ କରିପାରେ। ଇଂଲଣ୍ଡ ଫାଇନାଲ ଲିଗ୍ ଗେମ୍‌ରେ ଦକ୍ଷିଣ ଆଫ୍ରିକାର ଅଧିନାୟକତ୍ୱ କରିଥିଲେ ମାରକ୍ରାମ। ମାତ୍ର ଡାହାଣ ପଟ ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ସେ ଖେଳର ୩୧ତମ ଓଭରରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଲିଣ୍ଡେ ଡକରା ପାଇ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଶିବିରରେ ଯୋଗ ଦେଇଛନ୍ତି। ତେବେ ସେ ବିଧିବଦ୍ଧ ଭାବେ ମାରକ୍ରାମଙ୍କ ସ୍ଥାନରେ ଦଳରେ ସାମିଲ ହୋଇ ନାହାନ୍ତି। ଏଥିପାଇଁ ଆଇସିସି ଇଭେଣ୍ଟ ଟେକ୍‌ନିକାଲ କମିଟିର ଅନୁମୋଦନ ଆବଶ୍ୟକତା ରହିଛି। ଲିଣ୍ଡେ ଏହି ବର୍ଷ ସାଉଥ ଆଫ୍ରିକା ଟି୨୦ରେ ୧୫୩.୩୩ ଷ୍ଟ୍ରାଇକ୍ ରେଟ୍‌ରେ ୧୬୧ ରନ ସ୍କୋର କରିଛନ୍ତି। ସେ ଆହୁରି ମଧ୍ୟ ୧୧ଟି ଗେମ୍‌ରେ ତାଙ୍କ ଇକୋନୋମି ରେଟ୍ ୬.୨୯ ସହିତ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ୱାନ୍-ଡେ ଚ୍ୟାଲେଞ୍ଜ ଡିଭିଜନ ୱାନରେ ସେ ୱେଷ୍ଟର୍ନ ପ୍ରୋଭିନ୍ସ ତରଫରୁ ୫ଟି ଗେମ୍ ଖେଳି ୪ ଉଇକେଟ ଅକ୍ତିଆର କରିଛନ୍ତି।

# ରେସ୍‌ଲର ସୁଶୀଲ କୁମାରଙ୍କ ଜାମିନ ମଞ୍ଜୁର

**ନୂଆଦିଲ୍ଲୀ,୪।୩(ପି.ଟି.)**

ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ୨୦୨୧ ଛତ୍ରସାଲ ଷ୍ଟାଡିୟମ ମାର୍‌ପିଟ ଘଟଣାରେ ଦୁଇଥରର ଅଲିମ୍ପିକ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ନିୟମିତ ଜାମିନକୁ ମଞ୍ଜୁର କରିଛନ୍ତି। ତାଙ୍କୁ ୨୦୨୩ ଜୁଲାଇରେ ଆଣ୍ଠୁରେ ଅସ୍ତ୍ରୋପଚାର ଲାଗି ୭ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା। ୨୦୨୧ ମେ'ରେ ଗିରଫ ହୋଇଥିବା ସୁଶୀଲ ଏବେ ବି ନିଜକୁ ନିର୍ଦ୍ଦୋଷ କହିବା ସହ ତାଙ୍କୁ ଭୁଲ୍‌ବଶତଃ ଫସାଇ ଦିଆଯାଇଥିବା ଦାବି କରୁଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ